

ଅଶ୍ୱିନୀ ବୈଷ୍ଣବଙ୍କ ପିତୃ ବିୟୋଗ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



'ବୋଉ ବୁଟୁ ଭୂତ' ପରେ 'ଅନ୍ତର୍ଯ୍ୟାମୀ' |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୯ Vol. 22 No-99 09 JULY 2025 WEDNESDAY, BHUBANESWAR ବୁଧବାର, ୯ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### କେନ୍ଦ୍ର ରେଳମନ୍ତ୍ରୀଙ୍କ ପିତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୮।୭(ଭାସ୍କର ନ୍ୟୁଜ): କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତା ଦାଉଲାଲ ବୈଷ୍ଣବଜୀଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏକ ବାର୍ତ୍ତାରେ ଶ୍ରୀ ମାଝୀ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ଦିବଂଗତ ଆତ୍ମାକୁ ଶାନ୍ତି ପ୍ରଦାନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଏହି ଦୁଃଖ ସହିବାର ଶକ୍ତି ଦିଅନ୍ତୁବୋଲି ପ୍ରାର୍ଥନା କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି।

### ସତ୍ୟପ୍ରିୟ ରଥ ଗ୍ରୀଡକୋ ଏମ୍‌ଡି

ଭୁବନେଶ୍ୱର,୮।୭(ଭାସ୍କର ନ୍ୟୁଜ): ବରିଷ୍ଠ ଆଇଏଏସ୍ ଅଫିସର ସତ୍ୟପ୍ରିୟ ରଥଙ୍କୁ ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଗୁଣ୍ଡିଚା ଦଳାଚକଟା, ୨ଦିନ ତଥ୍ୟ ଗ୍ରହଣ

ଭୁବନେଶ୍ୱର,୮।୭(ଭାସ୍କର ନ୍ୟୁଜ): ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ଉନ୍ନୟନ କମିଶନର ଅନୁ ଗର୍ଗ ତଥ୍ୟ ଗ୍ରହଣ ପାଇଁ ୨ଦିନ ଧାର୍ଯ୍ୟ କରିଛନ୍ତି। ବୁଧବାର ଭୁବନେଶ୍ୱର ଅତିଥି ଭବନରେ ଅପରାହ୍ନ ୩ଟାରୁ ତଥ୍ୟ ଓ ସାକ୍ଷ୍ୟ ଗ୍ରହଣ କରାଯିବାକୁ ଥିବାବେଳେ ଗୁରୁବାର ପୁରୀସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସରେ ଅପରାହ୍ନ ୩ଟାରୁ ତଥ୍ୟ ଓ ସାକ୍ଷ୍ୟ ଗ୍ରହଣ କରାଯିବ।

ସେନ୍‌ସେକ୍ସ: ୮୩,୭୧୨.୫୧
ସର୍ବାଧିକ: ୩୦ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

### ଘୋଷଯାତ୍ରାର ଅନ୍ତିମ ପର୍ବ ଶେଷ

# ନୀଳକନ୍ଦରରେ ନୀଳାଦ୍ରିନାଥ





ପୁରୀ,୮।୭ (ଭାସ୍କର ନ୍ୟୁଜ) : ଶେଷ ହୋଇଛି ମହାପ୍ରଭୁଙ୍କର ନୀଳାଦ୍ରି ବିଜେ ନୀତି। ନବଦିନାତ୍ମକ ଯାତ୍ରା ଶେଷ କରି ନୀଳକନ୍ଦରକୁ ବାହୁଡ଼ିଲେ ନିଳାଦ୍ରୀ ନାଥ। ମା ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଲେ ମହାପ୍ରଭୁ। ଘୋଷଯାତ୍ରାର ଏହି ଅନ୍ତିମ ପର୍ଯ୍ୟାୟରେ ମହାବାହୁ ଶ୍ରୀଜଗନ୍ନାଥଙ୍କ ଏହି ମାନବୀୟ ଲୀଳାକୁ

- ଶ୍ରୀମନ୍ଦିର ବାହାରେ ଶେଷ ହେଲା ମହାପ୍ରଭୁଙ୍କ ଲୀଳାଖେଳା
- ବଡ଼ଦାଣ୍ଡରେ ଏବର୍ଷର ଶେଷ ଦର୍ଶନ ପାଇଁ ଭକ୍ତଙ୍କ ଗହଳି
- ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କଲେ ମହାପ୍ରଭୁ

ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଜମିଥିଲା ଭକ୍ତଙ୍କ ଭିଡ। ଶୃଙ୍ଖଳିତ ଭାବେ ଶେଷ ହୋଇଥିଲା ମହାପ୍ରଭୁଙ୍କର ନୀଳାଦ୍ରିବିଜେ ନୀତି। ଜନ୍ମବେଦୀରେ ଲୀଳାଖେଳା ସାରି ନୀଳକନ୍ଦରକୁ ବାହୁଡ଼ିଲେ ନୀଳାଦ୍ରୀନାଥ। ଆଜି ତିନିରଥ ଉପରେ ୨.୫୫ ରୁ ୩.୩୦ ମଧ୍ୟରେ ସଂଧ୍ୟାଧୂପ ସରିବା ପରେ ୩ ରଥରେ ଚାରମାଳ ବନ୍ଧାଯିବା ସହ ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ଓ ଡୋରି ଲାଗି ଶେଷ ହୋଇ ବାଜି ଉଠିଥିଲା ବିଜେ କାହାଳି। ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ୭. ୧୯ ରେ ଦକ୍ଷିଣ ଘରକୁ ବିଜେ କରାଯାଇଥିଲା। ଏହା ପରେ ଗୋଟି ପହଣ୍ଡିରେ ପ୍ରଥମେ ସୁଦର୍ଶନ ୭. ୪୧ ରେ, ପରେ • ପୃଷ୍ଠା ୫ ଦେଖନ୍ତୁ



ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଚନ୍ଦ୍ରଶେଖରଙ୍କ ପୁଣ୍ୟତିଥିରେ ରାଜଘାଟଠାରେ ତାଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ସ୍ୱର୍ଗତଃ ଚନ୍ଦ୍ରଶେଖରଙ୍କ ସୁପୁତ୍ର ତଥା ସାଂସଦ ନୀରଜ ଶେଖର।

### ଦାଉ ସାଧୁଛି ବର୍ଷା, ବନ୍ୟା

# ଫୁଲୁଛି ମହାନଦୀ

ଭୁବନେଶ୍ୱର/କଟକ,୮।୭(ଭାସ୍କର ନ୍ୟୁଜ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସହ ଲଘୁଚାପଜନିତ ଲଗାଣ ବର୍ଷା ରାଜ୍ୟବାସୀଙ୍କ ପାଇଁ କାଳ ପାଲଟିଛି। ଗତ କିଛିଦିନ ହେବ ବର୍ଷାର ପ୍ରକୋପ ଜାରି ରହିଥିବାରୁ ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିବା ସହ ଲୋକମାନେ ନାହିଁ ନଥିବା ହୀନସ୍ତା ଭୋଗ କରୁଛନ୍ତି। କେଉଁଠି ଘର ଭିତରେ ପାଣି ପଶିଛି ତ ଆଉ କେଉଁଠି ରାସ୍ତାରେ ପାଣି ଚାଲୁଛି। ସେହିପରି କେଉଁଠି ପୋଲ ଧୋଇଁ ଯାଉଛି ତ ଆଉ କେଉଁଠି ଆଡିବନ୍ଧ ଧସିପଡୁଛି। ଏଥିସହ

- ମୁଣ୍ଡଳୀରେ ପହଞ୍ଚିଲା ହୀରାକୁଦ ବନ୍ୟାଜଳ
- ଭଟ୍ଟାରିକା ମନ୍ଦିର ବେଢାରେ ପଶିଲା ପାଣି
- ବାଙ୍କୀ, ଆଠଗଡ଼ର ବହୁ ଅଞ୍ଚଳ ପ୍ରଭାବିତ ଆଶଙ୍କା
- ସତର୍କ ସଙ୍କେତ ଛୁଇଁବ ସୁବର୍ଣ୍ଣରେଖା
- ବିଭିନ୍ନ ଅଞ୍ଚଳରେ ବନ୍ୟାଜଳ, ଲୋକେ ହୀନସ୍ତା

ଧାନ ଓ ପନିପରିବା ଫସଲ ମଧ୍ୟ ନଷ୍ଟ ହେଉଛି। ଏସବୁ ଭିତରେ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ମହାନଦୀ ଫୁଲିବା ଆରମ୍ଭ କରିଛି। ହୀରାକୁଦ ଡ୍ୟାମର ୨୦ଟି ଗେଟ୍ ଯୋଗେ ଜଳ ନିଷ୍କାସନ କରାଯାଉଥିବାରୁ ବନ୍ୟାଜଳ ମଙ୍ଗଳବାର ସକାଳେ ମୁଣ୍ଡଳୀରେ ପହଞ୍ଚିଛି। ଏ ନେଇ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ • ପୃଷ୍ଠା ୫ ଦେଖନ୍ତୁ

### ଡ୍ରାଇଭର ମହାସଂଘର ଆନ୍ଦୋଳନ

# ଗଡ଼ିଲାନି ଗାଡ଼ି, ଲୋକେ ହୀନସ୍ତା



ଭୁବନେଶ୍ୱର,୮।୭(ଭାସ୍କର ନ୍ୟୁଜ): ୬ ଦଫା ଦାବିରେ ଓଡ଼ିଶା ଡ୍ରାଇଭର ମହାସଂଘ ମଙ୍ଗଳବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୫ଲକ୍ଷରୁ ଅଧିକ ଡ୍ରାଇଭର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତେବେ ଆନ୍ଦୋଳନରୁ କ୍ଷୀର ଗାଡ଼ି, ସ୍କୁଲ ବସ୍ ଏବଂ ଆମ୍ବୁଲାନ୍ସକୁ ବାଦ୍ ଦିଆଯାଇଛି। ଆନ୍ଦୋଳନ ଯୋଗୁ ଲୋକେ ହନ୍ତସନ୍ତ ହୋଇଛନ୍ତି। ଏପରିକି ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ ମଧ୍ୟ ଘରକୁ ଯିବାପାଇଁ ଗାଡ଼ି ମିଳୁନାହିଁ । ଯଦି ସରକାର ଡ୍ରାଇଭର ମହାସଂଘର ଦାବି ପୂରଣ ନ କରନ୍ତି ତେବେ ବୁଧବାରଠାରୁ ଚରମ ପନ୍ଥା ଆପଣାଇବା ପାଇଁ ମହାସଂଘ ଚେତାବନୀ ଦେଇଛନ୍ତି। ୬ ଦଫା ଦାବି

**ଆଲୋଚନା କରିବେ ସରକାର: ପରିବହନ ମନ୍ତ୍ରୀ**

ମଧ୍ୟରେ ଓଡ଼ିଶା ମୋଟର୍ସ ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା, ପ୍ରତି ୧୦୦ କିଲୋମିଟର ଅନ୍ତରରେ ଗାର୍ଡି ପାର୍କିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ନେବା ପାଇଁ ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନାଗୁଡ଼ିକରେ ଓଡ଼ିଶାର ଡ୍ରାଇଭରଙ୍କୁ ଶତକଡ଼ା ୭୦ ପ୍ରତିଶତ କାମ ଦେବା, ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର • ପୃଷ୍ଠା ୫ ଦେଖନ୍ତୁ

### ବିଜେପି ରାଜ୍ୟ ସଭାପତି ନିର୍ବାଚନ

# ମନମୋହନ ଚତୁର୍ଥ ଥରପାଇଁ ନିର୍ବାଚିତ



ଭୁବନେଶ୍ୱର,୮।୭(ଭାସ୍କର ନ୍ୟୁଜ): ରାଜ୍ୟ ବିଜେପିର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ମନମୋହନ ସାମଲ। ମଙ୍ଗଳବାର ନିର୍ବାଚନ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ତାଙ୍କ ନାମ ଘୋଷଣା କରିଛନ୍ତି। ସେ ଚତୁର୍ଥ ଥରପାଇଁ ଏହି ପଦବୀ ଅଳଙ୍କୃତ କରିଛନ୍ତି। ଦଳ ପୁଣିଥରେ ମନମୋହନ ସାମଲଙ୍କ ଉପରେ ଆସ୍ଥା ପ୍ରକଟ କରିବା ସହ ୩୨ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିବା ପର୍ଯ୍ୟବେକ୍ଷକ ଶ୍ରୀ ଜୟସ୍ୱାଲ ସୂଚନା ଦେଇଛନ୍ତି। ଶ୍ରୀ ସାମଲ ସଭାପତି ନିର୍ବାଚିତ ହୋଇଥିବା ନେଇ ଘୋଷଣା

**ଯୋଡାକୁ ଘୋଡ଼ା ସରିନୁହେଁ: ମୁଖ୍ୟମନ୍ତ୍ରୀ**

ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସୂଚନାଯୋଗ୍ୟ ଯେ • ପୃଷ୍ଠା ୫ ଦେଖନ୍ତୁ

### ଶୋଇବାନି କି ଶୋଇବାକୁ ଦେବାନି: ମନମୋହନ

ଭୁବନେଶ୍ୱର,୮।୭(ଭାସ୍କର ନ୍ୟୁଜ): ଚତୁର୍ଥ ଥରପାଇଁ ରାଜ୍ୟ ବିଜେପିର ସଭାପତି ଭାବେ ମନମୋହନ ସାମଲ ନିର୍ବାଚିତ ହେବାପରେ ଦଳୀୟ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ବିଜେପି ସରକାର ୨୦୩୬ ମସିହା ଦେଖିବ ଏବଂ ୨୦୪୭ ବି ଦେଖିବ। ଆମ ସରକାର ଲମ୍ବା ସମୟ ରହିବ। ଆମ ପାଖରେ ଯୋଗ୍ୟ ମୁଖ୍ୟମନ୍ତ୍ରୀ, ଯୋଗ୍ୟ କର୍ମକର୍ତ୍ତା ରହିଛନ୍ତି। ସଂଗଠନକୁ ଶକ୍ତିଶାଳୀ କରିବା, ଯେପରି ଆମକୁ କେହି ଛୁଇଁ ପାରିବେନି। ସେ ଆହୁରି କହିଥିଲେ, ମୋତେ ମିଳିଥିବା ଦାୟିତ୍ୱ ସଙ୍ଗଠନ କର୍ମକର୍ତ୍ତାଙ୍କର। କର୍ମକର୍ତ୍ତାଙ୍କ ପରିଶ୍ରମ ପାଇଁ ସାଇନବୋର୍ଡ ପାର୍ଟିରୁ ସରକାର କରିପାରିଛୁ। କାର୍ଯ୍ୟକର୍ତ୍ତାଙ୍କ ପାଇଁ ମୋହନ ଭାଇ ସରକାର ସମ୍ଭବ ହୋଇପାରିଛି। ଆମ ସରକାର ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ସବ୍‌ସିଡି ଦେଉଛି। ମା ଭଉଣୀଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଦେବା ବି ସମ୍ଭବ ହୋଇଛି। ମୋହନ ସରକାର ରାଜ୍ୟକୁ ୧୭ଲକ୍ଷ କୋଟିର ପୁଞ୍ଜି ଆଣିଛନ୍ତି। ସେ ଆହୁରି କହିଥିଲେ, ସରକାର ଆଣିବା ଯେତିକି କଷ୍ଟ, ସଂକଳ୍ପ ପୂରଣ କରିବା ବି ସେତିକି କଷ୍ଟ। ଆଗରୁ କହିଥିଲି, ଏବେ ବି କହୁଛି- ଶୋଇବା ନାହିଁ କି କାହାରିକୁ ଶୋଇଦେବା ନାହିଁ । ମୁଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛି ଦଳପଛରେ ସବୁବେଳେ ଛିଡାହୋଇ ରହିବି।

**୮।୭ ।୨୦୨୫ ର ମତାମତ**

ବର୍ଷା ଓ ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇବା ଉଚିତ ନୁହେଁ କି?

| ହଁ | ନା |
|---|---|
| ୮୫% | ୧୫% |

**ଆଜିର ପ୍ରସଙ୍ଗ**

ଝାଡ଼ାବାନ୍ତି ନିୟନ୍ତ୍ରଣ ପାଇଁ ସରକାର ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ନୀଳକନ୍ଦରକୁ ବାହୁଡ଼ି ଆସିଲେ
ଜଗନ୍ନାଥ ମହାସତ୍ୟ
ଲକ୍ଷ୍ମୀ ମହାରାଣୀ ରସଗୋଲା ଖାଇ
ହୋଇଗଲେ କୃତକୃତ୍ୟ
ଭକ୍ତ କରୁଥିଲେ ବ୍ୟକ୍ତ
ବଞ୍ଚିଚିକିଥିଲେ ଆରବରଷକୁ
ଦେଖିଯିବି ରଥ ଯାତ...।

### ପୁଣି ଫେରିଲା ଡାଇରିଆ

# ଦିଗପହଣ୍ଡି, କଣାସରେ ସ୍ଥିତି ସଙ୍ଗୀନ

ଭୁବନେଶ୍ୱର,୮।୭(ଭାସ୍କର ନ୍ୟୁଜ): ପୁଣିଥରେ ରାଜ୍ୟକୁ ଫେରିଲା ଡାଇରିଆ। ଗତ କିଛିଦିନ ହେବ ଏଥିରେ ବିରାମ ଲାଗିଥିବାବେଳେ ଗଞ୍ଜାମର ଦିଗପହଣ୍ଡି ଓ ପାତ୍ରପୁରରେ

**ଦୟାନଦୀ ଜଳ ବ୍ୟବହାର ନ କରିବାକୁ ପରାମର୍ଶ**

ପୁଣିଥରେ ଡାଇରିଆ ଆରମ୍ଭ ହୋଇଛନ୍ତି। ଦିଗପହଣ୍ଡିରେ ଦୁଇଜଣଙ୍କର ଡାଇରିଆରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦିଗପହଣ୍ଡିରେ ମଙ୍ଗଳବାର ଆଉ ୮ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବାଦପୁର ପଞ୍ଚାୟତର ବିଭିନ୍ନ ଗାଁରେ ବି ଆକ୍ରାନ୍ତମାନେ ଚିହ୍ନଟ ହେଲେଣି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ପରିମଳ ବ୍ୟବସ୍ଥା ଓ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ପୁରୀଜିଲ୍ଲା କଣାସ ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଛି। ଲୁଣା ନଦୀର ଦୂଷିତ ପାଇପ ପାଣି ଯୋଗୁ ଏହା ବ୍ୟାପୁଥିବା କୁହାଯାଉଛି। ସେହିପରି ଦୟାନଦୀର ପାଣିକୁ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଗଡ଼ିଆ ଓ କୂଅପାଣିର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଜନସାଧାରଣ ଭୟଭୀତ ନ ହେବାପାଇଁ ପୁରୀ ସିଡିଏମଓ • ପୃଷ୍ଠା ୫ ଦେଖନ୍ତୁ

### ଆଇନମନ୍ତ୍ରୀଙ୍କ ସୂଚନା

# ଅଗଷ୍ଟରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି ସମ୍ଭାବନା

ଭୁବନେଶ୍ୱର,୮।୭(ଭାସ୍କର ନ୍ୟୁଜ): ସୋମବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷହୋଇଛି। ଏହାପରେ ଗଣତି ପାଇଁ ପଦକ୍ଷେପ ନିଆଯିବ। ସମ୍ଭବତଃ ଆସନ୍ତା ଅଗଷ୍ଟ ମାସରେ ଗଣତି କରାଯାଇପାରେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗଣତି ପାଇଁ ଦୁଇଜଣ ବିଶେଷଜ୍ଞ ପଠାଇବା ନିମନ୍ତେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଚିଠି ଲେଖାଯିବ। ଯେଉଁମାନଙ୍କର ସୋମନାଥ ମନ୍ଦିର ଓ ବିଭିନ୍ନ ବଡ଼ ମନ୍ଦିରରେ ଅଳଙ୍କାର ଗଣତିରେ ଅଭିଜ୍ଞତା ଥିବ, ସେମାନଙ୍କୁ ଡକାଯିବ। ରତ୍ନ ଅଳଙ୍କାର ରଖିବା ପାଇଁ ନୂଆ ସିନ୍ଦୁକ ପ୍ରସ୍ତୁତ କରାଯାଇଛି। ଅଭିଜ୍ଞ



ବଣିଆଙ୍କୁ ମଧ୍ୟ ଚିହ୍ନଟ କରାଯିବ। ରତ୍ନଭଣ୍ଡାର ମରାମତି ପରେ ଏହାର ସ୍ଥାୟୀତ୍ୱ ଶତାଧିକ ବର୍ଷ ରହିବ ବୋଲି ଉଲ୍ଲେଖ କରି ଶ୍ରୀ ହରିଚନ୍ଦନ କହିଥିଲେ, ମରାମତି ପରେ ଏଏସଆଇ ରତ୍ନଭଣ୍ଡାରକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ରତ୍ନଭଣ୍ଡାର ମରାମତି କାମ ଶେଷ ନେଇ ସୂଚନା ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ। ସେ କହିଥିଲେ, ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ୨୦୨୪ ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲା ଯାଇଥିଲା। ଏହାପରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଅସ୍ଥାୟୀ ଭଣ୍ଡାରଘରକୁ ନିଆଯାଇଥିଲା। ୨୦୨୪ ଡିସେମ୍ବର ୧୭ ତାରିଖରୁ ରତ୍ନଭଣ୍ଡାରର ମରାମତି କାମ ଆରମ୍ଭ ହୋଇ ୬ ମାସ ମଧ୍ୟରେ ଶେଷ ହୋଇଛି ବୋଲି ସେ କହିଥିଲେ। ରତ୍ନଭଣ୍ଡାର ମରାମତି ପରେ ଏଏସ୍‌ଆଇ ଶ୍ରୀମନ୍ଦିର ପ୍ରଶାସନକୁ ଚାବି ହସ୍ତାନ୍ତର କରିଛି। ଚାବିଗୁଡ଼ିକ ଭଣ୍ଡାର ମେକାପ ଓ • ପୃଷ୍ଠା ୫ ଦେଖନ୍ତୁ

### ଆଜି ଦେଶବ୍ୟାପୀ ଧର୍ମଘଟ

# ସାମିଲ ହେବେ ୨୫ କୋଟିରୁ ଅଧିକ ଶ୍ରମିକ, କର୍ମଚାରୀ

ନୂଆଦିଲ୍ଲୀ,୮।୭: ଶ୍ରମିକଙ୍କ ଦାବିକୁ ଅଣଦେଖା ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ମିଳିତ ମଞ୍ଚ ପକ୍ଷରୁ ବୁଧବାର ଦେଶବ୍ୟାପୀ ଶ୍ରମିକ ଓ କର୍ମଚାରୀ ଧର୍ମଘଟ ଅନୁଷ୍ଠିତ ହେବ। ଏଥିରେ ୨୫ କୋଟିରୁ ଅଧିକ ଶ୍ରମିକ ଓ କର୍ମଚାରୀ ସାମିଲ ହେବେ। ବ୍ୟାଙ୍କିଙ୍ଗ୍ ସେବାଠାରୁ ଆରମ୍ଭ କରି ଡାକସେବା, ବୀମା, କୋଇଲା ଖଣିରେ କାମ କରୁଥିବା କର୍ମଚାରୀ, କାରଖାନା ଏବଂ ବିଭିନ୍ନ ରାଜ୍ୟର ପରିବହନ କର୍ମଚାରୀ ଏହି ଧର୍ମଘଟରେ ଯୋଗଦେବେ। ଧର୍ମଘଟ ପାଇଁ ଦୀର୍ଘ ମାସ ମାସ ଧରି ପ୍ରସ୍ତୁତି ପର୍ବ ଚାଲୁ ରହିଥିଲା। ଅଲ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସର କର୍ମକର୍ତ୍ତା କହିଛନ୍ତି ଯେ ଏହି ଧର୍ମଘଟରେ ୨୫ କୋଟିରୁ ଅଧିକ ଶ୍ରମିକ ଯୋଗଦେବେ। ସାରା ଦେଶରେ ଚାଷୀ ଓ ଗ୍ରାମୀଣ ଶ୍ରମିକ ମଧ୍ୟ ଏହାର ପ୍ରତିବାଦ କରିବେ। ତେବେ ସେହି ସମୟରେ ଷ୍ଟକ ବଜାର ଖୋଲା ରହିବ ବୋଲି ସୂଚନା ଦିଆଯାଇଛି। ଗତବର୍ଷ ଦେଶର ୟୁନିୟନଗୁଡ଼ିକ ପକ୍ଷରୁ କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ୧୭ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ସରକାର ଏହି ଦାବିଗୁଡ଼ିକ ପ୍ରତି କୌଣସି ଧ୍ୟାନ ଦେଲେ ନାହିଁ। • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ଶିକ୍ଷାବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଦେଉଳି ରଘୁନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସେବାନିବୃତ୍ତ ଅଧକ୍ଷ ଡ଼.ତପନକୁମାର ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ରାମଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ତପନ ବାବଙ୍କ ଶୃଙ୍ଖଳା,ତ୍ୟାଗ ଓ ଉତ୍ସର୍ଗକୃତ ମନୋଭାବ ପାଇଁ ଏ ଅଞ୍ଚଳ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି ଏବଂ ତାଙ୍କ ଦୀର୍ଘ ୩୫ ବର୍ଷର ନିରବଚ୍ଛିନ୍ନ ଉଦ୍ୟମ ଫଳରେ ବିଦ୍ୟାର୍ଥୀମାନେ ଶିଖର ଛୁଇଁଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ +୨ କାଉନସିଲର ପ୍ରାକ୍ତନ ସଚିବ ଡ଼ ବାଇଧର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ରାଜ୍ୟ ଶିକ୍ଷକ ସଂଘ ଉପସଭାପତି ଗୋଲଖ ନାୟକ ଓ ସମ୍ପାଦକ ସରୋଜକୁମାର ଅହମ୍ମଦ,ଓଡଗାଁ ବେହେରା,ରଣପୁର କଲେଜ ପ୍ରାକ୍ତନ ଅଧକ୍ଷ ଡ଼ ପତିତପାବନ ଦଳେଇ, ଗବେଷକ ଗଣେଶ୍ୱର ସ୍ୱାଇଁ,କବି ବଳରାମ ରଣସିଂହ ,ଶିକ୍ଷାବିତ ଭାଗିରଥି ସାହୁ ଓ ରାଜକିଶୋର ବ୍ରହ୍ମା ପ୍ରମୁଖ ଯୋଗଦେଇ ଡ଼ ଜେନାଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ। ଶିକ୍ଷା ସହିତ ସାହିତ୍ୟ କ୍ଷେତ୍ରରେ ପଲ୍ଲୀ ସାହିତ୍ୟ ସମାଜ ଗଠନ କରି ପଲ୍ଲୀ ଜ୍ୟୋତି ନାମରେ ଏକ ପତ୍ରିକା ସମ୍ପାଦନା କରି ସେ ନିଜର ସାରସ୍ୱତସାଧନାର ପ୍ରତିପାଦିତ କରିଥିବା ସମସ୍ତେ ସ୍ୱୀକାର କରିଥିଲେ। ଅଧ୍ୟାପକ ତ୍ରିଲୋଚନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସଂସ୍କୃତ କଲେଜ ଅଧକ୍ଷ ବଟକୃଷ୍ଣ ସାହୁ, ସରପଞ୍ଚ ପ୍ରଦୀପ ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ ,ଶିକ୍ଷାବିତ, ସହକର୍ମୀ, ଗ୍ରାମବାସୀ ଓ ପୁରାତନ ଛାତ୍ରୀ ଛାତ୍ରମାନେ ଉପସ୍ଥିତ ଥିଲେ।



# ବଢୁଛି ଦେବୀ ନଦୀର ଜଳସ୍ତର

- ଚିନ୍ତାରେ ନଦୀକୂଳିଆ ଗ୍ରାମବାସୀ
- କ୍ଷତିଗ୍ରସ୍ତ ହୋଇପାରେ ପନିପରିବା ଫସଲ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ହୀରାକୁଦ ବନ୍ଧ୍ୟାଜଳ ଛାଡିବା ପରେ ମହାନଦୀରେ ବୃଦ୍ଧି ପାଇଛି ଜଳସ୍ତର। ମହାନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳଦେଇ ପ୍ରବାହିତ ଦେବୀ ନଦୀ ଓ ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ତେବେ ଜଳସ୍ତର ବୃଦ୍ଧିକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ତଳିଆ ଅଞ୍ଚଳ ଗ୍ରାମବାସୀଙ୍କ ମନରେ ଛନକା। ମହାନଦୀରେ ଜଳସ୍ତର ବୃଦ୍ଧି ପାଇଲେ ଶାଖା ନଦୀ ଦେବୀ ନଦୀରେ ମଧ୍ୟ ବୃଦ୍ଧି ପାଇବ ଜଳସ୍ତର। ଯାହା ଦ୍ୱାରା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ଗ୍ରାମ ପ୍ରଭାବ ପଡିବ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବାଲିଡିଆ, ନଗର, କାଳିଆକଣ, ବାଲିପନ୍ତାଳ, ତାଳଦା, ଡିହକରଡ଼ା, ଡିଆ, ଏଡ଼ବାଂଶ, ଆଳସାହି, ପାଟସୁନ୍ଦରପୁର, ପୁଇଁଚାନ୍ଦିଆ, ବରାଙ୍ଗ, ଆଳଙ୍ଗପୁର, ତଣ୍ଡହାର, ସହନ, କେଉଟଜଙ୍ଘା, ବିଲୁଆମଣ୍ଡୁଳି ଆଦି ଗ୍ରାମର ଗ୍ରାମବାସୀ ପ୍ରଭାବିତ ହେବେ। ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ ହେବ। ଚାଷକୁ ନିର୍ଭର କରି ଚଳୁଥିବା ଚାଷୀ ଏବଂ ବ୍ୟବସାୟୀ ବହୁ ପରିମାଣରେ କ୍ଷତି ସହିବେ। ପ୍ରତିବର୍ଷ ସମାନ ଘଟଣା ଦେଖିବାକୁ ମିଳେ।ଯଦି ଆଗାମୀ ଦିନରେ ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଏ ନିଶ୍ଚୟ ତଳିଆ ଅଞ୍ଚଳ ଲୋକଙ୍କ ପାଇଁ ସମସ୍ୟା ହେବ ବୋଲି ଆଶଙ୍କା କରାଯାଉଛି।

# ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଯାପିତ

ବଲାଙ୍ଗୀର(ଭାସ୍କର ନ୍ୟୁଜ): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଦୁଗିଆ ଠାରେ ରଥଯାତ୍ରା ଉପଲକ୍ଷେ ୩ ଦିନିଆ ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ସମ୍ବଲପୁରର କେନ୍ଦ୍ରାପଡ଼ାର ବଜ୍ରମହାକାଳୀ ପାଲା ସଂଘ, ମା ଉତ୍କଳ ଭାରତୀ ରାଜ୍ୟ ପାଲା ଗାୟିକା ଓ କଳାକାର ପରିଷଦ ଯୋଗ ଦେଇ ହଜାର ହଜାର ଦର୍ଶକଙ୍କୁ ତାଙ୍କ କଳା ରେ ବାନ୍ଧି ରଖିଥିଲେ। ତା ସହ ବାରପୁଦୁଗିଆ, ବଲାଙ୍ଗୀର ପାଲି, କେରମେଲିର ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ। ଏହି ଉତ୍ସବର ସଭାପତି ତଥା କଳା ସଂଗଠକ ଜୟକୃଷ୍ଣ ମିଶ୍ରଙ୍କ ଉଦ୍ୟମ ରେ ପ୍ରଥମ କରି ଆୟୋଜିତ ହୋଇଥିବା




ଉତ୍ସବରେ ଗ୍ରାମ୍ୟ କଳାକାର କଳା ପ୍ରଦର୍ଶନ କରିବା ପାଇଁ ଏକ ଅପୂର୍ବ ସୁଯୋଗ ସଙ୍ଗେ ସଙ୍ଗେ କଳା ସଂସ୍କୃତିର ସୁରକ୍ଷା ପାଇଁ ଏକ ଅଭିନବ ପ୍ରୟାସ । ସମ୍ମାନିତ ଅତିଥି ଇଷ୍ଟ ବିଘ୍ନରାଜ ସାଏ, ଗୌତମ ମହଲା, ଅରବିନ୍ଦ ମିଶ୍ର, ସୁନିଲ ସେଠ୍, ଲବ ନାଗ, ବିକାଶ ନାଏକ, ଗଦନ ସାହୁ, ରିଙ୍କୁ ନାଏକ, ସଞ୍ଜୟ ନାଏକ, ସମ୍ପାଦକ ସଦାନନ୍ଦ ମହଲା ଯୋଗ ଦେଇ କଳାକାର ଗାୟିକା ପାଲା ଗୌରବ ସୁଶ୍ରୀ ସବିତା ଦେହୁରୀ(ଜେନା), ଗୁରୁ ସିପ୍ରା ରାଣୀ ଦେହୁରୀ (ଉପାଧି ପ୍ରାପ୍ତ ନୃତ୍ୟ ଉର୍ବଶୀ, ଦେବଦାସୀ, ଗୁରୁ ଗୌରବ, ନୃତ୍ୟ ଧନୁ - ପୁରୀ) ରାଜରାଣୀ ଦେହୁରୀ, ଭାଗ୍ୟଲକ୍ଷ୍ମୀ ପଣ୍ଡା, ଗୀତାଞ୍ଜଳୀ ରାଉତ, କିରଣ କୁମାର ଧଳ, ଆଦ୍ୟାଶା ଅଦିତି, ସୁନିଲ ବାରିକ, ସୌମ୍ୟରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଓ ସଂଯୋତ କଳାକେନ୍ଦ୍ର, ଦେବାଳୟ ସୁରକ୍ଷା କମିଟି ପ୍ରମୁଖ ଆୟୋଜନ କରିଥିଲେ ।

# ଗୋଶାଳା ପାଇଁ ହର୍ଷପୁରବାସିନ୍ଦା ହନ୍ତସନ୍ତ

■ରାସ୍ତାରେ ଜମାହେଉଛି ଗୋମୂତ୍ର ଓ ଗୋବର
■ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ହର୍ଷପୁର ଗ୍ରାମର ରବିଶଙ୍କର ସାହୁ ଡାଇରୀ ଫାର୍ମ କରି ଲାଇବାନ ହେଉଥିବାବେଳେ ସର୍ବସାଧାରଣ ରାସ୍ତାରେ ଗୋମୂତ୍ର ଓ ଗୋବର ପାଣି ଛାଡୁଥିବାର ଅଭିଯୋଗ ହୋଇଛି। ପାଳନ କରୁଥିବା ଗାଈ,ଗୋରୁଙ୍କ ଖତ,ମୂତ୍ର ଧୋଇବାରି ରାସ୍ତାରେ ଛାଡିବା ଦ୍ୱାରା ଗ୍ରାମବାସୀଙ୍କ ସମେତ ଅଙ୍ଗନୱାଡ଼ି ଶିଶୁ ଓ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ,ହର୍ଷପୁର, ଖୁଣ୍ଟାପଡ଼ା ଆଦି ଅଞ୍ଚଳର ଜନସାଧାରଣଙ୍କ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା କୁହାଯାଉଛି। ଯାହାପାଇଁ ପୂର୍ବରୁ ଛାତ୍ରଛାତ୍ରୀ ମାନେ ରାସ୍ତା ଅବରୋଧ କରିଥିଲେ। ପୋଲିସ ଓ ତହସିଲଦାର ଆସି ଯଥା ଶୀଘ୍ର ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ। ରାସ୍ତା ଉପରେ ଗୋମୂତ୍ର ଓ ଗୋବର ପାଣି ଜମାହେବା ଫଳରେ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳ ବାସୀ। ଏହାଛଡା ମଶାମାଛିଙ୍କ ପ୍ରାଦୁର୍ଭାବ ବଢିବା ସହିତ ରୋଗ ବ୍ୟାଧି ବୃଦ୍ଧି ପାଉଛି। ସେନେଇ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଅନେକଥର ଅଭିଯୋଗ କରାଯାଇଥିଲେହେଁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମାସ ୨ତାରିଖ ସଦର ଥାନା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ସେ ତଦନ୍ତ କରିବା ସହିତ ସମସ୍ୟାଭିତ୍ତିକ ଭିତ୍ତି ଉପଜିଲ୍ଲାପାଳଙ୍କୁ ପଠାଇଥିଲେ।ସଦର ତହସିଲଙ୍କୁ ମଧ୍ୟ ଅବଗତ କରାଯାଇଛି। ସର୍ବସାଧାରଣ ରାସ୍ତାକୁ ପ୍ରଦୂଷଣମୁକ୍ତ କରାଯିବାକୁ ନେଇ ସରପଞ୍ଚ ସରୋଜ ଦେହୁରୀ, ସମିତି ସଭ୍ୟ ବସନ୍ତ ସାହୁ, ପାର୍ଥସାରଥୀ ସାହୁ,ରବି ରଥ,ବାବୁ ମାହାଳୀ, ନୁଠୁ ନାଏକ, ଝୁନୁ ମାହାଳୀ ସଂଙ୍ଗୁଲା ସାହୁ,ଶୁଶିଳା ସାହୁ,ଝୁଲିରାଣୀ ସାହୁ,ସୁଭଳ ଓଝା ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ମିଳିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିବା ସହ ଏହାର ଆଶୁ ସମାଧାନ ନହେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ସ୍ତମ୍ଭକାର ସୁଦର୍ଶନ ଦାସଙ୍କ ଜନ୍ମଦିନରେ ଚାରାରୋପଣ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ଜଳମାନବ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ, ସ୍ତମ୍ଭକାର, ଗରିବଙ୍କ ଦରଦୀ ମଣିଷ, ଭୂମିହୀନଙ୍କ ସାହାରା, ଓଡ଼ିଶା ପଞ୍ଚାୟତରାଜ ସଙ୍ଗଠନର ରାଜ୍ୟ ସଭାପତି ତଥା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳର ଟାଣୁଆ ଓ ସଂଗ୍ରାମୀ ନେତା ସୁଦର୍ଶନ ଦାସଙ୍କ ୬୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କଳମା ପଞ୍ଚାୟତର ଯୁବ କଂଗ୍ରେସ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଦୀର୍ଘ ଜୀବନ କାମନା କରିଥିଲେ। ଏତଦ୍ ବ୍ୟତୀତ ପରିବେଶ ନିର୍ମଳ କରିବା ଉଦ୍ଦେଶ୍ୟରେ କିଛି ବୃକ୍ଷଚାରାରୋପଣ କରା ଯାଇଥିଲା। ଯୁବନେତା ତଥା ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ସିଂ, ଜୟଶ୍ୟାମ ଗିରି, ସୂର୍ଯ୍ୟକାନ୍ତ ରଣା, ରାମେଶ୍ୱର ଜେନା, ଅରବିନ୍ଦ ଗିରି, ସନ୍ୟାସୀ ବେହେରା, ସୁଦର୍ଶନ ଦତ୍ତ, ଗୋପାଳକୃଷ୍ଣ ଗିରି, ସସ୍ମିତା ପ୍ରଧାନ, ୱାର୍ଡ଼ ସଭ୍ୟ ଶିଶିର ପ୍ରଧାନ, ସୋନାଲି ପ୍ରଧାନ, ଶ୍ରୀ ପ୍ରସାଦ ପ୍ରଧାନ, ରାଜୀବ କୁମାର ପ୍ରଧାନ, ରାଜେଶ ଗିରି ଓ ସୁଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ତାଙ୍କର ଜୀବନୀ ଓ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ପରେ ଛୋଟ ଛୋଟ ପିଲାଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ।

# ଗାଁରେ ପହଁଚି ପାରିଲା ନାହିଁ ଆମ୍ବୁଲାନ୍ସ

# ୭ କିଲୋମିଟର ଭାରରେ ବୁହାହେଲେ ଗର୍ଭବତୀ



ମାଲକାନଗିରି (ଭାସ୍କର ନ୍ୟୁଜ): ବଣ୍ଡାଘାଟିରେ ପୁଣି ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣା। ଗାଁରେ ଆମ୍ବୁଲାନ୍ସ ପହଁଚିଲା ନାହିଁ, ୭ କିଲୋମିଟର ଭାରରେ ବୁହା ହେଲେ ଗର୍ଭବତୀ। ରାସ୍ତା ନଥିବାରୁ ଦୀର୍ଘ ଦଶ କିଲୋମିଟର ବୋହିଲେ ଗର୍ଭବତୀ ମହିଳାଙ୍କୁ। ବାରମ୍ବାର ଏଭଳି ଜନନୀ ଯନ୍ତ୍ରଣାର ଚିତ୍ର ମାଲକାନଗିରି ଜିଲ୍ଲାରୁ ଆସୁଥିବା ବେଳେ ଆଜି ପୁଣି କିଛି ସମାନ ଦୃଶ୍ୟ ସାମ୍ନାକୁ ଆସିଛି ଜିଲ୍ଲାର ଖଇରପୁଟ ବ୍ଲକ ବଣ୍ଡାଘାଟିରେ। ସୂଚନା ଅନୁଯାୟୀ ବଣ୍ଡା ଘାଟିର ଭଜଗୁଡା ଗ୍ରାମର ରଞ୍ଜନ ଭଜଙ୍କ ସ୍ତ୍ରୀ ସୁନାଇ ଭଜ ଗର୍ଭଯନ୍ତ୍ରଣା ଅନୁଭବ କରିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ କରିଥିଲେ ପରିବାର ଲୋକେ। ତେବେ ଭଲ ରାସ୍ତା ନଥିବା ଓ ଶୋଚନୀୟ ଅବସ୍ଥା ଯୋଗୁ ଆମ୍ବୁଲାନ୍ସଟି ଗାଁରେ ପହଁଚି ପାରି ନଥିଲା। ତୁସେଇପଡା ଗାଁ ମୁଣ୍ଡରେ ଆମ୍ବୁଲାନ୍ସ ଅଟକି ରହିଥିବା ବେଳେ ପରିବାର ଲୋକେ ଓ ଆଶା ଦିଦିଙ୍କ ସହିତ ଦୀର୍ଘ ସାତ କିଲୋମିଟର ବୋହି ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଗଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି ସୁନାଇ। ବର୍ତ୍ତମାନ ମା' ପୁଅ ସୁସ୍ଥ ରହିଥିବା ଜଣା ପଡିଛି।

# କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ କଳାବ୍ୟାଜ୍ ପରିଧାନ

ରଘୁନାଥପୁର(ଭାସ୍କର ନ୍ୟୁଜ): ଓଡିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି କ୍ରମେ ୧୦ ଦଫା ଦାବି ନେଇ ସୋମବାର ଠାରୁ ରଘୁନାଥପୁର ତହସିଲ,ବ୍ଲକ ଓ ଆଇସିଡିଏସ କାର୍ଯ୍ୟାଳୟର ୧୧ ଜଣ ରାଜସ୍ୱ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରତ ଅଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ଜୁଲାଇ ୧୪ ରୁ କର୍ମଚାରୀମାନେ ସାମୂହିକ ଭାବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟରେ ଯଦି ସାଧାରଣଜନତା ସେବା ପାଇବାରେ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।ଦାବି ଗୁଡିକ ମଧ୍ୟରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ୨୦୧୭ ଓଏସଆରପି ନିୟମ ଅନୁଯାୟୀ ଲେଭେଲ ୯ କୁ ବୃଦ୍ଧି କରିବା,ନୂତନ ପଦବୀ ସୃଷ୍ଟି କରାଯିବା ସହ ପଦବୀ ପୁନର୍ଗଠନ, ଜିଲ୍ଲାସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଓଡିଶା ରାଜସ୍ୱ ସେବା ପଦବୀରେ ଶତ ପ୍ରତିଶତ ପଦୋନ୍ନତି,ନୂତନ ପେନସନ ଯୋଜନାକୁ ବନ୍ଦ କରି ପୁରାତନ ପେନସନ ଯୋଜନାକୁ ଅନ୍ତର୍ଭୁକ୍ତ କରିବା,୧୯୯୦ ମସିହାରେ ଲାଗୁ ହୋଇଥିବା ପୁନଃ ଥଇଥାନ ଯୋଜନାକୁ ପ୍ରଚଳନ କରିବା,ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ,ନୂତନ ନିଯୁକ୍ତି ପ୍ରାପ୍ତ ରାଜସ୍ୱ ସହାୟକଙ୍କୁ ତାଲିମ ପ୍ରଦାନ ସହ ଅନ୍ୟାନ୍ୟ ଦାବି ରହିଛି।

# ରାହୁଲଙ୍କ ଗସ୍ତକୁ ସଫଳ କରିବା ନେଇ ବ୍ଲକ୍ କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ



ବଡ଼ଚଣା (ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟକୁ ଆଗାମୀ ୧୧ତାରିଖରେ ସଂବିଧାନ ବଞ୍ଚାଅ ସମାବେଶରେ ଯୋଗଦେବାକୁ ଆସୁଥିବା ଅଖିଳ ଭାରତ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, କଂଗେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକା ଅର୍ଜୁନ ଖଡ୍‌ଗେ, ରାଷ୍ଟ୍ରୀୟ ସାଙ୍ଗଠନିକ ସଧାରଣ ସମ୍ପାଦକ ଭି ବେନୁଗୋପାଲଙ୍କ ଗସ୍ତକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ବଡ଼ଚଣା ବ୍ଲକ୍ କଂଗ୍ରେସ୍ କମିଟି ପ୍ରାକ୍ତନ ସଭାପତି ସୁରେଶ ଚନ୍ଦ୍ର ସାହାଣୀ ଙ୍କ ଅଧ୍ୟକ୍ଷତାରେ ଚଣ୍ଡୀଖୋଲ ବରିଷ୍ଠ ନାଗରିକ ମଞ୍ଚ ସେବା ଓ ବିକାଶ କେନ୍ଦ୍ର ଠାରେ ସଭା ଅନୁଷ୍ଠିତ ହୋଇ ଯାଇଛି। ବଡଚଣା ବ୍ଲକ୍ର ୪୩ଗୋଟି ପଂଚାୟତରୁ କିପରି ଅଧିକରୁ ଅଧିକ କଂଗ୍ରେସ କର୍ମୀ ଉକ୍ତ ସଭାରେ ଯୋଗଦେବେ ସେଥିପ୍ରତି ଆଲୋଚନା କରିଥିଲେ ଏଥିରେ ପ୍ରଦେଶ କଂଗ୍ରେସ କମିଟିର ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପିସିସି ପରିବେଶ ସୁରକ୍ଷା କମିଟିର ଅଧ୍ୟକ୍ଷ ସୁଧାଂଶୁ ଶେଖର ଦେଓ, ପିସିସିର ପ୍ରାକ୍ତନ ସମ୍ପାଦକ ସନ୍ତୋଷ କୁମାର ବଳ,ବଡଚଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜୟ କୁମାର ସାମଲ,ଯୁବ କଂଗ୍ରେସ ନେତା ବିଶ୍ୱ ପ୍ରକାଶ ସାମଲ, ଚିନ୍ମୟ ପ୍ରଧାନ, ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ସଂଖ୍ୟାଲଘୁ ନେତା ଶ୍ରୀକାନ୍ତ ମଲ୍ଲିକ, ପୂର୍ବତନ ସରପଞ୍ଚ ନୀଳକଣ୍ଠ ମିଶ୍ର, ରିୟାସତ୍ ଅଲ୍ଲି, ବରିଷ୍ଠ କଂଗ୍ରେସ କର୍ମୀ ପ୍ରଫୁଲ୍ଲ ପ୍ରଧାନ, ଜନାର୍ଦ୍ଦନ ରାଉତରାୟ, ଅକ୍ଷୟ ସ୍ୱାଇଁ, ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳିତ

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ବନ ଖଣ୍ଡ ପକ୍ଷରୁ ସଦର ରେଞ୍ଜ ବୌଦ୍ଧ ସେକସନ ନାଏକପଡା ଠାରେ ୭୬ ତମ ବନ ମହୋତ୍ସବ ସପ୍ତାହ ଅବସରରେ ନାଏକପଡା ଠାରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ



କୁମାର ବାଣୁଆ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସାମୂହିକ ବୃକ୍ଷରୋପଣ ସହ ବାମଣ୍ଡା ମେଗା ନର୍ସରୀ ଠାରେ ଏକ ସଭା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସେଥିରେ ମଧ ଅତିଥି ମାନେ ଉପସ୍ଥିତ ରହି ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

ଖଡ଼ିଆଳ (ଭାସ୍କର ନ୍ୟୁଜ):ନୂଆପଡା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ଅଧିନସ୍ଥ ଆର୍ତ୍ତତ୍ରାଣପୁର ଗ୍ରାମର ଚକା ଡ଼ଙ୍ଗର ବା ଚୌରାପି, ଆରଏଫ ଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୭୬ ତମ ବନ ମହୋତ୍ସବ ପାଳନ କରାଯାଇଥିଲା। ଖଡ଼ିଆଳ ବନପାଳ ଜୟଦେବ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ,ମୁଖ୍ୟ




ବକ୍ତା ଫକୀର ମୋହନ ଜଗତ, ସମ୍ମାନିତ ଅତିଥିଭାବେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ସଚିବ ସୁନିତା ଦାଶ, ନୂଆପଡା ଜିଲ୍ଲା ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଏସିଏଫ ପ୍ରସନ୍ନଜିତ୍ ନାଏକ,ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ,କେଶବ ବେହେରା,ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ସମିତି ସଭ୍ୟ ହେମନ୍ତ ଶବର ମଞ୍ଚାସୀନ ଥିଲେ। ସମସ୍ତ ଅତିଥି ବୃକ୍ଷରୋପଣ ଉପରେ ନିଜ ନିଜର ମନ୍ତବ୍ୟ ରଖିଥିଲେ। ଜଙ୍ଗଲ ସୁରକ୍ଷା ହିଁ ମଣିଷର ସୁରକ୍ଷା ବୋଲି କହିବା ସହିତ ଖୁବ ସୁନ୍ଦର ଭାବେ ସଭାରେ ବୃକ୍ଷର ବର୍ଣ୍ଣନା କରିଥିଲେ ଅତିଥି ମାନେ। ଅନୁଷ୍ଠିତ ବନ ମହୋତ୍ସବ ରେ 'ଏକ ପେଡ଼ ମାଅ କେ ନାମ ' କହି ସାମୂହିକ ଭାବେ ଦିନକରେ ପାଞ୍ଚ ହଜାର ଚାରା ରୋପଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଖଡ଼ିଆଳ ବନାଞ୍ଚଳର ନରେଶ ଦଣ୍ଡସେନା, ସୁଦାମ ବାଗ, ମହାଦେବ ବନଛୋର, ଦୁର୍ଯ୍ୟୋଧନ ଦୀକ୍ଷିତ, ଖଗେଶ୍ୱର ମାଝୀ, ପ୍ରସନ୍ନ ହଂସ, ଘନଶ୍ୟାମ ଶବର, ରାଜେଶ ହରିଜନ ବୀରେନ୍ଦ୍ର ମାଝୀ ସହ ସମସ୍ତେ ବନ କର୍ମଚାରୀ ସହଯୋଗ କରିଥିଲେ।

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): : ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଚୌଦ୍ୱାର କଲେଜ ତରଫରୁ ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କରେ କଲେଜ ଉଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଏକ ସେମିନାର ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱନାକାହାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସଚ୍ଚିତାନନ୍ଦ ପ୍ରଧାନ ଯୋଗଦେଇ ଔଷଧୀୟ ବୃକ୍ଷ ରୋପଣ, ଚିହ୍ନଟ ଓ ସେସବୁର ଉଚିତ୍ ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ । ଅତି ଦରକାରୀ ବୃକ୍ଷ ଭୃଙ୍ଗରାଜ, ରକ୍ତମାଳୀ, ପିପଳି, ହାଡଯୋଡା, ଗିଲଇ ଆଦି ଔଷଧୀୟ ବୃକ୍ଷଗୁଡିକୁ ଚିହ୍ନି ତାର ରକ୍ଷଣାବେକ୍ଷଣ ପାଇଁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ସସ୍ମିତା ଭୁୟାଁ ଅତିଥି ପରିଚୟ ପ୍ରଦାନ




କରିଥିଲେ। ଏହି ଅବସରରେ କଲେଜର ରୋଭର୍ସ ଆଣ୍ଡ ରେଞ୍ଜର୍ସ ପକ୍ଷରୁ କଲେଜ ପରିସରରେ ଔଷଧୀୟ ବୃକ୍ଷର ଚାରାରୋପଣ କରାଯାଇଥିଲା । ଅଧ୍ୟାପିକା ଡ. କ୍ରିଷ୍ଣାକାବେରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



ଗୋପ (ଭାସ୍କର ନ୍ୟୁଜ): ୭୬ତମ ବନସପ୍ତାହ ଚାଲିଥିବା ସମୟରେ ଗୋପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୋପ ମାଟିଆଖାତ ଠାରେ ପ୍ରଧାନାଚାର୍ଯ୍ୟ ଅଶୋକ କୁମାର ବାରିକ ଓ ବରିଷ୍ଠ ଶିକ୍ଷକ ରାମକୃଷ୍ଣ ସେନାପତିଙ୍କ ଅଧ୍ୟକ୍ଷତା ଓ ମୁଖ୍ୟ ଅତିଥି ଭାବେ ବନପାଳ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏକ ପେଡ ମାଁ କେ ନାମ, ନାରାରେ ସମସ୍ତ ଶିଶୁ ମାନଙ୍କୁ ଘର,ବାରି କିମ୍ବା ରାସ୍ତା ପାର୍ଶ୍ୱରେ ନିଶ୍ଚିତ ଭାବେ ଗଛଟିଏ ଲଗାଇବାକୁ ମୁଖ୍ୟ ଅତିଥି ବନପାଳ ବିଜୟଲକ୍ଷ୍ମୀ ବଳ କୁନି କୁନି ଶିଶୁ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବନରକ୍ଷୀ ପୁଷ୍ପାଳି ଦାଶ ଶିଶୁମାନଙ୍କୁ ଆଗାମୀ ଦିନରେ ଆମ ଆଖପାଖ ଖାଲିସ୍ଥାନରେ ବୃକ୍ଷରୋପଣ କରିବାକୁ ପ୍ରବର୍ତ୍ତାଇଥିଲେ । ପରେ ଶିଶୁ ମନ୍ଦିର ପରିସରରେ କୁନି କୁନି ଶିଶୁ ମାନଙ୍କ ସହିତ ସମସ୍ତ ଗୁରୁଜୀ ଗୁରୁମାମାନଙ୍କ ଉପସ୍ଥିତିରେ ୨୫ଟି ବୃକ୍ଷରୋପଣ କରାଯାଇଥିଲା ।



ବନ୍ଧୁଗାଁ (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡା ପଞ୍ଚାୟତ ସଦରରେ ଥିବା ଆଲମଣ୍ଡା ହାଇ ସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଆଲମଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ସ୍କୁଲ ଛାତ୍ରଛାତ୍ରୀ ଓ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ବନ ମହୋତ୍ସବ ପାଳନ ଅବସରରେ ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ବିଦ୍ୟାଳୟ ପରିସରରେ ୧୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, କିଛି ଜନପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ।

କେନ୍ଦୁଝର(ଭାସ୍କର ନ୍ୟୁଜ): ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ସୌଜନ୍ୟରୁ ବନ ମହୋତ୍ସବ ସପ୍ତାହ-୨୦୨୫ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସହାୟତାରୁ ଜୁଲାଇ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ପାଳିତ ହୋଇଯାଇଛି । ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ବିଭିନ୍ନ ଆଇନ ସାକ୍ଷରତା କ୍ଲବ,ବିଦ୍ୟାଳୟସ୍ତରରେ ବୃକ୍ଷରୋପଣ, ସଚେତନତା ସଭା,ଉପଭୋକ୍ତା ପରିଚୟ ପତ୍ର ପ୍ରଦାନ, ଚାରା ବଣ୍ଟନ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ସିଦ୍ଧମଠସ୍ଥିତ ଅନ୍ଧ,ମୂକ,ବଧିର ବିଦ୍ୟାଳୟ,ମନୋଜ ମଞ୍ଜରୀ ଶିଶୁଭବନ,ଜନ କଲ୍ୟାଣ ଉଚ୍ଚ ବିଦ୍ୟାଳୟ,ଡିମ୍ବୋ,ରାଇସୁଆଁ ଉଚ୍ଚ ବିଦ୍ୟାଳୟ,ନରଣପୁର ଉଚ୍ଚ ବିଦ୍ୟାଳୟଠାରେ ବୃକ୍ଷରୋପଣ ଓ ପରିବେଶ,ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିବାବେଳେ ରଥଯାତ୍ରା ଅବସରରେ ଖୋଲା ଯାଇଥିବା ପ୍ରଦର୍ଶନୀ ମଣ୍ଡପରେ ବିଭିନ୍ନ ବିଭାଗ ଯଥା ଜିଲ୍ଲା ଶ୍ରମ ଅଧିକାରୀ,ସଦର ବ୍ଲକ,ଯୋଗାଣ ବିଭାଗ ଦ୍ୱାରା ଉପଭୋକ୍ତା ପରିଚୟ ପତ୍ର ପ୍ରଦାନ,ଦିବ୍ୟାଙ୍ଗ ଭତ୍ତା ପ୍ରଦାନ ଓ ଚାରା ବଣ୍ଟନ କରାଯାଇଥିବାବେଳେ କୋର୍ଟ ପରିସରରେ ଉଦ୍‌ଯାପନୀ ସମାରୋହରେ ବିଭିନ୍ନ ଆଇନ ସାକ୍ଷରତା କ୍ଲବର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତର୍କ ପ୍ରତୀଯୋଗିତା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ପ୍ରତି ଯତ୍ନବାନ ହୋଇ ମା'ଙ୍କ ନାମରେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ ।

# ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

## ଯାତାୟାତ ଠପ୍

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଓଡିଶା ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ଼ ଡାକରା ଦେଇଛନ୍ତି। ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବି ନେଇ ମଙ୍ଗଳବାର ସକାଳୁ ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚକା ଜାମ। ରାସ୍ତାରେ ଅଟୋ ରିକ୍ସା, କାର ଚଳାଚଳ ବି ବନ୍ଦ ରହିଥିଲା। ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ସାମିଲ ହୋଇଥିଲେ। ସ୍ୱତନ୍ତ୍ର ଆଇନ ଦାବିରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛି ଓଡିଶା ଡ୍ରାଇଭର ମହାସଂଘ। ଫଳରେ ସାଧାରଣ ଜନତା ଙ୍କ ଜୀବନ ଯାତ୍ରା ଅନେକାଂଶ ପ୍ରଭାବିତ ହେବାର ଦେଖିବାକୁ ମିଳିଥିଲା ଅସ୍ତରଙ୍ଗ ଅଞ୍ଚଳରେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ସଭାପତି କୃପାସିନ୍ଧୁ ବସ୍ତିଆଙ୍କ କହିବା ମୁତାବକ, ସରକାରଙ୍କୁ ଦେଢ଼ମାସ ସମୟ ଦେଲୁ। ହେଲେ ସରକାର ଥରଟିଏ ବି ଆଲୋଚନା ପାଇଁ ଡାକିଲେନି। ଆମେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛୁ। ବିଭିନ୍ନ ସରକାରୀ ଗାଡି, ସ୍କୁଲ ବସ, ଆମ୍ବୁଲାନ୍ସ, ଓମଫେଡ କ୍ଷୀର ବୋହୁଥିବା ଅତ୍ୟାବଶ୍ୟକ ଗାଡିକୁ ଆନ୍ଦୋଳନରୁ ବାଦ ଦିଆଯାଇଛି। ମହାସଂଘ ଦାବି ଗୁଡିକ ହେଲା, ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କସ ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯାଉ। ୬୦ବର୍ଷ ପରେ ପେନସନ, ଦୁର୍ଘଟଣାରେ ମୃତକ ଡ୍ରାଇଭର ପରିବାରକୁ ୨୦ଲକ୍ଷର ବୀମା ରାଶି ମିଳୁ, ଦୁର୍ଘଟଣାରେ ଚିକିତ୍ସା ପାଇଁ ୫ଲକ୍ଷ ଦିଆଯାଉ। ପ୍ରତି ୧୦୦କିମି ଦୂରତାରେ ଡ୍ରାଇଭରଙ୍କ ପାଇଁ ବିଶ୍ରାମଗାର ଓ ଶୌଚାଳୟ ନିର୍ମାଣ କରାଯାଉ। ଗାଡି ଚଳାଇବାର ସମୟ ସୀମା ଧାର୍ଯ୍ୟ ହେଉ। ଡ୍ରାଇଭିଂ ଲାଇସେନ୍ସ ଦେୟ କମ୍ କରାଯାଉ। ସେପ୍ଟେମ୍ବର ୧ତାରିଖ କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ।ଅସ୍ତରଙ୍ଗ ବଜାର ରେ ହେଉ ଅବା କୌଣସି ଦୂର ଦୁରାନ୍ତକୁ ଯାତ୍ରୀବାହୀ ବସ, ଅଟୋ କିମ୍ବା କାର ଚାଲିନଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହେଉଥିବାର ଦେଖିବାକୁ ମିଳିଛି।ଯାହାର ପ୍ରଭାବ ଅସ୍ତରଙ୍ଗ ସାପ୍ତାହିକ ହାଟକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ପନିପରିବା କିଣିବାକୁ ଗ୍ରାମାଞ୍ଚଳ ଲୋକେ ଆସି ପାରିନଥିଲେ। ଅସ୍ତରଙ୍ଗ ତାରିଣୀ ମନ୍ଦିର ସାମ୍ନାରେ ଥିବା ବସଷ୍ଟାଣ୍ଡ କିମ୍ବା ଅଟୋ ଷ୍ଟାଣ୍ଡ କିମ୍ବା ଗ୍ରାମର ଛକ ଗୁଡିକରେ ବସ, ଅଟୋ ନପାଇ ନିରାଶରେ ଘରକୁ ଫେରିଛନ୍ତି। ସେହିପରି ବୁଧବାର ଯୁକ୍ତ ୨ପିଲାଙ୍କ ନାମ ଲେଖା ଓ ଯୁକ୍ତ ୩ଛାତ୍ର, ଛାତ୍ରୀଙ୍କ ପରୀକ୍ଷା ମଧ ରହିଛି। ଯାହାକୁ ନେଇ ଅଭିଭାବକ ଓ ଯାତ୍ରୀ ମାନେ ଏକ ପ୍ରକାର ଚିନ୍ତାରେ ପଡିଯାଇଛନ୍ତି।ଏହି ଆନ୍ଦୋଳନ ରେ ଅସ୍ତରଙ୍ଗ ବ୍ଲକ ସଭାପତି କୃପାସିନ୍ଧୁ ବସ୍ତିଆ, ଉପସଭାପତି ବସନ୍ତ ମଲ୍ଲିକ, ଜିଲ୍ଲା କମିଟି ମେମ୍ବର ସତ୍ୟବ୍ରତ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।





କଟକ(ଭାସ୍କର ନ୍ୟୁଜ୍): ମଙ୍ଗଳବାର ସ୍ଥାନୀୟ ସେଲଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆଗାମୀ ୧୧ ତାରିଖ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେବା ପାଇଁ ବିରୋଧୀ ଦଳ ନେତା ତଥା ସାଂସଦ ରାହୁଲ ଗାନ୍ଧୀ, ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲିକାର୍ଜୁନ ଖଡଗେ ଓ ସାଙ୍ଗଠନିକ ସଂପାଦକ କେସି ବେଣୁଗୋପାଲଙ୍କ ଓଡିଶା ଗ୍ରସ୍ତ ଅବସରରେ କଟକ ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ ଜିଲ୍ଲା ଓ ନଗର କଂଗ୍ରେସର ବହୁ ପଦାଧିକାରୀ ଓ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ । ଏହି ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବା ପାଇଁ କଟକରୁ ପାଞ୍ଚ ହଜାରରୁ ଅଧିକ ଲୋକ ସାମିଲ ହେବା ବୋଲି ଶ୍ରୀ ମୋକିମ କହିଛନ୍ତି । ଦେଶରେ ଯେପରି ସମ୍ବିଧାନକୁ ଅଣଦେଖା କରି ବିଜେପି ସରକାର ଶାସନ କରୁଛି ତାକୁ ବିରୋଧ କରି ରାହୁଲ ଗାନ୍ଧୀଙ୍କ ଏହି ଡାକରାକୁ ସଫଳ କରିବା ପାଇଁ କିପରି କଟକରୁ ଅଧିକରୁ ଅଧିକ ଲୋକ ଯୋଗଦେବେ ସେଥିପାଇଁ ଆମେ କାମ କରିବା ବୋଲି ବିଧାୟିକା ସୋଫିଆ କହିଛନ୍ତି ।



# ସହରାଞ୍ଚଳ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ପାଇଁ ଅଭିଯାନ ରଥର ଶୁଭାରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର କୃଷି ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଛାତ ଉପରେ ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନକୃଷି ରଥର ଶୁଭାରମ୍ଭ କରିଛନ୍ତି । ଛାତ ଉପରେ ଉଦ୍ୟାନ ସଚେତନତା ରଥର ଶୁଭାରମ୍ଭ କରିବା ଅବସରରେ ସିଂହଦେଓ କହିଛନ୍ତି ଯେ, ଆଜିର ସମୟରେ ରାଜ୍ୟର ସହରଗୁଡ଼ିକରେ ସବୁଜ ସ୍ଥାନ ହ୍ରାସ, କଂକ୍ରିଟ୍ କୋଠା ନିର୍ମାଣ, ରାଜ୍ୟବ୍ୟାପୀ ସହରାଞ୍ଚଳ ବୃଦ୍ଧି ପାଉଛି। ସରକାର ପାର୍କ ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରି ସହରଗୁଡ଼ିକରେ ସବୁଜୀକରଣ ବୃଦ୍ଧି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି। ଏହି ସଚେତନତା ରଥର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ସହରାଂଚଳ ଜୀବନଯାପନ ଏବଂ ଖାଦ୍ୟ ସୁରକ୍ଷା ସହିତ ସମନ୍ୱୟ ରଖି ଘର ଛାତ ଉପରେ ଉଦ୍ୟାନ ଏବଂ



ସହରାଂଚଳ ଉଦ୍ୟାନର ଗୁରୁତ୍ୱ, କୌଶଳ ଓ ଲାଭ ବିଷୟରେ ନାଗରିକମାନଙ୍କୁ ସଚେତନ କରିବା। ସହରାଂଚଳବାସୀଙ୍କ ମଧ୍ୟରେ ସ୍ଥାୟୀ ସୁସ୍ଥ ସହରୀ ଜୀବନଯାପନ ପାଇଁ ସଚେତନତା ସୃଷ୍ଟି କରିବା ସହିତ ସହରୀ ଉତ୍ତାପ ପ୍ରଭାବକୁ ହ୍ରାସ କରି ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ଅନୁକୂଳ ପରିବେଶ ସୃଷ୍ଟି କରିବା । ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶାର କିଛି ମନୋନୀତ ସହରଗୁଡ଼ିକରେ ସୌନ୍ଦର୍ଯ୍ୟ, ପୁଷ୍ଟି ଓ ସୁସ୍ଥ ପରିବେଶ ପାଇଁ ଛାତ ଉପରେ ଉଦ୍ୟାନ ଏବଂ ସହରୀ ଉଦ୍ୟାନ କୃଷି ନିମନ୍ତେ ଅଭିନବ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ଏକ ପ୍ରକଳ୍ପକୁ ପ୍ରୋତ୍ସାହନ ଯୋଗାଉଛି, ଯାହା କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ଭୁବନେଶ୍ୱର ଦ୍ୱାରା କାର୍ଯ୍ୟକାରୀ କରାଯିବ। ଏଅଭିନବ ପ୍ରୟାସ ମାଧ୍ୟମରେ ଓଡ଼ିଶାର ପାଞ୍ଚଟି ପ୍ରମୁଖ ସହର ଯଥା କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁରରେ ଆବାସିକ ଏବଂ ଅନୁଷ୍ଠାନିକ କୋଠାରେ ସହରବାସୀଙ୍କୁ ଶିକ୍ଷା ଏବଂ ତାଲିମ ଦେଇ ଛାତ ଉପରେ ଓ ଘରେ ଉଦ୍ୟାନ ମାଧ୍ୟମରେ ସବୁଜିମାକୁ ବୃଦ୍ଧି କରାଯିବ । ଅଭିଯାନ ଅଧୀନରେ ସଚେତନତା ରଥ ଏକ ମାସରୁ ଅଧିକ ସମୟଧରି ଭୁବନେଶ୍ୱର ଓ କଟକର ବିଭିନ୍ନ ସହରାଞ୍ଚଳର ଆବାସିକ, ଶିକ୍ଷାନୁଷ୍ଠାନ, ବାସିନ୍ଦା କଲ୍ୟାଣ ସଂଘ, ଅନ୍ୟାନ୍ୟ ସହର-ଭିତ୍ତିକ ସଂଗଠନ ଏବଂ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ। ରଥରେ ଓଡ଼ିଆ ଓ ଇଂରାଜୀ ଭାଷାରେ ଅଡିଓ-ଭିଜୁଆଲ୍ ଶିକ୍ଷା ସାମଗ୍ରୀ, ଅଭିନବ ବୈଷୟିକ ପ୍ରଦର୍ଶନ, ବୈଷୟିକ ପୁସ୍ତିକା ଏବଂ ସହରାଞ୍ଚଳ ନାଗରିକମାନଙ୍କ ସହ ଆଲୋଚନା ଓ ବିଶେଷଜ୍ଞଙ୍କ ପରାମର୍ଶ ପାଇଁ ବ୍ୟବସ୍ଥା ରହିଛି। ଏହି ଅବସରରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭାଗ ପକ୍ଷରୁ ସମସ୍ତ ନାଗରିକ, ଅନୁଷ୍ଠାନ ଏବଂ ସାମୁଦାୟିକ ଗୋଷ୍ଠୀଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରି ସାରା ଓଡ଼ିଶାରେ ସବୁଜ ସହର ଗଠନରେ ଯୋଗଦାନ ଦେବାକୁ ଉତ୍ସାହିତ କରାଯାଉଛି।

# ଓଡ଼ିଶା ଟେଲିଭିଜନ ଗ୍ରୁପ୍‌ର ହାତବୁଣା ଇକତ ଶାଢ଼ୀର ନୂଆ ଅଧ୍ୟାୟ-ଇକ୍‌ତାନ୍ ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ନୀଳାଦ୍ରିବିଜୟ ଅବସରରେ ଓଟିଭି ଟେଲିଭିଜନ ଗ୍ରୁପ ଗର୍ବର ସହିତ, ହାତବୁଣା ଇକତ ଶାଢ଼ିର ଏକ ନୂଆ ଅନୁଷ୍ଠାନ ଇକତାନର ଶୁଭାରମ୍ଭ ସଂପର୍କରେ ଘୋଷଣା କରୁଛି । ଯାହାକି ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରାର ବାର୍ତ୍ତାବହନ କରୁଛି। ବର୍ତ୍ତମାନ ସଂସ୍ଥାର ଇ-କମର୍ସ ପ୍ଲାଟଫର୍ମ ଙଙଙ.ସଳବଷ୍ଠବଭ.ମକ୍ଟଞ୍ଜ ର ଶୁଭାରମ୍ଭ ହୋଇସାରିଛି, ଯେଉଁଠାରେ କି ଆମ ସଂସ୍କୃତି ଓ ପରମ୍ପରାକୁ ଖାପ ଖାଇଲା ପରି ବଛା ବଛା ଶାଢ଼ିର ସମ୍ଭାର ଉପଲବ୍ଧ କରଯାଇଛି । 'ଇକତାନ' ଗ୍ରାହକମାନଙ୍କୁ, ବର୍ଷ ବର୍ଷର ଅଭିଜ୍ଞତା ହାସଲ କରିଥିବା କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ, ଶହେ ପ୍ରତିଶତ ମୌଳିକ ଓ ହାତବୁଣା ରେଶମୀ ଇକତ ଶାଢ଼ି ପ୍ରଦାନ କରିବ । ଏହାର ପ୍ରତିଟି ଶାଢ଼ି କେବଳ ଭାରତୀୟ ବସ୍ତ୍ର ପରମ୍ପରାର ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରନି ବରଂ ଏହା ପଛରେ ଥିବା କୁଶଳୀ କାରିଗର ମାନଙ୍କର ନିରବ ନିଷ୍ଠା, ଧୈର୍ଯ୍ୟ ଓ ଗରିମାକୁ ମଧ୍ୟ ପ୍ରତିଫଳିତ କରିଛି । ଇକତାନ ଆମ ପାଇଁ କେବଳ ଏକ ବ୍ରାଣ୍ଡ ନୁହେଁ-ଏକ ମହାନ ଉଦ୍ଦେଶ୍ୟ ରଖିଥିବା ଏକ ପ୍ଲାଟଫର୍ମ ବା ଆଧାର। ଆମେ କହିରଖୁଛୁ ଯେ ପ୍ରତ୍ୟେକ ଶାଢ଼ିରୁ ମିଳୁଥିବା ମୂଲ୍ୟ, ସିଧାସଳଖ କାରିଗର ସମାଜ ଉଦ୍ଦେଶ୍ୟରେ ସମର୍ପିତ। ଏହାଦ୍ୱାରା ଭବିଷ୍ୟତରେ କାରିଗରଙ୍କ ଜୀବିକା ନିର୍ବାହରେ ଉନ୍ନତି ଓ ତାଲିମରେ ପରିବର୍ତ୍ତନ ଆସିବା ସହିତ ସ୍ଥାନୀୟ କୌଶଳକୁ ସଂରକ୍ଷିତ କରିବାରେ ସହାୟକ ହେବ ବୋଲି ଏହାର ପ୍ରତିଷ୍ଠାତା ଜଗି ମଙ୍ଗତ ପଣ୍ଡା ଆଶା ପୋଷଣ କରିଛନ୍ତି ।

# ବିଜିୟୁ ପକ୍ଷରୁ ନବାଗତ ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଲ୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ ଏମ୍‌ବିଏ (୨୦୨୫-୨୭) ବ୍ୟାଚ୍‌ର ନବାଗତ ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଏହାର ଗୋଠପାଟଣା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସାହ ଓ ଶୈକ୍ଷିକ ମନୋଭାବ ସହିତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ସ୍ନାତକତ୍ତୋର ଯାତ୍ରାର ଆରମ୍ଭ ଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜି ନିଜିୟୁ କୁଳଗୀତ ପରିବେଷଣ କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ମେଣ୍ଟର ଡିନ୍ ଡଃ ପରମେଶ୍ୱର ନାୟକ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ ତାଙ୍କ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ମୂଲ୍ୟବୋଧ ଏବଂ ଏହାର ପରିବର୍ତ୍ତନଶୀଳ ଯାତ୍ରା ଉପରେ ଅଲୋକପାତ କରିଥିଲେ। ପୂର୍ବନତ ଛାତ୍ର ଛାତ୍ର କାଟେଶ୍ୱର କାଉକ କ୍ୟାମ୍ପସ ଜୀବନରୁ କର୍ପୋରେଟ ଜଗତଙ୍କୁ ତାଙ୍କର ପରିବର୍ତ୍ତିତ ଜୀବନ ବିଷୟରେ କହିଥିବା ସହ ନୂତନ ବ୍ୟାଚ୍‌କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସନ୍ଦୀପ ସିଂଙ୍କ ପ୍ରେରଣାଦାୟକ ଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରି ସେ ସଫଳତାର ମୂଳଦୁଆ ଭାବରେ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଜିୟୁ କୁଳପତି ପ୍ରଫେସର କୁଳଭୁଷଣ ବାଲୁନି ଶିକ୍ଷାଗତ ଏବଂ ବଂ ବୃତ୍ତିଗତ ଉତ୍କର୍ଷତା ପ୍ରତି ୟୁନିଭରସିଟିର ଅଟଳ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଡଃ ସ୍ମିଗ୍ଧା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଓଡ଼ିଶା ସୂଚନା ଆୟୋଗ ଆଇନ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ସୁବିଧା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସୂଚନା ଆୟୋଗ ବିଭିନ୍ନ ଦଳରେ ଆଇନ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ସୁବିଧା ପ୍ରଦାନ କରୁଅଛି। ବିଭିନ୍ନ ଆଇନ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଆୟୋଗର ଶୁଣାଣିରେ ଯୋଗ ଦିଅନ୍ତି ଏବଂ ସୂଚନା ଅଧିକାର ଅଧିନିୟମ ଅଧିନରେ ମାମଲାଗୁଡ଼ିକ ଫଏସଲା କରିବା ପାଇଁ ଗ୍ରହଣ କରାଯାଉଥିବା ପ୍ରକ୍ରିୟାଗୁଡ଼ିକ ବିଷୟରେ ଶିକ୍ଷା ଗ୍ରହଣ କରନ୍ତି। ସମ୍ପ୍ରତି, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ବିଶ୍ୱବିଦ୍ୟାଳୟ, ଆଇନ ମହାବିଦ୍ୟାଳୟ (ଉତ୍କଳ ବିଶ୍ୱବିଦ୍ୟାଳୟ), ଭୁବନେଶ୍ୱର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, କଟକରୁ ୩୯ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ଏବଂ ଆୟୋଗଙ୍କ ଠାରୁ ପ୍ରମାଣପତ୍ରଗୁଡ଼ିକ ପ୍ରାପ୍ତ କରିଛନ୍ତି। ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା ବ୍ୟକ୍ତ କରିଛନ୍ତି ଯେ, ଏହି ପ୍ରଶିକ୍ଷଣ ସୁବିଧା ସୂଚନା ଅଧିକାର ଅଧିନିୟମର ବିଭିନ୍ନ ବ୍ୟବସ୍ଥାଗୁଡ଼ିକ ବୁଝିବା ପାଇଁ ସାହାଯ୍ୟ କରେ ଏବଂ ଅଦାଲତ ପ୍ରକୋଷ୍ଠରେ ଏହାର କାର୍ଯ୍ୟକାରିତା ଅନୁଧ୍ୟାନ କରେ। ଏହି ଛାତ୍ରଛାତ୍ରୀମାନେ ସୂଚନା ଅଧିକାର ଅଧିନିୟମ ଅଧିନରେ ବିଭିନ୍ନ ଅଧିକାରୀମାନଙ୍କ ଠାରୁ ସୂଚନା ପ୍ରାପ୍ତ କରିବା ପାଇଁ ନାଗରିକମାନଙ୍କ ଅଧିକାର ସମ୍ବନ୍ଧରେ ସଚେତନତା ପ୍ରସାର କରିବାରେ ମଧ୍ୟ ସାହାଯ୍ୟ କରିବେ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଆସାମୀ ବିକାଶ ମହାନ୍ତିକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ମଧୁପାଟଣା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ କଟକର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଜଗତସିଂହପୁର ଆଳିପିଙ୍ଗଳର ମୂଳବାସିନ୍ଦା ଆସାମୀ ବିକାଶ ମହାନ୍ତି (୨୭)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସେହିପରିଭାବେ କୋର୍ଟ ଆସାମୀକୁ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ଆସାମୀକୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ସେହିପରି କୋର୍ଟ ପିଡିତାକୁ ୬ ଲକ୍ଷ ଟଙ୍କାର କ୍ଷତିପୁରଣ ପ୍ରଦାନ କରିବାକୁ କୋର୍ଟ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଜାନୁୟାରୀ ୧ ତାରିଖରେ ଘଟଣା ଘଟିଥିଲାବେଳେ ସେହିଦିନ ମଧୁପାଟଣା ଥାନାରେ ଏତଲା ରୁଜୁ କରାଯାଇଥିଲା । ମାର୍ଚ୍ଚ ୪ ତାରିଖରେ ପୋଲିସ୍ ଆସାମୀ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ଓ ବିଶ୍ୱଜିତ ରାଏ ମାମଲା ପରିଚାଳନା କରୁଥିଲେ।

# ବୋଲ୍‌ବମ୍ ଯାତ୍ରା ପ୍ରସଙ୍ଗ ନେଇ ସିଏମ୍‌ସି ପକ୍ଷରୁ ସୁରକ୍ଷା ଓ ପରିମଳ ଉପରେ ଗୁରୁତ୍ୱ

କଟକ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ବୋଲ୍‌ବମ୍ ଯାତ୍ରା ପ୍ରସଙ୍ଗରେ ସିଏମ୍‌ସି ପକ୍ଷରୁ ସୁରକ୍ଷା ଓ ପରିମଳ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ମର୍ମରେ ମେୟର୍ ସୁବାସ ସିଂ ମଙ୍ଗଳବାର ଗଡଗଡିଆ ଘାଟରେ ପହଁଚି ଘାଟର ସ୍ଥିତି, ଯାତ୍ରୀଙ୍କ ସୁରକ୍ଷା, ପରିମଳ, ରାସ୍ତାଘାଟ, ଶୌଚାଳୟ, ଆଲୋକୀକରଣର ସମୀକ୍ଷା କରିଥିଲେ । ଆସନ୍ତା ସୋମବାର ଠାରୁ ମହାନଦୀ ଗଡଗଡିଆ ଘାଟରେ ଲକ୍ଷାଧିକ କାଉଡିଆ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ଭକ୍ତଙ୍କ ସୁରକ୍ଷା ନିମନ୍ତେ ୧ ମାସଧରି ଓଡ୍ରାଫ ଟିମକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଗଡଗଡିଆ ଘାଟରେ ସ୍ଥିତି ସମୀକ୍ଷା ସମୟରେ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, କର୍ପୋରେଟର ଲିଯା ରାଣୀ ରାଉତ, ସିଏମ୍‌ସି କମିଶନର କଳ୍ପତରୁ ବେହେରା, ସି.ଏମ.ସି ଉପଆୟୁକ୍ତ ଶ୍ୱେତସ୍ନିଧା, ଓଡ୍ରାଫ ଅଧିକାରୀ, ଅଗ୍ନିଶ୍ରମ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ଓ ସିଏମ୍‌ସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳବନ୍ଦୀ ସମସ୍ୟାର ସମାଧାନ କରିବ ବିଏମ୍‌ସିର ରାପିଡ୍ ଆକ୍ସନ୍ ଟିମ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ଷା ଜନିତ ଜଳବନ୍ଦୀ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଭୁବନେଶ୍ୱର ମହାଗନର ନିଗମ (ବିଏମ୍‌ସି) ପକ୍ଷରୁ ରାପିଡ ଆକ୍ସନ ଟିମ୍ ଗଠନ ହୋଇଛି। ମଙ୍ଗଳବାର ଏହି ଟିମର ଶୁଭାରମ୍ଭ କରିଛନ୍ତି ମେୟର ସୁଲୋଚନା ଦାସ । ମେୟରଙ୍କ ସହ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ବିରଂଚି ନାରାୟଣ ମହାସୂପକାର, ସିଟି ଇଞ୍ଜିନିୟର, ଡ୍ରେନେଜ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ବିଭାଗର ସମସ୍ତ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରବଳ ବର୍ଷା ହେଲେ ଯଦି କୌଣସି ସ୍ଥାନରେ ଡ୍ରେନ ଜାମ୍ ହେଲା କିମ୍ବା ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଲା, ତେବେ ଏହି ଟିମ୍ ଖବର ପାଇବା ମାତ୍ରେ ଘଟଣା ସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନେବ । ବିଏମ୍‌ସିର ତିନୋଟି ଜୋନ୍ ପାଇଁ ୩ ଟି ଟିମ୍ ହୋଇଛି । ପ୍ରତି ଟିମ୍‌ରେ ୪ ଜଣ ଲେଖାଏଁ ସଦସ୍ୟ ରହିଛନ୍ତି । ବର୍ଷା ଜନିତ ଜଳ ନିଷ୍କାସନ ପାଇଁ ଯାହା ଦରକାର ସେ ସମସ୍ତ ପ୍ରକାର ଜିନିଷ ତଥା ଯନ୍ତ୍ରପାତି ଏବଂ ଗାଡି ମଧ୍ୟ ସେମାନଙ୍କୁ ଯୋଗାଇ ଦିଆଯାଇଛି ।

# ସମ୍ବିଧାନ ବଞ୍ଚାଅ ସମାବେଶ ପାଇଁ ୩ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଏଆଇସିସି ସାଧାରଣ ସମ୍ପାଦକ କେସି ଭେନୁଗୋପାଳଙ୍କ ଗସ୍ତ ସମୟରେ 'ସମ୍ବିଧାନ ବଂଚାଅ ସମାବେଶ' ଏବଂ ଦଳର ଅନ୍ୟାନ୍ୟ ସାଂଗଠନିକ କାର୍ଯ୍ୟକ୍ରମ ସୁପରିଚାଳନା ନିମନ୍ତେ ପିସିସି ସଭାପତି ଭକ୍ତ ଚରଣ ଦାସ ୩ କମିଟି ଗଠନ କରି ସେମାନଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ପ୍ରୋଗାମ ଅର୍ଗାନାଇଜେସନ କମିଟିରେ ମାନସ ଚୌଧୁରୀ ସଂଯୋଜକ, ବିଧାୟକ ସାଗର ଚରଣ ଦାସ, ମନୋଜ ଜେନା, ରଞ୍ଜିତ ପାତ୍ର, ମହମ୍ମଦ ଇମଦାଦ, ରାଜୀବ ପଟ୍ଟନାୟକ, ଅଭିଳାଷ ମାଣିଆ, ଅମରେଶ ପରିଡ଼ା ସଭ୍ୟ ଭାବେ ରହିଛନ୍ତି। ପବ୍ଲିସିଟି କମିଟିରେ ନବଜ୍ୟୋତି ପଟ୍ଟନାୟକ ସଂଯୋଜକ ଥିବାବେଳେ ଜାନକୀ ବଲ୍ଲଭ ପଟ୍ଟନାୟକ, ଶାନ୍ତାୟନ ମିଶ୍ର, ମନୋଜ ବିଶ୍ୱାଳ, ମିଳନ ପଟ୍ଟନାୟକ, ଉଦିତ ପ୍ରଧାନ ପ୍ରମୁଖ ସଭ୍ୟ ଭାବରେ ରହିଛନ୍ତି। ଅର୍ଗାନାଇଜେନସନାଲ କମିଟି ମିଟିଂରେ ଶୁଭେନ୍ଦୁ ମହାନ୍ତି ସଂଯୋଜକ ରହିଥିବା ବେଳେ ଯାସିର ନୱାଜ, ପ୍ରକାଶ ମିଶ୍ର, ପ୍ରଦୀପ କୁମାର ମହାପାତ୍ର, ଲଲାଟେନ୍ଦୁ ଶତପଥୀ, ସଂଜୟ ତ୍ରିପାଠୀ ପ୍ରମୁଖ ସଭ୍ୟ ଭାବରେ ରହିଛନ୍ତି ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି ମାମଲା

# ଦୁଇ ସପ୍ତାହ ମହଲତ ନେଲେ ସରକାର


କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି ପାଇଁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଅଦାଲତରେ ହାଜର ହୋଇ ଦୁଇ ସପ୍ତାହ ମହଲତ ମାଗିଥିଲେ। ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଓ ବିଚାରପତି ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଏପରି ଆବେଦନକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ସରକାରଙ୍କୁ ଦୁଇ ସପ୍ତାହ ମହଲତ ପ୍ରଦାନ କରିଛନ୍ତି। ଜୁଲାଇ ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସୂଚନାଥାଉକି ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର



ତଥା ହାଇକୋର୍ଟର ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି, ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୦୨୪ ନଭେମ୍ବର ୨୩ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି ତାଙ୍କର କାର୍ଯ୍ୟକାଳ ଛଅମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ ୨୦୨୫ରେ ସମାପ୍ତ ହେଲା ପରେ ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲଜି ବିଭାଗର ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବେ କୁଳାଧିପତି ୨୦୨୫ ମେ ୨୭ରେ ନିଯୁକ୍ତି ଦେଇଥିଲେ। କିନ୍ତୁ କୌଣସି କାରଣବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନ ହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି। ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାକୁ କୁଳାଧିପତିଙ୍କୁ ଆଦେଶ ଦେବା ନିମନ୍ତେ ଆବେଦନରେ ପ୍ରାର୍ଥନା କରାଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସଚିବ, କୁଳାଧିପତିଙ୍କ ପ୍ରମୁଖ ସଚିବ, ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଓ କୁଳସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।




ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



### ଆମେରିକାରେ ଦୁଇ ଦଳୀୟ ବ୍ୟବସ୍ଥାର ଅନ୍ତ

## ତୃତୀୟ ରାଜନୈତିକ ଦଳର ଉତ୍ଥାନ

ରାଷ୍ଟ୍ରପତି ପ୍ରଧାନ ଶାସନ ବ୍ୟବସ୍ଥା ପ୍ରଚଳିତ ଥିବା ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକାରେ ଦୁଇଟି ରାଜନୈତିକ ଦଳ କାର୍ଯ୍ୟ କରିଆସୁଛି। ଏହି ଦୁଇ ଦଳ ଯଥା ଡେମୋକ୍ରାଟିକ୍ ପାର୍ଟି ଓ ରିପବ୍ଲିକାନ୍ ପାର୍ଟି ପାଳି କଲାଭଳି ବିଭିନ୍ନ ସମୟରେ ଦେଶର ଶାସନ କ୍ଷମତା ଦଖଲ କରିବାର ଦୃଷ୍ଟାନ୍ତ ରହିଛି। ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ରୂପେ ବିଜୟ ହାସଲ କରି ବିଶ୍ୱର ସର୍ବବୃହତ୍ ସମୃଦ୍ଧ ଓ ଧନଶାଳୀ ଦେଶର ରାଷ୍ଟ୍ରନାୟକ ହୋଇଥିବା ସ୍ଥଳେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ଡେମୋକ୍ରାଟିକ୍ ପାର୍ଟିରୁ ନିର୍ବାଚିତ ହୋଇ ଦେଶକୁ ଶାସନ କରିଥିଲେ। ତେବେ ଦୀର୍ଘ ବର୍ଷ ଧରି ପ୍ରଚଳିତ ଥିବା ଦୁଇ ଦଳୀୟ ଶାସନ ବ୍ୟବସ୍ଥାର ଏବେ ଅନ୍ତ ଘଟିଛି ଏବଂ ଦେଶରେ ତୃତୀୟ ରାଜନୈତିକ ଦଳ ମୁଣ୍ଡ ଟେକିଛି। ବିଶ୍ୱର ସବୁଠାରୁ ଧନଶାଳୀ ବ୍ୟକ୍ତି ଏଲନ୍ ମସ୍କ ଆମେରିକା ପାର୍ଟି ନାମରେ ଏକ ନୂତନ ରାଜନୈତିକ ଦଳ ଗଠନ କରିଛନ୍ତି। ରବିବାର ଦେଶବାସୀଙ୍କୁ ଏକ୍ସ ମାଧ୍ୟମରେ ସମ୍ବୋଧନ କରି ମସ୍କ 'ଆମେରିକା ପାର୍ଟି' ଜନ୍ମ ନେଇଥିବା ବିଷୟ ବିଧିବଦ୍ଧ ଭାବରେ ଘୋଷଣା କରିଥିଲେ। ଏକଦା ଏଲନ୍ ମସ୍କ ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କର ଘନିଷ୍ଠତମ ବନ୍ଧୁ ଥିଲେ ଓ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କୁ ଜିତାଇବା ପାଇଁ ସବୁ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ। ବିଜୟ ହାସଲ କରିବା ପରେ ଟ୍ରମ୍ପ ତାଙ୍କୁ ନିଜ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଇ ଋଣ ପରିଶୋଧ କରିବାକୁ ପଛାଇନଥିଲେ। ମାତ୍ର ବିଧିର ବିଧାନ ବଡ ବିଚିତ୍ର ଭଳି କିଛିଦିନ ମଧ୍ୟରେ ବିଭିନ୍ନ କାରଣରୁ ଦୁହିଁଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଲା ଏବଂ ବର୍ତ୍ତମାନ ସେମାନଙ୍କ ଶତ୍ରୁତା ଚରମସୀମାରେ ପହଞ୍ଚିଛି। ଉଭୟେ ଗଣମାଧ୍ୟମରେ ପରସ୍ପରକୁ ଜୋରଦାର ଟାର୍ଗେଟ କରୁଥିବାର ଦେଖାଯାଉଛି। ଏପରିକି ବିଶ୍ୱର ସବୁଠାରୁ ଧନୀ ମସ୍କଙ୍କୁ ଆମେରିକା ମାଟିରୁ ବିଦା କରି ଦକ୍ଷିଣ ଆଫ୍ରିକାକୁ ପଠାଇଦେବେ ବୋଲି ରାଷ୍ଟ୍ରପତି ଖୋଲାଖୋଲି ଧମକ ଦେଇଛନ୍ତି। ଏହି ପୃଷ୍ଠଭୂମିରେ ବ୍ୟବସାୟୀରୁ ରାଜନେତା ପାଲଟିଥିବା ଏଲନ୍ ମସ୍କଙ୍କ ଦଳ ଗଠନ ଘୋଷଣା ବିଶ୍ୱବ୍ୟାପୀ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ହୋଇଛି। 'ଆମେରିକା ପାର୍ଟି' ଗଠନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରି ମସ୍କ କହିଛନ୍ତି ଯେ, ଏହା ଦ୍ୱାରା ଆମେରିକାବାସୀ ନିଜର ସ୍ୱାଧୀନତା ଫେରିପାଇବେ। ଦେଶର ୬୬ ପ୍ରତିଶତ ଲୋକ ନୂଆ ରାଜନୈତିକ ଦଳ ଚାହୁଁଛନ୍ତି। ବର୍ତ୍ତମାନର ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ପାର୍ଟି ଉଭୟ ଭ୍ରଷ୍ଟ ଏବଂ ଶୋଷକ। ଏବେ ସେମାନଙ୍କ କବଳରୁ ମୁକ୍ତି ପାଇବାକୁ ବ୍ୟାକୁଳ। ନୂତନ ଦଳ ଗଠନ ଫଳରେ ଆମେରିକାକୁ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ମିଳିବ। ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ପାର୍ଟି ଆମେରିକାକୁ ବରବାଦ କରିବା ସହ ଦୁର୍ନୀତିର ଗଭୀରରେ ପକାଇଦେଇଛନ୍ତି। ତାହାର ଅନ୍ତ ଘଟାଇବାକୁ ନୂଆ ଦଳ ଗଠିତ ହୋଇଥିବାର ମସ୍କ ଉଲ୍ଲେଖ କରିଛନ୍ତି। ଦୁଇ ଦଳୀୟ ବ୍ୟବସ୍ଥା ପ୍ରଚଳିତ ଥିବାରୁ ଆମେରିକା ଗଣତନ୍ତ୍ରରେ ସ୍ଥିରତା ବଜାୟ ରହିଥିବାର ଏଯାବତ୍ ଯେଉଁ ଧାରଣା ବଳବତ୍ତର ରହିଛି, ତାହା ଏବେ ଚାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଏଲନ୍ ମସ୍କଙ୍କ ନୂତନ ରାଜନୈତିକ ଦଳରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ବୈଭବ ତନେଜାଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ସେ ଦଳର ରେକର୍ଡ଼ପତ୍ର ସମ୍ଭାଳିବା ସହ ତାଙ୍କ କାର୍ଯ୍ୟାଳୟ ଟେକ୍ସାସ୍ ଠାରେ ରହିବ ବୋଲି ଜଣାପଡିଛି। ଆମେରିକାରେ ବର୍ଷ ବର୍ଷ ଧରି ରହି ଆସିଥିବା ଦୁଇ ଦଳୀୟ ବ୍ୟବସ୍ଥାର ପରିସମାପ୍ତି ପରେ ତୃତୀୟ ଶକ୍ତିର ଉତ୍ଥାନ ଦେଶବାସୀଙ୍କ ପାଇଁ କେତେଦୂର ଗ୍ରହଣୀୟ ହେଉଛି, ତାହା ଆଗାମୀ ଦିନରେ ହିଁ ସ୍ପଷ୍ଟ ହେବ।

# କୃଷକର ଦୁଃଖ ବୁଝିବ କିଏ ?



ଡ. ନିରଞ୍ଜନ ସାହୁ
ପୂର୍ବତନ ବରିଷ୍ଠ ଅଧିକାରୀ
(ଭାରତୀୟ ପ୍ରଶାସନିକ ସେବା)
ମୋ: ୯୪୩୮୪୮୨୯୧୧

କୃଷକକୁ ଅନ୍ନଦାତା କହି ଆମେ ବାହାବା ନିଅନ୍ତି - କେବେ ପୁଣି ଜୟ ଯବାନ ଜୟ କିଷାନ କହି ତାଙ୍କର ଦେଶ ପାଇଁ ତ୍ୟାଗକୁ ପ୍ରଶଂସା କରନ୍ତି - ହେଲେ ତାଙ୍କର ଦୁଃଖ ଦୂର କରିବା ପାଇଁ ସତରେ କ'ଣ କିଏ ଅଛି ? ପିଲାବେଳେ ଆମେ ମିଳିତ ସ୍ୱରରେ ପଢୁଥିଲେ- 'ଚଷ ଅଛି ଯାହାର, କି ଆନନ୍ଦ ତାହାର, ଚଷୀ ଭାଇ ଯୋଗାଉଛି ଦୁନିଆକୁ ଆହାର।' ସତରେ ଚଷ ଯାହାର ଅଛି ସେ କ'ଣ ଆନନ୍ଦରେ ଅଛି କି ?

ପ୍ରଥମ କଥା ହେଲା ଭାରତୀୟ କୃଷକଙ୍କର ଜମି ସବୁ ଗୋଟିଏ ଜାଗାରେ ନାହିଁ - ପାଞ୍ଚ ଏକ ଜମି ଥିବା କୃଷକ ଜଣକର ଜମି ହୁଏତ ଆଠ ଦଶଟି ଜାଗାରେ ରହିଥାଇପାରେ-ଏହା ଏକ ନିଷ୍ଠୁର ବାସ୍ତବତା। ପୁରୁଷାନୁକ୍ରମେ ଭାଇଭାଗ ଏବଂ ଉତ୍ତରାଧିକାରୀଙ୍କ ଭିତରେ ଜମି ଭାଗ ହୋଇ ଏତେ ଛୋଟ ଛୋଟ କିଆରୀରେ ପରିଣତ ହେଲାଣି ଯେ ତାହା ଚଷୀ ପାଇଁ ଲାଭଜନକ ହୋଇରହୁନାହିଁ। ଜଣେ କୃଷକର ସବୁ ଜମି କନ୍‌ସୋଲିଡ଼େସନ ବା ଚକବନ୍ଦୀ ଜରିଆରେ ଗୋଟିଏ ସ୍ଥାନରେ କରିବାକୁ ଯେଉଁ ଆଇନ ହୋଇଥିଲା ତାହା କାର୍ଯ୍ୟକାରୀ ହେବାରେ ଏତେ ପ୍ରତିବନ୍ଧକ ହେଲା ଯେ ତା'ର ସୁଫଳ ମିଳିଲାନାହିଁ।

ଚଷ ଲାଭପ୍ରଦ ହେଉନଥିବା କଥା ସାଧାରଣରେ ବହୁବାର ଆଲୋଚିତ ହୁଏ ଏବଂ ଏହା ଆଶାନୁରୂପ ଲାଭ ଦେଉନଥିବାରୁ ଅନେକ ଚଷରେ ଆଗ୍ରହୀ ହେଉନାହାନ୍ତି। ବାସ୍ତବ କଥା ହେଲା ଚଷକୁ ଅଧିକ ଲାଭପ୍ରଦ କରିବା ପାଇଁ ଧାନ, ଗହମ ଆଦି କେତେ ଗୋଟି ଫସଲରେ ସରକାରଙ୍କ ତରଫରୁ ବିଭିନ୍ନ ସହଯୋଗ ଯୋଗାଇ ଦିଆଯାଏ - ସରକାର ଏଇ ସହାୟତା ଯୋଗାଇ ଦେଉଥିବାରୁ ଏବଂ ସରକାରଙ୍କ ତରଫରୁ ଧାନ କ୍ରୟ ହେଉଥିବାରୁ ଚଷୀମାନେ ଅଧିକ ପଇସା ପାଇବା କଥା - ମାତ୍ର ଏଇ କିଣାବିକାରେ ଅଦୃଶ୍ୟ ଶକ୍ତିର ହାତ ବଳରେ କିଛି ଟଙ୍କା ହାତଗୁଞ୍ଜା ନ ଦେଲେ ବିକ୍ରୟଲବ୍ଧ ରାଶି ଚଷୀ ଜମାଖାତାକୁ ଯାଏ ନାହିଁ। ସବୁ ସରକାର ଏହି ପ୍ରକ୍ରିୟାରେ ଫେଲ୍ ମାରିଛନ୍ତି - ଏହା ସେମାନଙ୍କର ଅପାରଗତା ନା ଇଚ୍ଛାଶକ୍ତି ଶୂନ୍ୟତା ପାଠକେ ବିଚାର କରିବେ। ସରକାରଙ୍କ ଭିଜିଲାନ୍ସ ବିଭାଗର ଯେ ଦିଗରେ ସମ୍ପୂର୍ଣ୍ଣ ବିଫଳତା ସରକାରଙ୍କ ବିଫଳତା ବୋଲି ବିଚାର କରିବାକୁ ହେବ।

ଜଳସେଚନର ସୁବିଧା ନ ହେଲେ ଚଷୀ କେବେ ବି ଆକାଶକୁ ଭରସା କରି ଚଳିପାରିବ ନାହିଁ। ଆଗାମୀ ଦିନରେ ବୃହତ୍ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ଭୂ-ଅର୍ଜନ ଆଇନ୍ ଓ ପୁନର୍ବାସ

### କଥା ନିରବଧି

ନିୟମର ଜଟିଳତା ଦୃଷ୍ଟିରୁ ଅତ୍ୟନ୍ତ କଷ୍ଟକର ହୋଇପାରେ। ତେଣୁ କ୍ଷୁଦ୍ର ଜଳସେଚନ ଏବଂ ଉଠା ଜଳସେଚନ ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ କରିବା ଦରକାର। ବର୍ଷାଋତୁରେ ନଦୀଜଳ ସବୁ ପ୍ରବାହିତ ହୋଇ ସମୁଦ୍ରକୁ ଚାଲିଯାଉଛି, ତାକୁ ବ୍ୟାରେଜ୍ ଦ୍ୱାରା ସଂଗ୍ରହ ନ କଲେ ସେଥିରୁ ସୁଫଳ ମିଳିବା ଅସମ୍ଭବ।

ଆଗରୁ ହଜାର ହଜାର କୋଟି ଟଙ୍କା ବ୍ୟୟ କରାଯାଇ ଯେଉଁ କେନାଲ ବ୍ୟବସ୍ଥାମାନ ସୃଷ୍ଟି କରାଯାଇଥିଲା, ସେ ଅଞ୍ଚଳରେ ଚଷଜମିକୁ ଘରଡ଼ିହରେ ପରିଣତ କରିବା ପରି ନିଷ୍ପତ୍ତି କିଛିବର୍ଷ ତଳେ ସରକାରୀ ସ୍ତରରେ ନେବା ଫଳରେ ବହୁ ଜଳସେଚିତ ଚଷଜମି ନିଜର ପରିଚୟ ହଜେଇ ଦେଲେ। ସହର ଉପକଣ୍ଠରେ ଥିବା ବହୁ ଜଳସେଚିତ ଚଷଜମି ଉପରେ ଏବେ ଗଢ଼ି ଉଠିଛି ସୁଉଚ୍ଚ ଅଟ୍ଟାଳିକା ଅର୍ଥାତ୍ କୃଷିକୁ ପ୍ରାଥମିକତା ଭାବରେ ଦେଖିବାର ଆଦର୍ଶ ଯେମିତି ଆମେ ଭୁଲିଯାଇଛନ୍ତି।

ଆମର ଜଳ ସମ୍ପଦର ଏକ ବିଶାଳ ଅଂଶ ହେଉଛି ଭୂତଳ ଜଳ। ଆମ ଦେଶରେ ତାମିଲନାଡୁ ଭୂତଳ ଜଳ ବ୍ୟବହାରରେ ସର୍ବାଗ୍ରେ, ମାତ୍ର ଆମ ରାଜ୍ୟର ସ୍ଥିତି ନୈରାଶ୍ୟଜନକ। ଯେତେ ଅଧିକ ଭୂତଳ ଜଳ ଆମେ ଚଷକାର୍ଯ୍ୟରେ ବ୍ୟବହାର କରିବା ଆଉ ଭୂତଳ ଜଳ ସ୍ତର ବୃଦ୍ଧି ପାଇଁ ବିବିଧ ବ୍ୟବସ୍ଥା କରିବା ତାହା ଆମ ପାଇଁ ମଙ୍ଗଳ। ମାତ୍ର ଅଧିକ ପରିମାଣରେ କଂକ୍ରିଟ୍ ଘର ଓ ରାସ୍ତା ନିର୍ମାଣ ଜଳସ୍ତର ବୃଦ୍ଧିର ସବୁଠାରୁ ବଡ଼ କାରଣ ଭାବେ ଉଭା ହୋଇଛି।

ପ୍ରାୟ ତିନିବର୍ଷ ତଳେ ବହୁ ଜାକଜମକରେ କୃଷକଙ୍କ ଆମଦାନୀ ଦୁଇଗୁଣ କରାଯିବାକୁ ବିଶାଳ ବିଜ୍ଞାପନ ସମୃଦ୍ଧ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହାର ଫଳ କ'ଣ ହେଲା ତାହା କାହାରିକୁ ଜଣା ନାହିଁ। ଆମ ରାଜ୍ୟର ବହୁ ଲୋକ ଏବେବି ଚଷକୁ ନିଜର ଆର୍ଥିକ ଅବଲମ୍ବନର ପ୍ରାଥମିକ କାରଣ ଭାବରେ ଦେଖୁଥିବାରୁ ସେମାନଙ୍କୁ ସରକାରମାନେ ଭୋଟ ସଂଖ୍ୟାର ଏକ ବହୁଳାଂଶ ବିଚାରନ୍ତି ଏବଂ ଏହି କ୍ରମରେ ଏହିପରି ବଡ଼ବଡ଼ ଯୋଜନାମାନ ଘୋଷଣା କରାଯାଏ ଯେମିତି କୃଷି କ୍ୟାବିନେଟ୍... ଇତ୍ୟାଦି। ମାତ୍ର ବାସ୍ତବ ସ୍ଥିତି ହେଲା ପର୍ବତର ମୂଷିକ ପ୍ରସବ।

ଆମେ ଯଦି ଦେଶର ଜନସଂଖ୍ୟା ଏବଂ କୃଷି କର୍ମରେ ସେମାନଙ୍କ ନିୟୋଜନକୁ ଲକ୍ଷ୍ୟ କରିବା ତାହେଲେ ଯେଉଁ ଚିତ୍ର ମିଳିବ ତାହା ଆମକୁ ବ୍ୟସ୍ତ କରିବ ନିଶ୍ଚୟ। କାରଣ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ପରି ଉନ୍ନତ ଦେଶର ଲୋକସଂଖ୍ୟାର ମାତ୍ର ଶତକଡ଼ା ଦୁଇରୁ ଛ' ଭାଗ କୃଷି କର୍ମରେ ନିୟୋଜିତ ହୁଅନ୍ତି - ମାତ୍ର ଭାରତ ପରି ବିକାଶଶୀଳ ଦେଶରେ ଏହି ସଂଖ୍ୟା ଆକାଶଛୁଆଁ। ଅବଶ୍ୟ ଗତ କିଛି ବର୍ଷ ଭିତରେ ଭାରତରେ କୃଷି ଯନ୍ତ୍ରପାତିର ବ୍ୟବହାରରେ ବୃଦ୍ଧି ଏବଂ ସର୍ଭିସ ସେକ୍ଟର (ସେବା ପ୍ରଦାନକାରୀ ବ୍ୟବସ୍ଥା)ର ଅଭିବୃଦ୍ଧି ଫଳରେ ଭାରତର ଅର୍ଥନୀତିରେ ଏତେ ସୁଧାର ଆସିଛି। ମାତ୍ର ଭାରତର ଲୋକସଂଖ୍ୟା ଓ ନିୟୋଜନ ଭିତରେ ସନ୍ତୁଳନ ରଖିବା ପାଇଁ ବିଦେଶୀ ମଡ଼େଲକୁ ଗ୍ରହଣ କଲେ ଚଳିବ ନାହିଁ। କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ ହିଁ ଆମର ପ୍ରଥମ ବିକଳ୍ପ - ମାତ୍ର ସେଇ ଦିଗରେ ଆମର ଅଗ୍ରଗତି ନୈରାଶ୍ୟଜନକ। ଝୋଟ ଶିଳ୍ପର ବିପର୍ଯ୍ୟୟ, ହ୍ୟାଣ୍ଡଲୁମ ଶିଳ୍ପର ଅଧୋଗତି, ନଡ଼ିଆକତା ଶିଳ୍ପରେ ତାଲା ସବୁ ସେଇ ଦୁଃସ୍ଥିତିର ସ୍ଥିରଚିତ୍ର।

କିଛି ବର୍ଷ ପୂର୍ବେ ରାଜ୍ୟର କୃଷକ ସଂଗଠନମାନେ ମିଳିତ ହୋଇ ଆନ୍ଦୋଳନ କରିଥିଲେ ଏବଂ ସେମାନଙ୍କର ପେନସନ, କୃଷିଜାତ ପାଇଁ ଉଚିତ ଦର ଏବଂ କୃଷକମାନଙ୍କୁ ସମ୍ମାନ (Price, Pension and Prestige)। ତତ୍କାଳୀନ ସରକାର ସେମାନଙ୍କୁ ରାଜଧାନୀ ଭିତରକୁ ପୂରେଇ ଦେଇନଥିଲେ, ସେମାନଙ୍କ କଥା ଶୁଣିବା ତ ଦୂରର କଥା। ଯେକୌଣସି ଆନ୍ଦୋଳନକାରୀଙ୍କୁ ସରକାରମାନେ ତାଙ୍କର ପ୍ରତିପକ୍ଷ ବୋଲି ବିଚାର କରୁଥିବା ଅତୀବ ଦୁଃଖଦାୟକ କଥା। ସମାଜରେ କୃଷକଙ୍କ ପ୍ରତି ସମ୍ମାନ କେତେ ଅଛି ତାହା କ'ଣ ପ୍ରମାଣ ଦରକାର କରେ ? ଆଜି ଯଦି କୌଣସି ସଂସ୍ଥାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦରକାର ସେଥିପାଇଁ ବହୁ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଦରଖାସ୍ତ କରୁଛନ୍ତି ଏବଂ ସେମାନଙ୍କ ଭିତରୁ ଅନେକ ଅନୈତିକ ଉପାୟରେ ତା' ଭିତରେ ପଶିବାକୁ ବ୍ୟାକୁଳ !

ଭାରତୀୟ ଅର୍ଥନୀତିରେ କୃଷିର ଯୋଗଦାନ କ୍ରମେ କ୍ରମେ କମିକମି ଶତକଡ଼ା କୋଡ଼ିଏରୁ ତଳକୁ ଗଲାଣି ଯଦିଓ ଆମର ବୃହତ୍ ଜନସଂଖ୍ୟାର ପ୍ରାୟ ପଇଁଚାଳିଶ ଭାଗ ଏଥିରେ ନିୟୋଜିତ। ଆମେ ଧାନ ବା ଗହମରେ ସିନା ଆତ୍ମନିର୍ଭରଶୀଳ ହୋଇଛନ୍ତି ମାତ୍ର ଆହୁରି ବହୁତ କୃଷିଜାତ ନିତ୍ୟବ୍ୟବହାର୍ଯ୍ୟ ବସ୍ତୁ ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳ। ଆମର ପଡ଼ୋଶୀ ରାଜ୍ୟ ଉପରେ ସାମାନ୍ୟ ଆଳୁ ପାଇଁ ଆମେ ନିର୍ଭର କରୁଛନ୍ତି ଏବଂ ଆମର ଯଥେଷ୍ଟ ଶୀତଳଭଣ୍ଡାର ନାହିଁ ବୋଲି କାରଣଟି ଖୋଜି ଦାୟିତ୍ୱ ଶେଷ କରିଦେଉଛନ୍ତି। ଏହା ଏକ ଅକ୍ଷମଣୀୟ କାର୍ଯ୍ୟ ବୋଲି ଇତିହାସ କହିବ ନିଃସନ୍ଦେହରେ।

ମହାରାଷ୍ଟ୍ର ପରି ରାଜ୍ୟର କୃଷିର ବ୍ୟୁତ୍ପତ୍ତିରେ ସେଠାକାର ସମବାୟ ଏକ ଉତ୍ପ୍ରେରକର ଭୂମିକା ନେଇଛି - ଆମ ରାଜ୍ୟରେ ସେକଥା ନ କହିଲେ ଭଲ। କେବଳ ଦୋଷଦର୍ଶୀ ନ ହୋଇ ଆମେ କୃଷି ସହିତ ସଂପୃକ୍ତ ଅନ୍ୟାନ୍ୟ ବିଭାଗ ଏବଂ ସଂସ୍ଥାମାନଙ୍କ ଭିତରେ ଭଲ ଯୋଗାଯୋଗ ଆଶା କରିବା। ତା ନ ହେଲେ କେବଳ ପିଏମ୍ କିଷାନ ବା ସି.ଏମ୍ କିଷାନ ପରି ଯୋଜନାରେ କେବଳ କିଛି ଅର୍ଥ ବିତରଣ କରି ରାଷ୍ଟ୍ରର ଦାୟିତ୍ୱର ମୁଖ୍ୟଭାଗ ଶେଷ ହେଲା ଭାବିଲେ ଠିକ୍ ହେବ ନାହିଁ। କେବେ ଭୁଲିବା ନାହିଁ ସ୍ୱଭାବକବି ଗଙ୍ଗାଧରଙ୍କ ଉକ୍ତି 'କୃଷିର ଉନ୍ନତି ହେଲେ ସକଳ ଉନ୍ନତ'। ଏହା ଏକ ସର୍ବକାଳୀନ ସତ୍ୟ।

# ଭାରତରେ ଟିକାକରଣ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ:୯୪୩୭୯୯୪୩୭୯

ଦେଶରେ ଶିଶୁ ଓ ମାତୃ ସୁରକ୍ଷାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଇ ବହୁବିଧ ଯୋଜନା ପ୍ରଣୟନ କରିଥିବାବେଳେ ଶିଶୁ ଟିକାକରଣ ପ୍ରକ୍ରୀୟାରେ ମନ୍ଥରତା ନେଇ 'ଲାନସେଟ'ର ଗବେଷଣାମୂଳକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୩ ସୁଦ୍ଧା ଦେଶରେ ୧୪ଲକ୍ଷ ୪୦ହଜାର ଶିଶୁ କୌଣସି ଗୋଟିଏ ହେଲେ ଟିକା ନେଇ ନାହାଁନ୍ତି। କହିବା ବାହୁଲ୍ୟ ଯେ, ଡିପ୍‌ଥୋରିଆ, ମିଳିମିଳା, ପୋଲିଓ, ଟ୍ୟବରକ୍ୟୁଲୋସିସି, ନିମୋନିଆ ଏବଂ ରୋଟା ଭାଇରସରୁ ଶିଶୁଙ୍କୁ ରକ୍ଷା କରିବା ନିୟମିତ ଟିକାକରଣ କରାଯାଇଥାଏ। ଶିଶୁଙ୍କୁ ଏହି ସବୁ ଦୁରାରୋଗ୍ୟ ରୋଗରୁ ରକ୍ଷା କରିବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ୧୯୭୪ ପରଠାରୁ ଏହି ୬ଟି ରୋଗ ପାଇଁ ନିୟମିତ ଟିକାକରଣ ଉପରେ ଗୁରୁତ୍ୱ ଦେଇ ଆସୁଥିବା ବେଳେ ମହାମାରୀ କୋରୋନା ପରଠାରୁ ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ରରେ ଟିକାକରଣରେ ମନ୍ଥରତା ଲାଗି ରହିଥିବା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ୧୯୮୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ଏହି ରୋଗ ପାଇଁ ଟିକାକରଣ ଦ୍ୱିଗୁଣିତ ହୋଇଥିବାନେଇ 'ଲାନସେଟ' ରିପୋର୍ଟରେ କୁହାଯାଇଛି। କିନ୍ତୁ ଏହି ସମୟ ମଧ୍ୟରେ ଡିପ୍‌ଥେରିଆ, ଟିଟାନସ୍ ଏବଂ ପରଟ୍ୟୁସିସି(ଡିଟିପି) ଟିକାକରଣ ବିଶ୍ୱରେ ପ୍ରାୟ ୭୫ଭାଗ ହ୍ରାସ ପାଇଛି, ଏପରିକି ଶିଶୁମାନେ ପ୍ରଥମ ଡୋଜ ଟିକା ନେଇନାହାଁନ୍ତି। ଏହା ନିସନ୍ଦେହ ଯେ, କୌଣସି ଡୋଜ୍ (ଶୂନ ଡୋଜ) ଟିକା ନେଇନଥିବା ଶିଶୁଙ୍କ ଚିହ୍ନଟ ଟିକାକରଣ କ୍ଷେତ୍ରରେ ଥିବା ଅସମାନତାର ସଂକେତ ପ୍ରଦାନ କରେ। ଦଶନ୍ଧି ଦଶନ୍ଧି ଧରି ଟିକାକରଣ ବୃଦ୍ଧି ପାଇଥିବା ସତ୍ତ୍ୱେ ୨୦୨୩ ସୁଦ୍ଧା ଭାରତରେ ୧୪ଲକ୍ଷ ୪୦ହଜାର ଶିଶୁ କୌଣସି ଟିକା ନେଇନଥିବା ନିଶ୍ଚିତ ଭାବରେ ଉଦ୍‌ବେଗଜନକ। ଲାନସେଟ ରିପୋର୍ଟ ଅନୁଯାୟୀ ଜିରୋ ଡୋଜ୍ ଶିଶୁଙ୍କ ସଂଖ୍ୟାରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୮ଟି ରାଷ୍ଟ୍ରରେ ୫୦ପ୍ରତିଶତ ଅର୍ଥାତ ୧୬ମିଲିଅନ ଶିଶୁ ଏହି ବର୍ଗରେ ଅଛନ୍ତି। ଏହି ୮ଟି ଦେଶ ମଧ୍ୟରେ ଯୁଦ୍ଧ ଲାଗିଥିବା କିମ୍ବା ଟିକାକରଣ କାର୍ଯ୍ୟକ୍ରମ ପାଇଁ ସୀମିତ ସମ୍ବଳ ଥିବା ରାଷ୍ଟ୍ରଗୁଡିକ ଅଛନ୍ତି। ଭାରତରେ ଏହି ଦୁଇଟି ସମସ୍ୟା ନଥିବା ସତ୍ତ୍ୱେ ୧୪ଲକ୍ଷ ୪୦ହଜାର ଶିଶୁ ପ୍ରଥମ ଡୋଜ ଟିକା ନନେବାର କାରଣ ବୁଝାପଡୁନାହିଁ। କହିବା ବାହୁଲ୍ୟ ଯେ, ଭାରତରେ ମହାମାରୀ କୋରୋନା ପରେ ୨୦୨୩ରେ ୨୩ମିଲିଅନ ଶିଶୁ ଜନ୍ମଗ୍ରହଣ କରିଥିଲେ, ଯାହାକି ବିଶ୍ୱରେ ସର୍ବାଧିକ। କିନ୍ତୁ ୨୦୨୪ରେ ଚୀନରେ ୯.୫ ମିଲିଅନ ଶିଶୁ ଜନ୍ମ ଗ୍ରହଣ କରିଥିଲେ, ଯାହାକି ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଇଛି। ଶୂନ ଡୋଜ୍ ଟିକା ନେଇଥିବ ଶିଶୁଙ୍କ ସଂଖ୍ୟା ଚିନ୍ତାଜନକ ଥିବାବେଳେ ୨୦୨୩ରେ ନବଜାତଙ୍କ ସଂଖ୍ୟା ପରିପ୍ରେକ୍ଷୀରେ ଭାରତରେ ଶୂନ ଡୋଜ ଶିଶୁଙ୍କ ସଂଖ୍ୟା ୬.୨ ପ୍ରତିଶତ ବୋଲି ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ୨୦୨୧ରେ ହୋଇଥିବା ଏକ ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ଶୂନ ଡୋଜ ଶିଶୁଙ୍କ ସଂଖ୍ୟା ଦ୍ରୁତବେଗରେ ହ୍ରାସ ପାଇଥିଲା। ୧୯୯୨ ମସିହାରେ ପ୍ରଥମ ଡୋଜ ଟିକା ନେଇନଥିବା ଶିଶୁଙ୍କ ହାର ୩୩.୪ ପ୍ରତିଶତ ଥିବାବେଳେ ୨୦୧୬ରେ ଏହା ହାର ୧୦.୧ ପ୍ରତିଶତକୁ ହ୍ରାସ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମହାମାରୀ କୋରୋନା ପୂର୍ବରୁ ଭାରତରେ ଶୂନଡୋଜ ଶିଶୁଙ୍କ ସଂଖ୍ୟା ୧.୪ ମିଲିଅନ ଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୨.୭ ମିଲିଅନକୁ ବୃଦ୍ଧି ପାଇଥିଲା ଏବଂ ଏହା ୨୦୨୨ରେ ୧.୧ ମିଲିଅନକୁ ହ୍ରାସ ପାଇଥିଲା। କିନ୍ତୁ ୨୦୨୩ରେ ୧.୪୪ ମିଲିଅନକୁ ବୃଦ୍ଧି ପାଇଥିଲା। ଏହି ଅନୁଧ୍ୟାନକାରୀ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶର ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଗୁଜରାଟରେ ଶୂନଡୋଜ ଶିଶୁଙ୍କ ହାର ସର୍ବାଧିକ ଥିବାବେଳେ ପାହାଡିଆ ତଥା ଆଦିବାସୀ ବହୁଳ ରାଜ୍ୟ ମେଘାଳୟ, ନାଗାଲାଣ୍ଡ, ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶରେ ଏହି ହାର ଉଚ୍ଚରେ ରହିଛି। ଏହା ନିସନ୍ଦେହ ଯେ, ଜାତି, ଲିଙ୍ଗ ଏବଂ ସହର-ଗ୍ରାମାଞ୍ଚଳ ଷ୍ଟାଟସ ଆଧାରରେ ଏହି ଶୂନ ଡୋଜ ସଂଖ୍ୟାରେ ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ସେହିପରି ଅତିଗରିବ ଓ ଅଶିକ୍ଷିତ ମା' ଅନୁସୂଚିତ ଜନଜାତି ଏବଂ ମୁସଲିମଙ୍କ ମଧ୍ୟରେ ଏହି ହାର ସର୍ବାଧିକ ରହିଛି । ତେବେ ଆଦିବାସୀ ବହୁଳ ଅଂଚଳ, ସହରାଞ୍ଚଳ ବସ୍ତି ଅଞ୍ଚଳ ଯେଉଁଠାରେ ଗରିବ ପ୍ରବାସୀଙ୍କ ସଂଖ୍ୟା ଅଧିକ ଏବଂ ମୁସଲିମ ପରିବାର ଯେଉଁମାନେ କି ଟିକାକରଣ ପାଇଁ କୁଣ୍ଠିତ, ସେମାନଙ୍କ ପାଇଁ ସର୍ବାଧିକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ଏହା ନିସନ୍ଦେହ ଯେ, ହୁ'ର ୨୦୩୦ ଟିକାକରଣ ଏଜେଣ୍ଡା ପୁରଣ ପାଇଁ ଭାରତ ପାଇଁ କଠିନ ପରିଶ୍ରମ କରିବାକୁ ହେବ। ଏଥିପାଇଁ ଆସନ୍ତା ୫ବର୍ଷ ମଧ୍ୟରେ ଭାରତ ସର୍ବାଧିକ ଗୁରୁତ୍ୱ ଦେଇ ଉଦ୍ୟମ ଜାରି ରଖିବାର ଆବଶ୍ୟକତା ରହିଛି।


# ବାଣୀକଣ୍ଠ ନିମାଇଁ ଚରଣ



ଡ.ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, ମୋ-୯୯୩୭୧୭୨୮୧୦

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଦୀନକୃଷ୍ଣ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ, ବିଦ୍‌ଗଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ପଦ୍ୟଗୁଡ଼ିକୁ ଆଜୀବନ ପ୍ରାଧାନ୍ୟ ଦେଇଥିବା ଏବଂ ଗାଇଥିବା କଣ୍ଠଶିଳ୍ପୀ ହେଉଛନ୍ତି ବାଣୀକଣ୍ଠ ପଦ୍ମଶ୍ରୀ ନିମାଇଁଚରଣ ହରିଚନ୍ଦନ। ସେ ହିଁ ଓଡ଼ିଶାର ପ୍ରଥମ ପେଶାଦାର ଗାୟକ। ଶୈଶବରେ ଆରମ୍ଭ ହୋଇଥିଲା, ତାଙ୍କର ଗାୟକ ଜୀବନ। ନିଜର ଦାଦା ତଥା ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ଥିଲେ, ତାଙ୍କର ପ୍ରଥମ ଗୁରୁ। ଗୋକୁଳଚନ୍ଦ୍ରଙ୍କ ଠାରୁ ହାରମୋନିଅମରେ ଓଡ଼ିଶୀ, ଛାନ୍ଦ, ଜଣାଣ ଆଦି ଶିକ୍ଷା କରିବା ପରେ ଆର୍ତ୍ତବନ୍ଧୁ ପାତ୍ରଙ୍କ ଠାରୁ ସଂଗୀତ ଶିକ୍ଷା କରିଥିଲେ। କଟକର ବିଖ୍ୟାତ ତବଲା ବାଦକ ଜଗମୋହନ ନାୟକଙ୍କର ମଧ୍ୟ ସେ ଶିଷ୍ୟ। ବାଣୀକଣ୍ଠଙ୍କ କଣ୍ଠରୁ ସୁର ସମ୍ପନ୍ନ କରିଥିଲେ କଟକର ହିନ୍ଦୁସ୍ତାନୀ ସଂଗୀତ ଗୁରୁ ମାଧୋ ରାଓ। ଏହିଭଳି କେନ୍ଦ୍ରାପଡ଼ା ଓ କଟକରେ ସଂଗୀତ, ବାଦ୍ୟ-ଯନ୍ତ୍ର ଆଦିରେ ତାଲିମ ନେବା ପରେ ଅଧିକ ବିକାଶ ପାଇଁ କାଲକାତା ଯାଇଥିଲେ। ସେତେବେଳେ କଟକ ବେତାର କେନ୍ଦ୍ର ସ୍ଥାପିତ ହୋଇନଥିଲା। ୧୯୩୪ରେ କାଲକାତା ବେତାର କେନ୍ଦ୍ରରେ ସେ ଗାଇବା ଆରମ୍ଭ କରିଥିଲେ। ତାହା ପୂର୍ବରୁ ହିଜ୍ ମାଷ୍ଟର୍ସ ଗ୍ରାମ୍‌ଫୋନ କମ୍ପାନୀ ପାଇଁ ଅବଶ୍ୟ ଏକାଧିକ ଗୀତ ଗାଇସାରିଥିଲେ। ଏକ ଜମିଦାର ପରିବାରରେ ଜନ୍ମ ହୋଇଥିଲେ ହେଁ ବାଣୀକଣ୍ଠଙ୍କ ଶୈଶବ ଘୋର ଦାରିଦ୍ର୍ୟ ମଧ୍ୟରେ କଟିଥିଲା। ପିତା ରୁଗ୍‌ଣ ଥିଲେ। ଶୈଶବରେ ପାଠ ଛାଡ଼ିବାକୁ ପଡ଼ିଥିଲା। ପରିବାର ଭରଣପୋଷଣ ପାଇଁ ଏକଦା ଯାତ୍ରୀ ପରିବହନ ବ୍ୟବସାୟ କରି ବିପୁଳ କ୍ଷତି ସହିଥିଲେ। କଟକର ପ୍ରତିଷ୍ଠିତ ବ୍ୟକ୍ତି ଡ.ପ୍ରାଣକୃଷ୍ଣ ପରିଜା, ଡ.ଆର୍ତ୍ତବଲ୍ଲଭ ମହାନ୍ତି, ନିତ୍ୟାନନ୍ଦ କାନୁନଗୋ ଆଦିଙ୍କ କନ୍ୟାମାନଙ୍କୁ ଘରୋଇ ଭାବେ ସଂଗୀତ ଶିକ୍ଷା ଦେଇ ସେ ବେତନ ବାବଦକୁ ମାସିକ ଦେଢ଼ ଶହ ଟଙ୍କା ପାଉଥିବା ଜଣାଯାଏ। ବାଣୀକଣ୍ଠଙ୍କ ଭଜନ, ଜଣାଣ, ଛାନ୍ଦ, ଚଉପଦୀ, ଚମ୍ପୂ ଆଦି ଓଡ଼ିଶାରେ ବିଶେଷ ଭାବେ ଲୋକପ୍ରିୟ। ଅଗଣିତ ଓଡ଼ିଆଙ୍କୁ ନିଜର କଣ୍ଠ ଦ୍ୱାରା ମନ୍ତ୍ରମୁଗ୍ଧ କରିରଖିଥିବା କଣ୍ଠଶିଳ୍ପୀ ସେ। ଆଠଗଡ଼ ରାଜ ପରିବାରର ଲକ୍ଷ୍ମୀପ୍ରିୟାଙ୍କୁ ସେ ବିବାହ କରିଥିଲେ। ପୁରୀର ଗଜପତି ମହାରାଜା, ତାଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ପରଠାରୁ ସେ ପୁରୀରେ ସ୍ଥାୟୀ ଭାବେ ବାସ କରିବା ସହ ପ୍ରତି ଦିନ ମନ୍ଦିରରେ ଚାମର ସେବା କରିବା ସହ ଜଣାଣ ଗାଉଥିଲେ। ଶ୍ରୀଜଗନ୍ନାଥଙ୍କ ପାଇଁ ସେ ନିଜେ ଲେଖି ନିଜେ ଗାଇଥିଲେ - ହେ ଜଗନ୍ନାଥ। ତୁମ ବାହାଡୁରେ ମୋତେ ବାହୁଡ଼ାଇ ନିଅ। ତାହା ହିଁ ଘଟିଥିଲା। ୨୦ ଜୁଲାଇ ୧୯୮୩ ବାହୁଡ଼ା ଯାତ୍ରା ବେଳେ ତାଙ୍କର ପରଲୋକ ହୋଇଥିଲା। ସେ ସର୍ବଦା କହୁଥିଲେ ଓଡ଼ିଶୀ ଗୀତ, ଛାନ୍ଦ, ଜଣାଣ, ଭଜନ ଆଦିର ପ୍ରସାର ନ ହେଲେ ଆମେ ନିଜର ସଂସ୍କୃତି ହରାଇବସିବା। ୧୯୦୧ ଜୁଲାଇ ୯ ତାରିଖରେ କେନ୍ଦ୍ରାପଡ଼ାରେ ଜନ୍ମ ହୋଇଥିଲେ ଏହି ମହାନ କଣ୍ଠ ଶିଳ୍ପୀ।

# ମା'ଙ୍କ ନାମରେ ଗୋଟିଏ ଗଛ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ପ୍ରକୃତିରୁ ଆରମ୍ଭ ହୋଇଥିଲା ମାନବ ସମାଜର ଜୀବନଯାତ୍ରା । ପ୍ରକୃତି କୋଳରେ ମୁକ୍ତ ବିହଙ୍ଗ ପରି ବିଚରଣ କରୁଥିଲା ମଣିଷ । ମଣିଷ ପାଲଟିଯାଇଥିଲା ପ୍ରକୃତିର ଉପାସକ। ପ୍ରକୃତିଠୁ ଶିଖୁଥିଲା ଜୀବନର କୌଶଳ ଏବଂ ପ୍ରକୃତିଠୁ ପାଉଥିଲା ବଞ୍ଚିବାର ସଞ୍ଜୀବନୀ । କିନ୍ତୁ ଆଜି ବିଜ୍ଞାନର ମାୟାରେ ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ବଦଳିଯାଇଛି ପରିବେଶ । ବିଜ୍ଞାନ ବଳରେ ମାନବ ଧରାକୁ ସରା ମଣିଲା । ସହରୀକରଣ ନାମରେ ସବୁଜ ବଳୟକୁ ନଷ୍ଟକଲା ମାନବ ।ଦ୍ରୁତ ଶିଳ୍ପାୟନ ପରିବେଶକୁ କଲା ପ୍ରଦୂଷିତ। ଆଧୁନିକ ସଭ୍ୟତା ଜଙ୍ଗଲ ସମ୍ପଦର ଅବକ୍ଷୟର କାରଣ ହୋଇଛି । ଫଳରେ ବିଶ୍ୱ ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ଓ ଏହା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ପରିବେଶ ଅସନ୍ତୁଳନ ପାଇଁ ମୁଖ୍ୟତଃ ଲୋକମାନଙ୍କର ଜୀବନ ଚର୍ଯ୍ୟା ଦାୟୀ। ମାନବ ସମାଜ ଏବେ କ୍ଷଣିକ ସମୟରେ ପରିବେଶରେ ବୁଣିଦେଉଛି ପ୍ରଦୂଷଣର ବିଷମଞ୍ଜି । ପ୍ରଦୂଷିତ ପରିବେଶର ବିଷ ବଳୟରେ ମଣିଷ ଆଜି ଶ୍ୱାସରୁଦ୍ଧ ।

ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ସାରା ବିଶ୍ୱପାଇଁ ଏକ ଆହ୍ୱାନ । ଏହି ପରିପ୍ରେକ୍ଷୀରେ ସବୁଜବଳୟର ସୃଷ୍ଟି ମାନବ ସମାଜ ପାଇଁ ଏକ ରକ୍ଷା କବଚ ତଥା ବରଦାନ ସଦୃଶ । ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ପ୍ରଦୂଷଣ ମୁକ୍ତ ପରିବେଶ ଏକାନ୍ତ ପ୍ରୟୋଜନ । ବିଶୁଦ୍ଧ ପରିବେଶ ସୁସ୍ଥ ଜୀବନଯାପନର ଏକ ମାନଦଣ୍ଡ । ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ପାଳନ କରାଯାଉଛି ବନମହୋତ୍ସବ ସପ୍ତାହ। ଆମ ଜୀବନରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ସହ ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ୧୯୫୦ ମସିହାରୁ ଜୁଲାଇ ପ୍ରଥମ ସପ୍ତାହରେ 'ବନ ମହୋତ୍ସବ ସପ୍ତାହ' ପାଳନ କରାଯାଇ ଆସୁଛି। ବୃକ୍ଷରୋପଣର ଉପକାରିତା ତଥା ବୃକ୍ଷ ରୋପଣ ପ୍ରତି ଶ୍ରଦ୍ଧା ଜନ୍ମାଇବା ବନମହୋତ୍ସବର ପ୍ରଧାନ ଲକ୍ଷ୍ୟ ଅଟେ । ଗତ ଏକ ଦଶନ୍ଧି ହେଲା କେବଳ ଗଛକଟା ଯୋଗୁଁ ଦେଶର ଜଙ୍ଗଲ ପରିମାଣ ୧୬ ପ୍ରତିଶତ କମି ଆସିଛି। ତେଣୁ ପୂର୍ବାପେକ୍ଷା ଏବେ ମାନବିକ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲ ଓ ବୃକ୍ଷରାଜି ପ୍ରତି ଅଧିକ ବିପଦ ରହିଥିବାରୁ ବନ ମହୋତ୍ସବ ପାଳନ ଅନେକ ଗୁରୁତ୍ୱ ବହନ କରୁଛି। ବିଶ୍ୱର ତାପମାତ୍ରା ବୃଦ୍ଧି ରୋକିବା ଓ ପ୍ରଦୂଷଣ ହ୍ରାସ ଦିଗରେ ବୃକ୍ଷରୋପଣ ହିଁ ଶ୍ରେଷ୍ଠ ବିକଳ୍ପ ହୋଇଥିବାରୁ ଏହାକୁ ମହୋତ୍ସବର ଅଂଶବିଶେଷ କରାଯାଇଛି। ବନମହୋତ୍ସବର ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା, ଗଛର ଗୁରୁତ୍ୱ ବିଷୟରେ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଜୀବନର ପର୍ବ ଭାବରେ ବିବେଚନା କରାଯାଉଥିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେଇ ଦେଶ ଏବଂ ପୃଥିବୀ ମାତାକୁ ରକ୍ଷା କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ।ବନ ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ; ଏହା ଏକ ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଏକ କ୍ରାନ୍ତିକାରୀ ଆନ୍ଦୋଳନ।

ମଣିଷ ଯେତେ ଆଧୁନିକ ହେଉଛି ସେତେ ଜଙ୍ଗଲ ନଷ୍ଟ କରୁଛି। ଗଛ କାଟି ଦେଉଛି । ମଣିଷ ନିଜ ସ୍ୱାର୍ଥ ସାଧନ ପାଇଁ ପରିବେଶ ନଷ୍ଟ କରୁଛି ଯାହା ନିଜ ସମାଜପ୍ରତି ବିପଦ ସୃଷ୍ଟି କରୁଛି । ଯାହାର ଫଳ ବି ଆମକୁ ଭୋଗିବାକୁ ପଡୁଛି । ଫଳସ୍ୱରୂପ ପରିବେଶ ପ୍ରଦୂଷଣ,ଅସହନୀୟ ତାପମାତ୍ରା ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ,ଭୂତଳ ଜଳସ୍ତର ନିମ୍ନଗାମୀ, ମୃତ୍ତିକା କ୍ଷୟ, ବୃଷ୍ଟିପାତ ହ୍ରାସ ଓ ଉତ୍ପାଦନ ବ୍ୟାହତ ହେଉଛି । ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ଜୀବଜଗତପାଇଁ ସତର୍କର ଘଣ୍ଟି ବଜାଇ ସାରିଲାଣି । ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମୀ, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢିବଢି ଚାଲିଛି । ସାରା ଦେଶରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହୁଛି ।

ସୁସ୍ଥ ଓ ସ୍ୱଚ୍ଛ ପରିବେଶ ପାଇଁ ଗଛ ଲଗାଇବା ସୁସ୍ଥ ସମାଜ ଗଠନ କରିବା । ବୃକ୍ଷ ମଣିଷର ଔଷଧ ଓ ପ୍ରାଣଶକ୍ତି ଭାବେ କାମକରେ । ପ୍ରକୃତି ମା'ର ସୁରକ୍ଷା ସମସ୍ତ ମାନବଜାତି ପାଇଁ ଆଜି ଏକ ଆହ୍ୱାନ ପାଲଟିଛି । ବୃକ୍ଷ ତା'ର ଜୀବନକାଳ ମଧ୍ୟରେ ମଣିଷର ଅନ୍ତୁଡ଼ିଶାଳରୁ ମଶାଣି ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଏକ ଅନ୍ତରଙ୍ଗ ବନ୍ଧୁ ପରି ପାଖେ ପାଖେ ରହି ସେବା ଯୋଗାଇ ଆସିଥାଏ। କଥାରେ ଅଛି ବିପଦର ବନ୍ଧୁ ପ୍ରକୃତ ବନ୍ଧୁ। ଠିକ୍ ଗଛ ବିପଦର ବନ୍ଧୁ ପରି ସମସ୍ତ ବିପଦ ଆପଦରେ ମଣିଷ ପାଖରେ ଠିଆ ହୋଇଥାଏ। ପ୍ରକୃତି ଆମର ମା'। ତା' ପ୍ରତି ମଧ୍ୟ ଆମର କର୍ତ୍ତବ୍ୟ ରହିଛି। ଗଛଟିଏ ଲଗାଇଲେ ଏହା କେବଳ ପ୍ରକୃତି ପାଇଁ ଫଳପ୍ରଦ ହେବନି, ଏକ ସୁସ୍ଥ ଜୀବନ ବଞ୍ଚିବାରେ ଆମକୁ ହିଁ ସାହା ହେବ। ତେଣୁ ଅନ୍ତତଃ ବର୍ଷକୁ ଗୋଟେ ଗଛ ଲଗାଇବା ସହ ତା'ର ଯତ୍ନନେବା ଆମର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ୍। ଚାରିପାଖରେ ସବୁଜିମା ଥିଲେ ଏହା ବାୟୁର ଗୁଣବତ୍ତା ଉନ୍ନତ କରେ, ତାପମାତ୍ରା ହ୍ରାସ କରେ, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ, ସୌନ୍ଦର୍ଯ୍ୟକରଣକୁ ବୃଦ୍ଧି କରେ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରେ। ଏବେ ଆମେ ଯେଉଁ କ୍ଷତି କରିଛୁ ତାହାକୁ ଫେରାଇ ଆଣିବା ଏବଂ ପରିବେଶଗତ ସନ୍ତୁଳନକୁ ପୁନଃସ୍ଥାପିତ କରିବା ପାଇଁ, ସର୍ବୋତ୍ତମ ଉପାୟ ହେଉଛି ଗଛ ଲଗାଇବା ଏବଂ ଧରାପୃଷ୍ଠରେ ଥିବା ଜଙ୍ଗଲକୁ ବଞ୍ଚାଇବା।

ପ୍ରଧାନମନ୍ତ୍ରୀ ମା'ଙ୍କ ନାମରେ ଗୋଟିଏ ଗଛ ୨.୦" ଅଭିଯାନ ଆରମ୍ଭ କରିଛନ୍ତି । ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଏଥିରେ ୧୦ କୋଟି ଗଛ ଲଗାଯିବାପାଇଁ ଯୋଜନା କରାଯାଇଛି । ମା' ଭଳି ବୃକ୍ଷ ମଧ୍ୟ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଯେପରି ମାଆ ତାଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି, ସେହିପରି ଆମେ ମଧ୍ୟ ବଞ୍ଚିବା ପାଇଁ ଏହି ଚାରାଗୁଡ଼ିକର ଯତ୍ନ ନେବା। ଯେହେତୁ ଗଛଗୁଡ଼ିକ ପରିସଂସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ତେଣୁ ଗଛଗୁଡ଼ିକୁ ସଂରକ୍ଷଣ କରିବା ଏବଂ ଏକ ସୁସ୍ଥ, ପ୍ରଦୂଷଣମୁକ୍ତ ପରିବେଶକୁ ପ୍ରୋତ୍ସାହିତ କରିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ। ମା'ଙ୍କ ନାମରେ ଗୋଟିଏ ଗଛ' ଏହାର ଉଦ୍ଦେଶ୍ୟ ହେଉଛି ପୃଥିବୀ ମାତାକୁ ବନ୍ୟା, ବାତ୍ୟା, ଉତ୍ତାପ ଆଦି କବଳରୁ ରକ୍ଷା କରିବା । ସବୁଜ ଭାରତ ଗଠନ ଲକ୍ଷ୍ୟନେଇ ପ୍ରତ୍ୟେକ ନାଗରିକ ନିଜ ମା'ଙ୍କ ନାମରେ ଗଛ ଲଗାଇବାକୁ ପଡିବ ।ଏହି ବର୍ଷର ସ୍ଲୋଗାନ ହେଉଛି 'ଗୋଟିଏ ଗଛ ଲଗାନ୍ତୁ, ଆମର ଭବିଷ୍ୟତ ସୁରକ୍ଷିତ କରନ୍ତୁ'। 'ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ, ଏଣୁ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ'।

ପ୍ରକୃତି ଓ ପରିବେଶକୁ ନଷ୍ଟ କଲେ ମଣିଷ ତା'ର ଅସ୍ତିତ୍ୱ ହରାଇବସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମୟ ଆସିବ ସାରାବିଶ୍ୱ ଦିନେ ପ୍ରାକୃତିକ ବିପର୍ଯ୍ୟୟରେ ଅତିଷ୍ଠ ହେବାକୁ ଲାଗିବ । ତେଣୁ ବେଳ ଥାଉ ଥାଉ ପରିବେଶର ଯତ୍ନ ନେବାକୁ ପଡିବ। ଆଧୁନିକ ଜୀବନଶୈଳୀ ତଥା ବିଜ୍ଞାନର ମାୟାରେ ବାଟବଣା ନହୋଇ ପରିବେଶ ଓ ପ୍ରକୃତିର ଅବକ୍ଷୟ ପ୍ରତି ସଚେତନ ହେବା ଯାହା ଫଳରେ ଉଭୟ ଜୀବନ ସୁସ୍ଥ ଓ ସୁନ୍ଦର ହୋଇପାରିବ । ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଗଛର ସୁରକ୍ଷା ହେଉଛି ସଭ୍ୟତା ଓ ସଂସ୍କୃତିର ସୁରକ୍ଷା । ତେଣୁ ପରିବାରର ସଦସ୍ୟ ପରି ଗଛର ଯତ୍ନ ନେବା ସହିତ ଭବିଷ୍ୟତ ପିଢି ପାଇଁ ଏକ ସୁସ୍ଥ ସୁନ୍ଦର ସବୁଜ ପରିବେଶ ସୃଷ୍ଟି କରିବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ ।




ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଓ ଛତ୍ରପୁର ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନା ଚକ୍ର ଓ ଶ୍ରୀଜଗନ୍ନାଥ ଆଧାରିତ କବିତା ପାଠୋତ୍ସବ ମହାବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଆଲୋଚନା ଚକ୍ରରେ ପୌରୋହିତ୍ୟ କରି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଆଲୋଚକ ରୂପେ ଉପ-ନିର୍ଦ୍ଦେଶକ ଡ.କୁଳମଣି ଓଝା ଶ୍ରୀଜଗନ୍ନାଥଙ୍କ ଉଦ୍ଭବ, ମାନବୀୟ ଲୀଳା ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦାର ମାନବବାଦ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ । ଆଲୋଚନା ଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପ୍ରାକ୍ତନ ପ୍ରଫେସର୍ ଡ. ଭି ରାଜେନ୍ଦ୍ର ରାଜୁ, ସୃଜନୀ ସାହିତ୍ୟ ସଂସଦ ସଭାପତି ପ୍ରଶାନ୍ତ କୁମାର ଶତପଥୀ ଓ ଛତ୍ରପୁର ସାହିତ୍ୟ ସଂସଦ ସଂପାଦକ ଦିଲୀପ କୁମାର ପଲେଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସ୍ନାତକୋତ୍ତର ଓଡ଼ିଆ ବିଭାଗ ଭାରପ୍ରାପ୍ତ ମୁଖ୍ୟ ଡ.ଶାନ୍ତିଲତା ବେହେରା ପ୍ରାକ୍-ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଭ୍ୟନ୍ତରୀଣ ଗୁଣବତ୍ତା ପ୍ରମାଣନ ପ୍ରକୋଷ୍ଠ ନିର୍ବାହୀ ଅଧିକାରୀ ଡ. ଶୁଚିସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପ ଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ସୌନ୍ଦର୍ଯ୍ୟକରଣ ଲୋକାର୍ପିତ



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପାରାଦୀପ ଗଡ ପଞ୍ଚାୟତ କାର୍ଯ୍ୟାଳୟ ସୌନ୍ଦର୍ଯ୍ୟ କରଣର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ଏକ ବୃହତ୍ ଗ୍ରାମ ପଞ୍ଚାୟତ ପାରାଦୀପଗଡ ଗ୍ରାମ ପଞ୍ଚାୟତ । ୧୧ ଗୋଟି ରାଜସ୍ୱ ଗ୍ରାମରେ ୫୦ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି । ୧୯୫୭ ମସିହା ଠାରୁ ପାରାଦୀପ ଗଡରେ ପଞ୍ଚାୟତ କାର୍ଯ୍ୟାଳୟ ଥିବାବେଳେ ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗ ନଥିଲା । ଦ୍ୱିତୀୟ ବାର ସରପଞ୍ଚ ଭାବେ ସସ୍ମିତା ବେହେରା ନିର୍ବାଚିତ ହେବା ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ସୌନ୍ଦର୍ଯ୍ୟ କରଣ କରିବା ସହିତ ପଞ୍ଚାୟତରେ କିପରି ଭାବେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ ସେ ଦିଗରେ ତୁରନ୍ତ ପଦକ୍ଷେପ ନେଇଥିଲେ । ଏବେ ପଞ୍ଚାୟତ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ସମାପ୍ତ ପରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି । ଏବେ ପଞ୍ଚାୟତରେ ସର୍ବସାଧାରଣଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ ବୋଲି ସରପଞ୍ଚ ଶ୍ରୀମତୀ ବେହେରା ପ୍ରକାଶ କରିଛନ୍ତି । ପଞ୍ଚାୟତର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ପଡିବ ତୁରନ୍ତ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲ୍ଲିପ କୁମାର ବେହେରା, ବିଜେପି ଜିଲ୍ଲା ସମ୍ପାଦକ ତପନ ତ୍ରିପାଠୀ, ଏମ. ବି. କେ. କଞ୍ଚନ ମହାପାତ୍ର, ଚନ୍ଦ୍ର ଶେଖର ଚୌଧୁରୀ, ଦେବ ଦୁଲ୍ଲଭ କର, ଅଲେଖ ମହାରଥ, ସତ୍ୟ ନାରାୟଣ ମହାପାତ୍ର, ଅନନ୍ତ ବିଶ୍ୱାଳ, ସଂଗ୍ରାମ ବେହେରା, ଜୟନ୍ତ ସେନାପତି, ସୁଭସ୍ମିତା ମଙ୍ଗରାଜ, ମିଲି ମଲ୍ଲିକ, ରେବତୀ ସ୍ୱାଇଁ, ବିଚିତ୍ର ପ୍ରଧାନ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲ ।

# ମହାବେରଣା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କ ଦବଙ୍ଗଗିରି



ବାଙ୍କୀ(ଭାସ୍କର ନ୍ୟୁଜ): ଅଣ୍ଡା ଝୋଳ ପରିବର୍ତ୍ତେ ପିଲାଙ୍କୁ ମୁଣ୍ଡୁଛି ସିଝା ଅଣ୍ଡା । ଖବର ସଂଗ୍ରହ ପାଇଁ ପହଞ୍ଚ ଥିଲେ ସ୍କୁଲ ପରିସରରେ ସାମ୍ବାଦିକ । ଭିଡିଓ ଉତ୍ତୋଳନକୁ ବାରଣ କରିବା ସହିତ ଖବରଦାତାକୁ ମିଳୁଛି ଥାନା ଧମକ । ଏଭଳି ପିଲାଙ୍କ ଖାଦ୍ୟ ପାଇଁ ଆସୁଥିବା ଅର୍ଥ ଲୁଟ୍‌ରେ ଲାଗି ପଡିଛନ୍ତି ବାଙ୍କୀ ପଥୁରୀପଡା ମହାବେରଣା ଶିକ୍ଷାନୁଷ୍ଠାନ ମଧ୍ୟାହ୍ନ ଭୋଜନର ନିୟୋଜିତ ଶିକ୍ଷୟିତ୍ରୀ ଓ ଖୋଦ ପ୍ରଧାନ ଶିକ୍ଷକ । ସ୍କୁଲରେ କେଉଁଭଳି ପିଲାଙ୍କୁ ମିଡ୍‌ମିଲ ଯୋଗାଇ ଦିଆଯଉଛି ସେ ନେଇ ତନଖି କରିବା ପାଇଁ ପଥୁରୀପଡା ମହାବେରଣା ଶିକ୍ଷାନୁଷ୍ଠାନରେ ପହଞ୍ଚି ଥିଲେ ସାମ୍ବାଦିକ ମୃତ୍ୟୁଞ୍ଜୟ ପ୍ରଧାନ । କିଛି ପିଲାଙ୍କୁ ଝୋଳ ସହିତ ଅଣ୍ଡା ଦିଆଯାଇଛି, ଆଉ କିଛି ପିଲାଙ୍କୁ ଖାଲି ଅଣ୍ଡା ସିଝା ଦିଆଯାଇଛି । ଯାହାର ଭିଡିଓ ମୋବାଇଲରେ କଏଦ ହୋଇଛି । ସେପଟେ ସାମ୍ବାଦିକ ଭିଡିଓ ଉତ୍ତୋଳନ ଦେଖି ଦିଦି ହଡବଡ ହୋଇ ଅଣ୍ଡା ଝୋଳ ବାଲ୍ଟି ଟିଙ୍କୁ ଦେଇଥିଲେ ଲୁଚାଇ । ଶେଷରେ ଦିଦିର ଉଗ୍ରରୂପ ଦେଖିବାକୁ ମିଳିଥିଲା । କାହିଁକି ସ୍କୁଲ ହତା ମଧ୍ୟକୁ ବିନା ଅନୁମତିରେ ପ୍ରବେଶ କଲ କହି ଦେଲେ କୁଆଡେ ଥାନାର ଧମକ । ଏବେ ପିଲାଙ୍କ ନାମରେ ଆସୁଥିବା ମିଡେ ମିଲ ଖର୍ଚ୍ଚକୁ ବିଭିନ୍ନ ପ୍ରକାରରେ ଲୁଟି ଚାଲିଛନ୍ତି ଏଠାକାର ମିଡେ ମିଲ ଦାଇତ୍ୱରେ ରହିଥିବା ଶିକ୍ଷୟିତ୍ରୀ ଓ ଖୋଦ ପ୍ରଧାନ ଶିକ୍ଷକ । ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ ସାଙ୍ଗକୁ ଘଟଣା ସମ୍ପୃକ୍ତ ଦିଦି ଓ ପ୍ରଧାନ ଶିକ୍ଷକ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ଦାବି ଜୋର ଧରିଲା ।

# ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଡ୍ରାଇଭର ଏକତା ମଞ୍ଚ ଜରିଆରେ ଓଡିଶା ଡ୍ରାଇଭର ମହାସଂଘ ତରଫରୁ ସାତ ଦଫା ଦାବି ନେଇ ସାରା ଓଡିଶାରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। ଏହାକୁ ନେଇ ଉତ୍ତର ବାଲେଶ୍ୱରର ଜଳେଶ୍ୱର, ବସ୍ତା ବାଲିଆପାଳ ଓ ଭୋଗରାଇ ବ୍ଲକର ଶତାଧିକ ଡ୍ରାଇଭର ୬୦ ନମ୍ବର ଜାତୀୟ ରାଜପଥର ଭେଲୋରା ନିକଟରେ ଧାରଣାରେ ବସିଛନ୍ତି। ୭ ଦଫା ଦାବିଗୁଡ଼ିକ ହେଉଛି:- ସରକାରଙ୍କ ୱେଲଫେୟାର ବୋର୍ଡରେ ଡ୍ରାଇଭରଙ୍କୁ ସାମିଲ କରିବା ଓ ଡ୍ରାଇଭରଙ୍କ ଖାକୀ ବର୍ଦ୍ଦିକୁ ବାଧ୍ୟତା କରାଯାଉ। ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଉ, ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡିଗୁଡ଼ିକ ପାର୍କିଂ ଏବଂ ଡ୍ରାଇଭରଙ୍କ ବିଶ୍ରାମ ନେବା ପାଇଁ ପାର୍କିଂ ସହିତ ବିଶ୍ରମାଗର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କିମି ଅନ୍ତରରେ କରାଯାଉ, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନାରେ ଶତକଡା ୭୦ ଭାଗ ଓଡ଼ିଶାର ଡ୍ରାଇଭରଙ୍କୁ କାମ କରିବା ପାଇଁ ଆଗ୍ରାଧୂକାର ଦିଆଯାଉ, ସେପଟ୍ମେର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ, ଗାଡ଼ିର କାଗଜପତ୍ର ଯାଞ୍ଚ କରିବାର କ୍ଷମତାକୁ ପୋଲିସ ବିଭାଗକୁ ଦିଆ ନଯାଉ ଆଦି ସାତ ଦଫା ଦାବି ନେଇ ଆନ୍ଦୋଳନ କରିବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିବାର ଚେତାବନୀ ଦେଇଛି ସଂଘ।

# ଦାବି ପୂରଣ ପାଇଁ ଚୌଦ୍ୱାର ଡ୍ରାଇଭର ସଂଘର ଧାରଣା



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଓଡିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ ଡାକରାରେ ରାଜ୍ୟ ବ୍ୟାପି ଡ୍ରାଇଭର ମହାସଂଘ ପକ୍ଷରୁ ଆରମ୍ଭ କରାଯାଇଥିବା ଷ୍ଟିଅରିଙ୍ଗ ଛାଡ ଆନ୍ଦୋଳନରେ ସାମିଲ ହୋଇଛି ଚୌଦ୍ୱାର ଡ୍ରାଇଭର ମହାସଂଘ । ମଙ୍ଗଳବାର ସଂଘର କର୍ମକର୍ତ୍ତା ମାନେ ଚୌଦ୍ୱାର ଧୁମାବତୀ ଛକ ନିକଟରେ ଥିବା କର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୁର୍ଣ୍ଣ ଧାରଣାରେ ବସିଥିଲେ । ସଂଘର ନ୍ୟାର୍ଯ୍ୟଦାବି ଲେଖାଥିବା ପ୍ଲାକାର୍ଡ ହାତରେ ଧରି ସକାଳ ୮ଟାରୁ ଧାରଣା ଆରମ୍ଭ କରାଯାଇଥିଲା । ଚୌଦ୍ୱାର ଡ୍ରାଇଭର ମହାସଂଘର ସଭାପତି ଆଲ୍ଲାଉଦ୍ଦିନ ମାଲ୍ଲିକଙ୍କ କହିବାନୁଯାୟୀ ପୁର୍ବ ସରକାର ସମୟରେ ଆମେ ୧୦ଦଫା ଦାବି ନେଇ ବହୁବାର ସରକାରଙ୍କ ନିକଟରେ ଦାବି କରିଆସିଥିଲୁ । ସେଥି ଭିତରୁ ମାତ୍ର ଗୋଟିଏ ଦାବି ସରକାର ପୂରଣ କରିବା ସହ ଆଗାମୀ ଦାବି ଉପରେ ଯଥାଶିଘ୍ର ବିଚାର କରାଯିବ ବୋଲି ପ୍ରତିଶୃତି ମିଳିଥିଲା । ହେଲେ ନୁତନ ସରକାର ଆସିବାର ୧ବର୍ଷ ବିତିଯାଇଥିଲେ ସୁଦ୍ଧା ଦାବି ଉପରେ କୌଣସି ବିଚାର ବିମର୍ଶ କରାଯାଉନାହିଁ । ଦାବି ଗୁଡିକ ମଧ୍ୟରେ ମୁଖ୍ୟତ ଅଟୋଚାଳକଙ୍କୁ ୱେଲଫେୟାର ବୋର୍ଡରେ ସାମିଲ, ସେପ୍ଟେମ୍ବର ମାସକୁ ଜାତୀୟ ଡ୍ରାଇଭର ଦିବସ ଭାବେ ପାଳନ, ୬୦ବର୍ଷ ପରେ ଡ୍ରାଇଭରଙ୍କୁ ସରକାରୀ ସହାୟତା ପ୍ରଦାନ ସହ ଡ୍ରାଇଭରଙ୍କୁ ସୁରକ୍ଷା, ପାର୍କିଂ ସୁବିଧା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଆଦି ପ୍ରଦାନ କରିବା । ଦେଶର ଅର୍ଥନିତିକୁ ଆଗେଇ ନେଉଥିବା ଡ୍ରାଇଭର ଆଜି ରାଜରାସ୍ତାରେ ବସିଛନ୍ତି ତୁରନ୍ତ ସରକାର ଏହାର ବିଚାର କରିବା ପାଇଁ ଧାରଣାରେ ନେତୃତ୍ୱ ନେଇଥିବା ଅନାମ ଚରଣ ଦାସ, କାହ୍ନୁ ରାଉତ, ପ୍ରଦୀପ ପ୍ରଧାନ, ବିଭୂତି ଭୁଷଣ ସାହୁଙ୍କ ସମେତ ଶତାଧିକ ଧାରଣାକାରୀ ମାନେ ପ୍ରକାଶ କରିଥିଲେ ।

# ଦୁର୍ଘଟଣାରେ ପୋଲିସ ଇନ୍ସପେକ୍ଟରଙ୍କ ପୁଅର ଦେହାନ୍ତ

ନିମାପଡ଼ା(ଭାସ୍କର ନ୍ୟୁଜ୍): ଜନ୍ମଦିନ ପାଳିବା ମହଙ୍ଗା ସାବ୍ୟସ୍ତ ହୋଇଛି । ଦୁର୍ଘଟଣାରେ ପୋଲିସ ଇନ୍ସପେକ୍ଟରଙ୍କ ପୁଅର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏପରି ଦୁଃଖଦ ଖବର ଶୁଣିବା ମାତ୍ରେ ବହୁ ବ୍ୟକ୍ତି ମୃତକଙ୍କ ବାସଭବନରେ ଶେଷ ଦର୍ଶନ କରିଛନ୍ତି । ସୂଚନା ଅନୁଯାୟୀ, ନିମାପଡ଼ା ବିଜ୍ଞାପିତ ଅଚଂଳ ପରିଷଦ ନିମାପଡ଼ା-ବାଲିପାଟଣା ରାସ୍ତା ଓମ୍‌ଫେଡ୍ ଛକ ନିକଟରେ କାର୍ଯ୍ୟରତ ଇନ୍ସପେକ୍ଟର ବିଚିତ୍ରାନନ୍ଦ ପରିଡ଼ାଙ୍କର ନିଜସ୍ୱ ଘର ରହିଥିବା ବେଳେ ଗତ ସୋମବାର ତାଙ୍କ ପୁଅ ସୌମ୍ୟ ରଂଜନ ପରିଡ଼ା (୩୦)ଙ୍କର ଜନ୍ମଦିନ ହୋଇଥିବାରୁ ସ୍ଥାନୀୟ ଏକ ମଣ୍ଡପରେ ରାତ୍ର ସମୟରେ ସାଙ୍ଗସାଥୀଙ୍କ ମେଳରେ କେକ୍ କାଟି ଜନ୍ମଦିନ ପାଳନ କରି ସୌମ୍ୟ ରଂଜନ ଓଲା ସ୍କୁଟିରେ ରାତ୍ର ୧୨ଟରେ ଘରକୁ ଫେରୁଥିବା ବେଳେ ଘର ନିକଟରେ ପହଞ୍ଚିବା ପୂର୍ବରୁ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ଦ୍ରୁତ ବେଗରେ ଆସି ଧକ୍କା ଦେଇ ପଳାଇ ଥିଲା । ଶବ୍ଦ ଶୁଣି ପରିବାର ଲୋକେ ଓ ସ୍ଥାନୀୟ ଲୋକମାନେ ଦେଖିଲେ ସୌମ୍ୟ ରଂଜନ ରାସ୍ତାରେ ପଡ଼ିଛନ୍ତି । ଗୁରୁତର ଅବସ୍ଥାରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଥିଲା । ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବକୁ ଜବତ କରିଥିବା ବେଳେ ସୌମ୍ୟ ରଂଜନଙ୍କ ବଡ଼ଭାଇ ରଶ୍ମି ରଂଜନ ପରିଡ଼ାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ଶବ ବ୍ୟବଚ୍ଛେଦ ପରେ ଶବ ସଂସ୍କାର କରାଯାଇଛି । ଏପରି ଦୁଃଖଦ ଘଟଣାକୁ ନେଇ ମୃତକଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ।

# ପୁରୀ ରଥଯାତ୍ରା ଓ ବାହୁଡ଼ାଯାତ୍ରା ଭକ୍ତଙ୍କୁ ଇଫଂକୋର ସହାୟତା



ପାରାଦୀପ(ଭାସ୍କର ନ୍ୟୁଜ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଓ ବାହୁଡ଼ାଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁବିଧା ନିମନ୍ତେ ଇଫଂକୋ ପାରାଦୀପ ୟୁନିଟ ପୁରୀର ସେଣ୍ଟର ଫର ଆକ୍ସନ ମିଳିତ ସହଯୋଗରେ ଚିରାଚରିତ ପ୍ରଥାରେ ଜନସେବା କରି ସାଧାରଣରେ ଶୁଖିଲା ଖାଦ୍ୟ, ପାଣି ବୋତଲ ଯୋଗାଣ ଓ ଦର୍ଶନ ପାଇଁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିଲା । ସେହିପରି ଇଫଂକୋ ପକ୍ଷରୁ ଠାକୁରଙ୍କ ସୁଗମ ଦର୍ଶନ ପାଇଁ ବୟସ୍କ ଓ ଶାରୀରିକ ଅକ୍ଷମ ବ୍ୟକ୍ତି ମାନଙ୍କ ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ର ବ୍ୟବସ୍ଥା କରାଯାଇଥିଲା । ଚଳିତ ରଥଯାତ୍ରା ଉତ୍ସବରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ ପାଇଁ ଇଫଂକୋ ପକ୍ଷରୁ ପୁରୀ ପ୍ରଶାସନକୁ ରୋଡ଼ ବାରିକେଡ଼ ଯୋଗାଇ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଇଫଂକୋ ପାରାଦୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ଡ଼ଃ.ପ୍ରସନ୍ନ କୁମାର ବେଉରା, ପୁରୀର ବିଶ୍ୱବସୁ ଦଇତାପତି ବିନାୟକ ଦାସ ମହାପାତ୍ର, ଦଇତାପତି ଅନାଥ ଦାସ ମହାପାତ୍ର, ସଂଗ୍ରାମ କେଶରୀ ମିଶ୍ର, ମାଧବ ସାହୁ, ମନୋଜ କୁମାର ସାହାଣୀ ମନୋଜ କୁମାର ମହାପାତ୍ର ସଫଳତାର ସହ ପରିଚାଳନା କରିଥିଲେ । ସୂଚନାଥାଉ କି ଇଫଂକୋ ପ୍ରତିବର୍ଷ ପୁରୀ ରଥଯାତ୍ରାରେ ସକ୍ରିୟ ଭାବେ ସହଯୋଗ ଓ ସେବା କାର୍ଯ୍ୟ କରିଆସୁଅଛି । ତେବେ ଇଫଂକୋର ଏପରି ମହତ ସେବା କାର୍ଯ୍ୟ ପାଇଁ ପୁରୀର ସେବାୟତ ସମାଜ ଇଫଂକୋ ପରିଚାଳନା ନିର୍ଦ୍ଦେଶକ ଡ଼ଃ.ୟୁ.ଏସ. ଅୱସ୍ତି, ବୈଷୟିକ ନିର୍ଦ୍ଦେଶକ କେ.ଜେ.ପଟେଲ, ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏବଂ ଏଚଆର ଉପ ମହାପ୍ରବନ୍ଧକ ବି.କେ.ପରିଡାଙ୍କ ନିରବଛିନ୍ନ ସହଯୋଗକୁ ଉଚ୍ଚପ୍ରଶଂସା କରିଛନ୍ତି ।

# ଝାଡେଶ୍ୱର ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



ବ୍ୟାସନଗର(ଭାସ୍କର ନ୍ୟୁଜ): ଦାନଗଦୀ ବ୍ଲକ ଟୋଲକାନୀସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ଦ୍ୱାରା ନିଯୁକ୍ତ ପିଜିଟି ଅଧ୍ୟାପକ/ଅଧ୍ୟାପିକାଙ୍କୁ ସ୍ୱାଗତ କରାଯାଇଛି । ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ଉତ୍ସବରେ ଅଧ୍ୟାପକ ଡ. କ୍ଷିରୋଦ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ, ଅଧ୍ୟାପକ ରଞ୍ଜନ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ସୁନାମକୁ ବଜାୟ ରଖିବା ପାଇଁ ସମସ୍ତେ ଏକ ମନ ଓ ଏକ ପ୍ରାଣ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ଡ. ପଣ୍ଡା ନିଜର ବକ୍ତବ୍ୟରେ ସମସ୍ତେ ଶୃଙ୍ଖଳିତ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟ ପରାୟଣ, ଉଚ୍ଚମାନର ଶିକ୍ଷାଦାନ ତଥା ମାର୍ଜିତ ଓ ରୁଚି ସମ୍ପନ୍ନ ବ୍ୟବହାର ମାଧ୍ୟମରେ ଛାତ୍ରଛାତ୍ରୀ ତଥା ଏ ଅଞ୍ଚଳର ପ୍ରଶଂସିତ ହୋଇ ଏ ଅନୁଷ୍ଠାନର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ତୋଫାନ କୁମାର ଜେନା, ଖଗେଶ ଜେନା, ରଞ୍ଜନ କୁମାର ଖଣ୍ଡା, ପାରିଜାତ ମହାନ୍ତି, ଶ୍ରୀମନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅଧ୍ୟକ୍ଷ ଡ. ପଣ୍ଡା ନୂତନ ଭାବେ ନିଯୁକ୍ତି ପାଇଥିବା ଅଧ୍ୟାପକ ଅମର ସେଠୀ, ମୁନା ନାୟକ, ଅଭୟ କୁମାର ସାହୁ, କଲ୍ୟାଣୀ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ପ୍ରମୁଖଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା । ଅଧ୍ୟାପକ ଖଗେଶ କୁମାର ଜେନା ପ୍ରଭୁ ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ । ଶେଷରେ ଅଧ୍ୟାପକ ଗୋବର୍ଦ୍ଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଆରମ୍ଭ



ଫୁଲନଖରା(ଭାସ୍କର ନ୍ୟୁଜ): ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୮ରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ୭ ଦଫା ଦାବି ନେଇ ଆନ୍ଦୋଳନ କରାଯାଇଅଛି । ଏହି ପରିପ୍ରେକ୍ଷୀରେ କଟକ ସଦର ଥାନା ଅନ୍ତର୍ଗତ କଟକ ଗୋପାଳପୁର ନିକଟରେ ୨୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଆଜି ସକାଳ ୯ରୁ ଆନ୍ଦୋଳନରେ ବସିଥିବା ଦେଖିବାକୁ ମିଳିଛି । ତାଙ୍କର ଦାବି ହେଲା ଓଡ଼ିଶା ମୋଟର ଟ୍ରାନ୍ସଫର ଡ୍ରାଇଭର୍ ଓ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯାଉ, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କୁ ସୁରକ୍ଷା ପ୍ରଦାନ କରାଯାଉ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସରୁ ଉର୍ଦ୍ଧ୍ୱ ହେଲା ପରେ ଭତ୍ତା ପ୍ରଦାନ କରିବାକୁ ଦାବି, ବହୁ ଦୂରଦୂରାନ୍ତରକୁ ଗାଡ଼ି ନେଇ ଯାଉଥିବା ଡ୍ରାଇଭରଙ୍କୁ ଗାଡ଼ି ପାର୍କିଂ ଓ ଡ୍ରାଇଭର ବିଶ୍ରାମଗାର ପାଇଁ ସ୍ୱତନ୍ତ୍ର ଦୃଷ୍ଟି, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ମାନଙ୍କରେ ୭୦ ଭାଗ ଓଡ଼ିଶା ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଦିଆଯାଉ, ସେପଟ୍ମେର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବାକୁ ଦାବି, ଗାଡ଼ିର କାଗଜପତ୍ର ଯାଞ୍ଚ କରିବା କ୍ଷମତାକୁ ପୋଲିସକୁ ହସ୍ତାନ୍ତର କରିବାକୁ ଦାବି । ଏହି ସବୁ ଦାବିକୁ ନେଇ ଜିଲ୍ଲାର ସମସ୍ତ ଟ୍ରକ୍ ଓ ଅଟୋ ଡ୍ରାଇଭରମାନେ ଆନ୍ଦୋଳନରେ ବସିଥିବାବେଳେ କଟକ ଗୋପାଳପୁରଠାରେ ୨୦୦ରୁ ଉର୍ଦ୍ଧ୍ୱ ଘରୋଇ ଟ୍ରକ୍ ଓ ଅଟୋ ଡ୍ରାଇଭର ଆନ୍ଦୋଳନରେ ବସିଥିବାର ଦେଖିବାକୁ ମିଳିଥିଲା ।

# ନିମାପଡ଼ା ଡ୍ରାଇଭର ମହାସଂଘର ୬ ଦଫା ଦାବି ନେଇ ଧାରଣା



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଡ୍ରାଇଭର ରାଜ୍ୟ ସଂଘ ଡ଼ାକରାରେ ପୁରୀ ଜିଲ୍ଲା ନିମାପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଧାରଣା ଜାରି ରହିଛି । ଏହି ଧାରଣା ଚାଲିଥିବା ବେଳେ ସରକାର ଡ୍ରାଇଭର ସଂଘ ସହିତ ଆଲୋଚନା କରି ଦାବୀ ଉପରେ ଗୁରୁତ୍ୱ ଦେଉଥିବା ଖବର ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ସ୍ଥାନୀୟ ଦୋଳବେଦୀ ଛକ ନିକଟରେ ଧାରଣା ଜାରି ରହିଛି । ଡ୍ରାଇଭର ସଂଘ ବାରମ୍ବାର ସରକାରଙ୍କ ଦ୍ୱାରସ୍ଥ ହେବା ପରେ ସରକାର ସଂଘ ଦାବିକୁ କର୍ଣ୍ଣପାତ କରୁ ନାହାନ୍ତି । ଯାହାପାଇଁ ବାଧ ହୋଇ ମଙ୍ଗଳବାର ଡ୍ରାଇଭର ମହାସଂଘ ଧାରଣା ଜାରି ରଖିଛନ୍ତି । କୌଣସି ଡ୍ରାଇଭର ଗାଡ଼ି ଚଳାଇବେ ନାହିଁ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଡ୍ରାଇଭର ମହାସଂଘର ୬ ଦଫା ଦାବୀ ରହିଅଛି । ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର ୱେଲଫେୟାର ବୋର୍ଡ଼ରେ ଅଟୋ ଡ୍ରାଇଭର ମାନଙ୍କୁ ସାମିଲ କରାଯାଉ, ଜନସାଧାରଣଙ୍କ ଆକ୍ରୋଶର ଶିକାର ହୋଇଥିବ ଡ୍ରାଇଭର ମାନଙ୍କୁ ସୁରକ୍ଷା ଦିଆଯାଉ, ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡ଼ି ପାର୍କିଂ ଡ୍ରାଇଭରମାନେ ବିଶ୍ରାମ ନେବା ପାଇଁ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧ଶହ କି.ମି.ରେ କରାଯାଉ, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ କାରାଖାନା ଗୁଡ଼ିକରେ କାର୍ଯ୍ୟ କରିବା ପାଇଁ ଅଗ୍ରାଧିକାର ଦିଆଯାଉ, ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯିବା ପାଇଁ ସଂଘ ପକ୍ଷରୁ ଦାବୀ କରାଯାଇଛି ।

# ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ



ପାରାଦୀପ(ଭାସ୍କର ନ୍ୟୁଜ): ଆସନ୍ତା ସେପ୍ଟେମ୍ବର ମାସ ୧୭ରେ ହେବାକୁ ଥିବା ସପ୍ତାହ ବ୍ୟାପି ବିଶ୍ୱକର୍ମା ପୂଜା ମହୋତ୍ସବକୁ ଶାନ୍ତି ଶୃଙ୍ଖଳା ସହ ପାଳନ ହେବା ନେଇ ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ମଙ୍ଗଳବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ଦରର ବରିଷ୍ଠ ଉପ ସଚିବ କେ.ଥିରୁମୁଲାରଙ୍କ ଅଧ୍ୟକ୍ଷତା ଏବଂ ବନ୍ଦରର ବରିଷ୍ଠ ଭୁସମ୍ପଦ ସହାୟକ ପ୍ରବନ୍ଧକ ବିଶ୍ୱଜିତ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ପାରାଦୀପ ପୌରପାଳିକାର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କରଙ୍କ ସମେତ ବିଭିନ୍ନ ପୂଜା କମିଟିର ପ୍ରତିନିଧି, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ଓ ବନ୍ଦର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ବିଶ୍ୱକର୍ମା ପୂଜାରେ ଜନସାଧାରଣଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପୂଜା ମଣ୍ଡପ ନିର୍ମାଣରେ ସହଯୋଗ ଓ ଉତ୍ସବକୁ ସଫଳ କରିବା ପ୍ରମୁଖ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ଆର୍‌ଆଇଙ୍କୁ ତହସିଲଦାରଙ୍କ ତାଗିଦ୍ ପରେ ଧାରଣା ପ୍ରତ୍ୟାହୃତ



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ତହସିଲ ଅନ୍ତର୍ଗତ ଅରଙ୍ଗ ଆରଆଇଙ୍କ ଦୁର୍ବ୍ୟବହାରକୁ ନେଇ ଧରାଧରପୁର ପଞ୍ଚାୟତ କୋଟକଣା ଗ୍ରାମର ରାଧାମୋହନ ବିଶ୍ୱାଳ ମଙ୍ଗଳବାର ନ୍ୟାୟ ଦାବିରେ ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ । ଧାରଣା ଦେବାର ୧ ଘଣ୍ଟା ପରେ ଦାୟୀତ୍ୱରେ ଥିବା ତହସିଲଦାର ସଞ୍ଜୟ କୁମାର ବେହେରା ଆରଆଇ ଦିପ୍ତିପ୍ରଭା ବେହେରା ଓ ଧାରଣାକାରୀ ବିଶ୍ୱାଳଙ୍କୁ ନିଜ ପ୍ରକୋଷ୍ଟକୁ ଡାକି ଆଲୋଚନା କରିଥିଲେ । ସାଧାରଣଜନତାଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ନିମନ୍ତେ ଆରଆଇ ବେହେରାଙ୍କୁ ତାଗିଦ କରିଥିଲେ । ଏହାଛଡା ଉଭୟ ପରିମାର୍ଜିତ ହେବା ପାଇଁ ପରାମର୍ଶ ରଖିଥିଲେ । ଏହାପରେ ବିଶ୍ୱାଳଙ୍କ ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଆଲୋଚନା ସ୍ଥଳରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ଓ କେତେକ ଖବରଦାତା ଉପସ୍ଥିତ ଥିଲେ ।

# ବିଜେପି ରାଷ୍ଟ୍ରୀୟ ପରିଷଦ ସଭ୍ୟ ମନୋନୀତ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ତଥା କାକଟପୁର ବିଜେପି ଦଳର ଭିଷ୍ମ ପିତାମହ ଭାବେ ପରିଚିତ ଈଶ୍ୱର ଚନ୍ଦ୍ର ବେହେରାଙ୍କୁ ବିଜେପି ରାଷ୍ଟ୍ରୀୟ ପରିଷଦକୁ ମନୋନୀତ କରାଯାଇଥିବାରୁ କାକଟପୁର ବିଜେପି କର୍ମୀମାନେ କେନ୍ଦ୍ର ଓ ରାଜ୍ୟ ସାଂଗଠନିକ ନେତୃତ୍ୱଙ୍କୁ ସାଧୁବାଦ ଜଣାଇବା ସହିତ ନିର୍ବାଚନ ମଣ୍ଡଳୀରେ ଆନନ୍ଦର ଲହରି ଖେଳିଯାଇଛି । ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ,କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଜେପି କାକଟପୁର ବ୍ଲକ ପ୍ରତିନିଧି କୈଳାସ ଚନ୍ଦ୍ର ନାୟକ, କାକଟପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମସ୍ତ ସାଂସଦ ପ୍ରତିନିଧି ପ୍ରମୁଖ ରାଜ୍ୟ ନେତୃତ୍ୱଙ୍କୁ ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ ଶ୍ରୀ ବେହେରାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇ ତାଙ୍କର ନିଯୁକ୍ତି କାକଟପୁର ନିର୍ବାଚନ ମଣ୍ଡଳୀରେ ସଂଗଠନ ବୃଦ୍ଧିରେ ସହାୟକ ହେବ ବୋଲି ଆଶା ପ୍ରକଟ କରିଛନ୍ତି ।

# ନିମାପଡ଼ାରେ ବନ ମହୋତ୍ସବ ସପ୍ତାହ ପାଳିତ



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ନିମାପଡ଼ା ପ୍ରେସ୍‌କ୍ଲବ୍ ଏବଂ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଏବଂ ଚାରା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁନିକୁନି ପିଲାମାନେ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପ୍ରେସ୍ କ୍ଲବ୍‌ର ସଦସ୍ୟ ମାନଙ୍କ ସହିତ ମିଶି ପରିସର ଓ ରାସ୍ତା କଡ଼ରେ ୫ଶହରୁ ଉର୍ଦ୍ଧ୍ୱ ଗଛ ରୋପଣ କରିଥିଲେ । ପରିବେଶ ସୁରକ୍ଷା ତଥା ଜୈବିକ ବିବିଧତାର ସୁରକ୍ଷା ପାଇଁ ପାରମ୍ପରିକ ଔଷଧୀୟ ଗୁଳ୍ମଲତା ରୋପଣକୁ ପ୍ରେସ୍‌କ୍ଲବ୍ ଉପଦେଷ୍ଟା ଶରତ କୁମାର ସେନାପତି, ସଭାପତି ଅକ୍ଷୟ କୁମାର ବେହେରା ଗୁରୁତ୍ୱ ଦେବାକୁ କହିଥିଲେ । ଅନ୍ୟମାନଙ୍କ ଗହଣରେ ପ୍ରେସ୍‌କ୍ଲବ୍ ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ରମାକାନ୍ତ ବେହେରା, ସ୍କୁଲର ଅଧ୍ୟକ୍ଷ ନିରନ ଖଟୋଇ, ପୂର୍ବତନ ଅଧ୍ୟକ୍ଷା କାଦମ୍ବିନୀ ମଲ୍ଲିକ, ସଂପାଦକ ବିରନ ମଲ୍ଲିକଙ୍କ ସମେତ ସୈନିକ ସ୍କୁଲର କର୍ମକର୍ତା ଏବଂ ପ୍ରେସ୍‌କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପରିବେଶ ସୁରକ୍ଷା ପାଇଁ ସମସ୍ତେ ଗଛ ଲଗାଇବାକୁ ଅନୁରୋଧ କରିବା ସହିତ ଜଳ, ବାୟୁ, ମାଟି ପ୍ରଦୂଷଣ ରୋକିବାକୁ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ ସହିତ ନଡ଼ିଆ, ଆମ୍ବ, ଦେବଦାରୁ, ଅଶୋକ, ଅଁଳା ଆଦି ବିଭିନ୍ନ ପ୍ରକାରର ଚାରା ବଂଟନ କରାଯାଇଥିଲା । ସମସ୍ତେ ବୃକ୍ଷ ରୋପଣର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଗଛଟିଏ ଶିଶୁଟିଏ ଭାବନା ନେଇ ଗଛ ଲଗାଇବାର ଅନନ୍ୟ ମହତ୍ୱ ସମ୍ବନ୍ଧରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ଗଛର ଯତ୍ନ ନେବା, ତା'ର ଆବଶ୍ୟକତା, ଜଙ୍ଗଲ ସୁରକ୍ଷା ଏବଂ ପରିବେଶ ସୁରକ୍ଷା ସଚେତନତା ଉପରେଆଲୋକପାତ କରିଥିଲେ । ବନ ମହୋତ୍ସବ ପାଳନ ଅବସରରେ ନିମାପଡ଼ା ପ୍ରେସ୍‌କ୍ଲବ୍ ଏବଂ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ଼ ସ୍କୁଲର ମିଳିତ ପଦକ୍ଷେପକୁ ପରିବେଶ ସୁରକ୍ଷା ପାଇଁ ମିଳିତ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ସଂପାଦକ ବିରନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସିକାରେ ହଇଜା ବ୍ୟାପିବା ପରେ ହୋଟେଲ ଓ ରେଷ୍ଟୁରାଣ୍ଟରେ ଖାଦ୍ୟର ମାନ ଯାଞ୍ଚ

ଆସିକା(ଭାସ୍କର ନ୍ୟୁଜ): ରାଜ୍ୟରେ ବର୍ତ୍ତମାନ ସମସ୍ତ ସହରରେ ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଖାଦ୍ୟ ନିର୍ମାଣ କମ୍ପାନୀରେ ଘନଘନ ଚଢ଼ାଉ ଜାରି ରହିଥିବା ବେଳେ ବାରମ୍ବାର ଅଭିଯୋଗ ପର ମଧ୍ୟ ଆସିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାହାଦ୍ୱାରା ଅଞ୍ଚଳ ବାସୀ ବୁଦ୍ଧିଜୀବୀ ମହଲରେ ଦେଖାଦେଇଛି ତୀବ୍ର ଅସନ୍ତୋଷ । ପ୍ରକାଶ ଥାଉକି ଆସିକା ତଥା ଆଖପାଖ ଅଞ୍ଚଳରେ ଦିନକୁ ଦିନ ଛତୁ ଫୁଟିଲା ଭଳି ହୋଟେଲ ଓ ରେଷ୍ଟୋରେଣ୍ଟ ଖୋଲି ଚାଲିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟବସାୟୀ ଙ୍କ ନିକଟରେ ଫୁଡ ଲାଇସେନ୍ସ ମଧ୍ୟ ନଥିବାର ଅଭିଯୋଗ ହେଉଛି । ଏହି ହୋଟେଲ ଗୁଡିକରେ ବାସି ଖାଦ୍ୟ ସହ ପଚା ଶଢା ପନିପରିବା ସହିତ ନିମ୍ନମାନର ମସଲା, ଖାଦ୍ୟ କଲର, ଚାଇନା ସ୍ଲଟ ସହିତ ନିମ୍ନ ମାନର ତେଲ ଯାହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ତାହା ଅତି କଦର୍ଯ୍ୟ ଅବସ୍ଥାରେ ବ୍ୟବହୃତ ହେଉଛି ଏବଂ ପରିଷ୍କାର ପରିଚ୍ଛନ୍ନତା କଥା କହିଲେ ନସରେ । ହୋଟେଲ ଓ ରେଷ୍ଟୋରେଣ୍ଟ ଗୁଡିକରେ ସ୍ୱଛତା ମଧ୍ୟ ଅତି ନିମ୍ନ ମାନର ଅଭିଯୋଗ ହେଉଛି ।ଆସିକା ଓ ଏହାର ଆଖପାଖ ଅଞ୍ଚଳ ରେ ସୋଡ଼ା,ମୃଦୁ ପାନୀୟ ଠାରୁ ଆରମ୍ଭ କରି, ମିଠା ସାମଗ୍ରୀ, ପାଉଁରୁଟି, କେକ ଭଳି ଅନେକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି । ହେଲେ ଅଧିକାଂଶ ଖାଦ୍ୟ ସାମଗ୍ରୀରେ ମାନ ଅଧିକାରୀ ମାନେ ଯାଞ୍ଚ କରୁନାହାନ୍ତି କି ଏକ୍ସପାଏରୀ ତାରିଖ ମଧ୍ୟ ଲେଖାଯାଉନି । ଏହା ବ୍ୟତିତ ଖାଦ୍ୟରେ ବ୍ୟବହୃତ ସାମଗ୍ରୀର ତାଲିକା ମଧ୍ୟ ଲେଖାଯାଉନି । ଫଳରେ ବିଭିନ୍ନ ସମୟରେ ଏକ୍ସପାଏରୀ ଖାଦ୍ୟ ସାମଗ୍ରୀ ଖାଇ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ନଜର ରହିଛି । ସୁପ୍ରିମକୋର୍ଟଙ୍କ ଦ୍ୱାରା ବାରମ୍ବାର ସୂଚିତ କରାଯାଇଛି ଯେ ଖାଦ୍ୟର ଅଧିକାର ହେଉଛି ଭାରତ ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଜୀବନର ଅଧିକାର । ଏହା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ସେହିପରି ଏହା ମଧ୍ୟ ଭାରତର ସମ୍ବିଧାନର ଧାରା ୧୪ ର ଉଲ୍ଲଂଘନ । କାରଣ ଗରିବ ମାନେ ବଡ ଦୋକାନରୁ ଏକ ଜିନିଷ କିଣି ପାରିବେ ନାହିଁ ଏବଂ ଧନୀ ଲୋକମାନେ ବଜାରରୁ ଅପରିଷ୍କାର ପଦାର୍ଥ ନେଉନାହାଁନ୍ତି । ତେଣୁ ଏହା ଅତ୍ୟନ୍ତ ଅସମାନ ସମାଜ, ଯେଉଁଠାରେ କେବଳ ଗରିବ ଲୋକ ଦୁଃଖ ପାଆନ୍ତି ଆଉ ମରନ୍ତି । ଏନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରସାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ପ୍ରକାଶ ଥାଉକି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀ ନିୟୋଜିତ କରି ନିୟମିତ ଭାବେ ଖାଦ୍ୟର ମାନ ପରୀକ୍ଷଣ କରିବା ସହିତ ଯେଉଁମାନେ ଏହାର ଉଲ୍ଲଙ୍ଘନ କରୁଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୋକାନସିଲ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।



ବୌଦ୍ଧ, (ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲା ପୁରୁଣାକଟକ ରେଞ୍ଜର ହରଭଙ୍ଗା ଫରେଷ୍ଟ ସେକ୍ସନ ଧର୍ମ ନଗର ଗ୍ରାମ୍ୟ ଜଙ୍ଗଲରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ସାମୂହିକ ଆଜି ପୁରୁଣା କଟକ ରେଞ୍ଜ ହରଭଙ୍ଗା ସେକସନ ଅନ୍ତର୍ଗତ ଧର୍ମ ନଗର ଗ୍ରାମ ଜଙ୍ଗଲ ଠାରେ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ଅବସରରେ ପୁରୁଣାକଟକ ରେଞ୍ଜ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ନିର୍ଦ୍ଦେଶରେ ହରଭଙ୍ଗା ବନପାଳ ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା, ସମିତି ସଭ୍ୟ ଚିତ୍ତ ରଞ୍ଜନ ସେଠୀ, ବରିଷ୍ଠ ସାମ୍ବାଦିକ ଚିତ୍ତ ରଞ୍ଜନ ସିଂ ଅତିଥି ଭାବରେ ଯୋଗଦେଇ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ଅବସରରେ ଏକ ହଜାରରୁ ଊର୍ଦ୍ଧ୍ୱ ଆମ୍ବ, କଦମ୍ବ, ନିମ୍ବ, ଜାମୁ, ତେନ୍ତୁଳି, ଅଁଳା, ମହୁଲ ଆଦି ଗଛ ଲଗା ଯାଇଥିଲା ଓ ଆଗାମୀ ଦିନରେ ଏଭଳି ୧୬ ହଜାର ଗଛ ଲଗାଇବାର ଲକ୍ଷ୍ୟ ଧାର୍ଯ୍ୟ ରଖା ଯାଇଥିବା ବନପାଳ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହାୟକ କରିଥିଲେ ବନ କର୍ମଚାରୀ ଶିବ ସେଠି, ସିଲୁ ପାତ୍ର, ସିଲୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସାମ୍ବାଦିକ ଚିତ୍ତରଞ୍ଜନ ସିଂହ ମତ ପ୍ରକାଶ କରିଛନ୍ତି ଏଭଳି ଯୋଉ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତେଣୁ ମହାନଦୀ କୂଳେ କୂଳେ ତାଳ ଗଛ ଲଗେଇବା ପାଇଁ ବନ ବିଭାଗକୁ ଅନୁରୋଧ କରିଛନ୍ତି। ତାଳ ଗଛ ଲଗାଇଲେ ମୃତ୍ତିକା କ୍ଷୟ ହେବନି ଓ ମହାନଦୀ କୂଳେ କୂଳେ ତାଳ ଗଛ ବ୍ୟାପକ ପାଇଁ ସେ ବନ ବିଭାଗକୁ ଅନୁରୋଧ କରିଛନ୍ତି। ଏତିକିରେ ବନ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ଦାବି ହୋଇଛି।



# ମୋବାଇଲ ସେବାରୁ ବଞ୍ଚିତ ୭ଖଣ୍ଡ ଗ୍ରାମବାସୀ

**ଇଣ୍ଟରନେଟ ତ ଦୂରର କଥା, କଥା ହେବା ପାଇଁ ଉଚ୍ଚ ଜାଗା ଭରସା**

କନ୍ଧମାଳ, (ଭାସ୍କର ନ୍ୟୁଜ): ବର୍ତ୍ତମାନ ଆଧୁନିକ ସମାଜରେ ବିଜ୍ଞାନ ବହୁ ଆଗକୁ ଯାଇଥିବା ବେଳେ ଆଜି ବି ଅନେକ ଗ୍ରାମରେ ମୋବାଇଲ ସେବା ପହଞ୍ଚି ପାରୁ ନାହିଁ। ସରକାରଙ୍କ ଅନେକ ଯୋଜନା ଥିଲେ ସୁଦ୍ଧା ବର୍ତ୍ତମାନ ଅନେକ ଅପଞ୍ଚ ଅଞ୍ଚଳରେ ମୋବାଇଲ ସୁବିଧା ନ ଥିବାରୁ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ସମସ୍ୟା ଦେଖିବାକୁ ମିଳୁଛି କନ୍ଧମାଳ ବ୍ଲକ ଶୁଣ୍ଡି ପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶୁଣ୍ଡିପଦର, ମହତପୁର, କୁଣ୍ଡି ପଦର, ଗୋପାଳପୁର, ବିନାୟକପୁର, ଚତୁର୍ଭୁଜପୁର, ସେକାମାଲ ଗ୍ରାମବାସି ମୋବାଇଲ ସେବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ଡିଜିଟାଲ ଯୁଗରେ ମୋବାଇଲ ବିନା ମଣିଷ ଚଳିବା କଷ୍ଟକର। ହେଲେ ଉକ୍ତ ଗ୍ରାମର ଲୋକେ ଫୋନରେ କଥା ହେବା ସହ ଇଣ୍ଟରନେଟ ପାଇଁ ଗଛ ଉପର କିମ୍ବା ଉଚ୍ଚ ସ୍ଥାନକୁ ଯାଇଥାନ୍ତି। ଅତି ଜରୁରୀ ସମୟରେ କଥା ହୋଇ ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଉକ୍ତ ଗ୍ରାମ ଗୁଡିକରେ କୌଣସି ସରକାରୀ କାର୍ଯ୍ୟ, କିମ୍ବା ଅନ୍ୟ କୌଣସି ଅନଲାଇନ କାର୍ଯ୍ୟ ହୋଇପାରେ ନାହିଁ। ଯାହା ଫଳରେ ଲୋକଙ୍କୁ ବହୁ ହଇରାଣ ହେବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏକ ମୋବାଇଲ ଟାୱାର ସ୍ଥାପନ ପାଇଁ ଅଞ୍ଚଳବାସୀ ଦୀର୍ଘ ବର୍ଷ ହେବ ଦାବି କରି ଆସୁଥିଲେ ସୁଦ୍ଧା ସ୍ଥାନୀୟ ଜନ ପ୍ରତିନିଧି କି ଜିଲ୍ଲା ପ୍ରଶାସନ କେହି ବି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ଏକ ମୋବାଇଲ ଟାୱାର ସ୍ଥାପନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ସ୍କୁଲରେ ତାଲା

# ବିଇଓଙ୍କ ପ୍ରତିଶ୍ରୁତି ପରେ ଖୋଲିଲା ସ୍କୁଲ

ରାଇଘର, (ଭାସ୍କର ନ୍ୟୁଜ) : ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ରାଇଘର ବ୍ଲକର ତୁରୁଡିହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ତାଲା ଠୁକିଥିଲେ ଗ୍ରାମବାସୀ। ଆଗାମୀ ୭ଦିନ ମଧ୍ୟରେ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେବା ପରେ ସ୍କୁଲରୁ ତାଲା ଖୋଲିଛି।

ସୂଚନା ଅନୁଯାୟୀ, ଗତ ଦିନରେ ତୁରୁଡିହ ବିଦ୍ୟାଳୟର ଦେବଦାସ ସତନାମୀଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ତାଙ୍କ ସ୍ଥାନରେ କୃଷ୍ଣପଦ ମଣ୍ଡଳ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। କିନ୍ତୁ ଶ୍ରୀ ସତନାମୀ ନିଜ ବଦଳିକୁ ବାତିଲ କରି ପୁଣି ଥରେ ତୁରୁଡିହି ବିଦ୍ୟାଳୟରେ ଯୋଗ ଦେବା ପରେ ଅଭିଭାବକ ଓ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶ୍ରୀ ସତନାମୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ଦାବିରେ ସୋମବାର ବିଦ୍ୟାଳୟରେ ତାଲା ଠୁକି ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ନିଷ୍ପତ୍ତି ନେଇଥିଲେ। ଖବର ପାଇ ରାଇଘର ବିଇଓ ବିକାଶ ଚନ୍ଦ୍ର ସରକାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସପ୍ତାହକ ମଧ୍ୟରେ ପ୍ରଧାନଶିକ୍ଷକ ଶ୍ରୀ ସତନାମୀଙ୍କ ବଦଳି କରିଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ବିଦ୍ୟାଳୟରୁ ତାଲା ଖୋଲିଥିଲେ। ସୂଚନାଯୋଗ୍ୟ, ପିଲାଙ୍କ ପାଠପଢ଼ାରେ ଅବହେଳା ପ୍ରଦର୍ଶନ କରିବା ସହ ବିଦ୍ୟାଳୟ ପରିଚାଳନାରେ ଅବ୍ୟବସ୍ଥା ଦେଖାଦେଉଥିବା ଏବଂ ଛାତ୍ରଛାତ୍ରୀଙ୍କୁ ପୋଷାକ ଦିଆଯାଉନଥିବା ନେଇ ପୂର୍ବରୁ ଗ୍ରାମବାସୀ ଓ ଅଭିଭାବକ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଚଳିତ ବର୍ଷ ଖରାଛୁଟିରେ ରାଇଘର ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବଦଳି କରାଯାଇଥିଲା। ଏଥିରେ ଦେବଦାସ ସତନାମୀଙ୍କୁ ମଧ୍ୟ ତୁରୁଡିହିଠାରୁ ଚନ୍ଦାହାଣ୍ଡିକୁ ବଦଳି ହୋଇଥିଲା। କିନ୍ତୁ ଶ୍ରୀ ସତନାମୀ କୁଆଡେ ଭୁବନେଶ୍ୱର ଯାଇ ନିଜ ବଦଳି ଆଦେଶକୁ ଖାରଜ କରି ପୁଣି ଥରେ ତୁରୁଡିହି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଦାୟିତ୍ୱରେ ରହିବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ।

# ବ୍ଲକସ୍ତରୀୟ ଅଧିକାରୀଙ୍କ ନିର୍ବାଚନ ସମ୍ବନ୍ଧୀୟ ତାଲିମ ଶିବିର

କୋଷାଗୁମୁଡା, (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷ ଠାରେ ନିର୍ବାଚନ ୬,୭,୮ ଫର୍ମ ସମ୍ବନ୍ଧୀୟ ବିବରଣୀକୁ ନେଇ ମଙ୍ଗଳବାର ଦିନ ୧୦ଘଣ୍ଟାରୁ ସନ୍ଧ୍ୟା ୬ଘଣ୍ଟା ମଧ୍ୟରେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ (୭୫ ନବରଙ୍ଗପୁର)ର ପ୍ରାୟ ୫୦ବିଏଲଓ, ୬ବିଏଲଓ ସୁପରଭାଇଜରଙ୍କୁ ନେଇ ଏକ ଦିବସ ନିର୍ବାଚନ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ରଥ, ବିଡିଓ ଆଶିଷ ତ୍ରିପାଠୀ, ତହସିଲଦାର ତୁଳା ମୁଦୁଲି, ଜିଲ୍ଲା ମାଷ୍ଟର ଟ୍ରେନର ସନ୍ତୋଷ କୁମାର ପାତ୍ର, ବ୍ଲକ ମାଷ୍ଟର ଟ୍ରେନର ମୋଲିକା ଅର୍ଜୁନ ରାଓ, ଜିପିଡିଓ ଅଜିତ ନନ୍ଦ, ସିନର କ୍ଲର୍କ ନରସିଂହ ପାଣିଗ୍ରାହୀଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମଟି ସଫଳ ହୋଇଛି।

# ୧୧ ଗୋରୁ ଉଦ୍ଧାର

ଶୁକିଆପଦା, (ଭାସ୍କର ନ୍ୟୁଜ) : ପଶ୍ଚିମବଙ୍ଗକୁ ଚୋରାଚାଲାଣ ବେଳେ ଶୁକିଆପଦା ଭାରପ୍ରାପ୍ତ ଥାନା ଅଧିକାରୀ ୧୧ଟି ଗୋରୁ ଉଦ୍ଧାର କରିଥିବା ଖବର ମିଳିଛି। ସୂଚନା ମୁତାବକ ଶୁକିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟ ନାରାୟଣ ବକ ରାତ୍ରି ପେଟ୍ରୋଲିଂରେ ଯାଇଥିବା ବେଳେ ଓଡି ୧୧ ଏସି ୩୨୫୫ ନମ୍ବର ଥିବା ଏକ ପିକଅପ ଗାଡିରେ ୧୧ଟି ଗୋରୁ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିବା ବେଳେ ଉକ୍ତ ଗାଡିକୁ ବାଘଡା କେନାଲ ରାସ୍ତାରେ ଜବତ କରିବା ସହିତ ଚାଲାଣ ହେଉଥିବା ଗୋରୁ ମାନଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ତେବେ ଗାଡି ଚାଳକ ଗାଡି ଛାଡି ଚମ୍ପଟ ମାରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଉଦ୍ଧାର ହୋଇଥିବା ଗୋରୁ ପୋଲିସ ହେପାଜତରେ ଥିବା ଖବର ମିଳିଛି। ଏନେଇ ୧୧୪/୨୫ ରେ ମାମଲା ରୁଜୁ ହୋଇଛି।

# ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟରେ ବନ ମହୋତ୍ସବ



ଗୁଣୁପୁର, (ଭାସ୍କର ନ୍ୟୁଜ) : ଗୁଣପୁର ସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ପ୍ରିନ୍ସିପାଲ ଡଃ. କାହ୍ନୁଚରଣ ଚରଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବନ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ ଅକ୍ଷୟ ଦାସ ଓ ଗୁଣପୁର ବନ ବିଭାଗର ରେଞ୍ଜର ଯୋଗ ଦେଇ ଛାତ୍ରଛାତ୍ରୀ ଚାରାରୋପଣ କରିବାପାଇଁ ଉଚ୍ଚାଇତ କରିଥିଲେ। ଅନୁଷ୍ଠାନର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଯଥା ବି.ଫାର୍ମାସି, ଡି.ଫାର୍ମାସି, ନର୍ସିଂ ଓ ଡି.ଏମ.ଏଲ.ଟି ଆଦି ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାର ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପି.ଭି.କୋଟେଶ୍ୱର ରାଓଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଜୀବ ପଣ୍ଡା ପରିଚାଳନା କରିଥିଲେ। ଏହିପରି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ସଞ୍ଜୟ ସାହୁ ଅଭିନନ୍ଦନ ଜଣାଇଥିଲେ ଓ ସମସ୍ତଙ୍କୁ ବୃକ୍ଷ ରୋପଣ କରିବା ଆବଶ୍ୟକ ବୋଲି ନିଜ ବାର୍ତ୍ତା ମାଧ୍ୟମରେ କହିଥିଲେ।

# ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ବନ ମହୋତ୍ସବ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହରସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ସୋମବାର ବନମହୋତ୍ସବର ଅନ୍ତିମ ଦିବସ ଅପରାହ୍ନରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ୍ କୁମାର କର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଯୁବରାଜ ଅମରଜ୍ୟୋତି ସିଂହଦେଓ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, ସମାଜସେବୀ ସାଗର ପଟ୍ଟନାୟକ, ସନ୍ତୋଷ ମହାପାତ୍ର, ଅନିତା ରଥ ଓ ଇଂ. କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ବିଦ୍ୟାଳୟ ମୁଖ୍ୟ ଫାଟକ ବାହାରେ ରାସ୍ତାର ଦୁଇ ପାର୍ଶ୍ୱରେ ପାଟେଲୀ ଓ ସୁନାରି ଚାରା ରୋପଣ କରାଯାଇଥିଲା। ପୁଷ୍କରିଣୀର ଉତ୍ତର ପାର୍ଶ୍ୱ ହୁଡାରେ ଛାତ୍ରଛାତ୍ରୀଙ୍କ ସହ ଯୁବରାଜ ଅମରଜ୍ୟୋତି ସିଂହଦେଓ ନଡିଆ ଚାରା ରୋପଣ କରିଥିଲେ। ବିଦ୍ୟାଳୟ ଖେଳପଡିଆର ପଶ୍ଚିମ ପଟ ରାସ୍ତା କଡରେ କାମିନୀ ପୁଷ୍ପଚାରା ରୋପଣ କରାଯାଇଥିଲା। ସଦର ବନାଞ୍ଚଳ ଅଧିକାରୀ ଉତ୍ସବ ଚନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ କଇଥ, ବାଉଁଶ, ପଣସ ଓ କରମଙ୍ଗା ଚାରା ରୋପଣ ପାଇଁ ଯୋଗାଇ ଦିଆଯାଇଛି। ବିଦ୍ୟାଳୟ ପ୍ରବେଶ ପଥରେ ଡିଏଫ୍ଓ, ଯୁବରାଜ, ପରିଚାଳନା କମିଟି ସଭାପତି ଓ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ରୋପିତ ଚାରାର ସୁରକ୍ଷା ପାଇଁ ପ୍ଲାଷ୍ଟିକ୍ ଜାଲି ଘେରା ଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅତିଥିଗଣ ଆନନ୍ଦ ଉତ୍ସାହର ସହ ଏହି ବନମହୋତ୍ସବରେ ଭାଗନେଇ ଚାରା ରୋପଣ କରିଥିଲେ।

# ସ୍ୱତନ୍ତ୍ର ଆଇନ୍ ଦାବିରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ) : ଓଡ଼ିଶା ଡ୍ରାଇଭର ମହାମଞ୍ଚ ନିର୍ଦ୍ଦେଶ କ୍ରମେ ଡ୍ରାଇଭର ଏକତା ମଞ୍ଚ ଆନୁକୂଲ୍ୟରେ ଆଜି ଠାରୁ ସମଗ୍ର ଓଡ଼ିଶାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ସହ ଚାଳକ ମାନଙ୍କ ଧର୍ମଘଟ ଆରମ୍ଭ ହୋଇଛି। ଏହି ପରିପେକ୍ଷିରେ ଆଜି ଚଣ୍ଡିଖୋଲ ଛକ ଠାରେ ବଡଚଣା ଡ୍ରାଇଭର ମହାସଂଘ ଯାଜପୁର ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଆରମ୍ଭ ହୋଇଛି। ମହାସଂଘର ଦାବୀ ଅନୁଯାୟୀ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର୍ସ ୱେଲଫେୟାର୍ ବୋର୍ଡ଼ ରେ ଅଟୋ ଡ୍ରାଇଭର ଙ୍କୁ ସାମିଲ କରିବା, ୬୦ବର୍ଷ ପରେ ପେନସନ, ଦୃଘଟାନାରେ ମୃତ ଡ୍ରାଇଭର ର ପରିବାରକୁ ୨୦ଲକ୍ଷ ର ବୀମା ରାଶି ପ୍ରବାଦ,ଦୃଘଟଣା ଚିକିତ୍ସା ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ, ପ୍ରତି ୧୦୦କିମି ଦୁରତାରେ ଚାଳକ ମାନଙ୍କ ପାଇଁ ବିଶ୍ରାମଗାର ଓ ଶୌଚାଳୟ ନିର୍ମାଣ, ଗାଡ଼ି ଚଳାଇବାର ସମୟସୀମା ଧାର୍ଯ୍ୟ, ଡ୍ରାଇଭିଂ ଲାଇସେନ୍ସ ଦେୟ ୧୫ହଜାର ଟଙ୍କା କୁ କମକରିବା, ପ୍ରତି ଖଣି ଖାଦାନ ଓ କାରଖାନାରେ ୭୦ପ୍ରତିଶତ ଡ୍ରାଇଭର ଙ୍କୁ କାମ ପାଇଁ ଅଗ୍ରାଧିକାର ଦେବା ଓ ସେପ୍ଟେମ୍ବର ୧ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୁପେ ପାଳନ କରିବା ଦାବୀ ନେଇ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ଆଜି ଚଣ୍ଡିଖୋଲ ଛକ ଠାରେ ବଡଚଣା ଡ୍ରାଇଭର ମହାସଂଘ ର



ସଭାପତି ଆଲୋକ କୁମାର ଦାସ, ଉପ ସଭାପତି ପ୍ରକାଶ ସାମଲ, ସମ୍ପାଦକ୍ ସଞ୍ଜୟ କୁମାର ସାହୁ କୋଷାଧ୍ୟକ୍ଷ ଗୌତମ ଦାସ ସଂଯୋଜକ, ସହ ସମ୍ପାଦକ ସିଦ୍ଧାନ୍ତ ଭୁୟାଁ , ଉପଦେଷ୍ଟା ଅକ୍ଷୟ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ ଗାଡ଼ି ଚାଳକ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି। ଧର୍ମଘଟ ସ୍ଥଳକୁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ମୋଟର ଯାଞ୍ଚ ନୀରିକ୍ଷକ,ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା,ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ଜେନା ପ୍ରମୁଖ ଧର୍ମଘଟ ସ୍ଥଳକୁ ଯାଇ ଚାଳକ ମାନଙ୍କ ସହିତ ଆଲେଚନା କରିଥିଲେ ମଧ ରାଜ୍ୟ ସଂଘ ଯେଉଁ ନିଷ୍ପତି ନେବ ତାକୁ ଆମ ମାନିନେବୁ ବୋଲି ଚାଳକ ସଂଘ କହିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ ପୋଲିସ ମୁତୟନ ଥିଲେ।

# ବିଦ୍ୟାଳୟସ୍ତରରେ ବିଦ୍ୟୁତ୍ ସୁରକ୍ଷା ସଚେତନତା



ଡେଲାଙ୍ଗ, (ଭାସ୍କର ନ୍ୟୁଜ): ଡେଲାଙ୍ଗ ମଣ୍ଡଳ ଅନ୍ତର୍ଗତ ଏକମାତ୍ର ସରକାରୀ ସଂଯୁକ୍ତ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସଚେତନନ୍ତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନା ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଶିକ୍ଷାବିତ ତଥା ପ୍ରକୃତିବନ୍ଧୁ ସନ୍ତୋଷ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାମିନୀପ୍ରଭା ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷା ବିନୋଦିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପୁରୀ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଶ୍ରୀକାନ୍ତ ଦାସ, ସହକାରୀ ଯନ୍ତ୍ରୀ ସତ୍ୟଜିତ୍ ନାୟିଡୁ ସ୍ଥାନୀୟ ବିଦ୍ୟୁତ୍ ଯନ୍ତ୍ରୀ ଅମରେନ୍ଦ୍ର ବେହେରା ବିଦ୍ୟୁତ୍ ବ୍ୟବହାର ସଚେତନତା ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା ବତ୍ୟା, ବିଜୁଳି, ଘଡ଼ଘଡ଼ି ସମୟରେ କିପରି ନିଜକୁ ତଥା ନିକଟସ୍ଥ ଅଧିବାସୀଙ୍କୁ ସଚତେନ କରାଇବେ ତାହାର ସୁକୌଶଳ ସଂପର୍କରେ ଡେଲାଙ୍ଗ ମଣ୍ଡଳରୁ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଅଭିଭାବକ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା ତଥା ଛାତ୍ରୀ ମାନଙ୍କୁ ଅଡ଼ିଓ ଓ ଡ଼ିଜିଟାଲ ଭିଡ଼ିଓ ମାଧ୍ୟମରେ ସଚେତନ କରାଇଥିଲେ। ବିଦ୍ୟୁତ୍ ଅଧିକାରୀମାନେ ଛାତ୍ରୀ ତଥା ଉପସ୍ଥିତ ବ୍ୟକ୍ତିମାନଙ୍କର ବିଭିନ୍ନ ପ୍ରଶ୍ନର ଯଥାର୍ଥ ଉତର ଦେଇ କାର୍ଯ୍ୟକ୍ରମକୁ ଜୀବନ୍ତ କରିଥିଲେ। ଶିକ୍ଷୟିତ୍ରୀ ଶ୍ୱେତା ମିଶ୍ର ମଞ୍ଚ ପରିଚାଳନା କରିବା ସହିତ ଶିକ୍ଷୟିତ୍ରୀ ଝରଣା ଦାସ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟରେ ବନମହୋତ୍ସବ ପାଳିତ

କାଲିମେଳା, (ଭାସ୍କର ନ୍ୟୁଜ୍ ) : କାଲିମେଳା ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଜେନା ଓ ଶିକ୍ଷକ ଦୃବଚରଣ ନାୟକ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ ଛାତ୍ର ଛାତ୍ରୀ ମାନେ ଏହି ବନ ମହୋତ୍ସବରେ ସାମିଲ ହୋଇଥିଲେ। ନୂତନ ବନୀକରଣ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ବନ ମହୋତ୍ସବର ଉଦେଶ୍ୟ ବିଷୟରେ ଶିକ୍ଷକ ମାନେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏବଂ କୋଣ୍ଡାରେଡ୍ଡୀ ହୋଷ୍ଟେଲ ପରିସରରେ ଅଁଳା, ଶଜନା, ଅମୃତ ଭଣ୍ଡା, ବର କୋଳି, କାଜୁ ଆଦି ଚାରା ରୋପଣ କରିଥିଲେ।

# ଆଦିବାସୀ ଦେବତାଙ୍କ ପ୍ରତିଛବିକୁ ଅପବ୍ୟବହାର ଅଭିଯୋଗ

କାଲିମେଳା,(ଭାସ୍କର ନ୍ୟୁଜ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ବା ମାଲ୍ୟବନ୍ତଗିରିର ଦଣ୍ଡକାରଣ୍ୟ ମାଳଭୂମିରେ ସରଳ ନିରାଡ଼ମ୍ବର ଜୀବନଯାପନ କରନ୍ତି ଆଦିବାସୀ ସମ୍ପ୍ରଦାୟ। ତାଙ୍କର ଜୀବନ ଧାରା ସହିତ ଓତଃ ପ୍ରୋତ ଭାବେ ଜଡ଼ିତ ଥିବା ମାନ୍ୟୁମକୋଣ୍ଡା ବଡ଼ ଯାତ୍ରା ବା ଆଦିବାସୀ ଦେବତାଙ୍କ ପ୍ରତିଛବିର ଅପବ୍ୟବହାର ଏବଂ ସର୍ବୋଚ୍ଚ କୋର୍ଟ ରାୟକୁ ଉଲଂଘନ ନେଇ ବଡ଼ ଯାତ୍ରା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି। ପ୍ରକାଶ ଥାଉ କି ଗତ ୭ ତାରିଖ ଦିନ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗଦଳ, ଦୁର୍ଗା ବାହିନୀ, ସତ୍ ସଙ୍ଗ ମଣ୍ଡଳୀ, ହିନ୍ଦୁ ମହାସଂଘ, ଦେବ ସେନା, ଭବାନୀ



ବାହିନୀ, ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ବନବାସୀ କଲ୍ୟାଣ ଆଶ୍ରମ, ପର୍ଶୁରାମ ବାହିନୀ, ରାମ ସେନା, ହିନ୍ଦୁ ସେନା, ପ୍ରକୃତି ଉପାସକ ସଂଘ, ରାଷ୍ଟ୍ରୀୟ ଧର୍ମ ସୁରକ୍ଷା ମଞ୍ଚ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ମାଲକାନଗିରି ସଦରରେ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଆମ ଆଦିବାସୀ ଦେବତାଙ୍କ ପ୍ରତିଛବିକୁ ବ୍ୟବହାର କରି ଆଦିବାସୀ ମଧ୍ୟରେ ବିଭାଜନ ଏବଂ ଧର୍ମ ସୁରକ୍ଷା ନାଁରେ ହିଂସାକୁ ଉସୁକା ଯାଉଛି ବୋଲି ଅଭିଯୋଗ ହୋଇଛି। ଆମେ ପ୍ରକୃତି ପୂଜକ, ଆମେ ପ୍ରକୃତି ଉପାସକ, ଆମର ସ୍ୱତନ୍ତ୍ର ପରମ୍ପରା ରହିଛି, ଆମର ନିଜସ୍ୱ ଧାର୍ମିକ ପ୍ରଥା ଓ ସ୍ୱତନ୍ତ୍ର ରୀତିନୀତି ଆଦିରେ ପାଳନ କରୁଛୁ। ଏହାର ନିଚ୍ଛକ ନମୂନା ଭାବେ ଆଜି ମାଲକାନଗିରି ପ୍ରସିଦ୍ଧ ବଡ଼ ଯାତ୍ରା ପୁରାତନ ସଂସ୍କୃତିର ମହାନ ପର୍ବ ଭାବରେ ପିଢ଼ି ଠୁଁ ପିଢ଼ି ବ୍ୟାପି ପାଳିତ ହେଉଥିବା ବେଳେ ଏହି ହିନ୍ଦୁ ସଂଗଠନଗୁଡ଼ିକ ଆମର ସଂସ୍କୃତି, ପରମ୍ପରା,ପରିଚୟ ଇତ୍ୟାଦିକୁ ନଷ୍ଟ କରିବା ପାଇଁ ଆମ ଆଦିବାସୀ ଦେବତାଙ୍କ ପ୍ରତିଛବିକୁ ବଳପୂର୍ବକ ବ୍ୟବହାର କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ସୁପ୍ରିମକୋର୍ଟଙ୍କ ରାୟରେ ଆଦିବାସୀ ହିନ୍ଦୁ ନୁହନ୍ତି ଏବଂ ସେମାନଙ୍କ ନିଜସ୍ୱ ଧାର୍ମିକ ପରିଚୟ ରହିଛି। ହିନ୍ଦୁ ଉତ୍ତରାଧିକାର ଆଇନ,୧୯୫୬ ଅନୁଯାୟୀ ଆଦିବାସୀଙ୍କୁ ହିନ୍ଦୁ ସଂପ୍ରଦାୟର ଅଂଶ ଭାବରେ ବିବେଚନା କରାଯାଇ ପାରିବ ନାହିଁ। ଏହା ବ୍ୟତୀତ ସମ୍ବିଧାନ ଆଦିବାସୀଙ୍କୁ ସେମାନଙ୍କର ନିଜସ୍ୱ ପରମ୍ପରା ଓ ପ୍ରଥା ସହିତ ଏକ ସ୍ୱତନ୍ତ୍ର ସମ୍ପ୍ରଦାୟ ଭାବରେ ସ୍ୱୀକୃତି ଦେଇଛି । କମଳା ନେଗି, ପିତା -ଚକ୍ରଧର ନେଗି, ମୌଜା -କପସିଙ୍ଗା, ଜିଲ୍ଲା -ସୁନ୍ଦରଗଡ ସିଭିଲ ଅପିଲ ନଂ ୬୧୦/୨୦୨୨, ବିଚାରପତି ଏମ୍.ଆର.ସାହା, ଏବଂ ଏସ.କୃଷ୍ଣ ମୁରାରିଙ୍କ ଖଣ୍ଡପୀଠ ଏକ ବହୁ ବିଚାରପତିଙ୍କ ରାୟ ଅନୁସାରେ ହିନ୍ଦୁ ଉତ୍ତରାଧିକାର ଆଇନ,୧୯୫୬ର ଧାରା -୨, ଉପଧାରା -୨ ଅନୁଯାୟୀ ଆଦିବାସୀଙ୍କୁ କୌଣସି ଧର୍ମର ନିୟମରେ ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ । ତଦନୁସାରେ ସମ୍ବିଧାନର ଅନୁସୂଚି ୫ ଅନୁଯାୟୀ ଆଦିବାସୀ ସେମାନଙ୍କ ନିଜ ଧର୍ମରେ ବିଶ୍ୱାସ କରିଆସୁଛନ୍ତି। ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୮୭୧ ରୁ ୧୯୫୧ ପର୍ଯ୍ୟନ୍ତ ଆଦିବାସୀଙ୍କ ଜନଗଣନାରେ ଆମ ଧର୍ମ ଶାରନା (ପୈତୃକ) ଧର୍ମ ବୋଲି ଚିହ୍ନଟ କରାଯାଇଛି। ଏବଂ ୧୯୫୬ ଲୋକୁର କମିଟି ରିପୋର୍ଟ ଅନୁଯାୟୀ ଆଦିବାସୀ ମାନେ ୫ ଗୋଟି ମାନଦଣ୍ଡରେ ଆମକୁ ଆଦିବାସୀ ମାନ୍ୟତା ପାଇ ବିବେଚିତ କରାଯାଇଛି ବୋଲି ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତେବେ ଏହି ତଥ୍ୟ ବା ନିୟମ ଆଦିକୁ ଦୃଷ୍ଟିରେ ରଖି ଆମ ଆଦିବାସୀ ଦେବତା ଶ୍ରୀ ଶ୍ରୀ କାନାମରାଜୁ, ବାଲାରାଜୁ ଏବଂ ପୋତରାଜୁଙ୍କ ପ୍ରତିଛବିକୁ ଅପବ୍ୟବହାର, ଧର୍ମ ସୁରକ୍ଷା ନାଁରେ ଆଦିବାସୀଙ୍କୁ ବିଭାଜନ, ହିଂସା ପାଇଁ ଉସୁକାଉଥିବା ଉକ୍ତ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାନ୍ୟୁମକୋଣ୍ଡା ବଡ଼ ଯାତ୍ରା କମିଟି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ଜଣାପଡିଛି ।


# ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

- ଡିଜେକୁ ସମ୍ପୂର୍ଣ୍ଣ ନିଷିଦ୍ଧ
- ଶାନ୍ତି ଶୃଙ୍ଖଳାରେ ପୂଜା ଓ ଭସାଣି ଉପରେ ଗୁରୁତ୍ୱାରୋପ




ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେରର ଗଣପର୍ବ ପ୍ରସିଦ୍ଧ ଗଣେଶ ପୂଜାର ପ୍ରସ୍ତୁତି ବୈଠକ ସ୍ଥାନୀୟ ଦେଉଳବେଡ଼ା ସ୍ଥିତ ଡିସିଆଇ ହଲ ଠାରେ ଅନୁଷ୍ଠିତ ହୋଇଛି। କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଭାପତି ତଥା ଉପଜିଲ୍ଲାପାଳ ସମୀର କୁମାର ଜେନା (ଆଇଏଏସ୍)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତିକ୍ରମେ ନିଆଯାଇଥିବା ପ୍ରସ୍ତାବ ଗୁଡ଼ିକ ଗୃହୀତ ହୋଇଛି। ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ଆସନ୍ତା ଅଗଷ୍ଟ ୨୭ ତାରିଖ ଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୭ ତାରିଖ ଇନ୍ଦୁପୂର୍ଣ୍ଣିମା ତିଥିରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ଏବଂ ଚଳିତବର୍ଷ ଘୋଡ଼ାଶାଳ ଠାରୁ ହାଣ୍ଡିଧୂଆ ପର୍ଯ୍ୟନ୍ତ ପୂଜାମଣ୍ଡପ ଗୁଡ଼ିକୁ ଅଧିକ ଆକର୍ଷଣୀୟ ଓ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବାକୁ ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ଏହି ଅବସରରେ ଅନୁରୋଧ କରାଯାଇଛି। ଏଥି ସହିତ ଏହି ବୈଠକରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଡିଜେ ସାଉଣ୍ଡ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା ସମୟରେ କରାଯିବ ବୋଲି ସୂଚନା ଦିଆଯାଇଛି। ଭସାଣି ପୂର୍ବଦିନ ହେଉଥିବା ୩ଟନ ୫୦୦ କେଜି ଲଡୁକୁ ଚଳିତବର୍ଷ ଆହୁରି ଆକର୍ଷିତ କରିବା ପାଇଁ ଆଉ ଅଧିକ ଓଜନ ବିଶିଷ୍ଟ ଲଡୁ ତିଆରି କରାଯାଇ ନିଲାମ କରିବାକୁ ପ୍ରସ୍ତାବ ଆଗତ କରାଯାଇଛି। ଏହି ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ତଥା କେନ୍ଦ୍ରୀୟ ପୂଜା କମିଟିର କାର୍ଯ୍ୟକାରୀ ସଭାପତି ଭରତଚନ୍ଦ୍ର ସାହୁ ତାଳଚେରରେ ଅନୁପସ୍ଥିତ ଥିବା କାରଣରୁ ଏଠାରେ ଦାୟିତ୍ୱରେ ଥିବା ତାଳଚେର ଟାଉନ ଆଇଆଇସି ଦିଗବିଜୟ ବିଶ୍ୱାଳ ଓ କୋଲିୟରି ଥାନା ଅଧିକାରୀ ହରିକୃଷ୍ଣ ପ୍ରଧାନ, ପୂର୍ବ ବର୍ଷ ଭଳି ଟ୍ରାଫିକ୍ ସମସ୍ୟା, ପୂଜା ମଣ୍ଡପକୁ ଦେଖି ଆସୁଥିବା ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ପୂଜାକୁ ବୁଲି ଦେଖିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ପୂଜା ଭିଡ଼ରେ ମଦ୍ୟପଙ୍କ ଉପରେ କଡ଼ା ନଜର ଦେବା ସହିତ ସେମାନଙ୍କ ଉପରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ, ଏବଂ ବିଶୃଙ୍ଖଳା ପ୍ରଦର୍ଶନ କରୁଥିବା ପୂଜା କମିଟିକୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଉପଜିଲ୍ଲାପାଳ ତଥା କେନ୍ଦ୍ରୀୟ ପୂଜା କମିଟିର ସଭାପତି ବିଭିନ୍ନ ବିଭାଗ ସହ ଆଲୋଚନା କରି ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ, ଜଳ ଯୋଗାଣ, ଆବଶ୍ୟକ ସ୍ଥଳେ ରାସ୍ତା ନିର୍ମାଣ, ପରିମଳ ବ୍ୟବସ୍ଥା ନେଇ ପରବର୍ତ୍ତୀ ସମୟରେ ବୈଠକ କରାଯାଇ ସମସ୍ତଙ୍କ ସହିତ ସମନ୍ୱୟ ରକ୍ଷାକରି କିପରି ସମସ୍ୟା ବିହୀନ ସରସ ସୁନ୍ଦର ପୂଜା ପାଳନ କରାଯିବ ସେଥିନେଇ ବିହୀତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସେହିପରି ପୂଜା ଦିନ ଗୁଡ଼ିକରେ ବିଭିନ୍ନ ହୋଟେଲ୍, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଇତ୍ୟାଦି ଗୁଡ଼ିକର ଖାଦ୍ୟ ନିରାପତ୍ତା ନେଇ ଫୁଡ୍ ଇନିସ୍ପେକ୍ଟର ଯାଞ୍ଚ କରିବେ। ମ୍ୟୁନିସିପାଲିଟି ପକ୍ଷରୁ ହାଣ୍ଡିଧୂଆ ଅଣ୍ଡର ପାସରେ ଆଲୋକୀ କରଣ ସହ ପାଣି ନିଷ୍କାସନ ବ୍ୟବସ୍ଥା ଓ ମୋବାଇଲ ଶୌଚାଳୟ ବ୍ୟବସ୍ଥା କରାଯିବାକୁ ପୌର କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରାଯିବାକୁ ବିଦ୍ୟୁତ୍ ବିଭାଗ, ରାସ୍ତାଘାଟ ମରାମତି ପାଇଁ ବିଭାଗୀୟ ଅଧିକାରୀ ଓ ଏମ୍‌ସିଏଲ୍ ଅଧିକାରୀ ମାନଙ୍କୁ ନେଇ ଅନ୍ୟ ଏକ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାକୁ ନିଷ୍ପତ୍ତି ହୋଇଛି। ଗଣେଶ ପୂଜା ସମୟରେ ବିପୁଳ ଜନ ସମାଗମକୁ ଦୃଷ୍ଟିରେ ରଖି ଦୁର୍ଘଟଣାକୁ ରୋକିବା ପାଇଁ ଚଳାଚଳ କରୁଥିବା କୋଇଲା ପରିବହନ (ଟ୍ରେନ/ଟ୍ରକ୍) ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଗତବର୍ଷର ଆୟବ୍ୟୟର ହିସାବକୁ କେନ୍ଦ୍ରୀୟ କମିଟିର କୋଷାଧ୍ୟକ୍ଷ ରଣଜିତ ମହାପାତ୍ର ବିବରଣୀ ପ୍ରଦାନ କରିଥିଲେ। ଢ଼େଙ୍କାନାଳ ସାଂସଦଙ୍କ ପ୍ରତିନିଧି କାଉନ୍‌ସିଲର ସ୍ୱାଧୀନ ଥମ୍ବ ପ୍ରମୁଖ ଚଳିତବର୍ଷ ଗଣେଶ ପୂଜାକୁ ଆକର୍ଷଣୀୟ ଓ ଶାନ୍ତିଶୃଙ୍ଖଳାରେ ପାଳନ କରାଯିବା ପାଇଁ ମତବ୍ୟକ୍ତ କରିଥିଲେ। ଚଳିତ ମାସ ଶେଷ ସୁଦ୍ଧା କେନ୍ଦ୍ରୀୟ ପୂଜା କମିଟିରେ ପୂଜା କମିଟି ଗୁଡ଼ିକ ଧାର୍ଯ୍ୟ ହୋଇଥିବା ପ୍ରବେଶିକା ଦେୟ ଦାଖଲ କରିବେ ଓ ତାରିଖ ଦିନ ପୂଜାମେଢ଼ ଗୁଡ଼ିକ କ୍ରମାନ୍ୱୟରେ ଯିବା ପାଇଁ ଲଟେରୀ ଉଠାଣ କରାଯିବ।

# ଭିଜିଲାନ୍ସ ଜାଲରେ ଡ଼ାକ୍ତର ବାବୁ, ସହଯୋଗୀ ଗିରଫ



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ଶିବ ପ୍ରସାଦ ସେଠୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଣାପଡ଼ିଛି। ସେ ଜଣେ ଅଭିଯୋଗକାରୀଙ୍କ ଠାରୁ ତାଙ୍କ ମୃତ ପତ୍ନୀଙ୍କ ଅନୁକୂଳ ପୋଷ୍ଟ ମର୍ଟମ ରିପୋର୍ଟ ପ୍ରଦାନ କରିବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମୃତକଙ୍କ ମୃତ୍ୟୁ ଖାଦ୍ୟ ବିଷାକ୍ତତା ଯୋଗୁଁ ହୋଇଥିବା ଜଣାପଡିଛି। ମୃତ୍ୟୁ ପରେ ଡାକ୍ତର ଶିବ ପ୍ରସାଦ ସେଠୀ ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ କରିଥିଲେ। ମୃତକଙ୍କ ସ୍ୱାମୀ ହୋଇଥିବାରୁ ଅଭିଯୁକ୍ତ ଡାକ୍ତରଙ୍କୁ ବୀମା ପାଇଁ ପିଏମ୍ ରିପୋର୍ଟ ଶୀଘ୍ର ପ୍ରଦାନ କରିବାକୁ ଅନୁରୋଧ କରୁଥିଲେ।କିନ୍ତୁ ବିବାହର ୭ବର୍ଷ ମଧ୍ୟରେ ମୃତକଙ୍କ ମୃତ୍ୟୁ ହୋଇଥିବାରୁ ଏମ୍ଓ ଡାକ୍ତର ଶିବ ପ୍ରସାଦ ସେଠୀ ଏକ ଅନୁକୂଳ ପୋଷ୍ଟ ମର୍ଟମ ରିପୋର୍ଟ ଶୀଘ୍ର ପ୍ରଦାନ କରିବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅନ୍ୟ କୌଣସି ଉପାୟ ନପାଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ଏହା ପରେ ଭିଜିଲାନ୍ସ ଦଳ କଟକର ଡାକ୍ତର ସେଠୀଙ୍କ କ୍ଲିନିକ୍ ଭିତରେ ଡାକ୍ତର ସେଠୀ ଓ ତାଙ୍କ ସହଯୋଗୀ ସୂର୍ଯ୍ୟ ନାରାୟଣ ଚୌଧୁରୀଙ୍କ ମାଧ୍ୟମରେ ଅଭିଯୋଗକାରୀଙ୍କ ଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଦଳ ମାଡିବସିଥିଲା।ତେବେ ୧୦ହଜାର ଟଙ୍କା ଜବତ କରାଯାଇଛି। ଏହା ପରେ ଡାକ୍ତର ସେଠୀଙ୍କ ୫ଟି ସ୍ଥାନରେ ଏକ କାଳୀନ ଚଢାଉ ଚାଲି ଥିବା ଜଣାପଡ଼ିଛି। ଏହି ସମ୍ପର୍କରେ କଟକ ଭିଜିଲାନ୍ସ ପିଏସ୍ କେସ୍ ନଂ.୧୯/୨୦୨୫ ୟୁ/ଏସ୍-୭ପିସି ସଂଶୋଧନ ଆଇନ ୨୦୧୮ରେଜିଷ୍ଟ୍ରି କରାଯାଇଛି। ତଦନ୍ତ ଜାରି ରହିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣା ପଡିଛି।

# ଦୁର୍ଦ୍ଧାନ୍ତ ମାଓବାଦୀ ନେତା ସୋଡି କାନ୍ନା ନିହତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ଜଣେ ୮ ଲକ୍ଷ ପୁରସ୍କାର ଘୋଷିତ ଦୁର୍ଦ୍ଧାନ୍ତ ମାଓ ନେତା ସୋଡି କାନ୍ନା ନିହତ ହୋଇଛନ୍ତି। ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବଙ୍କ ସୂଚନା ଅନୁଯାୟୀ, ଜିଲାର ନ୍ୟାଶନାଲ ପାର୍କ ଅଞ୍ଚଳରେ ଟପ୍ କ୍ୟାଡର ମାଓବାଦୀମାନେ ଥିବା ସୂଚନା ପାଇ ଡିରଜ, ଦାନ୍ତେୱାଡା ଏସ୍‌ଟିଏଫ୍, କୋବ୍ରା ଓ ସିଆରପିଏଫ୍ ବାହିନୀ ସର୍ଚ୍ଚ କରିଥିଲେ। ନ୍ୟାଶନାଲ ପାର୍କ ଅଞ୍ଚଳରେ ତେଲଙ୍ଗାନା ରାଜ୍ୟ ପ.ସମିତି, ନ୍ୟାଶନାଲ ପାର୍କ ଏରିଆ କମିଟି, ପିଏଲଜିଏ ବାଟାଲିୟନ ତଥା ଅନ୍ୟ ସଶସ୍ତ୍ର ମାଓବାଦୀମାନେ ସକ୍ରିୟ ଥିବା ପୋଲିସକୁ ସୂଚନା ମିଳିଥିଲା। ଗତ ୪ ତାରିଖରୁ ସର୍ଚ୍ଚ ଚାଲିଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ତେବେ ଗତ ୩ ଦିନଧରି ଗୁଳି ବିନିମୟ ବେଳେ ସୋମବାର ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଘଟଣାସ୍ଥଳରୁ ଜଣେ ମାଓବାଦୀଙ୍କ ମୃତଦେହ ସହ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ଏଥିସହ ଘଟଣାସ୍ଥଳରୁ ୩୦୩ ରାଇଫଲ, ୬୪ ଅଫୁଟା ଗୁଳି, ଏକେ ୪୭, ପୋଷାକ, କୋଡେକ୍ସ ତାର, ଡିଟୋନେଟର, ପୁସ୍ତିକା, ରେଡିଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଉକ୍ତ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ବିଭାଗ ମିଳିତ ଆନୁକୁଲ୍ୟରେ ବନମହୋତ୍ସବ ପାଳନ ହୋଇଥିଲା । ମାଆଙ୍କ ନାମରେ ବୃକ୍ଷଟିଏ ଲଗେଇବା ଶିରୋନାମାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଫରେଷ୍ଟ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁ ଓ କଙ୍କଡ଼ାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ କରି ପୃଥିବୀ ପୃଷ୍ଠକୁ ସୁରକ୍ଷିତ ରଖିବା ସହ ବିଶ୍ୱ ତାପାୟନକୁ ନିୟନ୍ତ୍ରଣ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।ଅଧକ୍ଷ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଯୁବ ରେଡ଼କ୍ରସ ଅଧିକାରୀ ଲକ୍ଷ୍ମୀକାନ୍ତ ଶତପଥୀ ଓ ଜାତୀୟ ସେବା ଯୋଜନା ଅଧିକାରିଣୀ ଝୁନୁ ରାୟଙ୍କ ନେତୃତ୍ୱ ରେ ଛାତ୍ରଛାତ୍ରୀ ମାନେ ଅଁଳା,ଜାମୁ,ପିଜୁଳି,ବେଲ,କରଞ୍ଜ,ନିମ୍ବ ଆଦି ୧୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରେମାନନ୍ଦ ନାୟକ,ଅଜୟ ଚିନରା ,ଅଧ୍ୟାପିକା ରାକା ବେନ ପତି, ବନପାଳ ଦୀପକ ସାହୁ ,ଶିବରାମ ବେହେରା, ବିରେନ୍ଦ୍ର ଦେହୁରୀ ଓ ସମସ୍ତ ଫରେଷ୍ଟ କର୍ମଚାରୀମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।



# ୧୦ ଦଫା ଦାବି ନେଇ ଅମଲା ସଂଘର ପ୍ରତିବାଦ




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ରାଜ୍ୟରେ ସମସ୍ତ ରାଜସ୍ୱ ଅମଲା ସଂଘ ଦଶ ଦଫା ଦାବି ନେଇ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି ।ଦାବି ଗୁଡିକ ମଧ୍ୟରେ ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ରାଜସ୍ୱ କର୍ମଚାରୀଙ୍କ ପ୍ରାଥମିକ ଦରମା ଓଏସପି ୨୦୧୭ ଅନୁଯାୟୀ ଲେଭେଲ ୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି ଏବଂ କ୍ୟାଡର ପୁନର୍ଗଠନ, ସମସ୍ତ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ୍ୟର ସ୍ୱାସ୍ଥ୍ୟ ବୀମା, ୨୦୨୦ଥଇଥାନ ସ୍କିମ୍ ରଦ୍ଦ କରି ୧୯୯୦ ନିୟମ ଅନୁଯାୟୀ ମୃତ କର୍ମଚାରୀଙ୍କ ପରିବାରକୁ ଥଇଥାନ, ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନସନ ସ୍କିମ୍ ରଦ୍ଦ କରି ପୁରୁଣା ପେନସନ ସ୍କିମ୍ ଲାଗୁ କରିବା ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ରୁ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ପଦକୁ ପଦୋନ୍ନତି ପାଇଁ ସମୟ ଅବଧି ୪ ବର୍ଷ କରିବା ଆଦି ଦାବି ରହିଛି । ସଂଘର ନାଯ୍ୟ ଦାବି ପୂରଣ ନିମନ୍ତେ ଯଦି ସରକାର ଉଚିତ ପଦକ୍ଷେପ ନ ନିଅନ୍ତି ତେବେ ସଂଘ ଆଗକୁ ଆନ୍ଦୋଳନାତ୍ମକ ପଦକ୍ଷେପ ନେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଯଦି ଦାବି ପୂରଣ ନ ହୁଏ ଆସନ୍ତା ୧୪ ତାରିଖ ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଏକ ପ୍ରେସ ରିଲିଜ ଜରିଆରେ କୁହାଯାଇଛି । ଏହି କ୍ରମରେ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ରାଜସ୍ୱ କର୍ମଚାରୀ ରାଜେନ୍ଦ୍ର ପାତ୍ର, ବୁଦ୍ଧିରାମ ସାହୁ ଓ ଚନ୍ଦନ କୁମାର ପାତ୍ର ପ୍ରମୁଖ କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ ।

# କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ

ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧିନ କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ଡ଼ଃ ମନ୍ଦାକିନୀ ସାହୁଙ୍କ ଅଧକ୍ଷତା ଏବଂ ଯୁବ ରେଡ଼କ୍ରସ ସହାୟତାରେ ଉକ୍ତ ବିଦ୍ୟାଳୟ ପରିସରରେ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି ଓ ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫୁଲ, ଫଳ ତଥା ପରିବେଶ ଉପାଦେୟ ବୃକ୍ଷମାନ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବ ରେଡ଼କ୍ରସ କାଉନସିଲର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଭବେନ୍ଦ୍ର କୁମାର ଦେ, ଇଂରାଜୀ ଅଧ୍ୟାପକ ସେଖାଓ୍ୱତ ଅଲ୍ଲୀ ତଥା ବିଦ୍ୟାଳୟର ଅନ୍ୟ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏଥିରେ ଅଧକ୍ଷା ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷର ଉପକାରୀତା ଓ ଆବଶ୍ୟକତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଏଥିସହ 'ପ୍ଲାଣ୍ଟ ଏ ଟ୍ରି, ଗ୍ରୋ ଏ ଲାଇଫ / ପ୍ଲାଣ୍ଟ ଏ ଟ୍ରି, ସେଭ ଆର୍ଥ' ସ୍ଲୋଗାନ ଦେଇଥିଲେ ।



# 'ଗଛ ଲଗାଇ ଯତ୍ନ ନେବାକୁ ପରାମର୍ଶ'

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ପୁରୀ ବନଖଣ୍ଡ ଅଧିନ ଅସ୍ତରଙ୍ଗ

## ୭୬ତମ ବନ ମହୋତ୍ସବ ପାଳିତ

ବନ୍ୟପ୍ରାଣୀ ବନାଞ୍ଚଳ ଅଧିନ ବିଭିନ୍ନ ସ୍ଥାନରେ ୭୬ତମ ବନ ମହୋତ୍ସବ ୧ତାରିଖ ରୁ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ପାଳନର ଲକ୍ଷ୍ୟ ରଖାଯାଇଥିଲା । ଏହି ଅବସରରେ ଶେଷ ଦିନରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ବେଳାଭୂମି ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି । ଜଳବାୟୁ ପରିବର୍ତ୍ତନ




ଯୋଗୁଁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା, ବର୍ଷା ଦିନରେ ଗରମ ଅନୁଭୂତ ହେବା, ଶୀତ ଋତୁରେ ଥଣ୍ଡା ହ୍ରାସ ହେବା, ତାପମାତ୍ରା ବୃଦ୍ଧି ଯୋଗୁଁ ସାମୁଦ୍ରିକ ବାତ୍ୟା ପରି ପରିବେଶରେ ବିଭିନ୍ନ ଅପ୍ରାକୃତିକ ସମସ୍ୟା ସୃଷ୍ଟି ହୁଏ । ତେଣୁ ବୃକ୍ଷରୋପଣ ଦ୍ୱାରା ଏହି ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ଏବଂ ଆମ ପରିବେଶ ସୁରକ୍ଷିତ ରହିପାରିବ । ପରିବେଶ ସୁରକ୍ଷିତ ରହିଲେ ମଣିଷ ସମାଜ ସୁରକ୍ଷିତ ରହିବ ବୋଲି ବନାଞ୍ଚଳ ଅଧିକାରୀ ବକ୍ତବ୍ୟ ରଖିଥିଲେ । ବେଳାଭୂମି ଉଚ୍ଚ ବିଦ୍ୟାଳୟ ପରିସରରେ ଅତିଥି ଭାବେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରରେ ବଉଳ, ହରିଡ଼ା, ଅଁଳା, ଦେବଦାରୁ, ଚମ୍ପା ପ୍ରଭୃତି ଗଛ ରୋପଣ କରାଯାଇଥିଲା । ଉପସ୍ଥିତ ଛାତ୍ର, ଛାତ୍ରୀ ମାନଙ୍କୁ ବନ ବିଭାଗ କର୍ମଚାରୀ ଗଛ ଲଗାଇ ତାକୁ ଯତ୍ନ ନେଇ ସମାଜରେ ପ୍ରେରଣାଦାୟୀ ହେବାକୁ ପରାମର୍ଶ ଦେଇଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣି

ଆଳି(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ମ୍ୟୁନ୍ସୀପାଲଟି ଟାଉନ ହଲ କେନ୍ଦ୍ରାପଡ଼ାଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ମୋଟ ୧୨୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୧୧୨ ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ । ଅଭିଯୋଗ ଶୁଣାଣିରେ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ୩୭୦୦୦/- ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଭିଯୋଗ ଶୁଣାଣିରେ ମୁଖ୍ୟତଃ ଭତ୍ତା, ଜମିଜମା ବାବଦ,ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ସମ୍ବନ୍ଧୀୟ ଅଭିଯୋଗ ଗୁଡିକ ପଞ୍ଜିକୃତ ହୋଇଥିଲା । ଅଭିଯୋଗ ଗୁଡିକର ଶୁଣାଣିକରି ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଶୁଣାଣିରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଟାରୀୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ ।

## ୧୨୩ ଅଭିଯୋଗ ପଞ୍ଜିକୃତ



ଅଭିଯୋଗ ଶୁଣାଣିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସୂଚନା ଯେ, ଆସନ୍ତା ୧୪ ଜୁଲାଇ ଡେରାବିଶ ବ୍ଲକକାର୍ଯ୍ୟାଳୟ, ୨୧ ଜୁଲାଇରେ ଗରଦପୁର ଏବଂ ୨୮ ଜୁଲାଇରେ ରାଜନଗର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଗଜପତି ବ୍ରାହ୍ମଣ ମହାସଂଘର ବୈଠକ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ବ୍ରାହ୍ମଣ ମହାସଂଘର ଏକ ସ୍ୱତନ୍ତ୍ର ବୈଠକ ପ୍ରାକ୍ତନ ରାଜ୍ୟ ସଭାପତି ତଥା ଅନୁଷ୍ଠାନର ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ସାରିଛି । ୧୩.୭.୨୫ ରବିବାର ଦିନ ଭୁବନେଶ୍ୱର ଠାରେ ରାଜ୍ୟ ମହାସଂଘର ୨୪ତମ କାର୍ଯ୍ୟକାରୀଣି ବୈଠକରେ ବିଭୁତି ଭୂଷଣ ରଥ, ସୁଶିଳ କୁମାର ପଣ୍ଡା, ତ୍ରିପତି ପ୍ରସାଦ ପଣ୍ଡା, ଲୋକନାଥ ମିଶ, ନାଗେଶ୍ୱର ମହାପାତ୍ର ଓ ପ୍ରମୋଦ ଚନ୍ଦ୍ର ପାଢ଼ୀ,ଅଂଶ ଗ୍ରହଣ କରିବା ପାଇଁ ସ୍ଥିରୀକୃତ ହୋଇ ସାରିଛି । ଏହି କାର୍ଯ୍ୟକ୍ରମ ସହିତ ୧୬ଜଣ ସଭ୍ୟବୃନ୍ଦଙ୍କୁ କାର୍ଯ୍ୟକାରୀ ସଭ୍ୟରୂପେ ଚୟନ କରାଗଲା । ଅଶ୍ୱିନୀ ପାଢୀ,ଶ୍ୟାମସୁନ୍ଦର ଗନ୍ତାୟତ, ନୃସିଂହ ପ୍ରଧାନ ନାୟକ, ନାଗେଶ୍ୱର ମହାପାତ୍ର ଇତ୍ୟାଦି ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଭା ଶେଷରେ ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦର୍ଶ ବିଦ୍ୟାଳୟରେ ଚଷମା ବିତରଣ




ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ଶୁଳିଆପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ଭାଲିଆଶୋଳ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଚଷମା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଅଧିନସ୍ଥ ପ୍ରଥମରୁ ଦଶମ ଶ୍ରେଣୀରେ ଅଧ୍ୟୟନରତ ଦୃଷ୍ଟି ଦୋଷ ଥିବା ୧୪୯ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରିଣୀ ମାଳତୀ ଟୁଡୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ସ୍ଥାନୀୟ ସରପଞ୍ଚ ରାଇମାତ ମୁର୍ମୁ, ଓଏଭିର ଅଧକ୍ଷ ବିଜୟ କୁମାର ପୃଷ୍ଟି, ବିଆର୍‌ସିସି ସରୋଜ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ନିରାମୟ ଜୀବନ ଏବଂ ଚକ୍ଷୁର ଯତ୍ନ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଆରଟି ଶ୍ରୀଧର ପ୍ରସାଦ ସାହୁ ଓ ପ୍ରଦୀପ କୁମାର ଦଳାଇ ପରିଚାଳନା କରିଥିଲେ । ଶୁଳିଆପଦା ଗୋଷ୍ଠୀ ଶିକ୍ଷାଧିକାରି କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ପଙ୍କଜ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ, ସିଆର୍‌ସିସି ଓ ଆଦର୍ଶ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ

କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ପଞ୍ଚାୟତ ପାରାଦୀପ ଗଡ ଶ୍ରୀ ମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ । ଜଳବାୟୁ ପରିବର୍ତ୍ତନ ଯୋଗୁ ଋତୁ ଚକ୍ରରେ ପରିବର୍ତ୍ତନ କାରଣରୁ ଠିକ୍ ସମୟରେ ବର୍ଷା ଓ ଶୀତ ନହେବା ଓ ଗ୍ରୀଷ୍ମ ତାପ ବୃଦ୍ଧି ପାଇବା ଯୋଗୁଁ ଋତୁ ଚକ୍ରରେ ସ୍ଥିରତା ରହୁନାହିଁ, ଏଥିପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ । କୁଜଙ୍ଗ ବନ ବିଭାଗ ତରଫରୁ ଅମ୍ଳଜାନ ଉତ୍ପାଦନ ଜାତୀୟ ବୃକ୍ଷ ଯୋଗାଇ ଦିଆଯାଇଥିଲା ।

# ନୂତନ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ସୋମବାର ଦିନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇ ଥିବା ସରକାରୀ ସ୍ତରର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା । ଅଧକ୍ଷ ସଭାପତି ଆସନ ଅଳଙ୍କୃତ କରିବା ପରେ ଗଣିତ



ବିଭାଗର ଅଧ୍ୟାପକ ସଞ୍ଜିତ କୁମାର କର ଓ ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଅର୍ଚ୍ଚନା ମାଝୀଙ୍କ ସହ ସମସ୍ତ ନୂତନ ଅଧ୍ୟାପକ ଅଧ୍ୟାପିକାଙ୍କୁ ଆସନ ଅଳଙ୍କୃତ କରିବା ପାଇଁ ଅନୁରୋଧ କରିଥିଲେ । ପରେ ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଦିବ୍ୟଶ୍ରୀ ବାରିକ, ରୀମା ସେଠୀ, ଶୁଭଦର୍ଶିନୀ ଶ୍ୱେତପଦ୍ମା, ଯଶୋମତୀ ମହାନ୍ତ, ପ୍ରୀୟଙ୍କା ପାତ୍ର ଓ କନିଷ୍ଠ କିରାଣି ନନ୍ଦିନୀ ସାହୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ । ପରେ ପରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ଓ ବିଜ୍ଞାନ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇ ଥିଲା । ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ନୂତନ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ଉତ୍ତରି ପ୍ରଦାନ କରିଥିଲେ । ରାଜନୀତି ବିଜ୍ଞାନ ରେ ସୁଦୂର ସୁନ୍ଦରଗଡ ଜିଲ୍ଲାର ଉଇଲିୟମ କେରକେଟା, ଓଡିଆରେ ଟଙ୍ଗାବିଲା କରଡିଆର ତନିସା ନାଏକ, ସଂସ୍କୃତରେ ପାଟବିଲର ଦେବଜାନୀ ନାଏକ, ଗୃହ ବିଜ୍ଞାନରେ ଢେଙ୍କାନାଳର ସ୍ମୃତୀମୟୀ ସ୍ୱାଇଁ, ତର୍କଶାସ୍ତ୍ରରେ ଝୁମ୍ପୁରାର ରୂପମଣୀ ଟୁଡୁ, ଇତିହାସରେ ଯମୁନା ହେମ୍ବ୍ରମ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ଯୋଗଦେଇଛନ୍ତି । ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଓଡିଆ ଅଧ୍ୟାପକ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା । ନୂତନ ଓ ପୁରାତନ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଛାତ୍ରୀ ମାନଙ୍କୁ ଭଲ ପାଠ ପଢିବା ସହ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇ ଥିଲେ । କାର୍ଯ୍ୟକ୍ରମ ଶେଷ ରେ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଅର୍ଚ୍ଚନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାକୁ ସରସ ସୁନ୍ଦର କରିବା ପାଇଁ ଭୀମସେନ ବେହେରା ଓ ଛାତ୍ରୀ ମାନେ ସହଯୋଗ କରିଥିଲେ ।

# ୫ ମାମଲାରେ ୪ ୱାରେଣ୍ଟ ଗିରଫ

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ) : ଅଦାଲତ ନିର୍ଦ୍ଦେଶ କ୍ରମେ ବାଲିଚନ୍ଦ୍ରପୁର ପୋଲିସ ୫ଟି ମାମଲାରେ ୪ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପୋଲିସ ସୂଚନା ମୁତାବକ ଏକ ଏସ.ସି/ଏସ.ଟି ମାମଲାରେ ବନ୍ଦରେଶ୍ୱର ଗ୍ରାମର ବିରେନ୍ଦ୍ର କୁମାର ସାମଲଙ୍କ ଦୁଇ ପୁଅ ମିହିର କୁମାର ସାମଲ, ଅମର କୁମାର ସାମଲଙ୍କୁ ଗିରଫ କରିଥିବା ବେଳେ ଚେକ୍ ବାଉନ୍ସ ଓ ୱାନ୍ ସିସି ଭଳି ଦୁଇଟି ମାମଲାରେ ପତରାଜପୁର ଗ୍ରାମର ସୁଦର୍ଶନ ସେନାପତିଙ୍କ ପୁଅ ସୁରେନ୍ଦ୍ର କୁମାର ସେନାପତିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସେହିପରି କେନ୍ଦ୍ରାପଡ଼ା ସଦର ଥାନାର ଏକ ମାମଲାରେ ଏହି ଥାନା ଅନ୍ତର୍ଗତ ପଲେଇ ଗ୍ରାମର କାହ୍ନୁ ଚରଣ ମଲ୍ଲିକଙ୍କୁ ଅସ୍ତ୍ରଶସ୍ତ୍ର ନିରୋଧ ଆଇନରେ ଗିରଫ କରି କେନ୍ଦ୍ରାପଡ଼ା ସେସନ ଜଜ୍ କୋର୍ଟରେ ହାଜର କରାଯାଇଥିବା ନେଇ ଥାନାଧିକାରୀ ସମରଜିତ୍ ନାୟକ ସୂଚନା ଦେଇଛନ୍ତି ।

## ୧୧ରେ ସମ୍ବିଧାନ ବଂଚାଅ ସମାବେଶ

# ରାହୁଲ ଗାନ୍ଧୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ


ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଆସନ୍ତା ୧୧ ଜୁଲାଇରେ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ସମ୍ବିଧାନ ବଞ୍ଚାଅ ସମାବେଶକୁ ସମ୍ବୋଧିତ କରିବେ । ସଭାରେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ ଯୋଗ ଦେବେ । ଏହି ସମାବେଶର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ପ୍ରତ୍ୟେକ ଜିଲ୍ଲାରେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ସଂଯୋଜକ ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମ୍ବୋଧିତ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା କମିଟି ମିଡିଆ ସେଲର ପୂର୍ବତନ ଅଧକ୍ଷ ଡାକ୍ତର ତୁଷାର କାନ୍ତି ନାୟକ ଭାରତର ସମ୍ବିଧାନ ପ୍ରତି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ଏହାର ସମର୍ଥିତ ବିଜେପି ଦଳର ମୋଦି ସରକାର ତରଫରୁ କିପରି ବିପଦ ସୃଷ୍ଟି ହୋଇଛି ଏବଂ ଏହାର ସ୍ୱତନ୍ତ୍ର ଅନୁଚ୍ଛେଦ 'ଧର୍ମନିରପେକ୍ଷତା', 'ସମାଜବାଦୀ ଗଣତନ୍ତ୍ର' ଆଦି ଶବ୍ଦକୁ ହଟାଇଦେବା ନିମନ୍ତେ ଚକ୍ରାନ୍ତ ଚାଲିଛି ସେ ବିଷୟରେ ଆଲୋକପାତ କରିଥିଲେ । ଶ୍ରୀ ପଟ୍ଟନାୟକ ସମ୍ବିଧାନ ବଞ୍ଚିଲେ ଗଣତନ୍ତ୍ର ବଞ୍ଚିବ ଏବଂ ସମ୍ବିଧାନ ନରହିଲେ ଦେଶରେ ଗଣତନ୍ତ୍ର ପରିବର୍ତ୍ତେ ଏକ ଛତ୍ରବାଦ ଶାସନ ଯାହା ହିଟଲରର୍ ଫାସୀବାଦ ଏବଂ ଭାରତର ମଧ୍ୟଯୁଗୀୟ ମନୁବାଦୀ ବିଚାରଧାରାର ଶାସନ ଆରମ୍ଭ ହୋଇଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ଏପରି ହେଲେ ଦେଶରେ ଅରାଜକତା ବ୍ୟାପିଯିବା ସହିତ ଗୃହ ଯୁଦ୍ଧ ଆରମ୍ଭ ହେବାର ଭୟ ରହିଛି । ତଥାକଥିତ ଡବଲ ଇଞ୍ଜିନ ସରକାରର ଶାସନରେ ମୁଷ୍ଟିମେୟ ଶିଳ୍ପପତି ଓ କର୍ପୋରେଟ୍ ଦେଶର ସମ୍ପତିକୁ କବ୍‌ଜା କରିବାରେ ଲାଗିଛନ୍ତି ଏବଂ ଗରୀବ ଅତି ଗରୀବ ହୋଇ ଚାଲିଛନ୍ତି । ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ବିଶେଷକରି ଢେଙ୍କାନାଳ - ଅନୁଗୁଳ ଅଞ୍ଚଳରେ ଶିଳ୍ପପତି ମାନେ ଆଦିବାସୀ, ଦଳିତ ଏବଂ ଗରୀବ ଲୋକଙ୍କର ଜମି ସରକାରୀ ସହାୟତାରେ ବଳ ପ୍ରୟୋଗ କରି ହଡ଼ପ କରିବାରେ ଲାଗିଛନ୍ତି । ଭାରତର ସାମ୍ବିଧାନିକ ବ୍ୟବସ୍ଥାର ସୁଯୋଗ ନେଇ ଆଜି ମୋହନ ମାଝି ବିଧାୟକ ଓ ମୁଖ୍ୟମନ୍ତ୍ରୀ ହୋଇ ପାରିଛନ୍ତି । କିନ୍ତୁ ଆଦିବାସୀ, ଦଳିତ, ନିଷ୍ପେସିତ, ମହିଳା ମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି । ମହିଳାମାନଙ୍କ ପ୍ରତି ଅତ୍ୟାଚାର ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ସାମ୍ବିଧାନିକ ସଂସ୍ଥାକୁ ବିଶେଷ କରି ନିର୍ବାଚନ ଆୟୋଗ, ନ୍ୟାୟପାଳିକା, ଗଣମାଧ୍ୟମକୁ କେନ୍ଦ୍ର ସରକାର କରାୟତ କରିବାରେ ଲାଗିଛନ୍ତି । ସମ୍ବିଧାନର ସୁରକ୍ଷା ନିମନ୍ତେ କଂଗ୍ରେସ ସଂକଳ୍ପବଦ୍ଧ ଏବଂ ଏଥିପାଇଁ କଂଗ୍ରେସ ତୃଣମୂଳ ସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜନମାନସରେ ସଚେତନତା ସୃଷ୍ଟି କରିବ ବୋଲି ନେତାମାନେ ଗଣମାଧ୍ୟମକୁ ଜଣାଇଛନ୍ତି । 'ଭାରତଯୋଡୋ' ପଦଯାତ୍ରାର ନାୟକ ଏବଂ 'ନଫରତ୍ କି ବାଜାର୍ ମେ ମୋହବତ୍ କି ଦୁକାନ୍' ଆହ୍ୱାନ ଦେଇଥିବା ଜନନାୟକ ରାହୁଲ ଗାନ୍ଧିଙ୍କର ଏହି ସମାବେଶକୁ ସଫଳ କରାଇବା ନିମନ୍ତେ ଗଣମାଧ୍ୟମର ପ୍ରତିନିଧିଗଣ ଏହି ସମ୍ବାଦ ସାଧାରଣ ଲୋକଙ୍କ ନିକଟରେ ପହଁଚାଇବା ନିମନ୍ତେ ଶ୍ରୀ ପଟ୍ଟନାୟକ ପ୍ରତିନିଧିମାନଙ୍କୁ ନିବେଦନ କରିଛନ୍ତି ।

# ରାଶିଫଳ


**ବୁଧବାର, ୦୯ ଜୁଲାଇ ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ । ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ ।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି । ଏକ ଦୀର୍ଘ ରୋଗରୁ ମୁକ୍ତି ମିଳିପାରେ ।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ । ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।




**ସିଂହ:** ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ । କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।




**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ ।



**ମକର:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି । ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଭ୍ରମଣରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ ।



**ମୀନ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।



ଜ୍ୟୋତିଷ ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଉମରକୋଟ(ଭାସ୍କର ନ୍ୟୁଜ୍):ଉମରକୋଟ ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭଣ୍ଡାରୀଗୁଡାରେ ଚଳିତ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ବନମହୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରକାଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଧୋଡ୍ରା ବିଟର ବନ ଅଧିକାରୀ ସ୍ମିତପ୍ରଜ୍ଞା ତ୍ରିପାଠୀ ଯୋଗ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ ବନ ଅଧିକାରୀ ମାନେ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷର ଗୁରୁତ୍ୱ ଓ ପରିବେଶ ସଚେତନତା ଉପରେ ଉଦବୋଧନ ଦେଇଥିଲେ। ପ୍ରାଧାପକ ରଂଜିତ ମଜୁମଦାର ସଭା ପରିଚାଳନା କରିଥିଲେ। ସଂସ୍କୃତ ଶିକ୍ଷକ ମିହିର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ,ଜେ.ଆର.ସି ଓ ସ୍କାଉଟ ପିଲାମାନଙ୍କ ସହଯୋଗରେ ବନ କର୍ମଚାରୀମାନେ ବିଦ୍ୟାଳୟ ହତା ଓ ପାର୍ଶ୍ୱରେ ୧୦୦ରୁ ଊର୍ଦ୍ଧ ବିଭିନ୍ନ ପ୍ରକାର ଚାରାଗଛ ରୋପଣ କରିଥିଲେ। ତତ୍‌ସହ ସ୍ଥାନୀୟ ଗ୍ରାମରେ ପରିବେଶ ସଚେତନତା ଶୋଭାଯାତ୍ରା ଆୟୋଜନ ହୋଇଥିଲା।



# କୂଳ ଖାଉଛି ତେଲନଦୀ, ଭୟ ଓ ଆଶଙ୍କାରେ ନଦୀକୂଳିଆ

## ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ



କନ୍ଧମାଳ(ଭାସ୍କର ନ୍ୟୁଜ):କନ୍ଧମାଳ ବ୍ଲକରେ ଦୀର୍ଘ ୬୦କିଲୋମିଟର ଦେଇ ପ୍ରବାହିତ ତେଲନଦୀ ବ୍ଲକର ଜୀବନ ରେଖା କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ହେଲେ ଉକ୍ତ ତେଲନଦୀ ବର୍ତ୍ତମାନ ନଦୀକୂଳିଆ ଲୋକଙ୍କ ପାଇଁ କାଳ ସାଜିଛି। କନ୍ଧମାଳ ବ୍ଲକର , କନ୍ଧମାଳ, ଲୋକାପଡା, ପଥର୍ଲା, ଗବଜୋର୍, କିର୍ଲା, ଘଣ୍ଟାପଡା, ମାଣିକପୁର, ଶ୍ରୀମାଲ, ମଲିକୁଦ, ଗୁଆବାହାଲ, କମଘାଟ, ସାହୁପଡା, ଅମ୍ଡୂର୍ଡା, ଦହ୍ୟା ବାଉଶୁଣି, ମନମୁଣ୍ଡା, ଦେଉଳି, କପାସିରା, ରତାଖଣ୍ଡି, ତୁଣ୍ଡୁମାଲ, ଆମ୍ବଗହଣା ପ୍ରଭୃତି ଗାଁ ଗୁଡ଼ିକ ଦେଇ ପ୍ରବାହିତ ହେଉଛି । ପ୍ରତିବର୍ଷ ବନ୍ୟା ହେଲେ ତେଲନଦୀ କୂଳ ଖାଉଛି। ଅଧିକ ବନ୍ୟା ହେଲେ ନଦୀକୂଳିଆ ଗ୍ରାମବାସୀ ଭୟଭୀତ ଓ ଆଶଙ୍କାରେ ଦିନ କାଟନ୍ତି । ନଦୀଗୁଡିକରେ ନଈକୂଳିଆ କିଛି ଗାଁ ଓ ଚାଷ ଜମି ଲୀନ ହେବାକୁ ବସିଲାଣି । ନଦୀ କୂଳର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ଦାବୀ କରି ଆସୁଥିଲେ ମଧ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁ ନାହାନ୍ତି । ଅନେକ ସ୍ଥାନରେ ଲଗାତାର ବର୍ଷା ହେଲେ ବନ୍ୟାଜଳ କୂଳ ଲଙ୍ଘି ଗାଁ ଭିତରକୁ ପଶି ଆସେ । ତେବେ ବନ୍ୟା ଜଳରେ ବିଭିନ୍ନ ବିଛା,ସରୀସୃପ ଆଦି ଜୀବଜନ୍ତୁ ମଧ ଭାସି ଆସି ଗାଁ କୁ ପଶି ଆସନ୍ତି । ବେଳେ ବେଳେ ସରୀସୃପ ଲୋକଙ୍କୁ କ୍ଷତି ମଧ ପହଞ୍ଚାଇଥାନ୍ତି । ଯେଉଁ ଗାଁକୁ ବନ୍ୟା ଜଳ ପଶି ଆସେ ଗ୍ରାମବାସୀ ବର୍ଷା ଦିନେ ଭୟଭୀତ ଅବସ୍ଥାରେ ରୁହନ୍ତି । ସରକାରଙ୍କ ତରଫରୁ କିଛି ଜାଗାରେ ପଥର ପ୍ୟାଚିଂ କରି ଆଡ଼ି ବନ୍ଧ ନିର୍ମାଣ କରାଯାଇଛି । ହେଲେ ଆଜି ବି ଅଧିକାଂଶ ସ୍ଥାନରେ ପଥର ପ୍ୟାଚିଂ କରାଯାଇ ନାହିଁ ।କିଛି ନଈକୂଳିଆ ଜମିକୁ ବେଳେ ବେଳେ ବର୍ଷା ପାଣି ମାଡି ବାଲିଚର ହୋଇଯାଏ। ଫଳରେ ଜମି ସହ ଫସଲ ମଧ ନଷ୍ଟ ହୋଇ ଚାଷୀଙ୍କୁ କ୍ଷତିରେ ପକାଇଥାଏ । ତୁରନ୍ତ ଏହାର ସମାଧାନ କରିବାକୁ ନଈ କୂଳିଆ ଅଂଚଳରେ ବସବାସ କରୁଥିବା ଗ୍ରାମବାସୀ ଦାବି କରିଛନ୍ତି । ନ ହେଲେ ଅଗାମୀ ଦିନରେ ତେଲ ନଦୀରେ ଉକ୍ତ ଗ୍ରାମଗୁଡିକ ଲୀନ ହୋଇଯିବ ବୋଲି ଆଶଙ୍କା କରାଯାଉଛି । ଏନେଇ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ବେଳେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ବୈଠକ



ଡାବୁଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଏକ ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଜିଲ୍ଲା ସଭାପତି ଶିବାନନ୍ଦ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ଜାବେଦ ଆଖତର ଯୋଗ ଦେଇଥିଲେ। ଶ୍ରୀ ଅଖତର ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। ଅତ୍ୟଧିକ କାର୍ଯ୍ୟଭାର ସହ ଅଣ ରାଜସ୍ୱ କାର୍ଯ୍ୟ ଭାର ବୃଦ୍ଧି ନେଇ ଉଦବେଗ ପ୍ରକାଶ ପାଇଥିଲା। ବିଶେଷ କରି ଭିତିଭୂମି ର ଅଭାବ, ବିଦ୍ୟୁତ୍ ସଂଯୋଗ, ମୋବାଇଲ ଭତ୍ତା ଅନାଦେୟ, କାଗଜ,କେଟ୍ରିଜ୍ ଭଳି ସାମଗ୍ରୀ ତଥା ଯାତାୟାତ ଭତ୍ତା ନେଇ ସମସ୍ୟା ରହିଥିବା କହିବା ସହ ରାଜ୍ୟସ୍ତରୀୟ ଦାବୀ ଉପରେ କହିଥିଲେ। ବୈଠକ ରେ ଭୁବନେଶ୍ୱର ମହାନଗର ନିଗମର ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ସଂଘ ତରଫରୁ ନିନ୍ଦା କରାଯାଇଥିଲା। ରାଜ୍ୟ ଡିଜିଟାଲ ରାଜସ୍ୱ ସେବା ନିୟମ ୨୦ର ଉଲ୍ଲଂଘନ କରି ତହସିଲଦାରମାନଙ୍କ ଦ୍ୱାରା ଘନ ଘନ ବଦଳି ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକୁ ତହସିଲ ସଂଘମାନଙ୍କ ଦ୍ୱାରା ସଂଗ୍ରହ କରାଯାଇ ଜିଲ୍ଲା ସଂଘକୁ ଅବଗତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲାର ସମସ୍ତ ରାଜସ୍ୱ ମଣ୍ଡଳ କାର୍ଯ୍ୟାଳୟରେ ଗ୍ରୁପ ଡି ପିଅନ ପୋଷ୍ଟ ଶୀଘ୍ର ପୂରଣ,ତହସିଲ ସ୍ତରୀୟ ଶାଖା ଗଠନ, ଜିଲ୍ଲାରେ ସଂଘର ଏକ ରାଜସ୍ୱ ଗୃହ ନିର୍ମାଣ, ରାଜ୍ୟ ସଂଘକୁ ନ୍ୟାୟ ସଙ୍ଗତ ଦାବୀଗୁଡ଼ିକ ପୂରଣରେ ସହଯୋଗ କରିବାକୁ ଜିଲ୍ଲା ସଂଘକୁ ସହାୟତା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସରକାରଙ୍କୁ ବିଭିନ୍ନ ଦାବି ଉପସ୍ଥାପନ ଯଥା କ୍ୟାଡ଼ର ପୁନର୍ଗଠନ, ଶିକ୍ଷାଗତ ଯୋଗ୍ୟତା ସ୍ନାତକ କୁ ବୃଦ୍ଧି, ରାଜସ୍ୱ ପରିଦର୍ଶକଙ୍କ ପଦନାମ ପରିବର୍ତ୍ତନ ତଥା ପିଅନ ପଦବୀ ଗୁଡ଼ିକ ଯଥାଶୀଘ୍ର ପୂରଣ ନେଇ ଆଲୋଚନା ହୋଇଥିଲା। ୬୮ ଟି ରାଜସ୍ୱ ମଣ୍ଡଳ କାର୍ଯ୍ୟାଳୟରେ ଲାପଟପ୍ ପ୍ରଦାନ ହେତୁ ଜିଲ୍ଲା ପ୍ରଶାସନ କୁ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଶେଷରେ ରାଜସ୍ୱ ନିରୀକ୍ଷକ ପାହ୍ୟାକୁ ପଦୋନ୍ନତି ପାଇଥିବା ତିନି ଜଣଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସଂଘର ପରାମର୍ଶଦାତା ପି ଉଦୟ କୁମାର ଧନ୍ୟବାଦ ଅର୍ପଣ କରିଥିବାବେଳେ ଅନ୍ୟମାନଙ୍କ ମଧରେ ଉମରକୋଟ ଜୋନ ଉପ ସଭାପତି ରେଖା କାଞ୍ଜିଲାଲ, ପରାମର୍ଶଦାତା ଅନିଲ କୁମାର ଦାସ ଡାବୁଗାଁ ତହସିଲର ଗଙ୍ଗା ମହାକୁଡ଼ ଓ ଚୈତନ୍ୟ ବେହେରା ସହ ଜିଲ୍ଲାର ୧୦ ଗୋଟି ବ୍ଲକର ରାଜସ୍ୱ କ୍ଷେତ୍ର ଅଧିକାରୀ ଉପସ୍ଥିତ ଥିଲେ।

# ସହିଦ ନିରଞ୍ଜନ କର୍ସେଲଙ୍କ ସ୍ମୃତିରେ ସଭା

ବାମରା (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ବାଉଁଶଲଗା ପଞ୍ଚାୟତ ବାରଗାଡ ର ସହିଦ ନିରଞ୍ଜନ କର୍ସେଲ ଙ୍କ ସ୍ମୃତିରେ, ସ୍ମୃତି କମିଟି ସଭାପତି ମହାବୀର ପ୍ରସାଦ ଖଣ୍ଡେଲୱାଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । କମିଟି ସମ୍ପାଦକ କିଶୋର ଚନ୍ଦ୍ର ଗୋପାଳ ସଭା ପରିଚାଳନା କରିଥିଲେ। ଉକ୍ତ ସଭାରେ ପୂର୍ବ କୁଚିଣ୍ଡା ବିଧାୟକ ରାଜେନ୍ଦ୍ର ଛତ୍ରିଆ , ସହିଦଙ୍କ ମା ତିଳୋତ୍ତମା କର୍ସେଲ, ବାଉଁଶଲଗା ସରପଞ୍ଚ ବୈଜୟନ୍ତୀ ନାଏକ, ଉଚ୍ଚକାପାଟ ସରପଞ୍ଚ ସୁବନ୍ତି କେଚ୍ଛୁ, ବାମରା ବ୍ଲକ୍ ଭାଇସ ଚେୟାରମେନ ସଞ୍ଜୟ ଦାଶ, ବିଧାୟକ ପ୍ରତିନିଧି ସୁନିଲ ଦାସ , ସମିତି ସଭ୍ୟ ସୌଦାମିନୀ ନାଏକ , ସମିତି ସଭ୍ୟ ସବିତା ପାତ୍ର, ଅବସରପ୍ରାପ୍ତ କ୍ୟାପଟେନ ମହେନ୍ଦ୍ର ପୃଷେଠ, ଅବସରପ୍ରାପ୍ତ ସେନା ବାହିନୀର ଜ୍ଞାନ ରଞ୍ଜନ ମହାନ୍ତି , ବାମରା ନାଗରିକ କମିଟି ସମ୍ପାଦକ ଜ୍ୟୋତି କୁମାର ଲାଠ , ଏ ବି ଇଓ ହୃଦାନନ୍ଦ ପ୍ରଧାନ, ବାମରା ବିଜେପି ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ସହିଦଙ୍କ ଉଦେଶ୍ୟରେ ବାକି ପଡିଥିବା ଅଧୁରା କାମ ଏ ଯାଏଁ ଆରମ୍ଭ କରାଯାଇ ନ ଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା । ବହୁ ପରୀକ୍ଷିତ ବାମରା ବାରଗାଡ ରାସ୍ତାକୁ ସହିଦଙ୍କ ନାମରେ ନାମିତ କରିବାକୁ ଦାବି ହୋଇଥିଲା । ଶେଷରେ ସମସ୍ତେ ମିଶି ବୃକ୍ଷ ଚାରାରୋପଣ କରିଥିଲେ । ସଭା ଶେଷରେ ଲେଲିନ ସେନ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ଯ୍ୟରତ ସାମ୍ବାଦିକ ପରିଷଦର ବୈଠକ



ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ୨ ଠାରେ କାର୍ଯ୍ୟରତ ସାମ୍ବାଦିକ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରିଷଦର ମୁଖ୍ୟ ସଂଯୋଜକ ତପନ ରଞ୍ଜନ ଦାଶଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ବେଳେ ସାମ୍ବାଦିକ ସତ୍ୟବ୍ରତ ଷଡଙ୍ଗୀଙ୍କୁ କିଛି ଦୁର୍ବୃତ୍ତ ଯୁବକ ତାଙ୍କ ପାର୍ଟସ ଦୋକାନ ଭିତରକୁ ପଶି ମରଣାନ୍ତକ ଆକ୍ରମଣ କରିଥିଲେ । ତେଣୁ ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହେଉଛି। ରାଜ୍ୟ ସାମ୍ବାଦିକଙ୍କୁ ବିଭିନ୍ନ ସମୟରେ ମାଡ ମାରିବା ଘଟଣା ସହ ସାମ୍ବାଦିକମାନଙ୍କ ପ୍ରତି ହେଉଥିବା ଘଟଣାକୁ ନିନ୍ଦା କରିବା ସହ ସାମ୍ବାଦିକ ସୁରକ୍ଷା ଆଇନ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ଯେପରି ପୋଲିସକୁ ମାଡ ହେଲେ ଯେଉଁ ସୁବିଧା ଯୋଗାଇ ଦିଆଯାଉଛି ସେ ସୁବିଧା ସାମ୍ବାଦିକଙ୍କୁ ମଧ୍ୟ ଯୋଗାଇ ଦେବାକୁ ଦାବୀ ହେଉଛି। କାର୍ଯ୍ୟରତ ସାମ୍ବାଦିକ ପରିଷଦ ଖଡ଼ିଆଳ ତରଫରୁ ଷଡ଼ଙ୍ଗୀଙ୍କୁ ସବୁପ୍ରକାର ସହଯୋଗ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଆଗାମୀ ଦିନରେ କାର୍ଯ୍ୟରତ ସାମ୍ବାଦିକ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ତାଲିମ ଶିବିର କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିରେ ନୂଆପଡା ଜିଲ୍ଲାର ସମସ୍ତ ଇଛୁକ ସାମ୍ବାଦିକ ଏକଦିନିଆ ତାଲିମ ନେଇ ପାରିବେ ବୋଲି ନିଷ୍ପତ୍ତି ନିଆଗଲା। ବୈଠକ ରେ ବରିଷ୍ଠ ସାମ୍ବାଦିକ ଅଜିତ କୁମାର ପଣ୍ଡା,ବିଜୟ କୁମାର ସହିସ, ସହ ସଂଯୋଜକ ମୋତିଲାଲ ବାଗ, କୋର କମିଟି ସଦସ୍ୟ ପରମେଶ୍ୱର ବାରିକ,କୋର କମିଟି ସଦସ୍ୟ ଯୋଗେଶ୍ୱର ସଗରିଆ,ସନ୍ତୋଷ ଦଣ୍ଡସେନା, ସୁଜିତ କୁମାର ପ୍ରଧାନ, ହେମନ୍ତ କୁମାର ବେହେରା,ବାପିନା ସାହୁ, ଶାନ୍ତ କୁମାର ସରାଫ, ଦେବେଶ ହୋତା, ଓମ ପ୍ରକାଶ ଚୌଧୁରୀ,ଚନ୍ଦ୍ର ଶେଖର ବେହେରା, ଦିନନାଥ ଛତ୍ରୀୟ, ଶ୍ୟାମସୁନ୍ଦର ସଗରିଆ, ମାଇକେଲ ନନ୍ଦ, କଲିମ ଖାନ, ରବିକାନ୍ତ ଠେଲା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୁନାଲ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

# ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ହିତାଧିକାରୀଙ୍କୁ ମିଳିନି ଏନ୍ଆର୍ଇଜିଏସ୍ ଟଙ୍କା

କୋଷାଗୁମୁଡା (ଭାସ୍କର ନ୍ୟୁଜ୍):କେନ୍ଦ୍ର ସରକାର ଗରିବ, ଖଟିଖିଆ, ଦିନ ମଜୁରିଆ ତଥା ନିହାତି ଗରିବ ଶ୍ରେଣୀର ଜନସାଧାରଣ ମାନଙ୍କ ମୁଣ୍ଡ ଉପରେ ଛାତ ଖଣ୍ଡେ ଖଣ୍ଡେ ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଯୋଜନା କରିଛନ୍ତି ।ଏହି ଯୋଜନାରେ ଶ୍ରମିକ ଓ କୁଲି ବାବଦକୁ ଏନଆରଜିଏସ ପକ୍ଷରୁ ଅତିରିକ୍ତ ୨୨ ହଜାର ଟଙ୍କା ମଧ ହିତାଧିକାରୀଙ୍କୁ ଯୋଗେଇ ଦିଆଯିବାର ପ୍ରାବଧାନ ରହିଛି ।ହେଲେ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳା ତଥା ଆନ୍ତରିକତା ଅଭାବ ଯୋଗୁଁ ହିତାଧିକାରୀ ମାନେ ଏହି ରାଶି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।ଏଭଳି ଏକ ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାରୁ । କୋଷାଗୁମୁଡା ଗ୍ରାମର ଦୈତାରୀ ଘାଟୁଆଳଙ୍କ ଧର୍ମପତ୍ନୀ ଚନ୍ଦ୍ରା ଘାଟୁଆଳ ଗତ ୨୦୨୧-୨୨ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଖଣ୍ଡେ ପାଇଥିଲେ । ଯାହାର ୱାର୍କ ଅଡର ନମ୍ବର ହେଉଛି ଓଆର ୧୫୪୨୯୪୩୧୨ । ବର୍ତ୍ତମାନ ଘର ସମ୍ପୂର୍ଣ୍ଣ ହୋଇ ସାରିଥିଲେ ସୁଦ୍ଧା ଏଯାଏ ଏନଆରଜିଏସର ଟଙ୍କାଟିଏ ମଧ ପାଇନାହାନ୍ତି ।ସେ ଏନଆରଜିଏସ ପଇସା ପାଇଁ ପଞ୍ଚାୟତଠୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଧାଇଁଥିଲେ ମଧ କୌଣସି ସୁଫଳ ମିଳିନଥିବା ଦୁଃଖର ସହିତ ପ୍ରକାଶ କରିଛନ୍ତି ।ଦୈତାରୀ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଏନଆରଜିଏସ ରାଶି ନିହାତି ଆବଶ୍ୟକ ଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ।ଧାର କରଜ କରି ସେ ଘର ସାମଗ୍ରୀ କିଣି ଘର କାମ ସମ୍ପୂର୍ଣ୍ଣ କରିଥିବା ବେଳେ ଏନଆରଜିଏସ ଟଙ୍କା ପାଇବାରୁ ସେ ବଞ୍ଚିତ ରହିଥିବାରୁ ଲୋକଙ୍କ ଧାର କରଜ କେମିତି ସୁଝିବେ ସେନେଇଁ ଚିନ୍ତିତ ଅଛନ୍ତି ।ଏ ବିଷୟରେ ପଞ୍ଚାୟତର ଜିଆରଏସ (ଗ୍ରାମ ରୋଜଗାର ସେବକ )ଙ୍କୁ ପଚାରିବାରୁ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି କି, ଯେହେତୁ ଚନ୍ଦ୍ରାଙ୍କ ଫାଇନାଲ ବିଲ ପାଇଁ ଯାଇଛି।

# ଚନ୍ଦ୍ରପୁରୀରୁ ଦୁଗଲାହାଣ୍ଡି ଯିବାକୁ ନାହିଁ ପକ୍କାରାସ୍ତା

## ■ମିଛ ବିକାଶର ମୂକସାକ୍ଷୀ ସାଜିଛି ବକୋଦା ପଞ୍ଚାୟତ



ଉମରକୋଟ(ଭାସ୍କର ନ୍ୟୁଜ): ମିଛ ବିକାଶର ମୂକସାକ୍ଷୀ ହେଉଛି ଏହି ପଂଚାୟତ ବକୋଦା। କହିବାକୁ ଗଲେ କିଛି ଜନ ପ୍ରତିନିଧି ଓ କନିଷ୍ଠ ଯନ୍ତ୍ରୀଙ୍କ ରୋଜଗାରର ମାଧ୍ୟମ ହୋଇ ରହିଯାଇଛି ଏହି ପଂଚାୟତ। ଏଠି ଗାଁ ମୁଣ୍ଡରୁ ହିଁ ବିକାଶ ମୁହଁ ମାଡ଼ିପଡିଯାଇଥିବା ଦେଖିବାକୁ ମିଳିଛି। ଏହି ପଂଚାୟତର ଚନ୍ଦ୍ରପୁରୀ ଠାରୁ ଦୁଗଲାହାଣ୍ଡି ଗାଁ କୁ ଯାତାୟାତ ନିମନ୍ତେ ପକ୍କା ରାସ୍ତା ନାହିଁ। ଯେଉଁ ରାସ୍ତା ରହିଛି ସେଥିରେ ସ୍ଥାନୀୟ ଜିଲ୍ଲା ପରିଷଦ ଚନ୍ଦନ ରାୟ ଓ କନିଷ୍ଠ ଯନ୍ତ୍ରୀ ଉଦୟନାଥ ମୁର୍ମୁଙ୍କ ମିଳିତ ମଧୁଚନ୍ଦ୍ରିକା ରେ ଲୋକଙ୍କୁ ଭୁଆଁ ବୁଲେଇ ନିଜ ପକେଟ ଗରମ କରିବାରେ ଲାଗିଛନ୍ତି। ମନରେଗା ଯୋଜନାରେ ମାଟି ମୁରୁମ ପକେଇ ବିନା ଫଳକରେ ଲକ୍ଷ ଲକ୍ଷ ଟଙ୍କା ବିଲ କରି ଆତ୍ମସାତ କରିବାକୁ ବସିଲେଣି। ଏହି ଦୃଶ୍ୟ ହେଉଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ବକୋଦା ପଂଚାୟତ ର ଚନ୍ଦ୍ରପୁରୀ ଠାରୁ ଦୁଗଲାହାଣ୍ଡି କୁ ସଂଯୋଗ କରୁଥିବା ରାସ୍ତାର। ଏହି ରାସ୍ତାରେ ପ୍ରତିବର୍ଷ କେବଳ ମାଟି ମୁରୁମ ପକେଇ ବିନା ଫଳକ ଲଗେଇ ଜିଲ୍ଲା ପରିଷଦ ଠିକାଦାର ସାଜି କନିଷ୍ଠ ଯନ୍ତ୍ରୀଙ୍କ ସହ ମଧୁଚନ୍ଦ୍ରିକା କରି ଗରିବ ନିରୀହ ଲୋକଙ୍କ ପାଇଁ ନିର୍ମାଣ ହେବାକୁ ଥିବା ରାସ୍ତା ଖାଇଗଲେଣି ।ବର୍ଷା ଦିନ ହୋଇଥିବାରୁ ଏହି ରାସ୍ତାରେ କୌଣସି ପୋଖରୀର ମାଟି ଆଣି ବିଛେଇ ଦେଇଛନ୍ତି ଯାହାଫଳରେ ରାସ୍ତା ଏତେ କାଦୁଅ ହେଇଛି ଯେ ଲୋକମାନେ ରାସ୍ତାରେ ପଡି ଗୋଡ଼ ହାତ ଭାଙ୍ଗିଯାଉଛି। କିନ୍ତୁ ରାସ୍ତା ସୁଧୁରି ପାରୁନାହିଁ। ଏବିଷୟରେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେରଙ୍କୁ ଭେଟିବାକୁ ଗଲେ ସେ ଅଫିସରେ ରହୁନାହାନ୍ତି, କିଛି ଦିନ ପୂର୍ବେ ଉକ୍ତ ରାସ୍ତାର ତଦନ୍ତ କରି ଯାଞ୍ଚ କରାଯିବ ଏବଂ କାର୍ଯ୍ୟରେ ଯଦି କିଛି ଦୁର୍ନୀତି ଦେଖାଦିଏ ତାହାହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କିନ୍ତୁ ଏପର୍ଯ୍ୟନ୍ତ କିଛି କରିପାରିଲେ ନାହିଁ। ସେପଟେ ଏଇ ସଂକେତ ନାୟକ ନୂତନ ସରକାର ଆସିଲା କାମ ମଧ ନୂଆ ହେବ ଭଲ ଭାବରେ ହେବ କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ କାମ ହେବ କେବେ। ଏଥିରୁ ସ୍ପଷ୍ଟ ହେଉଛି ଯେ କିଛି ସରକାରୀ ବାବୁ ଓ ଜନ ପ୍ରତିନିଧି ମିଳିତ ଭାବେ ଭାଗ ବଣ୍ଟା କରି ରାସ୍ତାର ଅଗ୍ରିମ ବିଲ ପାସ କରି ନିଜର ପକେଟ ଗରମ କରୁଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଜଣେ ଜନ ପ୍ରତିନିଧି ଓ ଏଭଳି ସରକାରୀ ବାବୁ ଙ୍କ କାରନାମା ଉପରେ ପ୍ରଶାସନ କଣ ପଦକ୍ଷେପ ନେଉଛି।

# ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳିତ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାରେ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ସାହିତ୍ୟିକ ଡ. ସଞ୍ଜୟ କୁମାର ପଣ୍ଡା, ଉତ୍କଳ ସମ୍ମିଳନୀର ଜିଲ୍ଲା ସଭାପତି ପଦ୍ମାଳୟା ମିଶ୍ର, ସାହିତ୍ୟିକ ରମେଶ ପ୍ରସାଦ ମେହେର, ନବ କିଶୋର ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୦୦ ରୁ ଊର୍ଦ୍ଧ ଛାତ୍ରଛାତ୍ରୀ ମାନଙ୍କ ମଧରେ ବରିଷ୍ଠ ଓ କନିଷ୍ଠ ଉଭୟ ବିଭାଗରେ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ଇଂରାଜୀରୁ ଓଡିଆ ଅନୁବାଦ ଏବଂ ଓଡିଆ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।




ସହକାରୀ ଜିଲ୍ଲାପାଳ ତଥା ସହକାରୀ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର କୁମାର ଜାନି ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଚାରକ ଭାବେ ଡ. ଇଂ ସଞ୍ଜୟ କୁମାର ପଣ୍ଡା,ଦୁଃଖୀଶ୍ୟାମ ବେହେରା,ସୁଶାନ୍ତ କୁମାର ମହାପାତ୍ର, ରମେଶ ପ୍ରସାଦ ମେହେର,ନବ କିଶୋର ଦୀପ, ଗୋପାଳ ଅମାତ, ଜ୍ଞାନେନ୍ଦ୍ର ନାରାୟଣ ରଥ, ନୀଳ ଲୋହିତ ମହାପାତ୍ର, ମଧୁମିତା ମିଶ୍ର,ସନ୍ତୋଷ କୁମାର କର୍ଣ୍ଣ, ପଦ୍ମାଳୟା ମିଶ୍ର, ଆନନ୍ଦ କୁମାର ବେହେରା ଯୋଗ ଦେଇଥିଲେ।

# ଖୋଲିଲା ବନ୍ଦ ଥିବା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପାଠାଗାର

## 'ଓଡ଼ିଶା ଭାସ୍କର'ର ପ୍ରଭାବ

କୁଚିଣ୍ଡା(ଭାସ୍କର ନ୍ୟୁଜ): ଚଳିତମାସ ୪ ତାରିଖରେ ଓଡିଶା ଭାସ୍କରରେ ଖବର ପ୍ରକାଶନ ପରେ, ଜିଲ୍ଲା ଓ ଉପଖଣ୍ଡର ଚେତା ପଶିଛି। ପ୍ରବଳ ବର୍ଷା ସତ୍ତ୍ୱେ ତରବରିଆ ଭାବରେ ଦିନକ ପରେ, ୫ତାରିଖ ଦିନ ତିନିବର୍ଷ ହେଲା ବନ୍ଦଥିବା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ଖୋଲାଯାଇଛି। ଏହି ବନ୍ଦ କାର୍ଯ୍ୟାଳୟ କୁ ଶୁଭ ଉଦ୍ଘାଘାଟନ କରିଛନ୍ତି ପଞ୍ଚାୟତରାଜ, ଗ୍ରାମ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ। ଏହି ଉଦ୍‌ଘାଟନରେ କୁଚିଣ୍ଡା ଉପଜିଲ୍ଲାପାଳ, ଗୌରବମୟ ପ୍ରଧାନ, ସମ୍ବଲପୁର ଜିଲ୍ଲା ଲୋକସଂପର୍କ ଅଧିକାରୀଣୀ ସଂଯୁକ୍ତା କୁଲୁଙ୍କ ଉପସ୍ଥିତିରେ ସୂଚନା କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଖୋଲାଯାଇଛି। ଏଥିରେ ଥିବା ପାଠାଗାରକୁ ଡିଜିଟାଲ ପାଠାଗାର, ସହ ସାମ୍ବାଦିକଙ୍କ ସୁବିଧାପାଇଁ ୱାଇଫାଇ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି। ଖୁବ ଶୀଘ୍ର ସୂଚନା କେନ୍ଦ୍ରର ପାଠାଗାର ପୁସ୍ତକ ଆସିବ ବୋଲି ମଧ ସୂଚନା ଦେଇଛନ୍ତି ମନ୍ତ୍ରୀ ।ତେବେ ଏବେ ସେଇ ପୁରାତନ



ଅସ୍ଥାୟୀ କଳା ପରିଷଦର କୋଠାରେ ଏହି କାର୍ଯ୍ୟାଳୟ ଚାଲିବାକୁ ସ୍ଥିର କରାଯାଇଛି। ବର୍ତ୍ତମାନ ସପ୍ତାହକୁ ଥରେ ସମ୍ବଲପୁର ଏସ୍‌ଡିପିଆର୍ କାର୍ଯ୍ୟାଳୟର ଲାଇବ୍ରେରିଆନ ଆସି କାମଚଳାଇବେ ବୋଲି ସୂଚନାରୁ ଜଣାଯାଇଛି। ନୂତନ ଏସ୍‌ଡିପିଆରଓ ଟ୍ରେନିଂରୁ ଆସି ଯୋଗଦାନ କରିବା ପରେ ଯୋଗଦେବେ ବୋଲି କୁହାଯାଉଛି। ଏସ୍‌ଡିପିଆରଓଙ୍କ ନୂତନ କାର୍ଯ୍ୟାଳୟ ସ୍ଥାୟୀ କୋଠା ନିର୍ମାଣ ନିମନ୍ତେ ଅନୁଦାନ ସରକାର ମଞ୍ଜୁରୀ ପ୍ରଦାନ କରାଯାଇଥିବା ମଧ ଏହି ସୂତ୍ରରୁ ଜଣାପଡିଛି। କିନ୍ତୁ ପୂର୍ବରୁ ଥିବା ପିଅନ୍ କୁ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ପଠାନଗଲେ ଚାଲିବା ଓ ଖୋଲିବା ଅସମ୍ଭବ ବୋଲି ଏଠାରେ ଚର୍ଚ୍ଚା ଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ତିନିବର୍ଷ ହେଲା ଏଠାକାର ପୂର୍ବତନ ଏସ୍‌ଡିପିଆରଓଙ୍କ ଅନ୍ୟତ୍ର ବଦଳିପରେ, ପ୍ରାୟ ୪ମାସ ପିଅନ ଚଳାଇବା ପରେ, ଏଠାକାର ତତ୍କାଳୀନ ଉପଜିଲ୍ଲାପାଳ ମେରିରାୟ ନୀତିରେ ତାଙ୍କ କାର୍ଯ୍ୟାଳୟରେ ନିଯୋଜିତ କରିଥିଲେ।

# କାମ ନ ହୋଇ ଶ୍ରମିକଙ୍କ ଖାତାକୁ ଯାଉଛି ମନରେଗା ଟଙ୍କା, ଅନ୍ୟଉପରେ ଦୋଷ ଲଦୁଛନ୍ତି ବିଭାଗୀୟ ଅଧିକାରୀ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍ ): 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' ସରକାରଙ୍କ ବଡ ଜନ ହିତାକାରୀ ଯୋଜନା, କିନ୍ତୁ କିଛି ଅଧିକାରୀଙ୍କ ନିମନ୍ତେ ସୁନା ଅଣ୍ଡାଦିଆ କୁକୁଡା ।ଆଉ କିଛି ଠିକାଦାର, ମେସିନ ମାଲିକ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ମଧୁ ଚନ୍ଦ୍ରିକା ହେତୁ ଦିନକୁ ଦିନ ଦାଦନ ଶ୍ରମିକ କମିବା ବଦଳରେ ହୁ ହୁ ହୋଇ ବଢିବାରେ ଲାଗିଛି। ଜିଲ୍ଲାର ବହୁ ଶ୍ରମିକ ବାହାର ରାଜ୍ୟକୁ ଯାଇ ବିଭିନ୍ନ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସହିତ କିଛି ଶ୍ରମିକ ଅକ୍ଷମ ଆଉ କିଛି ମୃତ୍ୟୁ ବରଣ କରୁଥିବା ମଧ ବହୁ ନଜିର ରହିଛି। ଏହା ନିମନ୍ତେ ସରକାଙ୍କୁ ମଧ ବହୁ ନିନ୍ଦିତ ହେବାକୁ ପଡୁଛି। ହେଲେ ମଧ ଆମ ଜିଲ୍ଲାକୁ ସରକାରଙ୍କ ତରଫରୁ ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ ଆସୁଥିବା 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'କାମ ନିମନ୍ତେ ଶ୍ରମିକ ମିଳୁ ନଥିବା କହିବା ସହିତ ମସିନ ସାହାଯ୍ୟରେ କାମ କରିବାକୁ ପ୍ରାଣ ପଣେ ଚେଷ୍ଟା କରନ୍ତି ଶେଷରେ ସଫଳ ମଧ ହୁଅନ୍ତି। ଯଦି ଶ୍ରମିକ ମିଳୁ ନାହିଁ ତେବେ ଉକ୍ତ ଠିକାଦାର ଓ ଅଧିକାରୀ କାହା ମାଧ୍ୟମରେ କାମ କରିଥିବା ଟଙ୍କା ପାଉଛନ୍ତି ଏଥିରୁ ଜଣା ପଡୁଛି । ସେସମସ୍ତ ଜବକାର୍ଡ ଧାରୀ ନକଲି ଯାହାକି କାମ କରୁଛି ମେସିନ ଆଉ କିଛିପାଉଣା ପାଇବା ଆଶାରେ ଟଙ୍କା ଉଠାଇ ଠିକାଦରଙ୍କୁ ଦେଉଛନ୍ତି ନକଲି ଶ୍ରମିକମାନେ। ଆଉ କିଛି କାର୍ଯ୍ୟ ନକରି ଶ୍ରମିକ କାମ କରିଥିବା ଦର୍ଶାଇ ବହୁ ଅର୍ଥ ଆତ୍ମସାତ କରୁଥିବାର ବହୁ ନଜର ରହିଛି। କିଛି ସ୍ଥାନରେ 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'ରେ ଆସୁଥିବା କାମକୁ ମେସିନ କରୁଛିତ ଆଉ କେଉଁଠି କାମ ନହୋଇ ଟଙ୍କା ପଇଠ ହୋଇଯାଉଛି । 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' କାର୍ଯ୍ୟ ଅନୁଧ୍ୟାନ ନିମନ୍ତେ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ପ୍ରାୟ ୬ରୁ ଅଧିକ ଅଧିକାରୀଙ୍କ ଅନୁଧ୍ୟାନରେ କାର୍ଯ୍ୟ କରିବାକୁ ଥିବାବେଳେ କିପରି ଭାବେ ଅନିୟମିତତା ହେଉଛି ତାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି। ଏହିପରି ଏକ କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମୁସାପଲ୍ଲୀ ଗ୍ରାମ ପଞ୍ଚାୟତରେ । ଏକ ଖେଳ ପଡିଆ କାମ ଦେଖିବାକୁ ମିଳିଛି ଯାହାକି କାମ ହୋଇନି କିନ୍ତୁ ଅଧିକାରୀ ମାନେ ଦୟା ପରବେଶ ହୋଇ ଶ୍ରମିକଙ୍କୁ ଶ୍ରମ ବାବଦକୁ ଟଙ୍କା ପଇଠ କରିଦେଇଛନ୍ତି। ତୁମୁଷା ପଲ୍ଲି ଗ୍ରାମ ପଞ୍ଚାୟତ ସଦର ଠାରେ ଥିବା ଖେଳ ପଡିଆ ନିମନ୍ତେ ସରକାରଙ୍କ ତରଫରୁ ୨୦୨୪/୨୫ ଆର୍ଥିକ ବର୍ଷରେ କାର୍ଯ୍ୟ କୋର୍ଡନଂ ୨୪ ୩୧୦୧୩୦୨୪/ ଏଲଡ଼ି/୧୦୭୮୪୩୮୨ରେ ୫ଲକ୍ଷ୪୪ହଜାର ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରାଯାଇଥିଲା । କିନ୍ତୁ ଉକ୍ତ କାମକୁ ସ୍ଥାନୀୟ ଅଧିକାରୀମାନେ ଉକ୍ତ କାମକୁ ଗତ ମେ ମାସ ୨୮ତାରିଖ ଠାରୁ କାମ ଆରମ୍ଭ କରିଥିବା ବେଳେ ଗତ ମାସ ୨୫ତାରିଖ ପର୍ଯ୍ୟନ୍ତ ଶ୍ରମିକମାନେ କାମ କରିଥିବା ସରକାରୀ ତଥ୍ୟରେ ଦର୍ଶାଯାଇଛି। ଯାହାକି ଗୋଟାଏ ମାସରେ ମୋଟ୧୩୨୦ଶ୍ରମିକ କାମ କରିଥିବା ଦର୍ଶାଯାଇଥିବାବେଳେ ସେଥିମଧ୍ୟରୁ ମେ ମାସ ୨୮ତାରିଖ ଠାରୁ ଜୁନ ମାସ ୩ତାରିଖ ପର୍ଯ୍ୟନ୍ତ ୪୨୭ଶ୍ରମିକ କାମ କରିଥିବା ଦର୍ଶାଇ ଉକ୍ତ ଶ୍ରମିକଙ୍କୁ ୧୧୬୫୭୧ଟଙ୍କା ଗତ ମାସ ୧୬ତାରିଖରେ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ପଇଠ କରାଯାଇଛି ସେହିପରି ଭାବେ ଗତ ମାସ ୪ତାରିଖ ଠାରୁ ୧୦ତାରିଖ ମଧ୍ୟରେ ୬୯ଶ୍ରମିକ କାମ କରିଥିବା ଦର୍ଶାଇ ୧୮୮୩୭ଟଙ୍କା ଗତ ୧୬ତାରିଖରେ ଶ୍ରମିକଙ୍କୁ ପଇଠ କରାଯାଇଛି ।ସମାନ ଭାବରେ ଜୁନ ୧୧ତାରିଖ ଠାରୁ ୨୫ଜୁନ ପର୍ଯ୍ୟନ୍ତ ୮୨୪ଶ୍ରମିକ କାମ କରିଥିବା ଦର୍ଶାଯାଇଥିବାବେଳେ ଆଗାମୀ ଦିନରେ ସେହି ଶ୍ରମିକଙ୍କୁ ଶ୍ରମ ବାବଦକୁ ୨୨୪୯୫୨ଟଙ୍କା ପଇଠ କରାଯିବ ବୋଲି ସରକାରୀ ତଥ୍ୟରେ ଦର୍ଶାଅ ଯାଇଛି । ଏନେଇ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଆମେ ଉକ୍ତ କାମକୁ ଅନୁଧ୍ୟାନ କରିବା ନିମନ୍ତେ କାର୍ଯ୍ୟସ୍ଥଳକୁ ଯାଇଥିଲୁ କିନ୍ତୁ ଉକ୍ତ କାର୍ଯ୍ୟସ୍ଥଳରେ କୌଣସି କାର୍ଯ୍ୟ ହୋଇନଥିବା ଦେଖିବାକୁ ମିଳିଥିଲା ଏହାକୁ ନେଇ ଆମେ ତୁମୁଷା ପାଲ୍ଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେକି ଉକ୍ତ ଖେଳ ପଡିଆରେ ବହୁ ଦିନ ପୂର୍ବରୁ ଗାଡି ମାଧ୍ୟମରେ ୩ରୁ ୪ଗାଡି ମାଟି ପଡିଥିବାବେଳେ ବର୍ତ୍ତମାନ କୌଣସି କାମ ହୋଇନାହିଁ ଏହାକୁ ନେଇ ଅଧିକାରୀ କହିଛନ୍ତି ଏନେଇ କୌଣସି ତଥ୍ୟ ନଥିବା କହିଛନ୍ତି । ସେ କହିବା ଅନୁଯାୟୀ ଉକ୍ତ କାର୍ଯ୍ୟର ପଞ୍ଚାୟତ ତଥ୍ୟ ନିରୀକ୍ଷକ ହିସାବ ରକ୍ଷକ ସୁବାସ ଗୁଡିଆଙ୍କୁ କୌଣସି ତଥ୍ୟ ମାଗିଲେ ସେ ଦେଉ ନଥିବା କଥା କହିଛନ୍ତି । ଏଣୁ ମୋ ପାଖରେ କୌଣସି ତଥ୍ୟ ନାହି ବୋଲି କହିଥିଲେ । ଏହାକୁ ନେଇ ଆମେ ପଞ୍ଚାୟତ ତଥ୍ୟ ନିରୀକ୍ଷକ ହିସାବ ରକ୍ଷକଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେକି ସେ ୨୦୨୪ମସିହା ନଭେମ୍ବରରେ ନୂତନ ଭାବେ ଦାୟିତ୍ୱ ନେଲା ପରେ ଉକ୍ତ ଖେଳପଡିଆ ନିମନ୍ତେ କାର୍ଯ୍ୟ ଅନୁମୋଦନ କରାଯାଇଥିଲା। ହେଲେ ପୂର୍ବରୁ କାମ ହୋଇଥିବା ନେଇ ସରପଞ୍ଚ ଓ ଗ୍ରାମ ସଂଯୋଜକ କହିବାରୁ ବର୍ତ୍ତମାନ ମେଣ୍ଡେଡ ପକାଇଲି କିନ୍ତୁ ମୋ ସମୟରେ କିଛି କାମ ହୋଇନଥିବା କହିଥିଲେ । ଏଥିରୁ ଜଣାପଡୁଛି ପଞ୍ଚାୟତ ତଥ୍ୟ ନିରକ୍ଷକ ହିସାବ ରକ୍ଷକ ସୁବାସ ଗୁଡିଆ ମହୋଦୟଙ୍କ ପାଖରେ କୌଣସି ତଥ୍ୟ ନଥାଇ ସେ ଦାୟକାରୀ ଉକ୍ତ କାମର ଶ୍ରମ ବାବଦକୁ ଟଙ୍କା ପଇଠ କରିଦେଇଛନ୍ତି ।ଏନେଇ ଆମେ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ସୁଦିପ୍ତା ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଏନେଇ ତାଙ୍କ ପାଖରେ କୌଣସି ଖବର ନାହିଁ ଅନୁଧ୍ୟାନ କରି କହିବି ଏବଂ ପଞ୍ଚାୟତ ହିସାବ ରକ୍ଷକ ତଥ୍ୟ ନିରିକ୍ଷକ କୌଣସି ସୂଚନା ଦେଉନଥିବା କହିଥିଲେ ଶ୍ରୀମତୀ ସାହୁ କହିଥିଲେ । ଏହାକୁ ନେଇ ଆମେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେକି ଏନେଇ ତାଙ୍କ ପାଖରେ ଖବର ନାହି । ତଦନ୍ତ କରିବା ସହିତ ଯଦି ସେପରି କିଛି ଅନିୟମିତତା ଆସେ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଗାମୀ ଦିନରେ ଦେଖିବାକୁ ବାକି ରହିଲା କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ଏବଂ କିପରି ଭାବରେ 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'ରେ କାମ ହେଉଛି ।

# ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମ ଉତ୍ସବ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ମୋହନା ବ୍ଲକର ଚନ୍ଦ୍ରଗିରି ଠାରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ୯୦ତମ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଚନ୍ଦ୍ରଗିରିର ତିବ୍ବତୀୟ ସେଟେଲମେଣ୍ଟ କାର୍ଯ୍ୟାଳୟ ପରିସରରେ ତିବ୍ବତୀୟ ଧର୍ମଗୁରୁ ମହାମାନ୍ୟ ଦଲାଇଲାମାଙ୍କ ୯୦ ତମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜିରାଙ୍ଗ ବୌଦ୍ଧ ମନ୍ଦିର ମୁଖ୍ୟ ଗୁରୁଜୀ ଜିଗମେ ରିଂପଛେ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲାପାଳ ବିଜୟ ଦାସ ଯୋଗଦେଇ ତିବ୍ବତୀୟ ତଥା ବୌଦ୍ଧ ସଂସ୍କୃତି ଅତ୍ୟନ୍ତ ମହାନ. ତାଙ୍କର ଜନ୍ମ ଦିନ ଉତ୍ସବରେ ଯୋଗଦେଇ ନିଜକୁ ଗୌରାବାନ୍ୱିତ ମନେ କରୁଥିବା ଜିଲ୍ଲାପାଳ କହିଛନ୍ତି । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଚନ୍ଦ୍ରଗିରି ଅଞ୍ଚଳରେ ରହୁଥିବା ତିବ୍ବତୀୟମାନଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ତିବ୍ବତୀୟମାନେ ନିଜ କଳା, ସଂସ୍କୃତି ଓ ପରମ୍ପରା ଆଧାରିତ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଗିରି, ଲବାରସିଂ, ଜିରାଙ୍ଗ, ଟାଙ୍କିଲିପଦର ଓ ମହେନ୍ଦ୍ର ଗଡ଼ରେ ରହୁଥିବା ଶତାଧିକ ତିବ୍ବତୀୟ ଯୋଗ ଦେଇଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ହୋଇଯାଇଅଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କଟଳ କଇଠା, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ-୬୩ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୪୯ ଗୋଟି,ଗ୍ରାମଭିତ୍ତିକ ସମସ୍ୟା-୧୪ ଗୋଟି ଓ ୩ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।



ଡାବୁଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ପ୍ରସିଦ୍ଧ ଡାବୁଗାଁ ର କେଲିଆ ଶୈବ ପୀଠ ଶ୍ରାବଣ ସୋମବାର ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ର ଉପ ସଭାପତି ତଥା ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବାଷା ମାଝୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ରେ ଶ୍ରାବଣ ମାସର ପ୍ରଥମ ସୋମବାର ଆସନ୍ତା ୧୪ ତାରିଖରୁ ଆରମ୍ଭ ହେଉଥିବାରୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ବୋଲ ବମ୍ ଭକ୍ତ (କାଉଡ଼ିଆ) ଙ୍କ ଗହଳି ରହିବ। ତେଣୁ ମନ୍ଦିର ପରିସରରେ ଶାନ୍ତି ଶୃଙ୍ଖଳା ସହ କାଉଡ଼ିଆ ମାନଙ୍କ ଉପଯୁକ୍ତ ରହଣି ଓ ଖାଦ୍ୟ ବ୍ୟବସ୍ଥା,କୁସୁମ ବନ୍ଧ ଓ ବାଘୁଆ ପୁଡ଼ା ପୋଖରୀରେ କାଉଡ଼ିଆ ମାନେ ଶୌଚ ପରିବା ଲାଗି ବ୍ୟବସ୍ଥା,ରାତ୍ର ରହଣି ପାଇଁ ଦୁଇଟି ପାଣ୍ଡୁ ନିବାସ ର ସଫେଇ କାର୍ଯ୍ୟ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଶ୍ରାବଣ ସୋମବାର ଦିନ ଶ୍ରଦ୍ଧାଳୁ ଓ କାଉଡ଼ିଆ ମାନଙ୍କ ପାଇଁ ମନ୍ଦିର ପରିଚାଳନା କମିଟି ତରଫରୁ ଅନ୍ନ ଭୋଗ ର ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା। ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ପାଇଥିବା ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅନ୍ତର୍ଗତ କେଲିଆ ବାବା ଖଣ୍ଡେଶ୍ୱର ଶୈବ ପୀଠରେ ପ୍ରତ୍ୟେକ ବର୍ଷ ଶ୍ରାବଣ ମାସ ସୋମବାରରେ ଜଳ ଲାଗି କାଉଡ଼ିଆ ମାନେ ଦୂର ଦୂରାନ୍ତ ରୁ ହଜାର ହଜାର ସଂଖ୍ୟାରେ ଆସୁଥିବାରୁ କାଉଡ଼ିଆ ମାନଙ୍କ ରହଣି ଓ ସୁରକ୍ଷା ପାଇଁ କେଲିଆ ମନ୍ଦିର ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରା ଯାଉଛି। ଏହା ସହ ଡାବୁଗାଁ ରେ ମଧ୍ୟ ବିଭିନ୍ନ ହିନ୍ଦୁ ସଂଗଠନ ର ଯୁବକ ମାନଙ୍କ ତରଫରୁ କାଉଡ଼ିଆ ମାନଙ୍କ ପାଇଁ ରାତ୍ର ରହଣି ସହ ଖାଦ୍ୟ ପେୟ ର ବ୍ୟବସ୍ଥା କରାଯାଇଥାଏ। ଆଜିର ଏହି ପ୍ରସ୍ତୁତି ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟି ର କୋଷାଧ୍ୟକ୍ଷ ଜି ସାଇ ରାଜୁ,ଭଗବାନ ମହାନ୍ତି,ସୁରେନ୍ଦ୍ର କୁମାର ମିଶ୍ର,ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଧର୍ମାନନ୍ଦ ନାୟକ,କର୍ଣ୍ଣ ଭତରା,ପଦମ୍ ମାଝୀ,ଉତ୍ତମ ପ୍ରଧାନ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଦୂରଦର୍ଶନୀ ଡିଜିଟାଲ ପକ୍ଷରୁ 'ରାଧାରାଣୀ' ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୀଳାଦ୍ରି ବିଜେ ପାଳନ ଅବସରରେ ଦୂରଦର୍ଶନୀ ଡିଜିଟାଲ ଏହାର ନୂତନ ସଙ୍ଗୀତ ପ୍ରଯୋଜନା 'ରାଧାରାଣୀ'ର ଗ୍ରାଣ୍ଡ ପ୍ରେମିୟର ଘୋଷଣା କରିଛି। 'ରାଧାରାଣୀ' ହେଉଛି ଭଗବାନ ଶ୍ରୀକୃଷ୍ଣ ଓ ରାଧାଙ୍କ ଦିବ୍ୟ ପ୍ରେମ ପ୍ରତି ଏକ ଦୃଶ୍ୟାତ୍ମକ ଓ ସଙ୍ଗୀତମୟ ଶ୍ରଦ୍ଧାଞ୍ଜଳି। ଏହି ମ୍ୟୁଜିକ ଭିଡିଓକୁ ଆଜି ଭୁବନେଶ୍ୱରର ୟୁନିଟ ୬, ଗଙ୍ଗନଗର, ପ୍ରଗତି ସ୍କୋର୍ଟିଭ ରାଧାକୃଷ୍ଣ ମନ୍ଦିର ନିକଟରେ ଏକ ସ୍ୱତନ୍ତ୍ର ସାଂସ୍କୃତିକ ସନ୍ଧ୍ୟାରେ ଶୁଭାରମ୍ଭ କରାଯାଇଛି। ରାଧାରାଣୀ କେବଳ ଏକ ସଙ୍ଗୀତ ନୁହେଁ, ଏହା ଓଡ଼ିଶାର ସମୃଦ୍ଧ ଐତିହ୍ୟର ଏକ ହୃଦୟସ୍ପର୍ଶୀ ଯାତ୍ରା। ଏହି ସଙ୍ଗୀତର ରଚନା ଛନ୍ଦ, ଜଣାଣ ଓ ଚମ୍ପୂ ଭଳି ପାରମ୍ପରିକ ଓଡ଼ିଆ କାବ୍ୟର ରୂପଗୁଡ଼ିକୁ ଦକ୍ଷତାର ସହ ଏକତ୍ରିତ କରିଛି, ଯାହା ଓଡ଼ିଆ ସାହିତ୍ୟ ଓ ଆଧ୍ୟାତ୍ମିକତାର ଉତ୍କର୍ଷତା ଓ ଗଭୀରତାକୁ ପ୍ରତିଫଳନ କରୁଛି। ଏହି ପ୍ରକଳ୍ପ ପଛରେ ଥିବା ସୃଜନଶୀଳ ଶକ୍ତି ଶ୍ରୀଜାତା ଉପାଧ୍ୟାୟ ଏହି ଗୀତ ଲେଖିଛନ୍ତି ଓ ଗାଇଛନ୍ତି। ଏକ ପ୍ରତିଭାଶାଳୀ ଟିମ୍-ମ୍ୟୁଜିକ ଆରେଞ୍ଜର ଓ ସାଉଣ୍ଡ ଡିଜାଇନର ରୌମ୍ୟଜ ପ୍ରଧାନ, ସମୀର ରନଙ୍କ ତାଳ ଏବଂ ଶାଶ୍ୱତ ଯୋଶୀଙ୍କ ନିର୍ଦ୍ଦେଶନା ଅଧିନରେ ଓ୍ୱାପି ଫିଲ୍ମସ ଦ୍ୱାରା ପ୍ରସ୍ତୁତ ଭିଜୁଆଲ ସହିତ ଏହି ମ୍ୟୁଜିକ ଭିଡିଓରେ ରାଧା ଭାବେ ଶ୍ରେୟାନ୍ୱି ଯୋଶୀ ଓ କ୍ରିଷ୍ଣା ଭାବେ ତନୁଜ ପଣ୍ଡା ଅଭିନୟ କରିଛନ୍ତି। ଏହି ମ୍ୟୁଜିକ ଭିଡିଓ ସମ୍ପର୍କରେ ପ୍ରଜ୍ଞା ଦୂରଦର୍ଶନୀ ନାୟକ କହିଛନ୍ତି, ଆମର ପରମ୍ପରାଗୁଡ଼ିକ କାଳଜୟୀ ଅଟେ କିନ୍ତୁ ସେଗୁଡ଼ିକର ପ୍ରକାଶନ ସମୟ ସହିତ ବିକଶିତ ହେବା ଉଚିତ। 'ରାଧାରାଣୀ' ମାଧ୍ୟମରେ ଆମେ ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଶାର କବିତା ଓ ସଙ୍ଗୀତ ବିରାସତ ପ୍ରତି ଆଗ୍ରହ ପୁନର୍ଜୀବିତ କରିବା ପାଇଁ ଆଶା ରଖିଛୁ।

# ବିଏମ୍‌ସିର ୩ ଆଧୁନିକ ଶୌଚାଳୟ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ୩ ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ଆଧୁନିକ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି । ୟୁନିଟ-୨ ଛକ ନିକଟ ପ୍ରିୟଦର୍ଶିନୀ ମାର୍କେଟ ପରିସରରେ ଏକ ଆଧୁନିକ ଶୌଚାଳୟକୁ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟରଙ୍କ ସହ ବହୁ ବରିଷ୍ଠ ନାଗରିକ, ମାର୍କେଟ ଆସୋସିଏସନର କର୍ମକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସତ୍ୟନଗରସ୍ଥିତ ତୋଷାଳି ପ୍ଲାଜା ନିକଟରେ ଏକ ଆଧୁନିକ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିଲେ । ପରେ ଉତ୍କଳ ହସ୍ପିଟାଲ ନିକଟରେ ମଧ୍ୟ ଅନ୍ୟ ଏକ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି । ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୌଚାଳୟର ଉଦ୍‌ଘାଟନ କରିଥିଲେ । ସହରର ପରିମଳ ଏବଂ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମର ପ୍ରତ୍ୟେକ ଜନ ସମାଗମ ସ୍ଥାନରେ ଶୌଚାଳୟର ସୁବ୍ୟବସ୍ଥା କରାଇବା ପାଇଁ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ପରାମର୍ଶ କ୍ରମେ କ୍ରମାଗତ ଭାବେ ପ୍ରକଳ୍ପଗୁଡ଼ିକ ହାତକୁ ନିଆଯାଉଛି । ଦୈନିକ ରାଜ୍ୟ ଓ ରାଜ୍ୟ ବାହାରୁ ଆମ ରାଜଧାନୀକୁ ଆସୁଥିବା ହଜାର ହଜାର ଲୋକ ଯେପରି କୌଣସି ଅସୁବିଧାରେ ନ ପଡନ୍ତି, ସେଥିପାଇଁ ବିଏମ୍‌ସି ଉଦ୍ୟମ ଜାରି ରଖିଛି ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ । କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଡେପୁଟି କମିଶନର ଏନ. ଗଣେଶ ବାବୁ ।

# ପାଣିପାଗ ବିଭାଗର ସୂଚନା
# ଅତି ପ୍ରବଳ ବର୍ଷା ସହ ବଜ୍ରପାତ ସମ୍ଭାବନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦକ୍ଷିଣ-ପଶ୍ଚିମ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହାସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିମି ଉଚ୍ଚରେ ରହିବ ଦକ୍ଷିଣ-ପଶ୍ଚିମ ଆଡକୁ ବ୍ୟାପ୍ତ ହୋଇଛି। ଆସନ୍ତା ଦୁଇଦିନ ମଧ୍ୟରେ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଦେଇ ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ବିଭାଗ ପୂର୍ବାନୁମାନ କରିଛି। ବଲାଙ୍ଗୀର, ବରଗଡ଼, ନୂଆପଡ଼ା ଇତ୍ୟାଦି ଜିଲ୍ଲାପାଇଁ ରେଡ ଓ୍ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବର୍ଷାସହ ବଜ୍ରପାତ ପାଇଁ ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ,ନୟାଗଡ଼, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ତେବେ ୯ ତାରିଖରୁ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ବିଭାଗ କହିଛି।

# ଅଭିଯୁକ୍ତ ବସନ୍ତ ବେହେରାଙ୍କୁ ଜାମିନ

କଟକ(ଭାସ୍କର ନ୍ୟୁଜ): ବାଲେଶ୍ୱରର ଚାନ୍ଦିପୁର ଆଇଟିଆରର ପୂର୍ବତନ ଚୁକ୍ତିଭିତିକ ଏସ୍‌ସି ଅପରେଟର ବସନ୍ତ କୁମାର ବେହେରାଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ଅଭିଯୁକ୍ତ ବେହେରାଙ୍କ ଜାମିନ ଆବେଦନର ଶୁଣାଣି କରି ତାଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇ ଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ବସନ୍ତଙ୍କୁ ଜାମିନରେ ଛାଡ଼ିବେ। ଜାମିନରେ ମୁକୁଳିବା ପରେ କୌଣସି ଅପରାଧରେ ସେ ଜଡ଼ିତ ହେବେ ନାହିଁ। ସେ ମାମଲାର ପ୍ରତି ତାରିଖରେ ଅଦାଲତରେ ହାଜର ହେବେ। ସେ ଜାମିନ ପାଇବା ପରେ ରହିବା ସ୍ଥାନର ଠିକଣା, ମୋବାଇଲ ନମ୍ବର, ଇ-ମେଲ ତଥ୍ୟ ଅଦାଲତ, ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବେ। ବିନା ଅନୁମତିରେ ଅଦାଲତଙ୍କ କାର୍ଯ୍ୟକ୍ଷେତ୍ର ଅଂଚଳରୁ ବାହାରକୁ ଯିବେ ନାହିଁ। ଏଥିସହ ପ୍ରତି ୧୫ ଦିନରେ ଥରେ ସ୍ଥାନୀୟ ଥାନାରେ ହାଜର ହେବେ। ହାଇକୋର୍ଟଙ୍କ ସର୍ତ ଉଲ୍ଲଂଘନ ହେଲେ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି। ଦେଶର ସୁରକ୍ଷା ସଂପର୍କିତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଦେବା ଅଭିଯୋଗରେ ଗିରଫ ହୋଇ ସେ ଜେଲରେ ଥିଲେ। ସେ ପାକିସ୍ତାନୀ ମହିଳାଙ୍କୁ ଆଇଟିଆର ମିସାଇଲ ପରୀକ୍ଷା ସଂପର୍କିତ ଗୁପ୍ତ ତଥ୍ୟ ଆବେଦନକାରୀ ଓ ଅନ୍ୟ କେତେକ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା।

**NOTICE**

By virtue of an affidavit sworn before The Tahsildar cum Executive Magistrate of Tentulikhunti Tahsil, dated July 8th, 2025 I, P. SETUWANT KUMAR, permanent resident of Village Charamula, Ps - Tentulikhunti, Dist - Nabarangpur, Odisha - 764070 declare that I have changed my name from S. K. PATURU to P. SETUWANT KUMAR. Henceforth, I shall be known as P. SETUWANT KUMAR for all purposes.
**Sd/- P. Setuwant Kumar**

# ରାଜ୍ୟରେ ଟ୍ରିପଲ ଏମ ସରକାର ଚାଲିଛି: ସମ୍ବିତ ପାତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମନମୋହନ ସାମଲ ପୁଣି ଥରେ ବିଜେପି ରାଜ୍ୟ ସଭାପତି ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର । ସେ କହିଛନ୍ତି ଯେ, ରାଜ୍ୟରେ ଟ୍ରିପଲ ଏମ ସରକାର ଚାଲିଛି । ମୋଦି,ମୋହନ ଓ ମନମୋହନ ସରକାର । ବଡ ବଳିଦାନ ଦଳ ପାଇଁ ଦେଇଛନ୍ତି ମନମୋହନ ସାମଲ । ନିଜ ଚାନ୍ଦବାଲି ଆସନକୁ ବଳିଦାନ ଦେଇଥିଲେ । କେନ୍ଦ୍ରୀୟ ନେତୃତ୍ୱ ଯେତେବେଳେ କହିଲେ ତୁମେ ବି ତୁମ ଆସନ ଦେଖ, ସେତେବେଳେ ସେ କହିଥିଲେ ମୋତେ ପୁରା ଓଡ଼ିଶା ଜିତିବାର ଅଛି । ରାଜ୍ୟରେ ସରକାର ଆସିବା ଦରକାର, ଓଡ଼ିଶାବାସୀଙ୍କ ସେବା କରିବା ।

# ମନମୋହନ ସାମଲଙ୍କୁ ସମ୍ବର୍ଦ୍ଧିତ କଲେ ବିଜୟ ପାଲ ସିଂ ତୋମାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମନମୋହନ ସାମଲ ବିଜେପି ରାଜ୍ୟ ସଭାପତି ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ଅବସରରେ ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର । ପୂର୍ବତନ ସଭାପତି ସମୀର ମହାନ୍ତି ସଂଗଠନକୁ ଗତି ଦେଇଥିଲେ, ଚୂଡ଼ାନ୍ତ ସ୍ଥିତିରେ ପହଂଚାଇଲେ ମନମୋହନ ବୋଲି ସେ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଗପହଣ୍ଡି...

କହିଛନ୍ତି। ସୂଚନାଯୋଗ୍ୟ ଯେ ୪ ମାସ ତଳେ କଣାସରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏଥିରେ ୬ଜଣଙ୍କର ମୃତ୍ୟୁ ହୋଇଥିଲା। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ଡାଇରିଆ ପାଇଁ ଔଷଧ, ଇଞ୍ଜେକ୍ସନ ଓ ସାଲାଇନ ମହଜୁଦ ରହିଛି। ପାଣିକୁ ଫୁଟାଇ ପିଇବା ସହ ଗରମ ଖାଦ୍ୟ ଖାଇବା ଏବଂ ବାହାର ଖାଦ୍ୟ ନ ଖାଇବାକୁ ପରାମର୍ଶ ଦିଆଯାଇଛି।

### ଗଡ଼ିଲାନି ଗାଡ଼ି...

ଦିବସ ରୂପେ ଘୋଷଣା କରିବା ତଥା ପୋଲିସକୁ ଗାଡ଼ି ଚେକିଂରୁ ନିବୃତ୍ତ ରଖିବା ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଛି। ଦାବି ପୂରଣ ପାଇଁ ଡ୍ରାଇଭର ସଂଘ ନିଜ ଜିଦରେ ଅଟଳ ରହିବା ପାଇଁ ଏଥିପାଇଁ ସରକାରଙ୍କୁ ଦାୟୀ କରିଛି। ସେମାନେ ଅନିର୍ଦ୍ଦିଷ୍ଟ କାଳପାଇଁ ଷ୍ଟିଅରିଂ ଛାଡ଼ିବେ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ ଡ୍ରାଇଭର ମହାସଂଘର କର୍ମକର୍ତ୍ତାଙ୍କ ସହ ଏ ନେଇ ଆଲୋଚନା କରାଯିବ। ଆଲୋଚନା ମାଧ୍ୟମରେ ଦାବିଗୁଡ଼ିକର ସମାଧାନ ହେବ। ଡ୍ରାଇଭର ମହାସଂଘର ଦାବି ଯଥାର୍ଥ ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ ଆଲୋଚନା ମାଧ୍ୟମରେ ସବୁ ଦାବିର ତର୍ଜମା କରାଯାଇ ପୂରଣ କରାଯିବ।

### ଅଗଷ୍ଟରେ...

ଗଜପତିଙ୍କ ପାଖରେ ରଖାଯାଇଛି। ପ୍ରାୟ ୨ଶହ କିମ୍ବା ୩ଶହ ବର୍ଷ ପାଇଁ ଏହି ମରାମତି ହୋଇଛି ବୋଲି ସୂଚନା ଦେଇ ଡକ୍ଟର ପାଢୀ କହିଥିଲେ, ରତ୍ନଭଣ୍ଡାରର ଅଳଙ୍କାରଗୁଡ଼ିକ ମୂଳ ଭଣ୍ଡାରକୁ ଆଣିବା ନିମନ୍ତେ ପଦକ୍ଷେପ ନିଆଯିବ ଓ ପରେ ଗଣତି କରାଯିବ ।

### ସାମିଲ ହେବେ...

ପ୍ରାୟ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ବାର୍ଷିକ ଶ୍ରମିକ ସମ୍ମିଳନୀ ମଧ୍ୟ ଆୟୋଜନ ହୋଇନାହିଁ। ସରକାର ଶ୍ରମିକମାନଙ୍କ ପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ହିନ୍ଦ୍ ମଜଦୁର ସଭାର ହରଭଜନ ସିଂ ସିଦ୍ଧୁ କହିଛନ୍ତି ଯେ ଏହି ଧର୍ମଘଟଦ୍ୱାରା ବିଭିନ୍ନ ସେବା ପ୍ରଭାବିତ ହେବ।

### ଫୁଲୁଛି ମହାନଦୀ...

ମହାନଦୀ ବନ୍ୟାଜଳ ବଡମ୍ବା ଭଟ୍ଟାରିକା ମନ୍ଦିର ବେଢ଼ାରେ ପ୍ରବେଶ କରିଛି। ଫଳରେ ଦେବୋତ୍ତର ବିଭାଗ ପକ୍ଷରୁ ସତର୍କ ବ୍ୟାନର ଲଗାଯାଇ ମନ୍ଦିର ପରିସରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବାଙ୍କୀ ଏବଂ ଆଠଗଡ଼ର ଅନେକ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହେବାର ଆଶଙ୍କା ରହିଛି। ବାଙ୍କୀର ତାଳବସ୍ତ, ଶିମିଳିପୁର କ୍ଷତିଗ୍ରସ୍ତ ହେବାକୁ ଥିବାବେଳେ ଆଠଗଡ଼ର ବିଭିନ୍ନ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାର ସମ୍ଭାବନା ରହିଛି। ତେବେ ହୀରାକୁଦ ଜଳଭଣ୍ଡାରକୁ କମ୍ ବର୍ଷାଜଳ ପ୍ରବେଶ କରୁଥିବାବେଳେ ଅଧିକ ଜଳ ନିଷ୍କାସନ କରାଯାଉଛି। ଭଣ୍ଡାର ଭିତରକୁ ୨,୩୩,୮୨୪ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୩,୩୨,୪୯୧ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ପାଢୀ କହିଛନ୍ତି ଯେ ମଙ୍ଗଳବାର ସକାଳ ୬ଟାରୁ ମୁଣ୍ଡଳୀରେ ୧.୧୮ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସନ୍ଧ୍ୟାସୁଦ୍ଧା ଏହା ୪.୫୦ଲକ୍ଷ କ୍ୟୁସେକ ଛୁଇଁବ। ତେବେ ୯ଲକ୍ଷ କ୍ୟୁସେକ ଜଳ ଆସିଲେ ବଡ଼ ବନ୍ୟା ହେବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଅଧିକ ବର୍ଷା ହେଲେ ସ୍ଥିତିକୁ ଚାହିଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ବୁଧବାର ସନ୍ଧ୍ୟାସୁଦ୍ଧା ରାଜଘାଟଠାରେ ସୁବର୍ଣ୍ଣରେଖା ସତର୍କ ସଂକେତ ଟପିବ ଓ ଏହାପରେ ଆଉ ଜଳସ୍ତର ବଢ଼ିବ ନାହିଁ ବୋଲି ସେ କହିଥିଲେ। ସେ କହିଥିଲେ, ଉପରମୁଣ୍ଡରେ ୧୦୦ ମିଲିମିଟର ବର୍ଷା ହୋଇଛି। ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମରୁ ବିଶେଷ ଜଳ ନିଷ୍କାସନ ହେଉନାହିଁ। ବ୍ରାହ୍ମଣୀର ୨ଟି ଗେଟ୍‌ରୁ ଜଳ ନିଷ୍କାସନ ହେଉଥିବା ସେ କହିଥିବାବେଳେ ବୈତରଣୀର ଜଳସ୍ତର ହ୍ରାସ ପାଉଥିବା ସୂଚନା ଦେଇଛନ୍ତି।

### ମନମୋହନ...

ସୋମବାର ଶ୍ରୀ ସାମଲ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦଳୀୟ ନେତାଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କୁ ସଭାପତି ଭାବେ ଘୋଷଣା ଦଳ ଭିତରେ ତାଙ୍କର ଦୃଢ଼ ସମର୍ଥନ ଏବଂ ବ୍ୟାପକ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି ବୋଲି କୁହାଯାଉଛି। ତାଙ୍କ ନେତୃତ୍ୱରେ ଓଡ଼ିଶାରେ ଦଳ ସାଙ୍ଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ୧୯୫୯ ମସିହା ଏପ୍ରିଲ ୧୫ ତାରିଖରେ ଭଦ୍ରକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାମଲ ଜଣେ ଅଭିଜ୍ଞ ରାଜନେତା। ଓଡ଼ିଶାର ରାଜନୈତିକ ଦୃଶ୍ୟପଟରେ ତାଙ୍କର ବିଶେଷ ଅବଦାନ ରହିଛି। ୧୯୭୯ ମସିହାରେ ସେ ଭଦ୍ରକ କଲେଜ ଛାତ୍ରସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେ ପୂର୍ବରୁ ୩ଥର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପୂର୍ବରୁ ସେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୪ ନିର୍ବାଚନରେ ସାମଲଙ୍କ ନେତୃତ୍ୱକୁ ବିଜେପିର ଐତିହାସିକ ବିଜୟ ପାଇଁ ବହୁଭାବେ ଶ୍ରେୟ ଦିଆଯାଇଥିଲା। ଶ୍ରୀ ସାମଲ ସଭାପତି ନିର୍ବାଚିତ ହେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଶ୍ରୀ ସାମଲଙ୍କ ଦୃଢ଼ ନେତୃତ୍ୱ, ବିଚକ୍ଷଣ ସାଙ୍ଗଠନିକ ଦକ୍ଷତା ଓ କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଅପାର ସମର୍ପଣ ଓଡ଼ିଶାରେ ବିଜେପିକୁ ଏକ ନୂତନ ପରିଚୟ ଦେଇଛି। ସେ କହିଥିଲେ ଯେ ଯୋଡ଼ାକୁ ଘୋଡ଼ା ସରିନୁହେଁ। କେନ୍ଦ୍ରର ୧୧ ରାଜ୍ୟର ୧ ମିଶି ୧୨ ହୋଇଛି। କିନ୍ତୁ ଆଗକୁ ୧୧୧ ହେବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ବିଜେପି ଦଳରେ ପରିବାରବାଦ ନାହିଁ। ଏହା କାର୍ଯ୍ୟକର୍ତ୍ତାଙ୍କ ଦଳ। ପୋଷ୍ଟର ମାରୁଥିବା କାର୍ଯ୍ୟକର୍ତ୍ତା ଦଳର ଶୀର୍ଷ ନେତୃତ୍ୱକୁ ଯାଇପାରିବେ। କେନ୍ଦୁଝର ରାଇକେଲାରୁ ଆସିଥିବା ସାଧାରଣ କାର୍ଯ୍ୟକର୍ତ୍ତାଭାବେ ମୋତେ ମୁଖ୍ୟମନ୍ତ୍ରୀ ଆସନରେ ଦଳ ବସାଇଛି। ବିଜେପି ହେଉଛି ଲୋକମାନଙ୍କ ପାଇଁ, ଲୋକଙ୍କଦ୍ୱାରା ଏକ ଦଳ ବୋଲି ସେ କହିଥିଲେ।

### ନୀଳକନ୍ଦରରେ...

୮. ୧୩ ରେ ବଡଭାଇ ବଳଭଦ୍ର, ପଛକୁ ପଛ ୧୦.୦୬ ରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପହଣ୍ଡି ହୋଇ ରତ୍ନବେଦୀକୁ ବିଜେ କରିଥିଲେ। କାଳିଆ ସାଆନ୍ତଙ୍କ ପହଣ୍ଡି ସମୟରେ ଦେଖିବାକୁ ମିଳିଥିଲା ଆଉ ଏକ ମାନବୀୟ ଲୀଳା। ଝୁଲି ଝୁଲି କରି ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା କ୍ଷଣି ହଠାତ୍ ସିଂହଦ୍ୱାରର କବାଟ ବନ୍ଦ କରିଦେଇଥିଲେ ମା ଲକ୍ଷ୍ମୀ ସାଆନ୍ତାଣୀ। ତେବେ ନିଜ ଧର୍ମପତ୍ନୀଙ୍କୁ ବୁଝାସୁଝା କରି ମାନଭଞ୍ଜନ କରିବା ପାଇଁ ରସଗୋଲା ଭୋଗ ସହ ପାଟବସ୍ତ୍ର ଦେବା ପରେ କବାଟ ଖୋଲି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ ମା ଲକ୍ଷ୍ମୀ ସାଆନ୍ତାଣୀ। ମହାପ୍ରଭୁଙ୍କର ଏହି ଅନନ୍ୟ ଲୀଳାକୁ ଦେଖି ସମସ୍ତ ଭକ୍ତ କୃତାର୍ଥ ହୋଇଥିବା ବେଳେ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସିଂହଦ୍ୱାର ସମ୍ମୁଖ ବଡଦାଣ୍ଡ। ତେବେ ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଇଥିଲା। ଚତୁର୍ଦ୍ଧାମୂରତି ପହଣ୍ଡିରେ ଆସିବା ସମୟରେ ମନ୍ଦିର ମଧ୍ୟରେ ଥିବା ଶୁଆଶାରୀ ଦେଉଳରେ ପ୍ରସାଦ ଲାଗି, ଘସା ବିଡିଆ, ମଣୋହି ଓ ବନ୍ଦାପନା ନୀତି ବଢିଥିଲା। ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ବିଜେ କରିବା ସମୟରେ ରଥ ଉପରେ ଯେଉଁ ନୀତି ସବୁ ହୋଇଥାଏ, ଠିକ ସେହିପରି ସିଂହଦ୍ୱାର ଠାରେ ନୀଳାଦ୍ରିବିଜେ ପହଣ୍ଡିରେ ସମାନ ନୀତି ପାଳନ କରଯାଇଥିଲା। ପହଣ୍ଡି ପରେ ରତ୍ନସିଂହାସନରେ ଶ୍ରୀଜୀଉଙ୍କ ସର୍ବାଙ୍ଗ ଓ ଶ୍ରୀମୁଖ ଖଣ୍ଟୁଆ ନୀତି କରାଯାଇଥିଲା। ରତ୍ନସିଂହାସନରୁ ଚାରମାଳ ଫିଟାଯାଇଥିଲା। ସିଂହାସନ ଧୂଆ ପରେ ଶ୍ରୀମାଧବ, ଶ୍ରୀଦେବୀ ଓ ଭୂଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ଦାରୁବ୍ରହ୍ମଙ୍କୁ ମହାସ୍ନାନ କରାଯାଇଥିଲା। ଏହା ପରେ ରୋଷହୋମ, ମଇଲମ, ଚନ୍ଦନଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ କରାଯାଇ ରାତ୍ରପହୁଡ଼ ହୋଇଥିଲା। ତେବେ ଆଜି ରଥ ଉପରେ ଶ୍ରୀଜୀଉ ମାନଙ୍କୁ ଶେଷ ଦର୍ଶନ କରିଥିଲେ ହଜାର ହଜାର ଭକ୍ତ। ଅନ୍ୟପଟେ ମହାପ୍ରଭୁଙ୍କ ଏହି ଅନନ୍ୟ ଦୁର୍ଲଭ ଦର୍ଶନ ଓ ନୀତିକାନ୍ତିକୁ ଦେଖିବା ସହ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ଦର୍ଶନ କରି ଭକ୍ତମାନେ ଆତ୍ମସନ୍ତୋଷ ଲାଭ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ସମାପନ ହୋଇଥିବା ବେଳେ ରତ୍ନସିଂହାସନରେ ବିରାଜମାନ କରିଥିଲେ ଚତୁର୍ଦ୍ଧାବିଗ୍ରହ। ଲଗାତାର ୧୧ ଦିନ ହେବ ଶ୍ରୀମନ୍ଦିରରେ ମହାପ୍ରସାଦ ରନ୍ଧା ବନ୍ଦ ହୋଇଥିବା ବେଳେ ଆସନ୍ତାକାଲି ମହାପ୍ରଭୁଙ୍କ ପ୍ରଥମ ନୀଳାଚଳ ଅବଢ଼ା ପାଇ କୃତାର୍ଥ ହେବେ ଭକ୍ତ ତଥା ଶ୍ରଦ୍ଧାଳୁ।

**B-271** Government of Odisha "e" procurement Notice
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E (R&B) KPT- 07/ 2025-26

1. Name of the work: Building works
2. Total No. of works: 07 Nos.
3. Estimated cost: Rs. 88.16 to 88.79 Lakhs
4. Period of completion: 07 (Seven) months
5. Date & Time of availability of bid document in the portal: From 18.07.2025 at 11.00 hours to 04.08.2025 upto 17.00 hours
6. Last date/ Time for receipt of bids in the portal: 04.08.2025 upto 17.00 hours
7. Date of opening of Tender: 05.08.2025 at 12.00 hours
8. Name and address of the Officer Inviting Bid: Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in

Sd/- Superintending Engineer
Koraut (R&B) Division
OIPR 34096/11/0025/2526

Government of Odisha
Office of the Executive Engineer
Rural Works Division-II, Nabarangpur, Umerkote.
e-mail: eerwukt@gmail.com & eerwukt@ymail.com
**O-395**

Letter No. 2513 Date: 07.07.2025

e-Procurement Notice

1 Name of the work :- Road Works
2 Total No of works :- 03 (Three) Nos.
3 Approx. Estimated Cost :- Varies from 8.39 Lakhs to 82.35 Lakhs.
4 Class of Contractor :- "D","C" & "B" Class of Contractor
5 Period of Completion :- As per TCN

| Procurement officer | Bid Identification No. | Availability of tender online for bidding: From | Availability of tender online for bidding: To | Last Date & Time of Seeking Tender Clarification | Date & Timing of Opening of Tender: Technical Bid | Date & Timing of Opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote. | Online Tender/05/ RWD-UKT /2025-26 | 11.07.2025 at 11.00 AM | 22.07.2025 up to 5.00 PM | 21.07.2025 at 01.00 PM | 23.07.2025 at 11:00 AM | To be intimated separately |

Further details can be seen from the Government website www.tendersodisha.gov.in

Executive Engineer
Rural Works Division-II
Nabarangpur, Umerkote
OIPR 25103/11/0022/2526

ODISHA LIFT IRRIGATION CORPORATION LTD
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12.
Phone : (0674) 2390195, Fax : (0674)2395844
E-mail : olicltd123@bsnl.com olicltd@ymail.com

**CAD-992** No. 4P-17/2025, 5378 /OLIC, Dated: 03.07.2025

NATIONAL COMPETITIVE BIDDING THROUGH e-Procurement

The Managing Director ,OLIC Ltd.,Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufactures as per the schedule.

| Sl. No. | Tender Specifica -tion No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (inclusive of 18%GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-04(E) 2025-26 | Submersible Pump set to deliver 2.0 LPS at 40 Mtr. Head | 1200 | 342.804 | 3.42804 | 11,800/- (inclusive of 18% GST) |

1. Period of Completion :- 60 days of issue of purchase order.
2. Date& Time of availability of bid document in the portal:- From Dt.10.07.2025 to Dt.08.08.2025
3. Last date/Time for receipt of bids in the portal:-Dt.08.08.2025 upto17.00 hrs.
4. Last date of seeking clarification: Dt. 18.07.2025 upto17.00 hrs
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer Inviting Bid:- M.D , OLIC,. Plot No. N- 17/2, Nayapalli,P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof

OIPR 32135/11/0037/2526 Sd/- MANAGING DIRECTOR

ODISHA LIFT IRRIGATION CORPORATION LTD
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12.
Phone : (0674) 2390195, Fax : (0674)2395844
E-mail : olicltd123@bsnl.com olicltd@ymail.com

No. 4P-15/2025, 5364 /OLIC, Dated: 03.07.2025 **CAD-989**

NATIONAL COMPETITIVE BIDDING THROUGH e-Procurement

The Managing Director ,OLIC Ltd.,Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufactures as per the schedule.

| Sl. No. | Tender Specifica -tion No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-02(E) 2025-26 | Submersible Pump set to deliver 1.75 LPS at 70 Mtr. Head | 9000 | 3451.680 | 34.51680 | 11,800/- (inclusive of 18% GST) |

. Period of Completion :- 60 days of issue of purchase order.
2. Date& Time of availability of bid document in the portal:- From Dt.10.07.2025 to Dt. 08.08.2025
3. Last date/Time for receipt of bids in the portal:-Dt. 08.08.2025 upto17.00 hrs.
4. Last date of seeking clarification: Dt. 18.07.2025 upto17.00 hrs
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer Inviting Bid:- M.D , OLIC,. Plot No. N- 17/2, Nayapalli,P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof

OIPR 32135/11/0039/2526 Sd/-MANAGING DIRECTOR.

ODISHA LIFT IRRIGATION CORPORATION LTD
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12.
Phone : (0674) 2390195, Fax : (0674)2395844
E-mail : olicltd123@bsnl.com olicltd@ymail.com

**CAD-997** No. 4P-22/2025, 5413 /OLIC, Dated: 03.07.2025

NATIONAL COMPETITIVE BIDDING THROUGH e-Procurement

The Managing Director ,OLIC Ltd.,Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufactures as per the schedule.

| Sl. No. | Tender Specifica -tion No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-09(E) 2025-26 | Submersible Pump set to deliver 3.00 LPS at 40 Mtr. Head | 1800 | 455.958 | 4.55958 | 11,800/- (inclusive of 18% GST) |

1. Period of Completion :- 60 days of issue of purchase order.
2. Date& Time of availability of bid document in the portal:- From Dt.10.07.2025 to Dt.08.08.2025
3. Last date/Time for receipt of bids in the portal:-Dt.08.08.2025upto17.00 hrs.
4. Last date of seeking clarification: Dt. 18.07.2025 upto17.00 hrs
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer Inviting Bid:- M.D , OLIC,. Plot No. N- 17/2, Nayapalli,P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof

OIPR 32135/11/0053/2526 Sd/-MANAGING DIRECTOR.

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ** IDFC FIRST Bank
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ଋଣଗ୍ରହୀତା ଓ ସହ -ଋଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୧୩୦୧୩୦୪୫୧ | ସମ୍ପତ୍ତି ବଦଳରେ ଋଣ | ୧୮.୦୬.୨୦୨୫ | ୪,୧୧,୭୮୧.୦୮/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ତରଣୀ ଦେହୁରୀ, ୨. ସୁରେନ୍ଦ୍ର ଦେହୁରୀ, ୩. ସୁକାନ୍ତି ଦେହୁରୀ

ସମ୍ପତ୍ତି ଠିକଣା: ସମ୍ପତ୍ତିର ଅଂଶ ଓ ଖଣ୍ଡବିଶେଷ: ଚକ ଖାତା ନଂ ୬୦୭/୧୩୪, ପ୍ଲଟ ନଂ ୧୦୯୨/୨୪୨୦, ଏରିଆ- ଏ.୦.୦୨୦ ଡିସିମିଲ, ମୌଜା ଅବସ୍ଥିତି: ପରମାଣପୁର, ପିଏସ- ଶାସନ, ତହସିଲ- ମାନେଶ୍ୱର, ଜିଲ୍ଲା- ସମ୍ବଲପୁର, ଓଡ଼ିଶା-୭୬୮୨୦୦, ପୂର୍ବ: ପ୍ଲଟ ନଂ ୧୦୯୨, ପଶ୍ଚିମ- ରାସ୍ତା, ଉତ୍ତର- ପ୍ରଶାନ୍ତ ବାରିକ, ଦକ୍ଷିଣ- ରାସ୍ତା

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ
**ତାରିଖ: ୦୯.୦୭.୨୦୨୫** **ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ**
**ସ୍ଥାନ: ଓଡ଼ିଶା** **ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**



ନୂଆଦିଲ୍ଲୀ : ପଞ୍ଜାବବାସୀଙ୍କ ପାଇଁ ଏକ ବଡ ଖୁସି ଖବର । ପଞ୍ଜାବର ପ୍ରତ୍ୟେକ ପରିବାର ସଦସ୍ୟଙ୍କୁ ୧୦ ଲକ୍ଷ ଟଙ୍କାର ବାର୍ଷିକ କ୍ୟାସ୍‌ଲେସ୍ ସ୍ୱାସ୍ଥ୍ୟ ବୀମାର ଲାଭ ମିଳିବ । ଏହାସହ ପଞ୍ଜାବ ଦେଶର ପ୍ରଥମ ରାଜ୍ୟ ହୋଇଛି, ଯେଉଁଠାରେ ପ୍ରତ୍ୟେକ ପରିବାରକୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମିଳିବ। ଏହି ଯୋଜନାର ଘୋଷଣା ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ଓ ଆପ୍ ସଂଯୋଜକ ଅରବିନ୍ଦ କେଜ୍ରିୱାଲ୍ କରିଛନ୍ତି । ଏହି ଯୋଜନା ଅନୁଯାୟୀ ଲୋକେ ଏବେ ସରକାରୀ ଓ ଘରୋଇ ଉଭୟ ହସ୍ପିଟାଲରେ ମାଗଣାରେ ଚିକିତ୍ସା କରାଇପାରିବେ । ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଓ ଅରବିନ୍ଦ କେଜ୍ରିୱାଲ୍ ଯୋଜନାର ଘୋଷଣା କରି କହିଛନ୍ତି, ଏଥିରେ ପଞ୍ଜାବର ୬୫ ଲକ୍ଷ ପରିବାରଙ୍କୁ ସିଧାସଳଖ ଲାଭ ମିଳିବ । ଏହି କ୍ୟାସ୍‌ଲେସ୍ ସ୍ୱାସ୍ଥ୍ୟ ବୀମା ଦ୍ୱାରା ପଞ୍ଜାବ ବାସିନ୍ଦା ସରକାରୀ ଓ ଘରୋଇ ଉଭୟ ହସ୍ପିଟାଲରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା କରାଇ ପାରିବେ।

# ଛତିଶଗଡ ବିଜେପି ସାଂସଦ, ବିଧାୟକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନଡ୍ଡା



ରାୟପୁର: ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଛତିଶଗଡ ସରଗୁଜା ଜିଲ୍ଲାର କମଳେଶ୍ୱରପୁରଠାରେ ଏକ୍ ପେଡ୍ ମା'କେ ନାମ୍ ଅଭିଯାନରେ ଏକ ଚାରାରୋପଣ କରିବା ସହ ଛତିଶଗଡର ବିଜେପି ସାଂସଦ ଏବଂ ବିଧାୟକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ରାଜ୍ୟ ବିଜେପି ଅଧ୍ୟକ୍ଷ କିରଣଦେବ ସିଂ, ରାଷ୍ଟ୍ରୀୟ ସହ ସଂଗଠନ ମହାମନ୍ତ୍ରୀ ଶିବ ପ୍ରକାଶ, ଛତିଶଗଡ ଭାଜପା ପ୍ରଭାରୀ ନୀତିନ୍ ନବୀନ, ରାଷ୍ଟ୍ରୀୟ ସଂଗଠକ ବି ସତୀଶ, କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ତୋଖନ ସାହୁ, ପ୍ରଦେଶ ସଂଗଠନ ମହାମନ୍ତ୍ରୀ ପବନ ସାଏ, କ୍ଷେତ୍ରୀୟ ସଂଗଠନ ମହାମନ୍ତ୍ରୀ ଅଜୟ ଜାମୱାଲ,ଉପ ମୁଖ୍ୟମନ୍ତ୍ରୀ ଅରୁଣ ସାଏ ଏବଂ ବିଜୟ ଶର୍ମାଙ୍କ ସହ ଛତିଶଗଡର ସମସ୍ତ ସାଂସଦ ଓ ବିଧାୟକ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସାଂସଦ ଏବଂ ବିଧାୟକମାନେ ଆଗାମୀ ଦିନ ପାଇଁ ରଣନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଦଳର ବିଚାରଧାରା ସଂଗଠନର ଭୂମିକା, କାର୍ଯ୍ୟକର୍ତ୍ତାଙ୍କ ଦକ୍ଷତା ଏବଂ ଜନସେବାକୁ ନେଇ ଏହି ସମାରୋହରେ ଜୋରଦାର ଚର୍ଚ୍ଚା କରାଯାଇଥିଲା। ସେ କହିଥିଲେ ବିଜେପି କେବଳ ଏକ ରାଜନୈତିକ ସଂଗଠନ ନୁହେଁ ବରଂ ଏହା ଦେଶବାସୀଙ୍କ ସେବା ପାଇଁ ନିଜକୁ ସମର୍ପଣ କରିଛି।

# ଉଜ୍ଜୟନୀରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା କରିବେ କେନ୍ଦ୍ର ସରକାର



ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ଉଜ୍ଜୟନୀ ଠାରେ ଏକ ନୂଆ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପ୍ରସାରଣ ଭିତ୍ତିଭୂମି ଓ ନେଟୱର୍କ ବିକାଶ (ବିଆଇଏନଡି) ଯୋଜନାରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବ। ଆଜି ନୂଆଦିଲ୍ଲୀରେ ଏ ସମ୍ପର୍କରେ ଆଲୋଚନା କରିଛନ୍ତି କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ଏଲ. ମୁରଗନ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ। ଏହି ବୈଠକରେ ମଧ୍ୟପ୍ରଦେଶରେ ବର୍ତ୍ତମାନ ଜାରି ରହିଥିବା ଏବଂ ଭବିଷ୍ୟତର ବିକାଶ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଗଣମାଧ୍ୟମ ପ୍ରସାରଣ, ସାଧାରଣ ଯୋଗାଯୋଗ ଓ ପ୍ରସାରଣ ଭିତ୍ତିଭୂମି ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ନେତାମାନେ ଆଲୋଚନା କରିଥିଲେ। ଆକାଶବାଣୀ ଏବଂ ଦୂରଦର୍ଶନ ଭଳି କେନ୍ଦ୍ରୀୟ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ କିପରି ମଧ୍ୟପ୍ରଦେଶର ବିକାଶ କାହାଣୀକୁ ଆହୁରି ପ୍ରସାରିତ କରିପାରିବେ ସେ ବିଷୟରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଉଜ୍ଜୈନ ଠାରେ ବିଆଇଏନଡି ଯୋଜନା ଅଧୀନରେ ପ୍ରତିଷ୍ଠା ହେବାକୁ ଥିବା ପ୍ରସ୍ତାବିତ ଆକାଶବାଣୀ କେନ୍ଦ୍ର ଆଞ୍ଚଳିକ ପ୍ରସାରଣକୁ ସୁଦୃଢ଼ କରିବା ସହିତ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ କରିବ ଏବଂ ମଧ୍ୟପ୍ରଦେଶର ଲୋକମାନଙ୍କ ପାଖରେ ଠିକ୍ ସମୟରେ ସୂଚନା ପହଞ୍ଚାଇବ। ବିଆଇଏନଡି ଯୋଜନା ପ୍ରସାର ଭାରତୀକୁ ଆର୍ଥିକ ସମର୍ଥନ ଯୋଗାଇ ଦେଇଥାଏ। ଏହି ଯୋଜନାର ପାଣ୍ଠିକୁ ପ୍ରସାରଣ ଭିତ୍ତିଭୂମି, କାର୍ଯ୍ୟକ୍ରମ ବିକାଶ ଏବଂ ସଂଗଠନର ଭୌତିକ କାର୍ଯ୍ୟରେ ବିନିଯୋଗ କରାଯାଇଥାଏ। ବୈଠକରେ ମଧ୍ୟପ୍ରଦେଶ ବିଜେପି ସଭାପତି ହେମନ୍ତ ଖଣ୍ଡେଲୱାଲ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ, ଆକାଶବାଣୀର ଡିଜି ପ୍ରଜ୍ଞା ପାଲିୱାଲ ଗୌର ପ୍ରମୁଖ ଯୋଗ ଦେଇଥିଲେ।

# ଅଶ୍ୱିନୀ ବୈଷ୍ଣବଙ୍କ ପିତୃ ବିୟୋଗ



ଯୋଧପୁର: କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତୃ ବିୟୋଗ ଘଟିଛି। ମନ୍ତ୍ରୀଙ୍କ ପିତା ଦାଉଲାଲ ବୈଷ୍ଣବ ମଙ୍ଗଳବାର ପୂର୍ବାହ୍ନ ୧୧:୫୨ରେ ଯୋଧପୁର ଏମ୍ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ଦିନ ଧରି ଶ୍ୱାସକ୍ରିୟାଜନିତ ସମସ୍ୟା ଯୋଗୁଁ ତାଙ୍କୁ ଯୋଧପୁର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଗତ କିଛି ଦିନ ଧରି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି କାରଣରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଯୋଧପୁର ଏମ୍ସ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଡାକ୍ତରଖାନା ପକ୍ଷରୁ କୁହାଯାଇଛି ଯେ, 'କେନ୍ଦ୍ର ରେଳମନ୍ତ୍ରୀଙ୍କ ପିତା ଦାଉଲାଲ ବୈଷ୍ଣବଙ୍କର ଜୁଲାଇ ୮ ତାରିଖ ପୂର୍ବାହ୍ନ ୧୧:୫୨ରେ ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି ଗୁରୁତର ଅସୁସ୍ଥ ଥିଲେ ଏବଂ ଏମ୍ସ ଯୋଧପୁରରେ ଚିକିତ୍ସାଧୀନ ଥିଲେ। ଡାକ୍ତରୀ ଦଳଙ୍କ ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଞ୍ଚାଯାଇପାରିଲା ନାହିଁ। ଏମ୍ସ ଯୋଧପୁର ପରିବାର ତାଙ୍କ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରୁଛି ଏବଂ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛି।'

# ମହିଳାଙ୍କ ପାଇଁ ଚାକିରି ସଂରକ୍ଷଣ ଘୋଷଣା କଲେ ନୀତୀଶ



ପାଟନା: ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମହିଳା ଶକ୍ତି (ନାରୀ ଶକ୍ତି) ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଛନ୍ତି। ମଙ୍ଗଳବାର ସେ ଘୋଷଣା କରିଛନ୍ତି ଯେ, ବିହାରର ସ୍ଥାୟୀ ବାସିନ୍ଦା ଥିବା ମହିଳାମାନଙ୍କ ପାଇଁ ରାଜ୍ୟ ସରକାରୀ ଚାକିରିର ସମସ୍ତ ଶ୍ରେଣୀ, ସ୍ତର ଓ ପ୍ରକାରର ପଦବୀରେ ୩୫ ପ୍ରତିଶତ ସଂରକ୍ଷଣ କରାଯିବ। ନୀତୀଶ କୁମାର କହିଛନ୍ତି, "ବିହାରର ମୂଳ ବାସିନ୍ଦା ଥିବା ମହିଳା ପ୍ରାର୍ଥୀମାନଙ୍କ ପାଇଁ ରାଜ୍ୟ ସରକାରୀ ସେବାର ସମସ୍ତ ପ୍ରକାର ଓ ସ୍ତରର ପଦବୀରେ ସିଧାସଳଖ ନିଯୁକ୍ତିରେ ୩୫% ସଂରକ୍ଷଣ କରାଯିବ।" ଏହି ନିଷ୍ପତ୍ତି ରାଜ୍ୟର ସମସ୍ତ ବିଭାଗରେ ମହିଳାମାନଙ୍କର ପ୍ରତିନିଧିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ନିଆଯାଇଛି। ଏକ୍ସରେ ପୋଷ୍ଟ କରି ନୀତୀଶ କହିଛନ୍ତି ଯେ, ଏହି ପଦକ୍ଷେପ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ଅଧିକ ଅଂଶଗ୍ରହଣ ଓ ଶାସନ ତଥା ପ୍ରଶାସନରେ ବଡ଼ ଭୂମିକା ନେବାରେ ସହାୟକ ହେବ। ଏହି ନିଷ୍ପତ୍ତି ପାଟନାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ମନ୍ତ୍ରୀମଣ୍ଡଳ ବୈଠକରେ ଗୃହୀତ ହୋଇଛି। ଏହା ସହିତ ଯୁବବର୍ଗଙ୍କୁ ସଶକ୍ତ କରିବା ଲାଗି ନୀତୀଶ କୁମାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ବିହାରର ଯୁବକମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ, ତାଲିମ ଓ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ବିହାର ଯୁବ କମିଶନ ଗଠନ କରିବ। ଏହି ନୂତନ ବିଧିବଦ୍ଧ ସଂସ୍ଥାକୁ ମନ୍ତ୍ରୀମଣ୍ଡଳ ମଙ୍ଗଳବାର ଅନୁମୋଦନ କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, "ବିହାରର ଯୁବକମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେବା, ସେମାନଙ୍କୁ ତାଲିମ ପ୍ରଦାନ କରି ସଶକ୍ତ ଓ ସମର୍ଥ କରିବା ପାଇଁ ବିହାର ଯୁବ କମିଶନ ଗଠନ କରାଯାଉଛି। ଏହାକୁ ଆଜି ମନ୍ତ୍ରୀମଣ୍ଡଳ ଅନୁମୋଦନ କରିଛି।" ଏହି ଦୁଇଟି ନିଷ୍ପତ୍ତି ବିହାରରେ ମହିଳା ଓ ଯୁବବର୍ଗଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

### ମିରଟରେ ଆଇଆଇଟି ରୋପାର୍ ଦ୍ୱାରା ପରିଚାଳିତ ଏଗ୍ରିଟେକ୍ ଇନୋଭେସନ ହବ୍ ଲୋକାର୍ପିତ

# ଭାରତର କୃଷି ଅର୍ଥନୀତିକୁ ନୂତନ ଦିଗ ଓ ଗତି ପ୍ରଦାନ କରିବ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ବିଶ୍ୱ ଖାଦ୍ୟ ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ମଧ୍ୟରେ ରାସାୟନିକ ମୁକ୍ତ, ଜୈବିକ କୃଷି ଆପଣାଇବା ଏବଂ ପ୍ରଯୁକ୍ତିବିଦ୍ୟାକୁ ଖେତରୁ ବଜାର ପର୍ଯ୍ୟନ୍ତ ପହଞ୍ଚାଇବା ଆଜିର ସମୟର ଆବଶ୍ୟକତା। ମିରଟରେ ଆଇଆଇଟି ରୋପାର୍ ଦ୍ୱାରା ପରିଚାଳିତ ଏଗ୍ରିଟେକ୍ ଇନୋଭେସନ୍ ହବ୍ ନିଶ୍ଚିତ ଭାବରେ ଭାରତର କୃଷି ଅର୍ଥନୀତିକୁ ନୂତନ ଦିଗ ଏବଂ ଗତି ପ୍ରଦାନ କରିବ ବୋଲି ମଙ୍ଗଳବାର ଏହାକୁ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଆଜି ମିରଟର ସର୍ଦ୍ଦାର ବଲ୍ଲଭଭାଇ ପଟେଲ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରେ ଆଇଆଇଟି ରୋପାର୍ ଦ୍ୱାରା ପରିଚାଳିତ ଏଗ୍ରିଟେକ୍ ଇନୋଭେସନ ହବର ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ବିକଶିତ ଗ୍ରାମ ଏବଂ ଚାଷୀଙ୍କ ସମୃଦ୍ଧି ବିନା ବିକଶିତ ଭାରତର କଳ୍ପନା କରିହେବ ନାହିଁ । ଆଜିର କାର୍ଯ୍ୟକ୍ରମ ସେହି ଦିଗରେ ଏକ ଐତିହାସିକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାରା ଦେଶରେ ପ୍ରଯୁକ୍ତିବିଦ୍ୟା ଆଧାରିତ କୃଷି ଉଦ୍ଭାବନକୁ ପ୍ରୋତ୍ସାହିତ କରାଯାଉଛି । ଏହି କ୍ରମରେ ଗତ କେନ୍ଦ୍ର ବଜେଟରେ 'ସେଣ୍ଟର ଫର ଏକ୍ସଲେନ୍ସ' ଘୋଷଣା କରାଯାଇଥିଲା । ଏଆଇ, ମେସିନ୍ ଲର୍ଣ୍ଣିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭ ଭାରତର ଚାଷଜମି ପର୍ଯ୍ୟନ୍ତ ପହଞ୍ଚାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା । ସେହି ଆଧାରରେ ଆଇଆଇଟି ରୋପାରକୁ 'କୃଷିରେ ଏଆଇ' ଉପରେ କାମ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା, ଆଜି ଲୋକାର୍ପିତ ଏଗ୍ରିଟେକ୍ ଇନୋଭେସନ୍ ହବ୍ ତାହାର ପ୍ରତିଫଳନ ବୋଲି ସେ କହିଛନ୍ତି। କୃଷକମାନଙ୍କ ପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଚୌଧୁରୀ ଚରଣ ସିଂହଙ୍କ ଅବଦାନକୁ ମନେ ପକାଇ ସେ କହିଛନ୍ତି ଏହି ଦୁଇ ମହାପୁରୁଷଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ସେତେବେଳେ ହେବ ଯେତେବେଳେ ଆମେ କୃଷକମାନଙ୍କର ଆୟ ଦ୍ୱିଗୁଣିତ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ଏବଂ ସମୃଦ୍ଧ କରିବା। ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଉତ୍ତର ପ୍ରଦେଶ ସରକାରଙ୍କ କୃଷି ମନ୍ତ୍ରୀ, ଅନେକ ବିଶିଷ୍ଟ ଜନପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ବିଜନୌରସ୍ଥିତ ଉତ୍ତର ପ୍ରଦେଶର ବିଜେପି ସାଧାରଣ ସମ୍ପାଦକ(ସଂଗଠନ) ଧର୍ମପାଲ ସିଂହଙ୍କ ବାସଭବନରେ ପହଞ୍ଚି ତାଙ୍କ ମାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

### ପେଶାୱରରେ ଅଗ୍ନିକାଣ୍ଡ: ୫ ମୃତ

ନୂଆଦିଲ୍ଲୀ: ପାକିସ୍ତାନର ପେଶାୱର ସହରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଏହି ଅଗ୍ନିକାଣ୍ଡରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଦୁଇଜଣ ଅଗ୍ନିଶମ କର୍ମଚାରୀଙ୍କ ସମେତ ଅନେକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଖାଇବର ପଖତୁନଖ୍ୱା ପ୍ରଦେଶର ପେଶାୱର ସହରର କୋଟି ବଜାରର ଏକ ଘନ ଜନବସତି ଅଞ୍ଚଳରେ ଏକ ଘରେ ନିଆଁ ଲାଗିଯାଇଥିଲା। ତାହୁଁ ତାହୁଁ ବିଭିନ୍ନ ଦୋକାନ ଗୃହ ଓ ଆବାସିକ ସ୍ଥଳୀକୁ ଅଗ୍ନିକାଣ୍ଡ ବ୍ୟାପି ଯାଇଥିଲା। ସେଠାକାର ଜରୁରୀକାଳୀନ ସେବା ରିପୋର୍ଟ ଅନୁଯାୟୀ, ସେମାନେ ବିଭିନ୍ନ ବାସଗୃହରୁ ଛଅ ଜଣଙ୍କୁ ଉଦ୍ଧାର କରିଛନ୍ତି, ଯେଉଁମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଛି।





ନୂଆଦିଲ୍ଲୀ: ମୋବାଇଲ୍ ଦେଖିବାରେ ଅଭ୍ୟସ୍ତ ହୋଇପଡ଼ିଥିବା ସାଧାରଣ ଜନତାଙ୍କ ପକେଟ୍ ଆହୁରି ଫାଙ୍କା ହେବ। ମୋବାଇଲ୍ ରିଚାର୍ଜ ଲାଗି ଅଧିକ ଟଙ୍କା ଗଣିବାକୁ ପଡ଼ିବ। ଗତ କିଛି ମାସ ଭିତରେ ନୂଆ ମୋବାଇଲ୍ ଗ୍ରାହକ ସଂଖ୍ୟା ବଢ଼ିଥିବାରୁ ଟେଲିକମ୍ କମ୍ପାନିଗୁଡ଼ିକ ରିଚାର୍ଜ ଦାମ୍‌ରେ ୧୦-୧୨ ପ୍ରତିଶତ ବୃଦ୍ଧି କରିବାକୁ ଯାଉଛନ୍ତି। ବର୍ଷ ଶେଷ ସୁଦ୍ଧା ଏହି ଘୋଷଣା ହେବାର ସମ୍ଭାବନା ରହିଛି। ଗତବର୍ଷ ଜୁଲାଇରେ ରିଚାର୍ଜ ମୂଲ୍ୟ ୧୧-୨୩ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଥିଲା। ତେବେ ଆଗାମୀ ଦିନରେ ଦରରେ ଯେଉଁ ବୃଦ୍ଧି ଘଟିବ ତାହା ମଧ୍ୟମ ଓ ପ୍ରିମିୟମ୍ ପ୍ଲାନ୍‌ରେ ବଢ଼ିବ। କାରଣ ସର୍ବନିମ୍ନ ରିଚାର୍ଜ ମୂଲ୍ୟ ଯଥେଷ୍ଟ ବଢ଼ିଛି। ସେଥିରେ ଆହୁରି ବୃଦ୍ଧି ହେଲେ ଗ୍ରାହକମାନେ ସେବାଠାରୁ ଦୂରେଇ ଯିବାର ଆଶଙ୍କା ରହିଛି। ଟେଲିକମ୍ କମ୍ପାନିଗୁଡ଼ିକ ସେମାନଙ୍କ ରିଚାର୍ଜ ପ୍ଲାନ୍‌କୁ ୫ଜି ଅନୁସାରେ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି।

# ୧୦ରେ ଖୋଲିବ ସ୍ମାର୍ଟୱାର୍କସ୍ କୋୱାର୍କିଂ ସ୍ପେସେସ୍‌ର ଇନିସିଆଲ ପବ୍ଲିକ ଅଫର

ନୂଆଦିଲ୍ଲୀ: ସ୍ମାର୍ଟୱାର୍କସ କୋୱାର୍କିଂ ସ୍ପେସେସ ଲିମିଟେଡର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ୨୦୨୫ ଜୁଲାଇ ୧୦ ତାରିଖ ଗୁରୁବାର ଦିନ ଖୋଲିବ। ଏହାର ବିଡ ୨୦୨୫ ଜୁଲାଇ ୧୪ରେ ବନ୍ଦହେବ। ଆଙ୍କର ନିବେଶକମାନେ ଜୁଲାଇ ୯, ବୁଧବାର ବିଡ ଦାଖଲ କରିପାରିବେ। ଏହି ଅଫରରେ କମ୍ପାନିର ଇକ୍ୱିଟି ସେୟାର ପିଛା ଦାମ୍ ୩୮୭ ଟଙ୍କାରୁ ୪୦୭ ଟଙ୍କା ମଧ୍ୟରେ ରହିବ। ନିବେଶକମାନେ ସର୍ବନିମ୍ନ ୩୬ଟି ଇକ୍ୱିଟି ସେୟାର ପାଇଁ ବିଡ ଦାଖଲ କରିପାରିବେ ଏବଂ ସେଥିରେ ୩୬ଟି ଲେଖାଏଁ ଇକ୍ୱିଟି ସେୟାରକୁ ଗୁଣିତକ ହିସାବରେ ଯୋଡ଼ି ପାରିବେ। ଏହି ଅଫରରେ ୪୪୫ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର ସେଲରେ କମ୍ପାନିର ଅଂଶଧନକାରୀମାନେ ୩,୩୭୯,୭୪୦ ଇକ୍ୱିଟି ସେୟାର ବିକ୍ରି କରିବେ। କର୍ମଚାରୀ ସଂରକ୍ଷଣ ଭାଗରେ ଯୋଗ୍ୟ କର୍ମଚାରୀମାନଙ୍କୁ ଇକ୍ୱିଟି ସେୟାର ପିଛା ୩୭ ଟଙ୍କାର ରିହାତି ପ୍ରଦାନ କରାଯିବ। ଏହି ଅଫରରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୧୧୪ କୋଟି ଟଙ୍କାକୁ କମ୍ପାନି ହାସଲ କରିଥିବା ଋଣକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରିବାରେ, ୨୨୫.୮୪ କୋଟି ଟଙ୍କାକୁ ନୂଆ କେନ୍ଦ୍ର ପାଇଁ ପୁଞ୍ଜିବ୍ୟୟଏବଂ ନୂଆ କେନ୍ଦ୍ର ପାଇଁ ସିକ୍ୟୁରିଟି ଜମା ଦେବାରେ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବ। ଏହି ଅଫରର ବୁକରନିଂ ଲିଡ ମ୍ୟାନେଜର ମାନେ ହେଉଛନ୍ତି ଜେଏମ ଫାଇନାନ୍ସିଆଲ ଲିମିଟେଡ, ବିଓବି କ୍ୟାପିଟାଲ ମାର୍କେଟସ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ ଓ କୋଟକ ମହିନ୍ଦ୍ରା କ୍ୟାପିଟାଲ କମ୍ପାନି ଲିମିଟେଡ। ଅଫରର ୧୦ ପ୍ରତିଶତ ସେୟାରକୁ ଖୁଚୁରା ବ୍ୟକ୍ତିଗତ ନିବେଶକମାନଙ୍କ ଲାଗି ରଖାଯିବ।

# ନୂତନ ଅଫିସ ସହ ଭିତ୍ତିଭୂମି ଉନ୍ନତିକରଣ କରୁଛି ଟିପିଏସ୍ଓଡିଏଲ୍

ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂତନ ଅଫିସ ସ୍ଥାପନ ହେବା ସହ ବିଦ୍ୟୁତ ବିତରଣ ନେଟୱର୍କ ଏବଂ ଉପଭୋକ୍ତା ସେବା ଆହୁରି ସୁଦୃଢ଼ ହୋଇଛି। ଭିତ୍ତିଭୂମି ବିକାଶ ଦିଗରେ କମ୍ପାନୀର ମିଶନକୁ ସାକାର କରିବାରେ ଏହି ଅତ୍ୟାଧୁନିକ ଅଫିସ ସହାୟକ ହେବ ଏବଂ ଗ୍ରାମାଞ୍ଚଳରେ ଉତ୍ତମ ବିଦ୍ୟୁତ ସେବାକୁ ସୁନିଶ୍ଚିତ କରିବ। ନବରଙ୍ଗପୁରରେ ନୂଆ ଡିଭିଜନ ଏବଂ ସବଡିଭିଜନ ଅଫିସ, ପାପଡ଼ାହାଣ୍ଡିରେ ଏକ ସମନ୍ୱିତ ସବଡିଭିଜନ ଏବଂ ସେକ୍ସନ ଅଫିସ, ମାଲକାନଗିରିର ବାଲିମେଳା ଏବଂ କୋରାପୁଟ ଜିଲ୍ଲାର କୋଟପାଡ଼ଠାରେ ନୂତନ ସେକ୍ସନ ଅଫିସ ସ୍ଥାପିତ ହୋଇଛି। ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଲ୍ଡିଂକୁ ଡିଜାଇନ୍ କରାଯାଇଛି, ଯେଉଁଥିରେ ବିଲିଂ କାଉଣ୍ଟର, ଆଧୁନିକ ସୁବିଧା ଏବଂ



ଉନ୍ନତ ମାନର ସେବା ଉପଲବ୍ଧ ଅଛି। ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଉପସ୍ଥିତିରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଅଫିସଗୁଡ଼ିକୁ ଉଦଘାଟନ କରିଥିଲେ। ଏହି ଅବସରରେ ଉଦଘାଟନୀ କାର୍ଯ୍ୟକ୍ରମରେ କର୍ମଚାରୀମାନେ ଚାରା ରୋପଣ କରିଥିଲେ, ଯାହା ପରିବେଶ ସୁରକ୍ଷା ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଏ। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଆମେ ବିଶ୍ୱାସ କରୁ ଯେ ଭିତ୍ତିଭୂମି ବିକାଶ ମାଧ୍ୟମରେ ଭରସାଯୋଗ୍ୟ ଏବଂ ଗ୍ରାହକ କୈନ୍ଦ୍ରିକ ସେବା ସୁନିଶ୍ଚିତ ହୋଇପାରିବ। ଏହି ନବନିର୍ମିତ ଅଫିସ ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଉନ୍ନତ ବିଜୁଳି ଯୋଗାଣ ଦିଗରେ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି। ଆମେ ଅଫିସ ବିଲ୍ଡିଂ ତିଆରି କରିବା ସହ ଟିପିଏସ୍ଓଡିଏଲ୍ ପ୍ରତି ଲୋକଙ୍କ ବିଶ୍ୱାସକୁ ସୁଦୃଢ଼ କରିଛୁ।' ନୂତନ ଭାବେ ଉଦଘାଟିତ ଅଫିସଗୁଡ଼ିକରେ କର୍ମଚାରୀମାନଙ୍କ ସହ ଆଲୋଚନା କରି ଶ୍ରୀ ଗର୍ଗ ଟିମ୍ ସଦସ୍ୟମାନଙ୍କୁ ଅନୁଷ୍ଠାନର ସେବା ଓ ସମର୍ପଣ ଭଳି ମୌଳିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ। ଦୀର୍ଘସ୍ଥାୟୀ ଏବଂ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ସକ୍ରିୟ ତଥା ଉପଭୋକ୍ତା କୈନ୍ଦ୍ରିକ ସେବା ଯୋଗାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏସବୁ ପଦକ୍ଷେପ ନିରନ୍ତର ଉନ୍ନତ ବିଜୁଳି ସେବା ଯୋଗାଇ ଗୋଷ୍ଠୀ ସଶକ୍ତିକରଣ କରିବା ଦିଗରେ ଟିପିଏସ୍ଓଡିଏଲର ଯାତ୍ରାରେ ଏକ ମାଇଲଖୁଣ୍ଟ ସାଜିଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଉନ୍ନତ ଟେକ୍ନୋଲୋଜି, ପରିବେଶ ସଚେତନତା ଏବଂ ଗ୍ରାହକ କୈନ୍ଦ୍ରିକ ଭିତ୍ତିଭୂମି ବିକାଶ ଦ୍ୱାରା ବିଜୁଳି ସେବାକୁ ଆହୁରି ସୁଦୃଢ଼ କରିବା ଉପରେ କମ୍ପାନୀ ଗୁରୁତ୍ୱ ଦେଇଆସୁଛି।

# ଏକ୍ସଜାରୋ ଟାଇଲ୍ସ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ ନେଇ ଘୋଷଣା

exxaro TILES

ନୂଆଦିଲ୍ଲୀ: ଗୁଜୁରାଟର ଇଦରର ଗୋରୋଲଠାରେ ଭାରତର ଅନ୍ୟତମ ଅଗ୍ରଣୀ ଭିଟ୍ରିଫାଇଡ୍ ଏବଂ ଚମକଦାର ଟାଇଲ୍‌ସ ଉତ୍ପାଦନକାରୀ ଏକ୍ସଜାରୋ ଟାଇଲ୍ସ ଲିମିଟେଡ୍ ଗର୍ବର ସହ ଏକ ୫ ମେଗାୱାଟ ଡିସି ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଛି। ଏହି ପଦକ୍ଷେପ ସ୍ଥାୟୀତା, ପରିଚାଳନା ଦକ୍ଷତା ଏବଂ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପ୍ରତି ଏକ୍ସଜାରୋର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ୨୫ ବର୍ଷ ୪ ମାସ ପାଇଁ ଲିଜ୍ ଜମିରେ ସ୍ଥାପିତ ଏହି ସୌର ପ୍ରକଳ୍ପ ଗୁଜରାଟର ତାଲୋଦଠାରେ ଥିବା କମ୍ପାନିର ଉତ୍ପାଦନ ୟୁନିଟ୍ ପାଇଁ କ୍ୟାପ୍ଟିଭ୍ ବ୍ୟବହାର ପାଇଁ ସମର୍ପିତ। ଏହି ପ୍ଲାଣ୍ଟରେ ଏବେ ବାର୍ଷିକ ପ୍ରାୟ ୨୧ ନିୟୁତ ବିଦ୍ୟୁତ୍ ୟୁନିଟ୍ ବ୍ୟବହାର ହେଉଛି। ସୌର ଶକ୍ତି□ବର୍ତ୍ତମାନ କାର୍ଯ୍ୟକୁ ସମର୍ଥନ କରୁଥିବାରୁ କମ୍ପାନି ବାର୍ଷିକ ପ୍ରାୟ ୫.୬୭ କୋଟି ଟଙ୍କା ସଂଚୟ କରିବ ବୋଲି ଆଶା କରୁଛି, ଯାହା ଦ୍ୱାରା ୟୁନିଟ୍‌ରେ ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ ଘଟିବ। ଏକ୍ସଜାରୋ ଟାଇଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମୁକେଶ କୁମାର ବି ପଟେଲ କହିଛନ୍ତି ଯେ 'ସୌର ପ୍ରକଳ୍ପ ଆମର ବ୍ୟବସାୟିକ କାର୍ଯ୍ୟକୁ ବିଶ୍ୱସ୍ତରୀୟ ସ୍ଥାୟୀତା ଲକ୍ଷ୍ୟ ସହିତ ଯୋଡ଼ିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଏହା କେବଳ ଆମର ଖର୍ଚ୍ଚ ଦକ୍ଷତାକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱଚ୍ଛ ଶକ୍ତି ଏବଂ ପରିବେଶ ଦାୟିତ୍ୱ ପ୍ରତି ଆମର ପ୍ରତିବଦ୍ଧତାକୁ ମଧ୍ୟ ଦର୍ଶାଏ।

# ସିବିଆଇକୁ ଅଂଶୀଦାର ଭାବେ ଘୋଷଣା କଲା ଜେନେରାଲି



ନୂଆଦିଲ୍ଲୀ: ଜେନେରାଲି, ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)କୁ ଦେଶର ନୂଆ ଯୁଗ୍ମ ଉଦ୍ୟୋଗ ସହଯୋଗୀ ଭାବେ ଘୋଷଣା କରାଯାଇଛି। ସିବିଆଇ ହେଉଛି ସର୍ବପୁରାତନ ରାଷ୍ଟ୍ରାୟତ ଭାରତୀୟ ବ୍ୟାଙ୍କ, ଯାହା୧୯୧୧ ମସିହାରେ ସ୍ଥାପିତ ହୋଇଥିଲା, ଯାହାର ବଜାର ପୁଞ୍ଜି ୪୬୧ ବିଲିୟନ ଟଙ୍କା ଏବଂ ୪,୫୦୦ରୁ ଅଧିକ ଶାଖାର ବିତରଣ ନେଟୱାର୍କ ୮୦ ନିୟୁତରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି । ସିବିଆଇ ସହ ଭାଗିଦାରୀ ଜେନେରାଲିଙ୍କ ବଜାର ଉପସ୍ଥିତିକୁ ବଢ଼ାଇବ, ଉଭୟ ଲାଇଫ ଏବଂ ପିଆଣ୍ଡସିରେ ଏହାର ବ୍ରାଣ୍ଡ ସ୍ଥିତି ଏବଂ ବିତରଣ କ୍ଷମତାକୁ ସୁଦୃଢ଼ କରିବ। ଜେନେରାଲି ଗ୍ରୁପର ଡେପୁଟି ସିଇଓ ଇନସ୍ୟୁରାନ୍ସ ଜାଇମେ ଆଂଚୁଷ୍ଟେଗୁଇ କହିଛନ୍ତି, 'ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ମିଶି ଭାରତରେ ଆମର ବ୍ୟବସାୟ ପାଇଁ ଏହି ନୂତନ ଅଧ୍ୟାୟ ଘୋଷଣା କରି ଆମେ ଆନନ୍ଦିତ। ଆମର 'ଲାଇଫ୍ ଟାଇମ୍ ପାର୍ଟନର ୨୭: ଡ୍ରାଇଭିଂ ଏକ୍ସେଲେନ୍ସ' ରଣନୀତି ଅନୁଯାୟୀ ଏହି ଭାଗିଦାରୀ ଭାରତର ଉଚ୍ଚ ସମ୍ଭାବ୍ୟ ବଜାରରେ ଜେନେରାଲିଙ୍କ ପାଦଚିହ୍ନକୁ ଆହୁରି ବ୍ୟାପକ କରିବାରେ ସହାୟକ ହେବ ବୋଲି ଆମେ ବିଶ୍ୱାସ କରୁଛୁ।'

# କ୍ରୋମାର 'ବ୍ୟାକ ଟୁ କ୍ୟାମ୍ପସ ସେଲ'ର ଘୋଷଣା

ନୂଆଦିଲ୍ଲୀ: ଭାରତର ପ୍ରଥମ ଓ ବିଶ୍ୱସନୀୟ ଓ ମନି ଚ୍ୟାନେଲ ଇଲେକ୍ଟ୍ରୋନିକ୍ସ ରିଟେଲର ଟାଟା ଗ୍ରୁପର କ୍ରୋମା ପକ୍ଷରୁ 'ବ୍ୟାକ ଟୁ କ୍ୟାମ୍ପସ ସେଲ' ଘୋଷଣା କରାଯାଇଛି। ଆଧୁନିକ ଶିକ୍ଷାଦାନ ପଦ୍ଧତିରମୂଳରେ ପ୍ରଯୁକ୍ତି ରହିଥିବାବେଳେ ଏହି ସେଲ ଛାତ୍ରଛାତ୍ରୀ ଓ ପ୍ରଯୁକ୍ତିପ୍ରେମୀଙ୍କୁ ସଶକ୍ତ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଆକାଂକ୍ଷୀ ଡିଜାଇନର, ଏଆଇ-ପ୍ରଥମ କୋଡର, ପରବର୍ତ୍ତୀ ପିଢ଼ିର ଗେମର ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହି ସେଲରେ ଲାପଟପ, ଟାବଲେଟ, ସ୍ମାର୍ଟଫୋନ, ଆସେସୋରି ଆଦି ଉପରେ ଆକର୍ଷଣୀୟ ଡିଲ ରହିଛି। ଶ୍ରେଷ୍ଠବ୍ରାଣ୍ଡ, ଜିରୋ କଷ୍ଟ ଇଏମଆଇ, କ୍ୟାସବ୍ୟାକ ଓ ସ୍ୱତନ୍ତ୍ର ଛାତ୍ରଛାତ୍ରୀ ବଣ୍ଡଲ ଲାଭ ସହିତ ଏହି ସେଲ ଶିକ୍ଷା ଓ କ୍ରିଏଟିଭ ଭବିଷ୍ୟତରେ ନିବେଶ କରିବାର ସୁଯୋଗ ଆଣିଛି। ଏଥିରେ ମ୍ୟାକବୁକ ଏୟାର ଏମ ୨ର ଦାମ ୪୬,୩୯୦ ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ଏଥିରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ରହିଛି। ସେହିପରି ସାମସଙ୍ଗ ଗାଲାକ୍ସି ଟ୍ୟାବ ଏସ୯ ୫ଜିକୁ ମାସିକ ୩୮୪୯ ଟଙ୍କା ଦେଇ ହାସଲ କରି ହେବ। ଏଆଇ ୱିଣ୍ଡୋ ଲାପଟପ ଦାମ ୫୫,୯୯୦ ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ଏଥିରେ ମଧ୍ୟ ଜିରୋ କଷ୍ଟ ଇଏମଆଇ ଓ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ରହିଛି। ଦେଶର ୨୦୦ରୁ ଅଧିକ ସହରରେ କ୍ରୋମାର ୫୬୦ ଷ୍ଟୋରର ବ୍ୟାପକ ନେଟୱର୍କ ରହିଛି ଯାହା ମେଟ୍ରୋ, ଦ୍ୱିତୀୟଶ୍ରେଣୀ ଓ ତା'ଠାରୁ ବାହାରେ ଥିବା ସହରରେ ଛାତ୍ରଛାତ୍ରୀଙ୍କୁ ସେଲର ଲାଭ ମିଳିବା ସୁନିଶ୍ଚିତ କରିବ। ସମସ୍ତ ମେଟ୍ରୋରେ ଏଆଇ ପିସି ଦାମ ୫୪,୯୯୦ ଟଙ୍କାରୁ ଆରମ୍ଭ ହୋଇଛି। ଗେମିଂ ଲାପଟପ ଦାମ ୫୨,୯୯୦ ଟଙ୍କାରୁ ଆରମ୍ଭ ହୋଇଛି।

# ଆର୍‌ଏସ୍‌ପି ଓ ମେସର୍ସ ଷ୍ଟର୍ଲିଂ ଆଣ୍ଡ୍ ୱିଲସନ ମଧ୍ୟରେ ଚୁକ୍ତିନାମା



ରାଉରକେଲା (ଭାସ୍କର ନ୍ୟୁଜ୍) : ଗୁଣବତ୍ତା ନିଶ୍ଚିତତାକୁ ସୁଦୃଢ଼ କରିବା ସହ ଗ୍ରାହକଙ୍କ କ୍ରମବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଜୁଲାଇ ୪ ତାରିଖ ଦିନ ଇଡି ପ୍ରୋଜେକ୍ଟସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେସର୍ସ ଷ୍ଟର୍ଲିଂ ଆଣ୍ଡ୍ ୱିଲସନ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ଅତ୍ୟାଧୁନିକ ଉତ୍ପାଦ ପରୀକ୍ଷଣ ପ୍ରୟୋଗଶାଳା ସ୍ଥାପନ ପାଇଁ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛି। ଏହି ପ୍ରୟୋଗଶାଳା ନୂତନ ପ୍ଲେଟ୍ ମିଲ୍ (ଏନପିଏମ୍), ସ୍ପେସିଆଲ ପ୍ଲେଟ୍ ପ୍ଲାଣ୍ଟ (ଏସପିପି), ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ ଏସ ଏମ୍-୨) ର ବର୍ଦ୍ଧିତ ପରୀକ୍ଷଣ ଆବଶ୍ୟକତା ପୂରଣ କରିବ। ଏହି ଚୁକ୍ତି ସ୍ୱାକ୍ଷର ସମାରୋହ ପ୍ରକଳ୍ପ ବିଭାଗର ସିଜିଏମ୍ ଦିଲ୍ଲୀପ କୁମାର ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆରଏସପି ଏବଂ ରାଞ୍ଚି ସେଲ ସିଇଟିର ବହୁ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଆଗାମୀ ସୁବିଧାକୁ ଦୃଷ୍ଟିରେ ରଖି ଏନପିଏମ୍, ଏସପିପି ଏବଂ ଏଚଏସଏମ୍-୨ ବିଭାଗର ବର୍ଦ୍ଧିତ କ୍ଷମତାରୁ ଉପୁଜୁଥିବା ବର୍ଦ୍ଧିତ ଉତ୍ପାଦ ପରୀକ୍ଷଣ ଚାହିଦା ପୂରଣ କରିବା ପାଇଁ କଳ୍ପନା କରାଯାଇଛି। ଏହି ସବୁ ମିଲ୍ ଦ୍ୱାରା ଉତ୍ପାଦିତ ସ୍ୱତନ୍ତ୍ର ମାନର ଇସ୍ପାତର ସମୟୋଚିତ ବିଶ୍ଳେଷଣକୁ ସୁନିଶ୍ଚିତ କରିବା ପାଇଁ ପରୀକ୍ଷାଗାରଟି ଅତ୍ୟାଧୁନିକ ପରୀକ୍ଷଣ ଭିତ୍ତିଭୂମି ସହିତ ସଜ୍ଜିତ ହେବ। ଏପରି ପରିବର୍ତ୍ତନରେ, ଶୀଘ୍ର ପ୍ରେରଣ ଏବଂ ଅଧିକ ଦକ୍ଷ ଇନଭେଣ୍ଟରୀ ପରିଚାଳନାକୁ ସହଜ କରିପାରିବ। ଏଥିରେ ଥିବା ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ପରୀକ୍ଷାଗାରଟି ଏନଏବିଏଲ ମାନ୍ୟତାପ୍ରାପ୍ତ ମାନକ ସହିତ ବିକଶିତ ହେବ, ଯାହାଦ୍ୱାରା ଉଚ୍ଚ-ପ୍ରୋଫାଇଲ୍ ର ଗ୍ରାହକମାନଙ୍କ ଦ୍ୱାରା ଆଶା କରାଯାଉଥିବା ଉଚ୍ଚ ଗୁଣବତ୍ତା ମାନଦଣ୍ଡ ପୂରଣ ହୋଇପାରିବ। ଏହି ରଣନୈତିକ ପଦକ୍ଷେପ, ଗୁଣବତ୍ତା, ଗ୍ରାହକ-କେନ୍ଦ୍ରିକତା ଏବଂ ଇସ୍ପାତ ଶିଳ୍ପର ଗତିଶୀଳ ଆବଶ୍ୟକତା ପୂରଣ କରିବା ପାଇଁ ଏହାର ପ୍ରସ୍ତୁତି ଉପରେ ଆର ଏସପି ଲକ୍ଷ୍ୟ ରଖିଛି।





ବର୍ମିଂହାମ: ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତ ନିକଟରୁ ଶୋଚନୀୟ ଭାବେ ହାରିବା ଇଂଲଣ୍ଡ ଟିମକୁ ଚିନ୍ତାରେ ପକାଇ ଦେଇଛି । ୫ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସମାନ ସ୍ଥିତିକୁ ଆସି ଯାଇଛି। ମ୍ୟାଚ ପରେ ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସଙ୍କୁ ଯଶପ୍ରୀତ ବୁମରାହଙ୍କ ସମ୍ପର୍କରେ ପଚରାଯିବାରୁ ସେ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ । ସେ କହିଥିଲେ, ଏବେ ବୁମରାହଙ୍କୁ ନେଇ କୌଣସି ପ୍ରଶ୍ନ ପଚରା ନ ଯିବା ପର୍ଯ୍ୟନ୍ତ ପ୍ରେଦ କନଫେରେନ୍ସ ସମାପ୍ତ ହେଉନି । ରିପୋର୍ଟ ମୁତାବକ ବୁମରାହ ଜୁଲାଇ ୧୦ରୁ ଆରମ୍ଭ ହେବାକୁ ଥିବା ତୃତୀୟ ଟେଷ୍ଟରେ ଖେଳିବେ ବୋଲି ଅନୁମାନ କରାଯାଉଛି । ଯାହାକୁ ନେଇ ଷ୍ଟୋକ୍ସ ଚାପରେ ରହିଛନ୍ତି । ବୁମରାହ ଅଲଗା ପ୍ରକାରର ବୋଲିଂ ଆକ୍ସନରେ ବଲ ପକାଉଥିବାରୁ ତାଙ୍କ ବିପକ୍ଷରେ ଆମେ ଭଲ ଭାବେ ଅଭ୍ୟାସ କରିପାରୁ ନାହୁଁ । ତୃତୀୟ ଟେଷ୍ଟରେ ଜୋଫ୍ରା ଆର୍ଚ୍ଚରଙ୍କ ଖେଳିବେ କି ନାହିଁ ପଚରା ଯିବାରୁ ସେ କହିଥିଲେ, ଏବେଠାରୁ କହିବା ଠିକ ହେବନି । ମ୍ୟାଚ ପୂର୍ବ ଦିନ ଏ ସମ୍ପର୍କରେ ନିଷ୍ପତି ନିଆଯିବ । ଆମେ ଏକ ଶୃଙ୍ଖଳିତ ଦଳ ଖୁବ ଶୀଘ୍ର ସିରିଜରେ ପ୍ରତ୍ୟାବର୍ତନ କରିବୁ ବୋଲି ଷ୍ଟୋକ୍ସ ଦୃଢ଼ତା ସହକାରେ କହିଛନ୍ତି । ଏବେ ଆମେ ଲର୍ଡସ ମୁକାବିଲା ପାଇଁ ପ୍ରସ୍ତୁତ । ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟ ହାସଲ କରିଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ଭାରତ ଜିତି ସିରିଜରେ ରୋମାଂଚ ଭରିଛି ।



## ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ଟେଷ୍ଟ ସିରିଜ୍

# ୨-୦ରେ ସିରିଜ୍ ଜିତିଲା ଦକ୍ଷିଣ ଆଫ୍ରିକା



ନୂଆଦିଲ୍ଲୀ: ୧୩୬ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଥର ପାଇଁ ଦକ୍ଷିଣ ଆଫ୍ରିକାର ରେକର୍ଡ ବିଜୟ ହାସଲ କରିଛି। ଜିମ୍ବାୱେ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟକୁ ଏକତରଫା ଭାବରେ ଦକ୍ଷିଣ ଆଫ୍ରିକା ଜିତି ନେଇଛି। ଦକ୍ଷିଣ ଆଫ୍ରିକା ଅଧିନାୟକ ୱିଆନ୍ ମୁଲଡର ଟେଷ୍ଟ କ୍ରିକେଟରେ ତାଙ୍କର ପ୍ରଥମ ଅଧିନାୟକତ୍ୱ ଇନିଂସରେ ଐତିହାସିକ ଅପରାଜିତ ୩୬୭ ରନ୍ କରିଥିଲେ, ଯାହା ଦକ୍ଷିଣ ଆଫ୍ରିକାକୁ ଏକ ଇନିଂସ ଏବଂ ୨୩୬ ରନ୍ ରେ ମ୍ୟାଚ୍ ଜିତିବା ଏବଂ ସିରିଜ୍ ୨-୦ରେ ଜିତିବାରେ ସାହାଯ୍ୟ କରିଥିଲା। ଏହି ବିଜୟ ସହିତ, ଦକ୍ଷିଣ ଆଫ୍ରିକା ମଧ୍ୟ ଏକ ବଡ଼ ରେକର୍ଡ ସ୍ଥାପନ କରିଥିଲା। ଜିମ୍ବାୱେ ଅଧିନାୟକ କ୍ରେଗ୍ ଏରୱିନ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ଏହା ତାଙ୍କ ଦଳ ଉପରେ ଭାରୀ ପଡ଼ିଥିଲା। ଦକ୍ଷିଣ ଆଫ୍ରିକା ଭଲ ଆରମ୍ଭ କରିପାରି ନଥିଲା, ପ୍ରଥମ ୨ଟି ୱିକେଟ୍ ୨୪ ରନ୍ ରେ ହରାଇଥିଲା। କିନ୍ତୁ ୱିଆନ୍ ମୁଲଡର ଏବଂ ଡେଭିଡ୍ ବେଡିଂହାମ୍ ତୃତୀୟ ୱିକେଟ୍ ପାଇଁ ୨୦୪ ରନ୍ ର ଭାଗୀଦାରୀ ସହିତ ଇନିଂସ୍ ସମ୍ଭାଳିଥିଲେ। ତା'ପରେ ମୁଲଡର ଲୁଆନ୍-ଡ୍ରେ ପ୍ରିଟୋରିଅସ୍ ଙ୍କ ସହିତ ୨୦୦ରୁ ଅଧିକ ରନ୍ ପାଇଁ ପାର୍ଟନରସିପ୍ ମଧ୍ୟ କରିଥିଲେ। ଦକ୍ଷିଣ ଆଫ୍ରିକା ସେମାନଙ୍କର ପ୍ରଥମ ଇନିଂସରେ ୫ ୱିକେଟ୍ ରେ ୬୨୬ ରନ୍ କରିଥିଲା। ଦକ୍ଷିଣ ଆଫ୍ରିକା ଅଧିନାୟକ ୱିଆନ୍ ମୁଲଡର ବିଜୟର ହିରୋ ଥିଲେ। ସେ ଟେଷ୍ଟରେ ତ୍ରିଶତକ ହାସଲ କରିଥିବା ପ୍ରଥମ ଅଧିନାୟକ ହୋଇଥିଲେ। ତାଙ୍କ ଇନିଂସ ପରେ ବୋଲରମାନେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଜିମ୍ବାୱେ ପ୍ରଥମ ଇନିଂସରେ ୧୭୦ ରନରେ ଅଲଆଉଟ୍ ହୋଇଯାଇଥିଲା। ପରେ ଫଲୋଅନ୍ ଯୋଗୁଁ ତାଙ୍କୁ ପୁଣି ବ୍ୟାଟିଂ କରିବାକୁ ପଡ଼ିଥିଲା ଏବଂ ଏଥର ମଧ୍ୟ ସେ ୨୨୦ ରନରେ ଅଲଆଉଟ୍ ହୋଇଯାଇଥିଲେ, ଯାହା ଏକ ବିରାଟ ପରାଜୟ ବରଣ କରିଥିଲା। ଏହି ବିଜୟ ସହିତ ବିଶ୍ୱ ଟେଷ୍ଟ ଚାମ୍ପିଅନ ଦକ୍ଷିଣ ଆଫ୍ରିକା ଏକ ବଡ଼ ରେକର୍ଡ ସ୍ଥାପନ କରିଛି। ଏହା ତାଙ୍କର ୧୦ମ ଲଗାତାର ଟେଷ୍ଟ ବିଜୟ। ଦକ୍ଷିଣ ଆଫ୍ରିକା ପ୍ରଥମ ଥର ପାଇଁ ଲଗାତାର ୧୦ ଟେଷ୍ଟ ଜିତିଛି। ଟେଷ୍ଟ ଇତିହାସରେ ସେମାନେ ତୃତୀୟ ଦଳ ଯିଏକି ଲଗାତାର ୧୦ ଟେଷ୍ଟ ଜିତିଛନ୍ତି। ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ପୂର୍ବରୁ ଏହା କରିଛନ୍ତି। ଅଷ୍ଟ୍ରେଲିଆ ଲଗାତାର ଦୁଇଥର ୧୬-୧୬ ମ୍ୟାଚ୍ ଜିତିଛି। ୱେଷ୍ଟଇଣ୍ଡିଜ୍ ୧୧ ମ୍ୟାଚ୍ ଜିତିଛି।

# ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍ ଚାମ୍ପିଅନସିପ୍‌ର ଶୁଭାରମ୍ଭ

## ୧୨ରେ ଫାଇନାଲ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ ଚାମ୍ପିଅନସିପ ୨୦୨୫ର ୫ମ ସଂସ୍କରଣକୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଛନ୍ତି। ଏହି ଅବସରରେ ଭାରତୀୟ ଜୁନିୟର ଟିମର ପୂର୍ବତନ ଉପ-ଅଧିନାୟକ ଦୀପସନ ତିର୍କୀ, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଓଡ଼ିଶା ନାଭାଲ ଟାଟା ହକିର ପ୍ରୋଜେକ୍ଟ ଡାଇରେକ୍ଟର ରାଜୀବ ସେଠଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ-ପରଫରମାନ୍ସ ସେଂଟର (ଓଏନଟିଏଚଏଚପିସି) ପକ୍ଷରୁ ଏହି ଚାମ୍ପିଅନସିପ ଆୟୋଜନ କରାଯାଇଛି। ଏହି ବହୁ ପ୍ରତିକ୍ଷୀତ ତୃଣମୂଳ ହକି ଚାମ୍ପିଅନସିପର ଚୂଡ଼ାନ୍ତ ପର୍ଯ୍ୟାୟ ୨୦୨୫ ଜୁଲାଇ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସେଥିରେ ସାରା ଓଡ଼ିଶାରୁ ଚୟନ ହୋଇଥିବା ୧୬ଟି ଶ୍ରେଷ୍ଠ ଦଳ (୮ଟି ବାଳକ ଓ ୮ଟି ବାଳିକା ଦଳ) ପ୍ରତିଦ୍ୱନ୍ଦ୍ୱିତା କରିବେ। ପୂର୍ବରୁ ଗାମ ଜିଲ୍ଲାର ଛତ୍ରପୁର ଓ ସୁନ୍ଦରଗଡ଼ର ବଣାଇରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ ରାଉଣ୍ଡରେ ଏହି ଦଳଗୁଡ଼ିକ ବିଜୟୀ ହୋଇଥିଲେ। କ୍ୱାଲିଫାଇଙ୍ଗ ରାଉଣ୍ଡରେ ୩୨ଟି ବାଳକ ଓ ୩୨ଟି ବାଳିକା ଦଳ ସମେତ ମୋଟ ୬୪ଟି ଦଳ ଭାଗ ନେଇଥିଲେ ଯାହା ଏହି ଟୁର୍ଣ୍ଣାମେଂଟକୁ ଦେଶର ସର୍ବବୃହତ ତୃଣମୂଳ ହକି ଟୁର୍ଣ୍ଣାମେଂଟରେ ପରିଣତ କରିଥିଲା। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ଏହି ଚାମ୍ପିଅନସିପ ଏଭଳି ଏକ ଶ୍ରେଷ୍ଠ ସୁଯୋଗ, ଯାହା ସମସ୍ତଙ୍କ ଭାଗ୍ୟରେ ନଥାଏ। ଆପଣମାନଙ୍କ ଅଭିଭାବକ, ଶିକ୍ଷକଙ୍କ ସହଯୋଗରେ ନାଭାଲ ଟାଟା ହକି ଏଚପିସି ଓ ଓଡ଼ିଶା ସରକାର ପ୍ରଦାନ କରୁଥିବା ଏହି ସୁଯୋଗର ସଫଳ ଉପଯୋଗ କରିଛନ୍ତି। ଶୃଙ୍ଖଳା ବଜାୟ ରଖନ୍ତୁ, କ୍ରୀଡ଼ାକୁ ଉପଭୋଗ କରନ୍ତୁ ଏବଂ ଯଦି ସବୁ କିଛି ଆପଣଙ୍କ ଆଶା ଅନୁସାରେ ହେଉନାହିଁ, ତେବେ ଆଗାମୀ ସଂସ୍କରଣରେ ଦୃଢ଼ ଭାବେ ପ୍ରତ୍ୟାବର୍ତନ କରିବାକୁ ପ୍ରସ୍ତୁତ ହୁଅନ୍ତୁ।' ଟୁର୍ଣ୍ଣାମେଣ୍ଟର ଚୂଡ଼ାନ୍ତ ପର୍ଯ୍ୟାୟରେ ରାଉଣ୍ଡ-ରବିନ ଲିଗ ଫର୍ମାଟ ଗ୍ରହଣ କରାଯିବ ଏବଂ ତା' ପରେ ନକ୍ ଆଉଟ ପର୍ଯ୍ୟାୟ ଖେଳାଯିବ। ୨୦୨୫ ଜୁଲାଇ ୧୨ରେ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୫ମ ସଂସ୍କରଣରେ ପହଂଚିଥିବା ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ ଚାମ୍ପିଅନସିପ ଭାରତର ସର୍ବବୃହତ ତୃଣମୂଳକ ହକି ଲିଗରେ ପରିଣତ ହୋଇଛି। ଯୁବ ପ୍ରତିଭାମାନଙ୍କୁ ସମୃଦ୍ଧ କରିବା ଏବଂ ହକି ବ୍ୟବସ୍ଥାକୁ ଦୃଢ଼ କରିବା ଲାଗି ଓଡ଼ିଶାର ରହିଥିବା ପ୍ରତିବଦ୍ଧତାର ଦୃଢ଼ ପ୍ରମାଣ ହେଉଛି ଏହି ଟୁର୍ଣ୍ଣାମେଂଟ। ତୃଣମୂଳସ୍ତରରେ ଏକ ପ୍ରତିଯୋଗିତାପୂର୍ଣ୍ଣ ଫର୍ମାଟ ପ୍ରଦାନ କରି ଏହି ଲିଗ ଏକ ବିଶ୍ୱସ୍ତରୀୟ ହକି ହବରେ ପରିଣତ ହେବା ପାଇଁ ରାଜ୍ୟ ସରକାର ରଖିଥିବା ଲକ୍ଷ୍ୟକୁ ଆଗକୁ ବଢ଼ାଉଛି।

# 'ଭାରତୀୟ ଶହିଦ ଆଫ୍ରିଦି' ହେଉଛନ୍ତି ପନ୍ତ : ମୁସ୍ତାକ ମହମ୍ମଦ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ବିସ୍ଫୋରକ ୱିକେଟକିପର-ବ୍ୟାଟସମ୍ୟାନ୍ ରିଷଭ ପନ୍ତ ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ଦ୍ୱାରା କେବଳ ପ୍ରଶଂସକଙ୍କ ହୃଦୟ ଜିତି ନାହାଁନ୍ତି, ବରଂ କ୍ରିକେଟ ଜଗତର କିମ୍ବଦନ୍ତୀମାନଙ୍କୁ ମଧ୍ୟ ପ୍ରଭାବିତ କରିଛନ୍ତି। ସମ୍ପ୍ରତି ପୂର୍ବତନ ପାକିସ୍ତାନୀ ଅଧିନାୟକ ମୁସ୍ତାକ ମହମ୍ମଦ ପନ୍ତଙ୍କ ପ୍ରଶଂସାରେ ଏକ ବଡ଼ ବୟାନ ଦେଇଛନ୍ତି। ସେ ପନ୍ତଙ୍କୁ 'ଭାରତୀୟ ଶାହିଦ ଆଫ୍ରିଦି' ବୋଲି ଅଭିହିତ କରିଛନ୍ତି ଏବଂ କହିଛନ୍ତି ଯେ ସେ ବ୍ୟାଟ୍ ସହିତ ଆଫ୍ରିଦିଙ୍କ ଠାରୁ ମଧ୍ୟ ଭଲ। ଏହି ବୟାନ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ମୁସ୍ତାକ ମହମ୍ମଦ ପିଟିଆଇ ସହିତ ଆଲୋଚନାରେ କହିଥିଲେ, 'ରିଷଭ ପନ୍ତ ହେଉଛନ୍ତି ଭାରତୀୟ ଶାହିଦ ଆଫ୍ରିଦି, ପ୍ରକୃତରେ ଯେତେବେଳେ ତାଙ୍କ ହାତରେ ବ୍ୟାଟ୍ ଥାଏ, ସେ ଆଫ୍ରିଦିଙ୍କ ଠାରୁ ମଧ୍ୟ ଭଲ।' ଆପଣଙ୍କୁ କହିବାକୁ ଯାଉଛୁ, ଏହି ସିରିଜରେ ରିଷଭ ପନ୍ତଙ୍କ ପ୍ରଦର୍ଶନ ଏପର୍ଯ୍ୟନ୍ତ ବହୁତ ଭଲ ରହିଛି। ସେ ସିରିଜରେ ସର୍ବାଧିକ ରନ ସ୍କୋର କରିବାରେ ଦ୍ୱିତୀୟ ଭାରତୀୟ। ଲିଡ୍ସର ହେଡିଙ୍ଗଲିରେ ଏହି ସିରିଜର ପ୍ରଥମ ଟେଷ୍ଟରେ ପନ୍ତ ଉଭୟ ଇନିଂସରେ ଶତକ ମାରିଥିଲେ, ଯଦିଓ ଭାରତ ସେହି ମ୍ୟାଚ୍ ପାଞ୍ଚ ୱିକେଟରେ ହାରିଯାଇଥିଲା। ସେହି ସମୟରେ, ଭାରତ ଏଜବାଷ୍ଟନରେ ୩୩୬ ରନର ଏକ ଚମତ୍କାର ବିଜୟ ହାସଲ କରିଥିଲା। ଏହି ମ୍ୟାଚରେ ପନ୍ତ ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ୱିକେଟକିପିଂ ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦ୍ୱିତୀୟ ଇନିଂସରେ ଏକ ଜ୍ୱଳନ୍ତ ଅର୍ଦ୍ଧଶତକ ମାରିଥିଲେ। ମୁସ୍ତାକ ମହମ୍ମଦ ଶୁଭମନ ଗିଲ ଏବଂ ବିରାଟ କୋହଲିଙ୍କ ପ୍ରଶଂସା ମଧ୍ୟ କରିଥିଲେ। ସେ ବିରାଟ କୋହଲିଙ୍କ ବିଷୟରେ କହିଥିଲେ, 'କୋହଲି ଆହୁରି ଦୁଇ ବର୍ଷ ଖେଳିପାରିବେ। ସେ ଏଠାରେ ଟେଷ୍ଟ ଦଳ ସହିତ ରହିବା ଉଚିତ। ମୁଁ ଜାଣିନାହିଁ ସେ କାହିଁକି ଅବସର ନେଇଥିଲେ।' ଆପଣଙ୍କୁ କହି ରଖୁଛୁ ଯେ, ବିରାଟ ଏହି ସିରିଜ ପୂର୍ବରୁ ଟେଷ୍ଟ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଥିଲେ।

## ଇଂଲଣ୍ଡରେ ଟିମ୍ ଇଣ୍ଡିଆକୁ ସ୍ୱାଗତ



ନୂଆଦିଲ୍ଲୀ: ଭାରତୀୟ ମହିଳା କ୍ରିକେଟ୍ ଦଳ ଇଂଲଣ୍ଡ ଗସ୍ତରେ ଅଛି। ଏହି ଦୁଇ ଦଳ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯାଉଛି ଯେଉଁଥିରେ ଟିମ୍ ଇଣ୍ଡିଆ ୨-୧ ରେ ଆଗୁଆ ଅଛି। ଏହି ଦୁଇ ଦଳ ମଧ୍ୟରେ ଚତୁର୍ଥ ଟି-୨୦ ମ୍ୟାଚ୍ ୯ ଜୁଲାଇରୁ ଆରମ୍ଭ ହେବାକୁ ଯାଉଛି। ତଥାପି, ଏହି ମ୍ୟାଚ୍ ପୂର୍ବରୁ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମରେ ଟିମ୍ ଇଣ୍ଡିଆକୁ ଭବ୍ୟ ଭାବରେ ସ୍ୱାଗତ କରାଯାଇଥିଲା। ମାଞ୍ଚେଷ୍ଟରର ଭାରତୀୟ ପରିଷଦ ଜେନେରାଲ ବିଶାଖା ଯାଦବ ଭାରତୀୟ ମହିଳା କ୍ରିକେଟ ଦଳକୁ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମକୁ ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ, ଜଣେ ଛୋଟ ଝିଅ ଭାରତୀୟ ମହିଳା ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ଗୋଲାପ ଫୁଲ ଦେଇଥିଲେ। ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ମଧ୍ୟ ଭବ୍ୟ ସ୍ୱାଗତ କରାଯାଇଥିଲା। ଭାରତୀୟ ପରିଷଦ ଜେନେରାଲ, ମାଞ୍ଚେଷ୍ଟର ବିଶାଖା ଯାଦବ କହିଥିଲେ, 'ତୁମେ ଭାରତର ସର୍ବୋତ୍ତମ ପ୍ରତିନିଧିତ୍ୱ କର। କେବଳ କ୍ରୀଡ଼ାରେ ନୁହେଁ ବରଂ ଭାବନାରେ ମଧ୍ୟ। ତୁମର ଯାତ୍ରା କେବଳ କ୍ରିକେଟ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏହି କାହାଣୀ ସାହସର ମଧ୍ୟ ଯାହାକୁ ଆମେ ଆଜି ପାଳନ କରିବୁ।' ଲ୍ୟାଙ୍କାଶାୟାର କାଉଣ୍ଟି କ୍ରିକେଟ କ୍ଲବର ସିଇଓ ଡାନିଏଲ୍ ଗିଡନି ଏହି କାର୍ଯ୍ୟକ୍ରମରେ କହିଥିଲେ, 'ଓଲ୍ଡ ଟ୍ରାଫୋର୍ଡ ସଚିନ ତେନ୍ଦୁଲକରଙ୍କ ପ୍ରଥମ ଶତକ ପାଇଁ ପ୍ରସିଦ୍ଧ। କେବଳ ଏତିକି ନୁହେଁ, ପୁରୁଷ କ୍ରିକେଟରେ ଏଠାରେ ଅନେକ ରେକର୍ଡ ହୋଇଛି। ଗତ ୧୦ ବର୍ଷ ଧରି ଏଠାରେ ମହିଳା କ୍ରିକେଟ ମ୍ୟାଚ୍ ମଧ୍ୟ ଖେଳାଯାଉଛି ଏବଂ ଏବେ ତୁମ ପାଇଁ ଏଠାରେ ଇତିହାସ ରଚିବାର ସମୟ ଆସିଛି।


**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, खूँटी**

**ई-प्रोक्योरमेंट नोटिस**
**अति अल्पकालीन निविदा**

टेन्डर रेफरेंन्स न0-प0नि0वि0/खूँटी/635 दिनांक: 07.07.2025

| | | |
|---|---|---|
| 1. | कार्य का नाम | खूँटी-तोरपा-कोलेबीरा पथ के 8वें कि0मी0 में अवस्थित बनई नदी पर Diversion के निर्माण कार्य। |
| 2. | प्राक्कलित राशि (रू0 लाख में) | रू0 1,80,42,800.00 (रूपये एक करोड़ अस्सी लाख ब्यालीस हजार आठ सौ) मात्र। |
| 3. | अग्रधन की राशि | रू0 3,61,000.00 (तीन लाख एकसठ हजार) मात्र। |
| 4. | कार्य पूर्ण करने की अवधि | तीन माह |
| 5. | निविदा प्राप्ति की अंतिम तिथि / समय | 16/07/2025 12.00 बजे दोपहर तक। |
| 6. | वेबसाईड पर निविदा प्रकाशन की तिथि | 09/07/2025 10.30 बजे पूर्वाह्न |
| 7. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, खूँटी। |
| 8. | प्रोक्योरमेंट पदाधिकारी का सम्पर्क संख्या | 06528-221215 |
| 9. | ई-प्रोक्योरमेंट सेल का हेल्पलाईन संख्या | 0651-2401010 |

- पथ निर्माण विभाग, झारखण्ड सरकार में निबंधित संवेदकों के लिए युकेन निबंधन आवश्यक हैं।
- प्राक्कलित एवं अग्रधन की राशि घट - बढ़ सकती है, जो कि परिमाण विपत्र में देखा जा सकता है।
- नियम एवं शर्तें के लिए वेबसाईड http://jharkhandtenders.gov.in

कार्यपालक अभियंता
PR 356730 Road(25-26)#D पथ निर्माण विभाग, पथ प्रण्मडल, खूँटी



## ପାରା ବ୍ୟାଡ୍‌ମିଣ୍ଟନରେ ଆକାଶଙ୍କୁ ବ୍ରୋଞ୍ଜ


## ପାରା ବ୍ୟାଡ୍‌ମିଣ୍ଟନରେ ଆକାଶଙ୍କୁ ବ୍ରୋଞ୍ଜ



ଭବାନୀପାଟଣା (ଭାସ୍କର ନ୍ୟୁଜ୍): ଉଗାଣ୍ଡାଠାରେ ଗତ ଜୁଲାଇ ପହିଲାରୁ ଚାଲିଥିବା ଆନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୦ ଦେଶର ଶହେ ଜଣ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ଭାରତ ପାଇଁ ପ୍ରତିନିଧିତ୍ୱ କରି କଳାହାଣ୍ଡିର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଆକାଶ ରଞ୍ଜନ ମୁଣ୍ଡ ଅସୁସ୍ଥତା ହୋଇ ମଧ୍ୟ ଉତ୍ତମ ପ୍ରଦର୍ଶନ କରି ଚମକିଛନ୍ତି। ସେ ଏସ୍‌ଏଲ୍-୩ ପୁରୁଷ ସିଙ୍ଗଲରେ ବ୍ରୋଞ୍ଜ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଐତିହାସିକ ବିଜୟ ପରେ ସାମ୍ବାଦିକଙ୍କୁ ଖୋଜିଲେ ଗିଲ୍



ବର୍ମିଂହାମ: ଏଜବାଷ୍ଟନରେ ଟିମ ଇଣ୍ଡିଆ ଇତିହାସ ସୃଷ୍ଟି କରିଛି। ଶୁବମନ ଗିଲ କେବଳ ପ୍ରଥମ ଭାରତୀୟ ନୁହଁନ୍ତି ବରଂ ପ୍ରଥମ ଏସୀୟ ଅଧିନାୟକ ଯିଏ ଏଜବାଷ୍ଟନରେ ବିଜୟର ସ୍ୱାଦ ଚାଖିଛନ୍ତି। ଏଜବାଷ୍ଟନରେ ଟିମ ଇଣ୍ଡିଆ ଜିତିବା ମାତ୍ରେ ଭାରତୀୟ ଅଧିନାୟକ ଗିଲ କାହାକୁ ଖୋଜୁଥିବା ଦେଖାଯାଇଥିଲା। ଏଜବାଷ୍ଟନରେ ବିଜୟ ପରେ ଶୁବମନ ଗିଲ ଯେଉଁ ବ୍ୟକ୍ତିଙ୍କୁ ଖୋଜୁଥିଲେ ସେ ତାଙ୍କ ଦଳର ଖେଳାଳି କିମ୍ବା ସପୋର୍ଟ ଷ୍ଟାଫ ନୁହଁନ୍ତି ବରଂ ଜଣେ ସାମ୍ବାଦିକ। ଗିଲ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କୁ ତାଙ୍କର ପ୍ରିୟ ସାମ୍ବାଦିକ ବୋଲି କହିଥିଲେ। ଏହି ସେହି ସାମ୍ବାଦିକ ଯିଏ ଏଜବାଷ୍ଟନ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଏହି ପଡ଼ିଆରେରେ ଭାରତର ଖରାପ ରେକର୍ଡ ବିଷୟରେ ତାଙ୍କୁ ପ୍ରଶ୍ନ କରିଥିଲେ। ଶଗିଲ ତାଙ୍କ କଥାର ଉତ୍ତର ଦେଇଥିଲେ ଏବଂ ଏବେ ସେ ଯାହା କହିଥିଲେ ତାହା ମଧ୍ୟ କରିଛନ୍ତି। ଏହି କାରଣରୁ ତାଙ୍କୁ ଖୋଜୁଥିବାର ଦେଖାଯାଇଥିଲା। ଏଜବାଷ୍ଟନ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ, ସେ କହିଥିଲେ ଯେ ଗତ ୫୮ ବର୍ଷରେ କ'ଣ ଘଟିଛି ସେ ବିଷୟରେ ପରିସଂଖ୍ୟାନରେ ବିଶ୍ୱାସ କରନ୍ତି ନାହିଁ, କାରଣ ପ୍ରତ୍ୟେକ ଥର ଏକ ଭିନ୍ନ ଦଳ ଖେଳିବାକୁ ଆସିଥାଏ। ସେ କହିଥିଲେ, ଆମର ଭାରତୀୟ ଦଳ ସର୍ବଶ୍ରେଷ୍ଠ ଏବଂ ଏହା ଯେକୌଣସି ପଡ଼ିଆରେ ଯେକୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିବାର ଶକ୍ତି ଅଛି। ଅବଶ୍ୟ, ସେତେବେଳେ କେହି ଗିଲଙ୍କ କଥାକୁ ବିଶ୍ୱାସ କରି ନ ଥିଲେ। କିନ୍ତୁ ଏବେ ସେ ଏହା କରିଛନ୍ତି। ସେଥିପାଇଁ ଯେତେବେଳେ ସେ ଏଜବାଷ୍ଟନ ଟେଷ୍ଟ ଜିତିବା ପରେ ସାମ୍ବାଦିକ ସମ୍ମିଳନୀରେ ଆସିଥିଲେ, ସେ ପ୍ରଥମେ ତାଙ୍କୁ ସେହି ପ୍ରଶ୍ନ ପଚାରିଥିବା ସାମ୍ବାଦିକଙ୍କ ବିଷୟରେ ପଚାରିଥିଲେ। ଗିଲ ଆହୁରି କହିଛନ୍ତି, ଯଦି ସବୁକିଛି ଠିକ ଠାକ ହୁଏ, ତେବେ ସେ ଏହି ସିରିଜକୁ ସ୍ମରଣୀୟ କରିବାକୁ ଯଥାସମ୍ଭବ ଚେଷ୍ଟା କରିବେ।


**कार्यपालक अभियन्ता का कार्यालय,**
**पेयजल एवं स्वच्छता प्रमण्डल संख्या-1, धनबाद**

**द्वितीय शुद्धि-पत्र**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई-प्रोक्यूरमेन्ट निविदा आमंत्रण सूचना संख्या- DHN-1/11/2025-26 जिसका सूचना एवं जनसम्पर्क विभाग के PR No.- 352381 (Drinking Water and Sanitation) 25-26 है, में निम्नलिखित संशोधन संसूचित किया जाता है।

| क्र. | विवरणी | पूर्व में प्रकाशित सूचना | संशोधित सूचना |
|---|---|---|---|
| 1 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 08.07.2025, 5.00 बजे अपराह्न तक। | 12.07.2025, 5.00 बजे अपराह्न तक। |
| 2 | सरकार के सचिव, सूचना प्रौद्योगिकी एवं ई-गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 08.07.2025, 5.00 बजे अपराह्न तक। | 12.07.2025, 5.00 बजे अपराह्न तक। |
| 3 | तकनीकी बीड खोलने की तिथि एवं समयः | 09.07.2025, 5.00 बजे अपराह्न | 14.07.2025, 5.00 बजे अपराह्न |

शेष सभी शर्तें यथावत रहेगी।

कार्यपालक अभियन्ता,
PR 356778 Drinking Water and Sanitation(25-26).D पेयजल एवं स्वच्छता प्रमण्डल संख्या-1,धनबाद



**झारखण्ड सरकार**
**झारखण्ड शिक्षा परियोजना परिषद्**
**(स्कूली शिक्षा एवं साक्षरता विभाग)**
**Email:jepcranchi@gmail.com, 0651-2444501, 2444502**

**अति अल्पकालीन निविदा**

निविदा सं0-SPE/51/32/2024/2520 दिनांक-07/07/2025

झारखण्ड शिक्षा परियोजना परिषद्, स्कूली शिक्षा एवं साक्षरता विभाग, झारखण्ड सरकार, राँची द्वारा विभिन्न खेल-कूद प्रतियोगिताएं, कला उत्सव, बैंड प्रतियोगिता एवं अन्य आयोजन के दौरान अल्पाहार, भोजन, बड़े वाहन, फोटोग्राफी, विडियोग्राफी एवं अन्य सामग्रियों के आपूर्ति हेतु दर निर्धारण एवं एजेंसियों का चयन कर सूचीबद्ध करने हेतु अति अल्पकालीन निविदा आमंत्रित करती है।

उक्त निविदा दस्तावेज को website: http://jepc.jharkhand.gov.in से प्राप्त किया जा सकता है। इच्छुक निविदादाता अपना प्रस्ताव सील-बंद लिफाफे में झारखण्ड शिक्षा परियोजना परिषद् जे0एस0सी0ए0 स्टेडियम रोड, सेक्टर-03 धुर्वा, राँची-834004 को निबंधित डाक/कुरियर/हाथों-हाथ के माध्यम से दिनांक 14.07.2025 को अपराह्न 01:00 बजे तक समर्पित कर सकते हैं। निर्धारित तिथि एवं समय से विलम्ब प्राप्त आवेदनों पर कोई विचार नहीं किया जाएगा। निविदा को बिना कारण बताये रद्द करने का अधिकार अधोहस्ताक्षरी के पास सुरक्षित रहेगा।

ह0/-
राज्य परियोजना निदेशक,
PR 356736 Human Resource Developement(25-26).D झारखण्ड शिक्षा परियोजना परिषद्,राँची


# ଯୌନ ଶୋଷଣ ମାମଲାରେ ଫସିଲେ କ୍ରିକେଟର ଯାଶ ଦୟାଲ



ନୂଆଦିଲ୍ଲୀ: ଦୁଷ୍କର୍ମ ଅଭିଯୋଗରେ ଫସିଛନ୍ତି ଭାରତୀୟ କ୍ରିକେଟର ଯାସ ଦୟଲ। ଆରସିବି(ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ)ର ଦ୍ରୁତ ବୋଲର ଯାଶଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ତାଙ୍କ ପ୍ରେମିକା। ଅଭିଯୋଗ ଆଧାରରେ ଯାଶଙ୍କ ନାମରେ ମାମଲା ରୁଜୁ ହୋଇଛି। ଗାଜିଆବାଦର ଜଣେ ମହିଳା ଉତ୍ତର ପ୍ରଦେଶ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦ୍ରୁତ ବୋଲର ଯଶ ଦୟାଲଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଏହା ଏକ ସାଧାରଣ ଅଭିଯୋଗ ନୁହେଁ, ବରଂ ଭାବପ୍ରବଣ ଠକେଇ, ମାନସିକ ନିର୍ଯ୍ୟାତନା, ଯୌନ ଶୋଷଣ ଏବଂ ବିବାହର ମିଥ୍ୟା ପ୍ରତିଶ୍ରୁତି ଭଳି ଅଭିଯୋଗ, ଯାହା ଏବେ ଆଇନର ଯାଞ୍ଚ ଅଧୀନରେ ଅଛି। ଗାଜିଆବାଦର ଇନ୍ଦିରାପୁରମ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଭିଯୋଗ ଉପରେ ଏକ ରଓଜ ମଧ୍ୟ ରୁଜୁ କରାଯାଇଛି। ଗାଜିଆବାଦର ବାସିନ୍ଦା ପୀଡିତା ଦାବି କରିଛନ୍ତି ଯେ ସେ ଗତ ପାଞ୍ଚ ବର୍ଷ ଧରି ଯଶ ଦୟାଲଙ୍କ ସହ ସମ୍ପର୍କରେ ଥିଲେ। ଏହି ପାଞ୍ଚ ବର୍ଷ ମଧ୍ୟରେ, ସେ କେବଳ ଯଶ ଦୟାଲଙ୍କୁ ନୁହେଁ ବରଂ ତାଙ୍କ ସମଗ୍ର ପରିବାରକୁ ବିଶ୍ୱାସ କରିଥିଲେ, କାରଣ ଯଶ ତାଙ୍କୁ ତାଙ୍କ ପରିବାର ସହିତ ପରିଚିତ କରାଇଥିଲେ ଏବଂ ପରିବାର ତାଙ୍କୁ 'ବୋହୂ' ଭାବରେ ମଧ୍ୟ ଗ୍ରହଣ କରିଥିଲେ। ଏସବୁ ସ୍ୱପ୍ନ ପରି ମନେ ହେଉଥିଲା, କିନ୍ତୁ ହୁଏତ ଏହା ସ୍ୱପ୍ନ ନୁହେଁ, ବରଂ ଏକ ମିଥ୍ୟା ପ୍ରତିଶ୍ରୁତି ଥିଲା। ପୀଡିତା ଯଶଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି ଏବଂ ଦାବି କରିଛନ୍ତି ଯେ କ୍ରିକେଟରଙ୍କର ଅନ୍ୟ ଅନେକ ମହିଳାଙ୍କ ସହିତ ମଧ୍ୟ ସମ୍ପର୍କ ରହିଛି। ଯୁବତୀ ଜଣକ କହିଛନ୍ତି ଯେ ତାଙ୍କ ପାଖରେ ଯଶଙ୍କ ବିରୁଦ୍ଧରେ ଯଥେଷ୍ଟ ଡିଜିଟାଲ ପ୍ରମାଣ ଅଛି, ଯେଉଁଥିରେ ଚାଟ, ସ୍କ୍ରିନସଟ ଏବଂ ଭିଡିଓ କଲର ରେକର୍ଡିଂ ଅନ୍ତର୍ଭୁକ୍ତ। ପୀଡିତା ଏହା ମଧ୍ୟ କହିଛନ୍ତି ଯେ ଏହି ପ୍ରମାଣଗୁଡ଼ିକ ତାଙ୍କର ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରମାଣିତ କରିପାରିବ ଏବଂ ତଦନ୍ତରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ। ସୂଚନାଯୋଗ୍ୟ, ମହିଳା ଜଣକ ଜୁନ ୧୪ରେ ମହିଳା ହେଲ୍ପଲାଇନ ନମ୍ବର ୧୮୧ କୁ ଫୋନ କରିଥିଲେ, କିନ୍ତୁ ସ୍ଥାନୀୟ ପୋଲିସ ଷ୍ଟେଶନରେ ତାଙ୍କ ମାମଲା ଆଗକୁ ବଢ଼ିପାରିଲା ନାହିଁ। ଏହା ପରେ, ତାଙ୍କୁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବାକୁ ବାଧ୍ୟ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ମାମଲାରେ, ଭାରତୀୟ ନ୍ୟାୟ ସଂହିତାର ଧାରା ୬୯ ଅନୁଯାୟୀ ଯଶ ଦୟାଲଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଛି। ଏହି ଧାରା ମିଥ୍ୟା ପ୍ରତିଶ୍ରୁତି ଉପରେ ଆଧାରିତ ଯୌନ ଶୋଷଣ ଏବଂ ଠକେଇକୁ ଅପରାଧ ବର୍ଗରେ ରଖେ। ଯଦି ଅଭିଯୋଗ ପ୍ରମାଣିତ ହୁଏ, ତେବେ ୧୦ ବର୍ଷ ପର୍ଯ୍ୟନ୍ତ ଦଣ୍ଡର ବ୍ୟବସ୍ଥା ଅଛି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः- **आवश्यक सूचना** दिनांक-

एतद् द्वारा सूचित किया जाता है कि इस कार्यालय द्वारा ई-निविदा संख्या-24/2024-25/RWD/EE/RANCHI, PR No. 348397 REO (24-25)#D द्वारा दैनिक समाचार पत्र में प्रकाशित हुआ था। जिसमें Sl. No. 8, Identification No.-RWD/RANCHI/84/2024-25 मुरचु से कोकरो तक पथ निर्माण कार्य (ल0-2.450 कि0मी0) जिसे अपरिहार्य कारणवश रद्द किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
PR 356773 (REO)25-26*D कार्य प्रमण्डल, राँची



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः- दिनांक-

**आवश्यक सूचना**

एतद् द्वारा सूचित किया जाता है कि इस कार्यालय द्वारा ई-निविदा संख्या- 23/2024-25/RWD/EE/RANCHI, PR No. 343430 (REO) 24-25(D) द्वारा दैनिक समाचार पत्र में प्रकाशित हुआ था। जिसे अपरिहार्य कारणवश रद्द किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
PR 356776 REO (25-26)_D कार्य प्रमण्डल, राँची



TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/05**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000004257 | Supply of FPI under TPCODL, TPWODL, TPNODL and TPSODL. |
| 2 | TPCODL/CCG/2025-26/1000004192 | RC for Supply of HDPE Pipes of various sizes at TPCODL & TPWODL. |
| 3 | TPCODL/P&S/2025-26/1000004288 | Hiring of Diploma Engineers for PM Surya Ghar Muft Bijli Yojana under TPCODL. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com.** All tenders will be available on TPCODL website w.e.f. from **Dtd. 09.07.2025**. Future communication / corrigendum to tender documents, if any, shall be available on TPCODL website.



ଘିରେ ଥିବା ଦେଶୀଘିଅ ବା ଗୁଆଘିଅ ଯେ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସହାୟକ ହୋଇପାରେ- ଏକଥା ଅନେକ ଭାବିନଥିବେ। ଏହା ସ୍ୱାସ୍ଥ୍ୟ ପାଇଁ ଯେପରି ଉପକାରୀ, ସୌନ୍ଦର୍ଯ୍ୟ ତଥା ତ୍ୱଚା ପାଇଁ ମଧ୍ୟ ସେପରି ଲାଭଦାୟକ। ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଘିଅକୁ ସିଧାସଳଖ ମୁହଁରେ ଲଗାଇ ହାଲ୍‌କା ମାଲିସ କରିପାରିବେ। ଏହା ଖୁବ୍ ଭଲ ପ୍ରଭାବ ପକାଇଥାଏ। ଘିଅରେ ଫେସ୍‌ପ୍ୟାକ୍ କରି ବ୍ୟବହାର କରିବା ସହଜ ଓ ଉପକାରୀ। ଏଥିପାଇଁ ଏକ ପାତ୍ରରେ କିଛି ସର ନେଇ ତା' ଉପରେ ୨ଛୋଟ ଚାମଚ ଘିଅ ଏବଂ ଅଧା ଚାମଚ ମହୁ ମିଶାଇ ଦେବେ। ଏହାକୁ ଭଲଭାବେ ଗୋଳାଇସାରିବା ପରେ ଚିମୁଟାଏ ହଳଦୀ ପକାଇ ଆଉଥରେ ଗୋଳାଇଦେବେ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଅଧଘଣ୍ଟା ରଖିବା ପରେ ଧୋଇ ଦିଅନ୍ତୁ। ଲଗାଇବା ପୂର୍ବରୁ ମଧ୍ୟ ମୁହଁ ଧୋଇ ସଫା କରିଦେବା ଭଲ। ସପ୍ତାହକୁ ଦୁଇଥର ଏହି ଫେସ୍‌ପ୍ୟାକ୍ ବ୍ୟବହାର କରିପାରିବେ। ଲଗାଇବା ପୂର୍ବରୁ ଏସବୁ ସାମଗ୍ରୀ ତ୍ୱଚାରେ କୌଣସି ପ୍ରତିକ୍ରିୟା କରୁଛି କି ନା ଦେଖିନେବା ଜରୁରୀ।



## ଘରୁ ବାହାରିବା ପୂର୍ବରୁ ପାଠ କରନ୍ତୁ ଏହି ମନ୍ତ୍ର

## ହେବନି ଦୁର୍ଘଟଣା



ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିଥିବେ ଓ ଶୁଣିଥିବେ। କେତେବେଳେ ଟ୍ରେନ୍, ବିମାନ ତ ପୁଣି କେତେବେଳେ ରାସ୍ତାରେ ବାଇକ୍, କାର୍ ଆଦି ଦୁର୍ଘଟଣାଗ୍ରସ୍ତ ହୋଇଥାଏ । ଅନେକ ଲୋକଙ୍କ ମୃତ୍ୟୁ ସହ କିଛି ଗୁରୁତର ଆହତ ମଧ୍ୟ ହୋଇଥାନ୍ତି । ତେବେ ଘରୁ ବାହାରିବା ବେଳେ ଏପରି କିଛି ମନ୍ତ୍ର ରହିଛି, ଯାହାର ଉଚ୍ଚାରଣ କରି ଭଗବାନଙ୍କୁ ସ୍ମରଣ କଲେ ଦୁର୍ଘଟଣା ଘଟିନଥାଏ ବୋଲି ମାନ୍ୟତା ରହିଛି । ଏହି ମନ୍ତ୍ରକୁ ଜପ କଲେ ଦୁର୍ଘଟଣା, ସମସ୍ୟା ସହ ମାନସିକ ଦୁଃଶ୍ଚିନ୍ତା ଦୂର ହୋଇଥାଏ । ଏହି ମନ୍ତ୍ରକୁ ନିୟମିତ ୧୧ ଥର ଜପ କରିବା ଦ୍ୱାରା ଜୀବନରେ ଥିବା ସମସ୍ତ ଦୁଃଖ, କଷ୍ଟ ଦୂର ହୋଇଥାଏ ବୋଲି ମଧ୍ୟ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଘରୁ ବାହାରକୁ ଯିବା ସମୟରେ ଏହି ମନ୍ତ୍ର ଜପ କରିବା ଦ୍ୱାରା ଯାତ୍ରା ସଫଳ ହେବା ସହ ଦୁର୍ଘଟଣାରୁ ରକ୍ଷା କରିଥାଏ। ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଏହି ମନ୍ତ୍ର ସମର୍ପିତ..

*କୃଷ୍ଣାୟ ବାସୁଦେବାୟ*
*ହରୟେ ପରମାତ୍ମନେ.*
*ପ୍ରଣତଃ କ୍ଲେଶନାଶାୟ*
*ଗୋବିନ୍ଦାୟ ନମୋ ନମଃ..*

ଏହି ମନ୍ତ୍ରର ଅର୍ଥ ଅତ୍ୟନ୍ତ ପବିତ୍ର ଓ ସୁରକ୍ଷା ପ୍ରଦାନ କରିଥାଏ । ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ ପରମାତ୍ମା, ତାଙ୍କୁ ବାରମ୍ବାର ପ୍ରଣାମ କରୁଛି । ସେ ସମସ୍ତ କ୍ଲେଶ (କଷ୍ଟ)କୁ ନାଶ କରନ୍ତୁ । ଏହି ମନ୍ତ୍ର ସ୍ମରଣ, ପ୍ରାର୍ଥନା କରିବା ଦ୍ୱାରା ସମସ୍ତ କଷ୍ଟ, ଦୁଃଖ, ଭୟ ଓ ଦୁର୍ଘଟଣା ଦୂର ହୋଇଥାଏ ।

## 'ବୋଉ ବୁଟୁ ଭୂତ' ପରେ 'ଅନ୍ତର୍ଯ୍ୟାମୀ'



'ବୋଉ ବୁଟୁ ଭୂତ' ପରେ ଓଲିଉଡ୍‌ର ଲୋକପ୍ରିୟ ନାୟକ ବାବୁସାନ୍‌ଙ୍କର ଆଗାମୀ ଓଡ଼ିଆ ସିନେମା 'ଅନ୍ତର୍ଯ୍ୟାମୀ' ପରଦାକୁ ଆସିବ ବୋଲି ସୂଚନା ମିଳିଛି। ଏହା ଓଡ଼ିଆ ଛଡ଼ା ତେଲୁଗୁ, ତାମିଲ, ମଲୟାଲମ୍ ଓ କନ୍ନଡ଼ ଆଦି ଛ'ଟି ଭାଷାରେ ବି ରିଲିଜ୍ ହେବ। ଫିଲ୍ମର ଅବଶିଷ୍ଟ ଅଂଶର ସୁଟିଂ ଖୁବ୍ ଶୀଘ୍ର ଶେଷହେବ। ଏହାର ପ୍ରଯୋଜନା କରିଛନ୍ତି ଅମିତ ନିଷାଦ ଓ ଅଭିରାମ। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ନବାଗତ ଶିବ ସତ୍ୟମ୍। ଜି ଜେ କାର୍ତ୍ତିକେୟନ୍ ଏହାର ସଙ୍ଗୀତକାର। 'ଅନ୍ତର୍ଯ୍ୟାମୀ'ରେ ବାବୁସାନ୍ ?ଙ୍କ ବିପକ୍ଷରେ ଦର୍ଶକ ଦକ୍ଷିଣୀ ସିନେମାର ଲୋକପ୍ରିୟ ନାୟିକା ବେଦିକାଙ୍କୁ ଦେଖିବାକୁ ପାଇବେ। ବେଦିକା ୨୦୦୬ରେ ମୁକ୍ତିଲାଭ କରିଥିବା ତାମିଲ ଛବି 'ମାଦ୍ରାସୀ'ରୁ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ବେଶ୍ କେତୋଟି ତେଲୁଗୁ, ତାମିଲ ଓ କନ୍ନଡ଼ ସିନେମାରେ ଅଭିନୟ କରି ଦକ୍ଷିଣ ଭାରତର ଜଣେ ଜଣାଶୁଣା ନାୟିକା ବନିଛନ୍ତି। ଏତଦ୍‌ବ୍ୟତୀତ 'ଅନ୍ତର୍ଯ୍ୟାମୀ'ରେ ଶ୍ରୀତମ ଦାସ ଓ ତେଲୁଗୁ ସିନେଇଣ୍ଡଷ୍ଟ୍ରିର କଳାକାର ଇନ୍ଦ୍ରଜା, କସ୍ତୁରୀ ଶଙ୍କରଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ବାବୁସାନ୍‌ଙ୍କୁ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ। ଏହା ଏକ ଆକ୍‌ସନ୍ ପ୍ୟାକ୍‌ଡ୍ ମୁଭି ହୋଇଥିବା ହେତୁ ଏଥିରେ 'ଦମନ', 'ପାବାର' ଓ 'ବୋଉ ବୁଟୁ ଭୂତ' ପରେ ପୁଣି ଭିନ୍ନ ଅବତାରରେ ଆସିବେ ବାବୁସାନ୍। 'ଅନ୍ତର୍ଯ୍ୟାମୀ'କୁ ଆଗାମୀ ଦଶହରା ଅବସରରେ ରିଲିଜ୍ କରିବାର ଲକ୍ଷ୍ୟ ରଖିଛି ପ୍ରଯୋଜନା ସଂସ୍ଥା।

## ଦୁବାଇରେ ବିରାଟ-ଅନୁଷ୍କାଙ୍କ ରୋମାଣ୍ଟିକ୍ ଫଟୋ ଭାଇରାଲ



ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ଷ୍ଟାର ଯୋଡି ପୁଣି ଥରେ ଫ୍ୟାନ୍ସଙ୍କ ମନ ଜିଣିଛନ୍ତି । ଷ୍ଟାର କପଲଙ୍କୁ ଏକ ନୂଆ ବିଜ୍ଞାପନରେ ଦେଖିବାକୁ ମିଳିଛି ସେ ପୁଣି ଦୁବାଇରେ । ଅନୁଷ୍କା ନିଜ ଇନ୍ ?ଷ୍ଟାଗ୍ରାମରେ ଦୁବାଇ ଟ୍ରିପ୍ ? ର ଏକ ଭିଡିଓ ସେୟାର କରିଛନ୍ତି । ଏହି ଭିଡିଓରେ ଅନୁଷ୍କା ଏବଂ ବିରାଟଙ୍କ କିଛି ରୋମାଣ୍ଟିକ ମୁହୂର୍ତ୍ତଗୁଡ଼ିକ ମଧ୍ୟ ଦେଖାଯାଇଛି । କପଲଙ୍କୁ ଡ୍ୟାନ୍ସ କରିବାର ମଧ୍ୟ ଏହି ଭିଡିଓ ରେ ଦେଖିବାକୁ ମିଳିଛି । ତିନି ମିନିଟ୍ ସମୟର ଏହି ଆଡ୍ ? ରେ କପଲଙ୍କ ମଜା ମସ୍ତି କରୁଥିବାର ଦେଖିବାକୁ ମିଳିଛି । ଭିଡିଓ ରେ କେତେବେଳେ ପୁଲ୍ ?ରେ ମଜା ନେଉଥିବାର ଦେଖିବକୁ ମିଳିଛି ତ ଆଉ କେତେବେଳେ ଏକାଠି ମଧ୍ୟାହ୍ନ ଭୋଜନର ମଜା ନେଉଛନ୍ତି । ଭିଡିଓର ଶେଷରେ ଦୁବାଇରେ ବିବାହ ପ୍ରସ୍ତାବ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି । କ୍ଲିପରେ ଅନୁଷ୍କା ବିରାଟଙ୍କ ସହ ଫରାସୀ ଭାଷାରେ କଥା ହେଉଥିବାର ଦେଖାଯାଉଛି । ଷ୍ଟାର କ୍ରିକେଟର ମଧ୍ୟ ଏହାର ମଜାଦାର ଉତ୍ତର ଦେଇଛନ୍ତି । ଷ୍ଟାର ଦମ୍ପତିଙ୍କ ଭିଡିଓ ଦେ ଖି ସେମାନଙ୍କ ପ୍ରଶଂସକମାନେ ସେମାନଙ୍କୁ ପରଦାରେ ଏକାଠି ଦେଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।

## ଏୟାରପୋର୍ଟରେ କାନ୍ଦିଲେ ନୋରା



ବଲିଉଡ ଅଭିନେତ୍ରୀ ନୋରା ଫତେହୀଙ୍କ ମୁମ୍ବାଇ ଏୟାରପୋର୍ଟର ଏକ ଭିଡିଓ ଭାଇରଲ ହେବାରେ ଲାଗିଛି । ଯେଉଁଥିରେ ତାଙ୍କ ଆଖିରେ ଲୁହ ଥିବା ଦେଖିବାକୁ ମିଳିଛି । ଯେଉଁଥିରେ ଜଣେ ଅଭିନେତା ଏବଂ ଜଣେ ଡ୍ୟାନ୍ସର ତାଙ୍କ ଆଖିର ଲୁହକୁ ପୋଛୁଥିବାର ମଧ୍ୟ ଦେଖିବାକୁ ମିଳିଛି । ସେଲଫି ନେବାକୁ ଚାହୁଁଥିବା ତାଙ୍କର ଜଣେ ଫ୍ୟାନ୍ସଙ୍କୁ ମଧ୍ୟ ଏଡାଇ ଚାଲିଯାଇଛନ୍ତି । ତାଙ୍କ ଆଖିରେ ଲୁହ ଦେଖିବା ପରେ ଫ୍ୟାନ୍ସ ଚିନ୍ତା ପ୍ରକାଶ କରିଛନ୍ତି । ଭିଡିଓରେ ସେ କଳା ପ୍ୟାଣ୍ଟ ସାର୍ଟ ପିନ୍ଧିଥିଲେ। ବିମାନରେ ଚଢିବା ପୂର୍ବରୁ ପାପାରାଜିଙ୍କ ସହିତ କଥାବାର୍ତ୍ତା ହେବାକୁ ଟିକେ ଅଟକି ଥିଲେ । ରବିବାର ସନ୍ଧ୍ୟାରେ, ଅଭିନେତା ସିଧାସଳଖ ବିମାନବନ୍ଦର ଗେଟ୍ ପାଖକୁ ଚାଲିଯାଇଥିଲେ । ଏହା ପରେ ସେ କୌଣସି ଆଲୋଚନା କରି ନଥିଲେ । ସେ ତାଙ୍କ ଲୁହ ଲୁଚାଇବା ପାଇଁ ସନଗ୍ଲାସ୍ ପିନ୍ଧିଥିଲେ । କିନ୍ତୁ ବିମାନବନ୍ଦରରେ ଏଣ୍ଟ୍ରି କରିବା ସମୟରେ ତାଙ୍କୁ କାନ୍ଦୁଥିବାର ଦେଖିବାକୁ ମିଳିଥିଲା । ଯେତେବେଳେ ସେ ବିମାନବନ୍ଦରରେ ଏଣ୍ଟ୍ରି କରୁଥିଲେ ସେହି ସମୟରେ ଜଣେ ଫ୍ୟାନ୍ସ ତାଙ୍କ ସହିତ ଏକ ସେଲଫି ନେବାକୁ ଚେଷ୍ଟା କରିଥିଲେ । ତାଙ୍କ ପଛରେ ଥିବା ବଡିଗାର୍ଡ ଫ୍ୟାନ୍ସଙ୍କୁ ଠେଲି ଦେଇଥିଲେ । ନୋରା ଦୁଃଖିତ ଥିବାରୁ ହୁଏତ ଏପରି କରିଥିବା ଅନୁମାନ କରାଯାଉଛି । କିନ୍ତୁ ଏପର୍ଯ୍ୟନ୍ତ ନୋରାଙ୍କ କାନ୍ଦିବା ପଛରେ କାରଣ ଜଣାପଡିନାହିଁ । ଯାହା ପରେ ଫ୍ୟାନ୍ସ କାରଣ ଜାଣିବା ପାଇଁ ନୋରାଙ୍କ ଇନଷ୍ଟାଗ୍ରାମ୍ ଷ୍ଟାଟସ୍ ଉପରେ ନଜର ରଖିଛନ୍ତି । ଯେଉଁଥିରେ ନୋରା ଲେଖିଛନ୍ତି ଯେ, 'ଇନ୍ନା ଲିଲ୍ଲାହି ୱା ଇନ୍ନା ଇଲାଇହି ରାଜି'ଉନ୍' ଯାହାର ଅର୍ଥ ହେଉଛି ଆମେ ସମସ୍ତେ ଆଲ୍ଲାଙ୍କର ଏବଂ ଶେଷରେ ଆମକୁ ତାଙ୍କ ସହିତ ମିଶିବାକୁ ପଡିବ । ଯଦି ନୋରାଙ୍କ କ୍ୟାରିୟର କଥା କୁହାଯାଏ ତେବେ ତାଙ୍କୁ ମୋରୋକ୍କାନ ପିତାମାତା ଟୋରଣ୍ଟୋରେ ପାଳନ କରୁଥିଲେ । ସେ 'ରୋର: ଟାଇଗର୍ସ ଅଫ୍ ଦି ସୁନ୍ଦରବନ' (୨୦୧୪) ସହିତ ବଲିଉଡରେ ଡେବ୍ୟୁ କରିଥିଲେ ଏବଂ ହିନ୍ଦୀ, ତେଲୁଗୁ ଏବଂ ମାଲାୟଲମ ଚଳଚ୍ଚିତ୍ରରେ ଦିଲବର, ଓସାକି ସାକି, କାମାରିଆ ଏବଂ ଗାର୍ମି ଭଳି ହିଟ୍ ଟ୍ରାକରେ ତାଙ୍କର ଚମତ୍କାର ଡ୍ୟାନ୍ସ ପାଇଁ ଘରେ ଘରେ ପରିଚିତ ହେବାରେ ସଫଳ ହୋଇପାରିଥିଲେ । ଏତିକି ନୁହେଁ ବରଂ ସେ ବିଗ୍ ବସ୍ ୯ ଏବଂ ଝଲକ୍ ଦିଖଲା ଜା ଭଳି ରିଆଲିଟି ଶୋ'ରେ ମଧ୍ୟ ନଜର ଆସିଥିଲେ । ନୋରା ଶେଷ ଥର ପାଇଁ ନେଟଫ୍ଲିକ୍ସର ଧାରାବାହିକ ଦି ରୟାଲ୍ସରେ ଇଶାନ ଖଟ୍ଟର, ଭୂମି ପେଡନେକର, ସାକ୍ଷୀ ତନୱାର, ଚଙ୍କି ପାଣ୍ଡେ ଏବଂ ଜୀନତ ଅମାନଙ୍କ ସହିତ ସ୍କ୍ରିନ୍ ସ୍ପେସ୍ ସେୟାର କରିଥିବା ଦେଖିବାକୁ ମିଳିଥିଲା ।

## ଭିଟାମିନ୍ ବି-୧୨ କମ୍ ଅଛି କି ?

## ପ୍ରତିଦିନ ପିଅନ୍ତୁ ଏହିସବୁ ଜୁସ୍



*ଶରୀରରେ ଭିଟାମିନ୍ ବି ୧୨ ଅଭାବ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ଏହି ଅତ୍ୟାବଶ୍ୟକ ଭିଟାମିନର ଅଭାବ ଯୋଗୁଁ ହାଡ଼ ଏବଂ ମାଂସପେଶୀର ସ୍ୱାସ୍ଥ୍ୟ ଖରାପ ଭାବରେ ପ୍ରଭାବିତ ହୋଇପାରେ । ଭିଟାମିନ୍ ବି ୧୨ ଅଭାବ ରକ୍ତହୀନତାର ଆଶଙ୍କା ବଢ଼ାଇପାରେ । ଭିଟାମିନ୍ ବି ୧୨ ଅଭାବ ଆପଣଙ୍କ ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇପାରେ । ତେବେ ଆସନ୍ତୁ ଜାଣିବା ଏହି ଭିଟାମିନ୍ ଅଭାବକୁ ଦୂର କରିବାର ପ୍ରାକୃତିକ ଉପାୟ ବିଷୟରେ ...*

### ଅଁଳା ଜୁସ

ଅଁଳା ଜୁସରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ମିଳିଥାଏ । କେଉଁ ଅନାଦି କାଳରୁ ଅଁଳା ଜୁସ ପିଇବାକୁ ପରାମର୍ଶ ଦିଆଯାଇ ଆସୁଛି । ଯଦି ଆପଣଙ୍କ ଶରୀରରେ ଭିଟାମିନ୍ ଇ୧ ୨ର ଅଭାବ ଅଛି, ତେବେ ବିଳମ୍ବ ନକରି ଅଁଳା ଜୁସ ପିଇବା ଆରମ୍ଭ କରନ୍ତୁ । ଏହା ବ୍ୟତୀତ, ଆପଣ ନିୟମିତ ଅଁଳା ଜୁସ ପିଇ ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରିପାରିବେ ।

### କ୍ଷୀର



ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ କ୍ଷୀରର ବହୁତ ସକାରାତ୍ମକ ପ୍ରଭାବ ପଡ଼ିପାରେ । ଆପଣଙ୍କୁ କହି ରଖୁଛୁ ଯେ ଭିଟାମିନ୍ ବି ୧ ୨ ଅଭାବକୁ ଦୂର କରିବା ପାଇଁ ଆପଣ କ୍ଷୀର ମଧ୍ୟ ପୀଇପାରିବେ । କ୍ଷୀରରେ ପ୍ରଚୁର ପରିମାଣରେ ଭିଟାମିନ୍ ବି ୧ ୨ ମିଳିଥାଏ । ଭିଟାମିନ୍ ବି ୧ ୨ ଅଭାବକୁ ଶୀଘ୍ର ଦୂର କରିବା ପାଇଁ, ଏହି ପାନୀୟଗୁଡ଼ିକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଡାଏଟ୍ ପ୍ଲାନରେ ସାମିଲ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ ।



### ବିଟ୍ ଏବଂ ଗାଜର ଜୁସ

ବିଟ୍ ଏବଂ ଗାଜର ଉଭୟରେ ଥିବା ଉପାଦାନ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଯଦି ଆପଣ ଭିଟାମିନ୍ ବି ୧ ୨ର ଅଭାବକୁ ଦୂର କରିବାକୁ ଚାହାଁନ୍ତି, ତେବେ ଆପଣ ବିଟ୍ ଏବଂ ଗାଜର ରସକୁ ଆପଣଙ୍କର ଦୈନନ୍ଦିନ ଡାଏଟ ପ୍ଲାନର ଏକ ଅଂଶ କରିପାରିବେ । ପୋଷକ ତତ୍ତ୍ୱରେ ଭରପୂର ଏହି ଜୁସକୁ ରକ୍ତହୀନତା ଦୂର କରିବା ପାଇଁ ମଧ୍ୟ ପିଇପାରିବେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଡେରାବିଶ, (ଭାସ୍କର ନ୍ୟୁଜ): ଚଳିତ ବର୍ଷ ଖରିଫ ଋତୁରେ ବର୍ଷାର ଅନିୟମିତତା ପାଇଁ ଚାଷୀ ଧାନ ତଳା ଉପୁଜାଇବାରେ ସମସ୍ୟା ଦେଖାଦେଇଛି। ଖାଲ ଜମି ପାଇଁ ତଳିପକାଇବା ସମୟରେ ଅବିନିଆ ମେଘ ପ୍ରଭାବରୁ ଢେର ଡେରି ହୋଇଗଲା। ବର୍ତ୍ତମାନ ଅଛଡ଼ା ତଳି ପକାଇବା ପାଇଁ ଉଚ୍ଚଜମି କାଦୁଅ କରି ବିହନ ଗଜା କରି ବିଲରେ ବୁଣି ଆସିବା ପରେ ଘନଘନ ମେଘ ପାଣି ଏବେ ତଳି କିଆରିକୁ ବଢ଼ାଇ ରଖୁଛି। ଚାଷୀ ଏହି ତଳିରୁ ଜମିରୁ ଚାଷୀ ଯେତେ ପାଣି ନିଷ୍କାସନ କରୁଛି ବର୍ଷା ତାକୁ ବୁଡ଼ାଇବାକୁ ଲାଗିଛି। ବର୍ତ୍ତମାନ ଏହି ତଳିରୁ ଶତପ୍ରତିଶତ ଗଜା ହେବା ନେଇ ସନ୍ଦେହ ଉପୁଜିଛି। କେତେକ ସ୍ଥାନରେ ବର୍ଷା ଜଳକୁ ତଳିକ୍ଷେତରୁ ନିଗାଡ଼ିବା ପରେ ପାରାମାନେ ଧାନଗୁଡ଼ିକୁ ଖୁଣ୍ଟି ଖାଇ ଦେଉଥିବାର ଦେଖାଯାଉଛି। ବର୍ତ୍ତମାନ ପରିସ୍ଥିତିରେ ଚାଷୀମାନେ ବହୁ ମୂଲ୍ୟ ଦେଇ ଅଧିକ ଅମଳକ୍ଷମ ବିହନ କିଣିଥିଲେ ବି ତାହା ସବୁ ନଷ୍ଟ ହୋଇଯିବାକୁ ବସିଲାଣି। ଏବେ ପୁଣି ଚାଷୀ ତଳି ପାଇଁ ବିହନ କିଣିବା ପାଇଁ ସକ୍ଷମ ହେଉନି। ଧାରକରଜ କରି ଚାଷ ଆରମ୍ଭ କରି ଧାନ ଅମଳ କରି ତାର କ୍ଷତି ଭରଣା ହେବା ନେଇ ଏବେବି ଚାଷୀ ଆଶଙ୍କାରେ ରହିଛି। ସୋସାଇଟି ମାଧ୍ୟମରେ ସରକାର ଉନ୍ନତ କିସମର ଧାନ ବିହନ ଯୋଗାଇ ଦେବା ପାଇଁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।



## ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ତିହିଡ଼ି, (ଭାସ୍କର ନ୍ୟୁଜ): ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବି ନେଇ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋନ କରାଯାଇଛି। ମଙ୍ଗଳବାର ଡ୍ରାଇଭର ମହାସଂଘ ପକ୍ଷରୁ ତିହିଡ଼ି ଓ କମାରିଆ ପଣ୍ଡାପୋଖରୀ ଛକ ନିକଟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଥିଲା। ପ୍ରଥମ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନକୁ ସାମାନ୍ୟ କୋହଳ କରାଇ ଡ୍ରାଇଭର ଭାଇମାନଙ୍କୁ ୯ ତାରିଖ ପାଇଁ ସମସ୍ତେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସାମିଲ ହେବାକୁ ସଚେତନ କରାଯାଇଥିଲା। ଡ୍ରାଇଭର ମାନଙ୍କୁ ୬୦ବର୍ଷ ପରେ ଭତ୍ତା ପ୍ରଦାନ, ଅଟୋ ଚାଳକମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର ୱେଲଫେୟାର ବୋର୍ଡ଼ରେ ସାମିଲ କରାଯିବା, ଡ୍ରାଇଭରମାନେ ବିଭିନ୍ନ ସମୟରେ ଯାତ୍ରୀ ଓ ଜନସାଧାରଣମାନଙ୍କ ଆକ୍ରୋଶରେ ଶିକାର ହେଉଥିବାରୁ ସେମାନଙ୍କୁ ସୁରକ୍ଷା ଦେବାପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ସେପ୍ଟେମ୍ବର ୧ ତାରିଖକୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯିବା ଇତ୍ୟାଦି ଦାବିରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନରେ ମହାସଂଘର ତିହିଡ଼ି ଶାଖା ସଭାପତି ଜଟାଧାରୀ ଦାସ, ଉପସଭାପତି ସୁଧାଂଶୁ ବେହେରା, ସମ୍ପାଦକ ରମାକାନ୍ତ ବେହେରା, କୋଷାଧ୍ୟକ୍ଷ ରଞ୍ଜନ ବାରିକ, ଉପଦେଷ୍ଟା ଦିଲୀପ କୁମାର ଦାସ, ସଦସ୍ୟ ସୟଦ ସରଫୁଦ୍ଦୀନ, ସୟଦ ଇସ୍ତାର, ନବକୁମାର ପ୍ରଧାନ, ବିଜୟ କରଣ ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତାମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକଙ୍କୁ ସ୍ୱାଗତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖାର ନୂତନ ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟାଚାର୍ଯ୍ୟଙ୍କୁ ଷ୍ଟେଟବ୍ୟାଙ୍କ ପେନସନରର୍ସ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଷ୍ଟେଟବ୍ୟାଙ୍କ ପେନସନରର୍ସ ସଂଘ ଓଡିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ, ଜିଲ୍ଲା ସମ୍ପାଦକ ଉଦୟନାଥ ସାହୁ, ହରିପଦ ପଣ୍ଡା, ଶରତ କୁମାର ମୁଦୁଲି ଓ ମାଧବାନନ୍ଦ ମହାପାତ୍ର ଏବଂ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଂଘ କେନ୍ଦ୍ରାପଡ଼ା ଶାଖାର ସମ୍ପାଦକ ରାକେଶ କୁମାର ପରିଡା ପ୍ରମୁଖ ମୁଖ୍ୟ ପରିଚାଳକ



ଭଟାଚାର୍ଯ୍ୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଦିନରେ ଫ୍ଲିପ୍ କାର୍ଡ ଡେଲିଭରି, ରାତିରେ ଚୋରି

ବଡ଼ଚଣା, (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ବୈରି ଥାନା ଅନ୍ତର୍ଗତ ସୋଲର ଗ୍ରାମରୁ ଦୀର୍ଘ ଆଠ ମାସ ପୂର୍ବରୁ ଚୋରି କରୁଥିବା ଚୋରକୁ ପୋଲିସ ବାନ୍ଧି କୋର୍ଟଚାଲାଣ କରିଛି। ପୋଲିସର ଖବରରୁ ପ୍ରକାଶ ଯେ ସୋଲାର ଛକର ସାଜିତ ସାହୁଙ୍କ ମୋବାଇଲ୍ ଦୋକାନରୁ ତାଲା ଭାଙ୍ଗି ତିନୋଟି ସ୍ମାର୍ଟ ଆଣ୍ଡରଏଡ଼ ମୋବାଇଲ, ଏୟାର କଣ୍ଡିସନ, ଏସି, ନଗଦ ପାଞ୍ଚହଜାର ଟଙ୍କା ଚୋରି ହୋଇଥିବା ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ତଦନ୍ତ ଅଧିକାରୀ ଭାବେ ବିରେନ୍ଦ୍ର ପଣ୍ଡା ଚୋରି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ, ସୋଲାର ଗ୍ରାମର ରଶ୍ମି ରଞ୍ଜନ ରାଉତଙ୍କ ପୁତ୍ର ରାଜେଶ କୁମାର ରାଉତ (୨୦ବର୍ଷ) ଚୋରି କରିଛି। ଥାନା ଅଧିକାରୀ ଅଂଶୁମାଳୀ ଦାସ ସଦଳବଳ ଧରି ମଙ୍ଗଳବାର ବିଳମ୍ବିତ ରାତ୍ରରେ ଘରକୁ ଚଢ଼ାଉ କରି ଗିରଫ କରି କୋର୍ଟଚାଲାଣ କରିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ ରାଜେଶ ପେଶାରେ ଦିନରେ ଫ୍ଲିପ୍ କାର୍ଡ ଡେଲିଭରି କାର୍ଯ୍ୟ କରେ



ଏବଂ ରାତିରେ ଚୋରି କରୁଥିବାର ବୟାନ ଦେଇଛି। ଚୋରି ହୋଇଥିବା ଏସି ଏବଂ ବହୁ ଚୋରା ସାମଗ୍ରୀ ତାଙ୍କ ଘରୁ ଜବତ୍ ହୋଇଛି।

## ୬ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଧାରଣା



ଗୋପ, (ଭାସ୍କର ନ୍ୟୁଜ): ୬ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ଗୋପ ବ୍ଲକ ପକ୍ଷରୁ ଆଜି ଗୋପ ମୁଖ୍ୟ ବଜାର ଠାରେ ଧାରଣା ଦିଆଯାଇଛି। ବିଗତ ଦିନରେ ବାରମ୍ବାର ଅଭିଯୋଗ ଓ ଧାରଣା ପରେ ସରକାର ଗୋଟିଏ ଦାବି ପୂରଣ କରିଥିବା ବେଳେ ଆହୁରି ଅନେକ ସମସ୍ୟା ଡ୍ରାଇଭର ମାନଙ୍କ ଲାଗି ରହିଛି। ଯାହାକି ସରକାରଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ନେଇ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଅଖ ଚକ ବନ୍ଦ କରିବା ସହିତ ୬ଦଫା ଦାବି ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱର୍କର ୱେଲ ଫାୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା, ଗାଡିଗୁଡିକ ପାର୍କିଂ ପାଇଁ ଏବଂ ଡ୍ରାଇଭର ମାନଙ୍କ ବିଶ୍ରାମ ନେବା ପାଇଁ ପ୍ରତି ଶହେ କିଲୋମିଟର ଦୂରରେ ବିଶ୍ରାମଗାର ଓ ଶୌଚାଳୟ ନିର୍ମାଣ କରିବା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣିଖାଦାନ ଓ କାରଖାନା ଗୁଡିକରେ ୭୦ ପ୍ରତିଶତ ଓଡ଼ିଶାର ଡ୍ରାଇଭର ମାନଙ୍କୁ ନିଯୁକ୍ତି ଦେବା ଏବଂ ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ପାଳନ କରିବା ଆଦି ୬ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଡ଼ାକରା ଦିଆଯାଇଥିଲା। ଅଖଚକ ବନ୍ଦ ଆନ୍ଦୋଳନରେ ମଙ୍ଗଳବାର ଗୋପ ବ୍ଲକ ଡ୍ରାଇଭର ମହାସଂଘର ସଭାପତି ସୁଧାଂଶୁ ଶେଖର ମଲ୍ଲିକ ଓ ସମ୍ପାଦକ ଆଶିଷ କୁମାର ସିଂହଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଗୋପ ମୁଖ୍ୟ ବଜାରରେ ଧାରଣାରେ ବସିଥିଲେ। ସରକାର ତାଙ୍କ ଦାବି ପୂରଣ ନକଲେ ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ୭ ଦଫା ଦାବି ନେଇ ଡ୍ରାଇଭରଙ୍କ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ

ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ସାନ ବଜାର ଠାରେ ରାଜ୍ୟ ସଂଘ ଡାକରାରେ ଧାମନଗର ଡ୍ରାଇଭର ମହାସଂଘ ଡ୍ରାଇଭରଙ୍କ ୭ ଦଫା ଦାବିନେଇ ମଙ୍ଗଳବାର ସକାଳ ୬ଟା ଠାରୁ ଡ୍ରାଇଭର ମାନେ ଆନ୍ଦୋଳନକୁ ଆସି ପ୍ରତିବାଦ କରିଥିଲେ। ଯେଉଁ ଗାଡିରେ ଡ୍ରାଇଭରମାନେ ଗାଡି ଚଳାଉଥିଲେ ତାଙ୍କୁ ତଳକୁ ଡ଼ାକି ଫୁଲହାର ପିନ୍ଧାଇ ଆନ୍ଦୋଳନକୁ ସହଯୋଗ କରିବାପାଇଁ ଅନୁରୋଧ କରିଥିଲେ। ଚାରିଚକିଆ ଯାନରେ ଯିଏ ନିଜେ ଡ୍ରାଇଭିଂ କରି ଯାଉଥିଲେ ସେମାନଙ୍କୁ ଛାଡି ଦେଉଥିଲେ। ଧାମନଗର ବ୍ଲକର ପାଖାପାଖି ଶହେରୁ ଊର୍ଦ୍ଧ୍ୱ ଡ୍ରାଇଭରମାନେ ଏହି ଆନ୍ଦୋଳନରେ ଉପସ୍ଥିତ ରହି ପ୍ରତିବାଦ କରିଥିଲେ। ସେମାନଙ୍କର ଦାବି ପୂରଣ ନ ହେଲେ ଆଗାମୀ ଦିନ ରେ ରାଜ୍ୟ ସଂଘ ନିଷ୍ପତ୍ତି ଅନୁଯାଇ ପ୍ରତିବାଦକୁ ଜୋରଦାର କରାଯିବ ବୋଲି ବ୍ଲକ ସଂଘର ସଭାପତି ମୋହନ ବେହେରା ସୂଚନା ଦେଇଥିଲେ। ତେବେ ଆଇନଶୃଙ୍ଖଳା ମୁକାବିଲା ପାଇଁ ଧାମନଗର ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

## ରସଗୋଲା ଦିବସ ପାଳିତ

କେନ୍ଦୁଝର, (ଭାସ୍କର ନ୍ୟୁଜ): ପବିତ୍ର ନୀଳାଦ୍ରି ବିଜେ ତିଥିରେ ପ୍ରତ୍ୟେକ ବର୍ଷ ପାଳନ ହେଉଥିବା ରସଗୋଲା ଦିବସ କେନ୍ଦୁଝର ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ, ବରିଷ୍ଠ ରାଜସ୍ୱ ସହାୟକ ସୁଶ୍ରୀ ସତ୍ୟବତୀ ଲାଗୁରୀ, ନିକ୍ଷେପକ ଦେବେନ୍ଦ୍ର ରାଉତରାୟ, କନିଷ୍ଠ ସହାୟକ ବିକ୍ରମ ପାତ୍ର, ସନ୍ଦୀପ ସାହୁ ଓ ସଞ୍ଜୟ ବେହେରା ପ୍ରମୁଖ ପରସ୍ପରକୁ ରସଗୋଲା ଖୁଆଇ ଥିଲେ। ସୂଚନା ଯୋଗ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ସହ ଜଡିତ ଏହି ମିଠାକୁ ଜୁଲାଇ ୨୦୧୯ ରେ ଜିଆଇ ଟ୍ୟାଗ ମାନ୍ୟତା ପ୍ରାପ୍ତ ହୋଇଥିଲା।

## ପରଜଙ୍ଗ ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ୫୩ନଂ ଜାତୀୟ ରାଜପଥର ବଡଝରା, ଡିହଡୋଳ, ପିଟିରି, ସରାଙ୍ଗ ସହିତ ପୂର୍ତ୍ତ ବିଭାଗର ଭାଲୁମୁଣ୍ଡା ଓ ସାନ୍ଧା ଠାରେ ବ୍ଲକ ସଭାପତି ସନ୍ତୋଷ ବର୍ମାଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ମାନେ ତାଙ୍କର ନ୍ୟାର୍ଯ୍ୟ ଦାବିକୁ ନେଇ ମଙ୍ଗଳବାର ସଷ୍ଟେରିଙ୍ଗ ଛାଡି ଧାରଣାରେ ବସିରହିଥିଲେ। ସାରା ରାଜ୍ୟରେ ଓଡିଶା ଡ୍ରାଇଭର ମହାସଂଘ ଏକତା ମଞ୍ଚ ଆନୁକୂଲ୍ୟରେ ଅନିର୍ଦ୍ଧିଷ୍ଟ ସମୟ ପାଇଁ ଏହି କାର୍ଯ୍ୟକ୍ରମ ଜାରି ରହିଥିଲା। ଡ୍ରାଇଭର ମାନେ ୭ଦଫା ବିଭିର୍ଣ୍ଣ ଦାବିକୁ ନେଇ ରାଜଧାନୀରେ ସରକାରଙ୍କୁ ବାରମ୍ବାର ପୂର୍ବରୁ ଜଣାଇଥିଲା ବେଳେ ସେମାନଙ୍କର ଦାବି ପୂରଣ ନହୋଇ ପାରିଥିବାରୁ ପଞ୍ଚାୟତ ସ୍ତରୀୟ ଡ୍ରାଇଭର ମାନେ ଏକତ୍ରିତ ହୋଇ ଧାରଣାରେ ବସିଥିଲେ। ବଡଝରା ଧାରଣା ସ୍ଥଳରେ କଂଗ୍ରେସ ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଯୁବ ସମାଜସେବୀ ରଣଜିତ ସାହୁ (ଟୁଟୁ) ଡ୍ରାଇଭରମାନଙ୍କ ସମସ୍ୟାକୁ ନେଇ ଦୁଃଖପ୍ରକାଶ କରିଥିବା ବେଳେ, ସରକାର ତାଙ୍କର ଦାବି ମାନ ଯଦି ପୂରଣ ନକରନ୍ତି ତେବେ ଡ୍ରାଇଭରମାନଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ଡ୍ରାଇଭର ମାନେ ଚେତାବନୀ ଦେଇଛନ୍ତି।

## ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ବାଙ୍କୀ, (ଭାସ୍କର ନ୍ୟୁଜ): କଟକ ଜିଲ୍ଲାର ବାଙ୍କୀ ଏନଏସି ଅନ୍ତର୍ଗତ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୬ ତମ ବନମହୋତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ଡମପଡା ବିଇଓ କାମରାଜ ସାହୁ ମୁଖ୍ୟ ଅତିଥି, ପରିଚାଳନା କମିଟିର ଅଧ୍ୟକ୍ଷ ବିବେକାନନ୍ଦ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। 'ପ୍ରକୃତି ବନ୍ଧୁ' ଶିକ୍ଷକ ବଳରାମ ପାଇକରାୟ ନିଜେ ସଯତ୍ନରେ ବଢାଇଥିବା ଚାରାକୁ ବିନା ମୂଲ୍ୟରେ ଯୋଗାଇ ଦେବା ସହ ଦେଶର ଆଗାମୀ ପିଢ଼ିଙ୍କ ମନରେ ପରିବେଶ ପ୍ରତି ଅହେତୁକ ଆଗ୍ରହ ବୃଦ୍ଧି କରିବା ପାଇଁ ୟୁଥ ଓ ଇକୋ କ୍ଲବର ଛାତ୍ରଛାତ୍ରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରାଇଥିଲେ। ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତା'ର ଉପଯୁକ୍ତ ଯତ୍ନ ନେଇ ତାକୁ ବଡ କରାଇଲେ ବନ ମହୋତ୍ସବର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ବିଇଓ ସାହୁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ୟୁଥ ଓ ଇକୋ କ୍ଲବର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସୁଚରିତା ପାଢ଼ୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଗୋଛି, ବରିଷ୍ଠ ଶିକ୍ଷକ ଅନନ୍ତ ଚରଣ ଆଚାର୍ଯ୍ୟ, ହିମାଂଶୁ କୁମାର ମହାପାତ୍ର, ବାବୁ କୁମାର ରଣା, ବସନ୍ତ କୁମାର ଭୋଇ ପରିଚାଳନା କମିଟିର ସଦସ୍ୟ ଅଜୟ କୁମାର ସେଠୀ ଓ ମିଲି ପାଢୀ ପ୍ରଭୃତି ସଭ୍ୟସଭ୍ୟା ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସକ୍ରିୟ ସହଯୋଗ କରିଥିଲେ।

## ମଦ ମୃତ୍ୟୁ ଅଭିଯୋଗର କ୍ଷତିପୂରଣ ଦାବିରେ ରାସ୍ତାରୋକ



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଥାନା ଅଧିନ ମାଣ୍ଡୁକା ଗ୍ରାମରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଓ ପରିବାର ଲୋକେ ମଦ ପିଇ ମୃତ୍ୟୁବରଣ କରିଥିବା ଅଭିଯୋଗ କରି କ୍ଷତିପୁରଣ ଦାବିରେ ରାସ୍ତା ରୋକ କରିଥିଲେ। ଏ ନେଇ ମୃତକଙ୍କ ପତ୍ନୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ମାଣ୍ଡୁକା ଗ୍ରାମର ପ୍ରଶାନ୍ତ କୁମାର ଦଳେଇ (୩୭) ଗତ କାଲି ୬ ତାରିଖରେ ମଦ ପିଇଥିଲେ। ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରି ହଠାତ୍ ଅସୁସ୍ଥ ହେବାରୁ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରଶାନ୍ତକୁ ନେଇଥିଲେ। ସୋମବାର ଭୋର ୬.୩୦ ସମୟରେ ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପ୍ରଶାନ୍ତଙ୍କ ମର ଶରୀରକୁ କୃଷ୍ଣଦାସପୁର-ରତ୍ନଗିରି ପୂର୍ତ୍ତବିଭାଗ ରାସ୍ତାରେ ରଖି ପରିବାର ଓ ଗ୍ରାମବାସୀ ଅବରୋଧ କରିଥିଲେ। ପ୍ରାୟ ଦିନ ୧୦ଟାରୁ ଗୋଟାଏ ପର୍ଯ୍ୟନ୍ତ କ୍ଷତିପୁରଣ ଦାବି କରି ଆନ୍ଦୋଳନ ଚାଲିଥିଲା। ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଦର୍ପଣ ତହସିଲଦାରଙ୍କ ସହାୟତାରେ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ। ଗ୍ରାମରେ ଚୋରା ମଦ ବିକ୍ରିକୁ ବନ୍ଦ କରି ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ଭିତରେ ଗିରଫ କରାଯିବ ବୋଲି ଥାନାଧିକାରୀ ସମରଜିତ୍ ନାୟକ ଆନ୍ଦୋଳନକାରୀଙ୍କୁ ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ମୃତକଙ୍କ ପତ୍ନୀ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ପକ୍ଷରୁ ୧୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ମର ଶରୀରକୁ ବ୍ୟବଛେଦ ପାଇଁ ପଠାଇଥିଲେ। ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## ଓଡ଼ିଶା ରାଜସ୍ୱ ଅମଲା ସଂଘର କଳାବ୍ୟାଚ୍ ପରିଧାନ

କେନ୍ଦୁଝର, (ଭାସ୍କର ନ୍ୟୁଜ): ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି ଅନୁସାରେ ଗତ ଜୁନ ୨୫ ତାରିଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା କେନ୍ଦୁଝରର ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ରଙ୍କ ନେତୃତ୍ୱରେ ଦଶଦଫା ଦାବି ସମ୍ବଳିତ ଦାବିପତ୍ର କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଯଦି ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ଦାବି ଗୁଡ଼ିକ ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରନ୍ତି, ତାହାହେଲେ ଜୁଲାଇ ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ସୋମବାର ଦିନ କେନ୍ଦୁଝର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା କଳା ବ୍ୟାଜ୍ ପରିଧାନ କରି ସରକାରଙ୍କ ଚରମ ଅବହେଳା କୁ ବିରୋଧ କରିଥିଲେ। ପ୍ରକାଶଥାଉକି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରପିଏସ -୨୦୧୭ ନିୟମ ଅନୁଯାଇ ଲେବେଲ-



୯କୁ ବୃଦ୍ଧି, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା :- ୮୪୯୮ ତାରିଖ – ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳମାନଙ୍କ ଜରିଆରେ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ। ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ। ୨୦୨୦ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ ସହ ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ସତ ପ୍ରତିଶତ ପଦୋନ୍ନତି ଦିଆଯାଉ। ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି। କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ ହୋଇଅଛି। ଏହି ପରିପ୍ରେକ୍ଷୀରେ, ରାଜ୍ୟ ସରକାର ଆଗାମୀ ୧୩ ତାରିଖ ସୁଦ୍ଧା ଉପୋରକ୍ତ ଦାବିଗୁଡିକ ପୂରଣ ନକରନ୍ତି ତାହେଲେ, ରାଜ୍ୟସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତି ଅନୁସାରେ ଜୁଲାଇ ୧୪ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି କେନ୍ଦୁଝରର ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ସଚିନ୍ କୁମାର ପଣ୍ଡା, ଜିଲ୍ଲା ସାଧାରଣ ସଂପାଦକ ପ୍ରଭାତେନ୍ଦୁ କୁମାର ନାଏକ, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ରାଜ୍ୟ ସଂଘର କାଉସିଲ ସଦସ୍ୟ ସନ୍ତୋଷ କୁମାର ରଣା, ଗୌରାଙ୍ଗ ଚରଣ ଜେନା, ଜିଲ୍ଲା ସଂଘର କୋଷାଧ୍ୟକ୍ଷ ପାର୍ଥସାରଥୀ ନାୟକ, ମିଡ଼ିଆ ସଂଯୋଜକ ପିତବାସ ମହାନ୍ତ, ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲ୍ଲା ସଂଘର ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ଉପଦେଷ୍ଟା ସର୍ବଶ୍ରୀ ସରୋଜ କୁମାର ସାହୁ, ଭୁବନେଶ୍ୱର ମହାପାତ୍ର, ବିଚିତ୍ରାନନ୍ଦ ରାଉତ, ଜତିନ୍ଦ୍ର କୁମାର ବୈଠା, ଉପ ସଭାପତି ମିନତୀ ସାହୁ, ଜିତେନ୍ଦ୍ର କୁମାର ସାହୁ,ଯୁଗ୍ମ ସଂପାଦକ ଜନ୍ମେଜୟ ଶତପଥୀ, ସମିତ୍ ରାଠୋର, ସଂଗଠନ ସମ୍ପାଦକ ଶିବାନୀ ନାଏକ, ପ୍ରସନ୍ନ କୁମାର ରାମ, ତପନ କୁମାର ଭୂୟାଁ, କାର୍ଯ୍ୟାଳୟ ସମ୍ପାଦକ ମୁକ୍ତିକାନ୍ତ ପାତ୍ର, ଆନନ୍ଦପୁର ଉପଖଣ୍ଡସ୍ତରୀୟ ସମ୍ପାଦକ ସୁବ୍ରତ କୁମାର ପଟନାୟକ, ଚନ୍ଦ୍ରପ୍ରଭା ଜେନା, ପଦ୍ମାଳୟା ସ୍ୱାଇଁ, ଚମ୍ପୁଆ ଉପଖଣ୍ଡସ୍ତରୀୟ ସଂପାଦକ ଦେବବ୍ରତ କର, ପ୍ରଭାତି ପ୍ରଧାନ, ସୁବୋଧ କୁମାର ସୁର ଦୀପକ ପ୍ରଧାନ, ପଙ୍କଜିନୀ ସେଠୀ, ରଶ୍ମିରେଖା ପାତ୍ର, ଗୌତମ ଚରଣ ମହାନ୍ତ, ସତ୍ୟବତୀ ଲାଗୁରୀ, ଛବିଳ ପାତ୍ର, ମନୋଜ କୁମାର ମଲ୍ଲିକ, ଉଦୟ କୁମାର ଜେନା, ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଅମଲା, ଉପବିଭାଗୀୟ ଅମଲା ଅଧିକାରୀ ସମସ୍ତ କାଯ୍ୟାଳୟରେ ଉପସ୍ଥିତ ରହି କଳାବ୍ୟଜ ପରିଧାନ କରିଛନ୍ତି ତତ୍ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅମଲାମାନେ ୧୦ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ କଳାବ୍ୟାଜ ପରିଧାନ କରିଥିଲେ।

## ଲହୁଣୀପଡ଼ା ଡ୍ରାଇଭର ମହାସଂଘର ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ): ଡ୍ରାଇଭର ମହାସଂଘର ୭ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ। ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲେଇବ ବୋଲି ଚେତାବନୀ ଦେଇଛି ସଂଘ। ମିଳିଥିବା ସୂଚନାରୁ ପ୍ରକାଶ ଯେ ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ କିଛି ପ୍ରମୁଖ ଦାବିକୁ ନେଇ ସରକାରଙ୍କୁ ବାରମ୍ବାର ଜଣେଇଥିଲେ ସୁଦ୍ଧା ସେମାନଙ୍କ କୌଣସି ଦାବିକୁ ସରକାର ପୂରଣ କରିନାହାନ୍ତି। ତେଣୁ ୭ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଦାବି ଭିତରେ ମୁଖ୍ୟ ଦାବି ଗୁଡିକ ହେଲା (୧) ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ପାଇଁ ସ୍ୱତନ୍ତ୍ର ଆଇନ, (୨) ୬୦ବର୍ଷ ପରେ ଭତ୍ତା ପ୍ରଦାନ, (୩) ୱେଲଫେୟାର ବୋର୍ଡରେ ଓଟୋ ଡ୍ରାଇଭଙ୍କୁ ସାମିଲ, (୪) ଡ୍ରାଇଭମାନଙ୍କ ପାଇଁ ପ୍ରତେକ ୧୦୦କିଲୋମିଟରରେ ଶୌଚାଳୟ, ବିଶ୍ରାମ ନେବା ପାଇଁ ଘର ଓ ପାର୍କିଂ ବ୍ୟବସ୍ଥା, (୫) ଓଡ଼ିଶାରେ ଥିବା ଖଣି ଖାଦାନ ଓ କାରଖାନାମାନଙ୍କରେ ଓଗ୍ରାଧିକାର ଭିତ୍ତିରେ ନିଯୁକ୍ତି, (୬) ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୁପେ ଘୋଷଣା, (୭) ଗାଡିର କାଗଜପତ୍ର ଯାଞ୍ଚ ପାଇଁ ପୋଲିସକୁ କ୍ଷମତା ପ୍ରଦାନ ନ କରିବାକୁ ଜିଲ୍ଲାପାଳମାନଙ୍କୁ ଦାବିପତ୍ର ପ୍ରଦାନ କରି ଥିଲେ। ମାତ୍ର ସରକାର ସେମାନଙ୍କ ଦାବିକୁ ନ ଶୁଣିବାରୁ ମଙ୍ଗଳବାର ଠାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଦରକାର ପଡିଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ମହାସଂଘ ଚେତାବନୀ ଦେଇଛି। କେବଳ ସରକାର କେତେ ଗୁରୁତର ସହ ଦାବୀ କୁ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଦ୍ୱିତୀୟ ଦିନରେ ସହସମ୍ପାଦକଙ୍କ ଧାରଣା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମାଳଦା କୃଷି ସେବା ସମବାୟ ସମିତି ଲିଃର ସହକାରୀ ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସଙ୍କ ଧାରଣା ୨ୟ ଦିନ ପାଇଁ ଅବ୍ୟାହତ ରହିଛି। ବକେୟା ମାସିକ ଦରମା ପ୍ରଦାନ ଦାବିରେ ସମିତି ସମ୍ମୁଖରେ ଦାସ ସପରିବାର ଧାରଣାରେ ବସିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହାର ସମାଧାନ ପାଇଁ ହୋଇଥିବା ଆଲୋଚନା ବିଫଳ ହୋଇଛି। ଭଣ୍ଡାରିପୋଖରୀ ସମବାୟ ବ୍ୟାଙ୍କ ପରିସରରେ ଜିଲ୍ଲା ସମବାୟ ନିବନ୍ଧକ ଦୁଃଖିଆ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାରେ ସମବାୟ ନିରୀକ୍ଷକ ରତ୍ନପୂର୍ଣ୍ଣା ସାହୁ, ବ୍ୟାଙ୍କ ଶଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ଉପନିବନ୍ଧକ ଆଲୋକ ବଲ୍ଲଭ ସାହାଣୀ, ବସନ୍ତ ରଣା, ସମ୍ପୃକ୍ତ ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ସମ୍ପାଦକ ଅଜୟ କୁମାର ବେହେରା ପ୍ରମୁଖ ଧାରଣାରତ ନିର୍ମଳ ଚନ୍ଦ୍ର ଦାସଙ୍କ ସହ ଆଲୋଚନା କରିଥିଲେ। ଦାସ ସମିତି ସମ୍ପାଦକଙ୍କୁ ଦାଇତ୍ୱ ହସ୍ତାନ୍ତର କରିବା ଦିନ ଦରମା ପ୍ରଦାନ କରାଯିବ ବୋଲି ସମିତି ବୈଠକରେ କୁହାଯାଇ ଥିଲା। ମାତ୍ର ଦାସ ଦରମା ପ୍ରଦାନ କଲେ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି ରୋକଠୋକ ଶୁଣାଇଦେଇ ବୈଠକ ପରିତ୍ୟାଗ କରିଥିଲେ। ଫଳରେ ବିନା ନିର୍ଯ୍ୟାସରେ ବୈଠକ ସମାପ୍ତ ହୋଇଥିଲା। ଦରମା ନମିଳିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଦାସ ପ୍ରକାଶ କରିଛନ୍ତି। ସମିତି ସଭାପତିଙ୍କ ପକ୍ଷରୁ ତାଙ୍କ ଉପରେ ଲଗାଯାଇଥିବା ଆରୋପ କପୋଳ କଳ୍ପିତ ବୋଲି ଦାସ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି।

## କର୍କଟ ରୋଗୀର ଚିକିତ୍ସାରେ ଅର୍ଥ ସାଜିଛି ବାଧକ, ଚିନ୍ତାରେ ପରିବାର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଂଚାୟତ ବରପଡା ଗ୍ରାମର ଜଣେ କର୍କଟଆକ୍ରାନ୍ତ ରୋଗୀଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ତାଙ୍କର ଚିକିତ୍ସା ନିମନ୍ତେ ୫୦ଲକ୍ଷ ଟଙ୍କାର ଆବଶ୍ୟକତା ଥିବା କାରଣରୁ ତାଙ୍କ ପରିବାର ଲୋକେ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏପରିସ୍ଥଳେ ତାଙ୍କର ଦୁଇ ପୁଅ ଝିଅଙ୍କ ପାଠ ପଢାରେ ଡୋରି ବନ୍ଧା ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ବୁହାଲୋ ଗ୍ରାମପଂଚାୟତ ବରପଡା ଗ୍ରାମର ସୁକଦେବ ସାହୁ (୫୦) ଜଣେ ଦିନ ମଜୁରିଆ ଅଟନ୍ତି। ତାଙ୍କର ତେଲ ଲୁଣର ସଂସାର ପତ୍ନୀ ଶାନ୍ତିଲତା, କନ୍ୟା ଭାଗ୍ୟଶ୍ରୀ ସାହୁ (୧୪) ଓ ଏକମାତ୍ର ପୁତ୍ର ଭବାନୀ ଶଙ୍କର ସାହୁ(୮)ଙ୍କୁ ନେଇ ଗଠିତ। କନ୍ୟା ଭାଗ୍ୟଶ୍ରୀ ସ୍ଥାନୀୟ ଖଣ୍ଡେସାହି ଜଗନ୍ନାଥ ବିଦ୍ୟାପୀଠରେ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିଲାବେଳେ ଏକମାତ୍ର ପୁତ୍ର ଭବାନୀ ଶଙ୍କର ସ୍ଥାନୀୟ ସାଧକ ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସୁକଦେବ ଜଣେ ଭୂମିହୀନ ହୋଇଥିଲା ବେଳେ ଦିନେ କାମକୁ ନଗଲେ ତାଙ୍କର ହାଣ୍ଡି ଚୁଲିକୁ ଯାଏ ନାହିଁ। ଏପରିସ୍ଥଳେ ଆକସ୍ମିକ ଭାବେ



ସୁକଦେବଙ୍କ ଦେହ ଅସୁସ୍ଥ ହୋଇ ପଡିଥିଲା। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ ମଧ୍ୟ ତାଙ୍କର ଦେହ ସୁସ୍ଥ ହୋଇ ନଥିଲା। ତାଙ୍କୁ ପରିବାର ଲୋକେ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା କରିବା ନିମନ୍ତେ ନେଇଥିଲେ। ସେଠାରେ ପରୀକ୍ଷା ନିରୀକ୍ଷା ପରେ ସେ ରକ୍ତ କର୍କଟ ଜନିତ ରୋଗରେ ଆକ୍ରାନ୍ତ ହୋଇଥିବାର ଡାକ୍ତର ପ୍ରକାଶ କରିଥିଲେ। ତେବେ ପରିବାର ଲୋକେ ଘରେ ଥିବା ଧାନ ଚାଉଳ ଓ ଆସବାପତ୍ର ବିକ୍ରୟ କରି ତାଙ୍କର ଚିକିତ୍ସାରେ ୧୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରିସାରିଲେଣି। ଏପରିକି ଗାଁର ଉଦୀୟମାନ ଯୁବକ ଓ ସାଧାରଣ ଲୋକେ ତାଙ୍କ ପ୍ରତି ସାହାଯ୍ୟ ସହଯୋଗର ହାତ ବଢାଇଛନ୍ତି। କିନ୍ତୁ ତାଙ୍କର ଚିକିତ୍ସା ନିମନ୍ତେ ୫୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ଆବଶ୍ୟକତା ଥିବାର ଡାକ୍ତର ପ୍ରକାଶ କରିବା କାରଣରୁ ତାଙ୍କ ପରିବାର ଏତେଅର୍ଥ କେଉଁଠୁ ଆଣିବେ ସେଥିନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏପରିସ୍ଥଳେ ସରକାରଙ୍କର ତରଫରୁ ତାଙ୍କୁ ମଧ୍ୟ କୌଣସି ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇ ନାହିଁ। ଯାହାକି ତାଙ୍କ ପରିବାର ନିମନ୍ତେ ଏକ ସମସ୍ୟା ରୂପେ ଉଭା ହୋଇଛି। ଏପରିସ୍ଥଳେ କୌଣସି ସରକାରୀ ସହାୟତା ତାଙ୍କୁ ପ୍ରଦାନ କରାଯାଇ ନଥିବାର ପରିବାର ଲୋକେ ପ୍ରକାଶ କରିଛନ୍ତି। ସମ୍ପ୍ରତି ସୁକଦେବ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ତରଫରୁ ତାଙ୍କର ଚିକିତ୍ସା ନିମନ୍ତେ ଅର୍ଥ ଯୋଗାଇ ଦିଆଯିବା ନିମନ୍ତେ ପରିବାର ସଭାପତି ବଲ୍ଲଭ ଚରଣ ପଲେଇ, ସମ୍ପାଦକ ପ୍ରମୋଦ କୁମାର ନାୟକ ପ୍ରମୁଖ ଦୃଢ ଦାବି କରିଛନ୍ତି। ଏପରିସ୍ଥଳେ କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ସଙ୍ଗଠନ ତାଙ୍କ ପ୍ରତି ଆର୍ଥିକ ସହଯୋଗର ହାତ ବଢାଇବାକୁ ଚାହୁଁଥିଲେ ନିଶ୍ଚିନ୍ତକୋଇଲି କାନାରା ବ୍ୟାଙ୍କ ଜମା ଖାତା ନଂ ୮୦୨୯୨୨୦୦୧୪୯୫୦୭, ଆଇଏଫଂସି କୋର୍ଡ ସିଏନଆରବି ୦୦୧୮୦୨୯ ଅର୍ଥ ପଠାଇବା ସହ ମୋବାଇଲ ନଂ. ୯୦୯୦୩୨୮୯୮୯ରେ ଯୋଗାଯୋଗ କରିବାକୁ ତାଙ୍କ ପରିବାର ତରଫରୁ ନିବେଦନ କରାଯାଇଛି। ଅପରପକ୍ଷରେ ଆର୍ଥିକ ଅନାଟନ ହେତୁ ତାଙ୍କର ଦୁଇ ପୁଅ ଝିଅଙ୍କ ପାଠ ପଢାରେ ଡୋରି ବନ୍ଧା ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ଲଙ୍କେଶ୍ୱରୀ ଦେବୀଙ୍କ ପ୍ରଥମ ପ୍ରତିଷ୍ଠା ଦିବସ

ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ଜଗଦେବ ସାହି ସ୍ଥିତ ପ୍ରତିଷ୍ଠିତ ଲଙ୍କେଶ୍ୱରୀ ଦେବୀ ଠାକୁରାଣୀଙ୍କର ପ୍ରଥମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଅଛି। ଏହି ଅବସରରେ ପ୍ରାତଃ ସମୟେ ପଣ୍ଡିତ ଦୟାନିଧି କରଙ୍କ ସମେତ ଅନ୍ୟ ପଣ୍ଡିତ ମାନଙ୍କ ସହଯୋଗରେ ନୂତନ ମଣ୍ଡପ ପୂଜନ କରାଯାଇ ଯଜ୍ଞାଦି କାର୍ଯ୍ୟ ସମାପନ କରାଯାଇ ଥିଲା। ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସରେ ଏକ କଳସ ଯାତ୍ରାର ଆୟୋଜନ କରାଯାଇ ସ୍ଥାନୀୟ ନେଳିଆ ପୁଷ୍କରିଣୀରୁ କଳସରେ ଜଳ ଅଣାଯାଇ ମଣ୍ଡପରେ ସ୍ଥାପନା କରାଯାଇଥିଲା ଓ ସନ୍ଧ୍ୟାରେ ବିସର୍ଜନ କରାଯାଇଥିଲା। ଏହି ଯଜ୍ଞାଦି କାର୍ଯ୍ୟରେ ଗତ ସାଧାରଣ ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥୀ ବଲ୍ଲଭ ପଟ୍ଟନାୟକ, ସମାଜସେବୀ ମନୋଜ ପ୍ରଧାନ, ପ୍ରକାଶ ରଥ, ଧୀରେଶ ମହାପାତ୍ର, ସନ୍ତୋଷ ପ୍ରଧାନ, ପତ୍ରାକର ପ୍ରଭାତ ସୁବୁଦ୍ଧି ଓ ସ୍ଥାନୀୟ ପଂଚାୟତ ସମିତି ସଭ୍ୟା ନିର୍ମଳା ପ୍ରଧାନ ଯୋଗଦେଇ ଠାକୁରାଣୀଙ୍କ କୃପାଲାଭ କରିଥିଲେ। ସେଠାରେ ସାହି ପକ୍ଷରୁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।



ନିଆଳି, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଡ୍ରାଇଭର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ୮ ତାରିଖ ମଙ୍ଗଳ ବାର ଠାରୁ ଡ୍ରାଇଭର ମାନଙ୍କ ସ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ନିଆଳି ଡ୍ରାଇଭର ସଂଘ ପକ୍ଷରୁ ନିଆଳି ବ୍ଲକ ପନିମାଳ ଛକ ଠାରେ ସଂଘ ସଭାପତି ଗୋବିନ୍ଦ ଚରଣଙ୍କ ନେତୃତ୍ୱରେ ନିଆଳି ବ୍ଲକର ସମସ୍ତ ଡ୍ରାଇଭର ଭାଇ ମାନେ ଧାରଣାରତ ଅଛନ୍ତି। ଏହି ଧାରଣା ସ୍ଥଳରେ ଡ୍ରାଇଭର ସଂଘ ର ସଭାପତି ଗୋବିନ୍ଦ ଚରଣ ସେଠି ଡ୍ରାଇଭରମାନଙ୍କୁ ପୋଲିସ ଚେକିଂ ଆଳରେ ବିଭିନ୍ନ ପ୍ରକାର ହଇରାଣ କରୁଛନ୍ତି। ଏହି ଘଟଣାକୁ ନେଇ ପୋଲିସ ଉପରେ ବର୍ଷି ଥିଲେ। ଗୋଟିଏ ପଟେ ଡ୍ରାଇଭର ସଂଘର ଧାରଣା ଚାଲିଥିବା ବେଳେ ନିଆଳି ବଜାର ଓ ଏହାର ଆଖପାଖ ଅଞ୍ଚଳରେ ପରିବହନ ବ୍ୟବସ୍ଥା ଓ ଯାତାୟାତରେ କୌଣସି ବାଧା ଉପୁଜିନାହିଁ। ବ୍ୟବସାୟୀମାନଙ୍କ ପାଖରେ ପନିପରିବା, କ୍ଷୀର, ଗ୍ୟାସ ଭଳି ନୀତି ଆବଶ୍ୟକ ଜିନିଷ ସଠିକ ସମୟରେ ପହଁଚିଛି। ଅନେକ ବ୍ୟବସାୟୀ ନିଜ ନାମ ଗୋପନ ରଖି କହିଛନ୍ତି ୫ ଦିନ ପର୍ଯ୍ୟନ୍ତ ନୀତି ଆବଶ୍ୟକ ଜିନିଷ ମହଜୁଦ ରହିଛି। ଡ୍ରାଇଭର ସଂଘଙ୍କ ୭ଦଫା ଦାବି ବୁଝୁଛନ୍ତି ନା ଧାରଣା ଜାରି ରହିବ।



## ଖିମଜୀ ଫାଉଣ୍ଡେସନ୍‌ର ରଥଯାତ୍ରାରେ ସେବାକାର୍ଯ୍ୟ




○ ବଡ଼ଦାଣ୍ଡରେ ଆରାମଦାୟକ ପରିବେଶ ପାଇଁ ଜଳ ସିଞ୍ଚନ ଯନ୍ତ୍ର ମୁତୟନ
○ ପୁରୀରେ ଭକ୍ତଙ୍କ ନିରାପଦ ରହଣୀ ସୁବିଧା ପାଇଁ ମାଗଣା ରାତ୍ରୀ ରହଣୀ ତମ୍ବୁ ସ୍ଥାପନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡ଼ିଶାର ଏକ ବିଶ୍ୱସ୍ତ ଏବଂ ପ୍ରତିଷ୍ଠିତ ଅଳଙ୍କାର ବ୍ରାଣ୍ଡ ଖିମଜୀ ଜୁଏଲର୍ସ ପୁନର୍ବାର ସାମାଜିକ ସେବାରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ଖିମଜୀ ଫାଉଣ୍ଡେସନ୍ ମାଧ୍ୟମରେ ଏହି ସଂସ୍ଥା ପବିତ୍ର ରଥଯାତ୍ରା ୨୦୨୫ରେ ଲକ୍ଷାଧିକ ଭକ୍ତଙ୍କ ସୁଖ ସୁବିଧା ଓ ମଙ୍ଗଳ ପାଇଁ ପୁରୀରେ ବିଭିନ୍ନ ଦାତବ୍ୟ ପଦକ୍ଷେପ ଗ୍ରହଣ କରିଥିଲା। ଶ୍ରଦ୍ଧାଳୁମାନେ ସାମ୍ନା କରୁଥିବା ଅସୁବିଧାକୁ ଦୂର କରିବା ପାଇଁ ଖିମଜୀ ଫାଉଣ୍ଡେସନ୍ ପକ୍ଷରୁ ବଡ଼ଦାଣ୍ଡରେ ରଥଯାତ୍ରାର ମୁଖ୍ୟ ପଥରେ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଜଳ ସିଂଚନ ଭ୍ୟାନ ମୁତୟନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ଆରାମ ଯୋଗାଇ ଦେବା ଏବଂ ସମସ୍ତଙ୍କ ପାଇଁ ଏକ ଆରାମଦାୟକ ଆତ୍ମିକ ଅନୁଭୂତି ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହା ସହିତ ଫାଉଣ୍ଡେସନ୍ ପକ୍ଷରୁ ପୁରୀରେ ପୂର୍ବରୁ କୌଣସି ବ୍ୟବସ୍ଥା ନକରି ଭଗବାନଙ୍କ ଦର୍ଶନ କରିବାକୁ ଚାଲିଆସିଥିବା ଭକ୍ତମାନଙ୍କ ସୁବିଧା ପାଇଁ ମାଗଣା ରାତ୍ରୀ ରହଣୀ ତମ୍ବୁ ସ୍ଥାପନ କରାଯାଇଥିଲା, ଯାହା ନିରାପଦ, ପରିଷ୍କାର ଏବଂ ସୁଗମ ଅସ୍ଥାୟୀ ରହିବାର ସୁବିଧା ଯୋଗାଇ ଦେଇଥିଲା। ଏହି ରହଣୀ ତମ୍ବୁଗୁଡ଼ିକରେ ସୁରକ୍ଷା, ସ୍ୱଚ୍ଛତା ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକ ଆରାମଦାୟକ ବ୍ୟବସ୍ଥା ରହିଥିଲା। ଏହା ଫାଉଣ୍ଡେସନର ନିଃସ୍ୱାର୍ଥପର ସେବାକୁ ନେଇ ରହିଥିବା ମୂଳ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି। ଏହି ଅବସରରେ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, 'ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଓଡ଼ିଶାର ଆଧାତ୍ମିକ ହୃଦସ୍ପନ୍ଦନ। ଏହି ପବିତ୍ର ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କୁ ସେବା କରିବା ଆମର ଏକ ବିଶେଷାଧିକାର ଏବଂ ଦାୟିତ୍ୱ। ଖିମଜୀ ଫାଉଣ୍ଡେସନରେ ଆମେ ପରମ୍ପରା ଓ ଯତ୍ନରେ ଆଧାରିତ ଅର୍ଥପୂର୍ଣ୍ଣ ଓ ସହାନୁଭୂତିପୂର୍ଣ୍ଣ ପ୍ରୟାସ ମାଧ୍ୟମରେ ସମାଜକୁ ଫେରସ୍ତ କରିବାକୁ ପ୍ରତିବଦ୍ଧ।" ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବାର୍ଷିକ ରଥଯାତ୍ରାର ଅତୁଳନୀୟ ଆଧାତ୍ମିକ ଏବଂ ସାଂସ୍କୃତିକ ମହତ୍ୱ ରହିଛି। ପୁରୀରେ ଅନୁଷ୍ଠିତ ଏହି ବିରାଟ ଉତ୍ସବ ସାରା ବିଶ୍ୱରୁ ଲକ୍ଷାଧିକ ଭକ୍ତଙ୍କୁ ଆକର୍ଷିତ କରୁଛି, ଯାହା ଏହାକୁ ବିଶ୍ୱର ବୃହତମ ଧାର୍ମିକ ସମାବେଶ ମଧ୍ୟରୁ ଅନ୍ୟତମରେ ପରିଣତ କରିଛି। ଏହା ଏକତା, ଭକ୍ତି ଓ ସାମୂହିକ ଭାବନାର ସମୟ ଏବଂ ସେହି ମୂଲ୍ୟବୋଧକୁ ଖିମଜୀ ଫାଉଣ୍ଡେସନ୍ ଗର୍ବର ସହିତ ଧାରଣ କରିଛି। ଖିମଜୀ ଫାଉଣ୍ଡେସନ୍ ମାଧ୍ୟମରେ କମ୍ପାନି ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ବିପର୍ଯ୍ୟୟ ସହାୟତା କ୍ଷେତ୍ରରେ ନିରନ୍ତର ଭାବେ ନିଜର ପ୍ରଭାବ ବିସ୍ତାର କରିଥିବା ବେଳେ ଓଡ଼ିଶାରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଏକ ପ୍ରଦୀପ ସ୍ୱରୂପ ପ୍ରତିଷ୍ଠା ହାସଲ କରିଛି।

## ଓଡ଼ିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ୧୦ଦଫା ଦାବି ନେଇ କଳା ବ୍ୟାଜ ପରିଧାନ କରି କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ତିହିଡ଼ି ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଅମଲାମାନେ ଅତିରିକ୍ତ ତହସିଲଦାର ନମିତା ଧଳଙ୍କୁ ଦାବିପତ୍ର ଦେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ଆନ୍ଦୋଳନରେ ତହସିଲ କାର୍ଯ୍ୟାଳୟର ସେକ୍ସନ ଅଫିସର ବୁଦ୍ଧିରାମ ଟୁଡୁ, ବରିଷ୍ଠ କିରାଣି ବାସୁଦେବ ସ, ଆକ୍ରାମ ଅଲ୍ଲୀ ଖାନ, ମୁକ୍ତିକାନ୍ତ ମଳିକ, ରୀତାରାଣୀ ସିଂ, କନିଷ୍ଠ କିରାଣି ମାନସ ରଂଜନ ସାହୁ ଓ ଯମୁନା ମୁର୍ମୁ ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ସନ୍ଦେହଘେରରେ ଯୁବତୀଙ୍କ ମୃତ୍ୟୁ



କଣ୍ଟାପଡା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ଥାନା ଅଧିନସ୍ତ ଗୋବିନ୍ଦପୁର ଅଞ୍ଚଳରେ ଥିବା ଏକ ସରକାରୀ କଲେଜର ପି.ଜି ଛାତ୍ରୀ କଲେଜ ପାଖରେ ଥିବା ଜଣଙ୍କ ଘରେ ୬ ମାସ ହେବ ଭଡାରେ ରହୁଥିଲେ। ଗତ ସୋମବାର ଦିନ ଦିବା ୩ ଟା ରୁ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ଘର ମାଲିକ ବିଭିନ୍ନ ଆଡେ ଖୋଜାଖୋଜି କରି ନ ପାଇବାରୁ ଗୋବିନ୍ଦପୁର ଥାନା ଓ ଛାତ୍ରୀର ପରିବାର ଲୋକଙ୍କୁ ଜଣାଇଥିଲେ। ମଙ୍ଗଳବାର ସକାଳୁ ଛାତ୍ରୀ ଜଣକ ଯେଉଁ ଘରଭଡା ରହୁଥିଲେ ତାଙ୍କର କବାଟ ନଥିବା ଏକ ପାଇଖାନା ଘରୁ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାଇ ମୃତ୍ୟୁ ଯୁବତୀ ଜଣକ ହେଲେ କେନ୍ଦୁଝର ଜିଲ୍ଲା ଆନନ୍ଦ ପୁର ଥାନା ଘାସି ପୁର ଦେଓ ଗାଁ କୁଶଳେଶ୍ୱର ଗ୍ରାମ ଅଚ୍ଯୁତା ନନ୍ଦ ସାହୁଙ୍କ ଝିଅ ଶୁଭିତା ସାହୁ (ଲକି) ୬ ମାସ ହେବ ଗୋବିନ୍ଦପୁର ଗ୍ରାମର ବିଦ୍ୟୁଲତା ଭୋଇଙ୍କ ଘରେ ଭଡ଼ା ନେଇ ଅନ୍ୟ ସାଙ୍ଗମାନଙ୍କ ସହ ରହୁଥିଲେ। ଅନ୍ୟ ସାଙ୍ଗମାନେ ସକାଳୁ ଶୁଭିତା ସାହୁଙ୍କ ମୃତ୍ୟୁ ଅବସ୍ଥାରେ ପାଇଖାନାରେ ଦେଖିଥିଲେ। ପାରିପାର୍ଶ୍ୱିକ ପରିସ୍ଥିତି ଦେଖିଲେ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକାଶ ପାଉଛି। ଗୋଡ଼ ତଳେ ଲାଗିଥିବା ବେଳେ ପାଖରେ ରକ୍ତ ପଡ଼ିଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାଇ ଏହା ହତ୍ୟା କାଣ୍ଡ। ଘଟଣା ସ୍ଥଳରେ ସଦର ଏସ ଡି ପି ଓ ସୁଜିତ ପ୍ରଧାନ, ଗୋବିନ୍ଦପୁର ଥାନା ଓ ଆଇ ସି ସୋନାଲି ଆନନ୍ଦ, କଣ୍ଟାପଡା ତହସିଲଦାର ପ୍ରସନ କୁମାର ସାମନ୍ତରାୟ ଓ ସାଇଣ୍ଟିଫିକ୍ ଟିମ୍ ପହଂଚି ଶବ ବ୍ୟବଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଏ ନେଇ ଗୋବିନ୍ଦପୁର ଥାନାରେ ବାପା ଅଚ୍ଛୁତାନନ୍ଦ ସାହୁ ଲିଖିତ ଅଭିଯୋଗ କରିବା ପରେ ଗୋବିନ୍ଦପୁର ପୋଲିସ ମାମଲା ରୁଜୁ କରିଛି। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ଯୁବତୀଙ୍କର ମୃତ୍ୟୁ ରହସ୍ୟ ଜଣାପଡ଼ିବ।

## ରଥଯାତ୍ରାରେ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ସେବା ପ୍ରଦାନ



ପୁରୀ, (ଭାସ୍କର ନ୍ୟୁଜ୍): ପବିତ୍ର ରଥଯାତ୍ରାରେ ଅନ୍ନ ସେବା ଠାରୁ ସୁରକ୍ଷା ଯାଏଁ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ପୋଲିସ ତଥା କର୍ତ୍ତବ୍ୟରତ କର୍ମଚାରୀଙ୍କୁ ୧୩ ଦିନ ବ୍ୟାପୀ ପୁଷ୍ଟିକର ଏବଂ ଗରମ ଭୋଜନ ବିତରଣ ସମେତ ବିବିଧ ସେବା ପ୍ରଦାନର ସୁଯୋଗ ଦେଇଥିବାରୁ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜୁନ ୨୬ ତାରିଖରୁ ଆରମ୍ଭ ହୋଇଥିବା ରିଲାଏନ୍ସର ଏହି ୧୩ ଦିନ ବ୍ୟାପୀ ଅନ୍ନସେବା ଜୁଲାଇ ୮, ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଉଭୟ ମଧ୍ୟାହ୍ନ ଏବଂ ସନ୍ଧ୍ୟାରେ ପୁରୀରେ ପ୍ରମୁଖ ସ୍ଥାନଗୁଡ଼ିକରେ ଲକ୍ଷ ଲକ୍ଷ ଭକ୍ତ ଏବଂ ପୋଲିସ କର୍ମଚାରୀଙ୍କୁ ପୁଷ୍ଟିକର ଗରମ ଭୋଜନ ପରିବେଷଣ କରିଛି। ଏଥିସହିତ ଶ୍ରଦ୍ଧାଳୁ ଏବଂ ଦର୍ଶନାର୍ଥୀମାନଙ୍କୁ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ, ରିଲାଏନ୍ସ ପକ୍ଷରୁ ପରିବେଶ ଅନୁକୂଳ ସାମଗ୍ରୀରେ ତିଆରି ଦେଢ଼ ଲକ୍ଷରୁ ଅଧିକ ହାତପଙ୍ଖା ବା ବିଞ୍ଚଣା ବିତରଣ କରାଯାଇଛି। ରଥଯାତ୍ରା ପାଇଁ ରିଲାଏନ୍ସ ପକ୍ଷରୁ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ପାଇଁ ୧୦୦ ଟି ପୋଲିସ ସହାୟତା ପୋଷ୍ଟ ଏବଂ ଆଶ୍ରୟସ୍ଥଳ ସ୍ଥାପନରେ ସହାୟତା କରାଯାଇଥିଲା ଯାହା ଶ୍ରଦ୍ଧାଳୁମାନଙ୍କ ପାଇଁ ସହଜ ଓ ସୁଗମ ସହାୟତା ସ୍ଥାନ ଉପଲବ୍ଧ କରିଥିଲା। ବର୍ଷା ଋତୁକୁ ଦୃଷ୍ଟିରେ ରଖି ପୋଲିସ କର୍ମଚାରୀମାନଙ୍କୁ ୩,୫୦୦ ରେନକୋଟ୍ ବିତରଣ କରାଯିବା ସହିତ ଲକ୍ଷଲକ୍ଷ ଦର୍ଶନାର୍ଥୀଙ୍କୁ ସେବା ଯୋଗାଉଥିବା ସ୍ୱେଚ୍ଛାସେବୀ, ପୌର କର୍ମଚାରୀ ଏବଂ ପୋଲିସ କର୍ମଚାରୀଙ୍କୁ ରିଫ୍ରେସମେଣ୍ଟ କିଟ୍ ମଧ୍ୟ ପ୍ରଦାନ କରାଯାଇଛି। ରିଲାଏନ୍ସର ୪୦୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଭିଡ ପରିଚାଳନା ତଥା ଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବାରେ ସହାୟତା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଏହି ସେବା କାର୍ଯ୍ୟର ପ୍ରାରମ୍ଭରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଏମ୍ ଅମ୍ବାନୀ କହିଥିଲେ "ପୁରୀରେ ଭକ୍ତଗଣଙ୍କର ସେବା କରିବାର ଏହି ସୁଯୋଗ ବାସ୍ତବରେ ଏକ ଆଶୀର୍ବାଦ। ଆମେ ବିଶ୍ୱାସ କରୁଛୁ ଯେ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଏବଂ କର୍ତ୍ତବ୍ୟରତ ସମସ୍ତ କର୍ମଚାରୀଙ୍କ ସେବା କରି ଆମେ ଈଶ୍ୱରଙ୍କ ସେବା କରୁଛୁ। ଭୋଜନ ଠାରୁ ସୁରକ୍ଷା ଯାଏଁ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନଙ୍କ ଅନୁଭୂତିକୁ ସୁଗମ, ନିରାପଦ ଓ ଆରାମ ଦାୟକ କରି ସମୃଦ୍ଧ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ"। ପୌରପାଳିକା ସହିତ ସହଭାଗିତାରେ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ରିଲାଏନ୍ସ ପକ୍ଷରୁ ସ୍ୱତନ୍ତ୍ର ଆବର୍ଜନା ସଂଗ୍ରହ ବ୍ୟାଗ ଯୋଗାଇ ଦିଆଯାଇଥିଲା ଏବଂ ପୋଲିସ ଶିବିରଗୁଡ଼ିକୁ ପରିଚ୍ଛନ୍ନତା ଓ ପରିମଳ ସୁବିଧା ଉପଲବ୍ଧ କରାଯାଇଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ମହାକୁମ୍ଭ ୨୦୨୫ ରେ ପ୍ରୟାଗରାଜ ଠାରେ ରିଲାଏନ୍ସ ଲକ୍ଷଲକ୍ଷ ଦର୍ଶନାର୍ଥୀଙ୍କୁ ଭୋଜନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ପରିବହନ ସେବା ସମେତ ବିବିଧ ପଦକ୍ଷେପ ଜରିଆରେ ସେବା ପ୍ରଦାନ କରିଥିଲା। ଆଧାତ୍ମିକ କାର୍ଯ୍ୟକ୍ରମରେ ଜନ ସମୁଦାୟକୁ ସହାୟତା କରି ସମସ୍ତଙ୍କୁ ଏକ ସୁରକ୍ଷିତ, ସୁସ୍ଥ ଅନୁଭୂତି ପ୍ରଦାନ କରିବାନେଇ ରିଲାଏନ୍ସ ଦୃଢ ପ୍ରତିବଦ୍ଧତା ପ୍ରଦର୍ଶିତ କରିଆସିଛି। ଚଳିତବର୍ଷ ଶ୍ରୀକ୍ଷେତ୍ରରେ ରଥଯାତ୍ରାରେ କାର୍ଯ୍ୟକାରୀ କରାଯାଇଥିବା ବିବିଧ ପ୍ରୟାସ ମାନବତା ଓ ଈଶ୍ୱରଙ୍କ ସେବା କରିବାରେ ରିଲାଏନ୍ସ ପାଇଁ ଆଉ ଏକ ଅନନ୍ୟ ସୁଯୋଗ ହୋଇଥିଲା।

## ୨୪ ଶିକ୍ଷକଶିକ୍ଷୟତ୍ରୀଙ୍କ ବଦଳି

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୨୪ଜଣ ଶିକ୍ଷକଙ୍କ ବଦଳି ହୋଇଛି। ମଙ୍ଗଳବାର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବଦଳି ତାଲିକାରେ ୨୪ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ବଦଳି କରାଯାଇଛି। ସେଥିମଧ୍ୟରୁ ୧୧ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଜଣେ ମାତ୍ର ଶିକ୍ଷକ ଥିବା ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଅନ୍ୟ ୧୩ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ବଳକା ଥିବା ବିଦ୍ୟାଳୟରୁ ଶିକ୍ଷକ ଅଭାବ ଥିବା ବିଦ୍ୟାଳୟକୁ ବଦଳି କରାଯାଇଛି ବୋଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା, ଦୁଇ ଗୁରୁତର

ବୋଲଗଡ, (ଭାସ୍କର ନ୍ୟୁଜ୍): ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ ସମ୍ମୁଖରେ ମଙ୍ଗଳବାର ଦିନ ଅପରାହ୍ନରେ ବାଇକ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଆରୋହୀ ଦୁଇ ଜଣ ଯାକ ଗୁରୁତର ଆହତ ହୋଇ ସ୍ଥାନୀୟ ଲୋକଙ୍କ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ତେବେ ସେଠାରେ ଦୁଇ ଜଣ ଯାକ ଗୁରୁତର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଚିକିତ୍ସା ପାଇଁ ପଠାଯାଇଛି ବୋଲି ଜଣା ପଡିଛି। ସୂଚନା ଅନୁଯାୟୀ ସ୍କୁଟି ଚାଳକ ଜଣକ ପରିଚୟ ମିଳି ପାରି ନ ଥିବା ବେଳେ ବାଇକ ଚାଳକ ଜଣକ ହେଉଛନ୍ତି ବେଗୁନିଆ ସଦର ମହକୁମା ସ୍ଥିତ ନୂଆସାହିର ଶିକ୍ଷକ ବିବେକା ନନ୍ଦ ମିଶ୍ର ବିଦ୍ୟାଳୟ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ସମ୍ମୁଖରୁ ଏକ ସ୍କୁଟି ଧକ୍କା ଦେଇଥିଲା। ବେଗୁନିଆ ମିଡ଼ିଆ ହାଉସର ମିଶ୍ର ଉପଦେଷ୍ଟା ରହିଥିବାରୁ ସାମ୍ବାଦିକ ଓ ବେଗୁନିଆ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଆଇଇଡି ବିସ୍ଫୋରଣରେ ଦୁଇ ଯବାନ ଆହତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଶା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ଉସୁର ବ୍ଲକର ଆୱାପାଲିର ମୁରଡୋଡା-ବାସାଗୁଡ଼ା ରାସ୍ତାରେ ନକ୍ସଲ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏନକାଉଣ୍ଟର ଚାଲିଛି। ଏନକାଉଣ୍ଟର ସମୟରେ ଆଇଇଡି ବିସ୍ଫୋରଣ ଘଟଣାରେ ଅଞ୍ଚଳ ଥରି ଉଠିଛି। ତେବେ ଏନକାଉଣ୍ଟରରେ ଦୁଇ ଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନର ଲମ୍ବା ଧାଡ଼ି ଲାଗିଛି ଏବଂ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଛି। ଅଞ୍ଚଳରେ ଉତ୍ତେଜନାର ବାତାବରଣ ରହିଥିବା ବେଳେ ଅତିରିକ୍ତ ଫୋର୍ସ ପଠାଯାଇଛି। ତେବେ ଗୋଟିଏ ପଟେ ନକ୍ସଲମାନେ ସରକାରଙ୍କ ସହିତ ଶାନ୍ତି ଆଲୋଚନା ପାଇଁ ଦାବି କରୁଥିବା ବେଳେ, ଅନ୍ୟପଟେ ସେମାନଙ୍କର ହିଂସାତ୍ମକ କାର୍ଯ୍ୟକଳାପ ଥମିବାର ନାଁ ନେଉନାହିଁ। ଆୱାପାଲି ଥାନା ଅଞ୍ଚଳ ଅନ୍ତର୍ଗତ ମୁରଡୋଡା-ବାସାଗୁଡ଼ା ରାସ୍ତାରେ ମାଓବାଦୀମାନେ ଆଇ ଇ ଡି ବିସ୍ଫୋରଣ ଏବଂ ପରେ ବିଏଲଜି (ବ୍ୟାରେଲ ଗ୍ରେନେଡ୍ ଲଞ୍ଚର୍) ସହିତ ଆକ୍ରମଣ କରିଥିଲେ (ଛତିଶଗଡ ନକ୍ସଲ ଆକ୍ରମଣ ଖବର)। ଏହି ଆକ୍ରମଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ର ୨୨୯ ତମ ବାଟାଲିୟନର ଦୁଇ ଜଣ ଯବାନ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ, ଆହତ ଜବାନମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ବିଜାପୁର ଜିଲ୍ଲା ହସ୍ପିଟାଲକୁ ଅଣାଯାଇଛି। ସେମାନଙ୍କ ଅବସ୍ଥାକୁ ବିଚାର କରି, ସେମାନଙ୍କୁ ହେଲିକପ୍ଟର ମାଧ୍ୟମରେ ରାୟପୁର ପଠାଇବା ପାଇଁ ପ୍ରସ୍ତୁତି କରାଯାଉଛି। ତେବେ ଆକ୍ରମଣ ପରେ, ସମଗ୍ର ଅଞ୍ଚଳରେ ତଲାସୀ ଅଭିଯାନ ଜୋରଦାର କରାଯାଇଛି। ଘଟଣାସ୍ଥଳକୁ ଅତିରିକ୍ତ ସୁରକ୍ଷା ବାହିନୀ ପଠାଯାଇଛି ଏବଂ ନକ୍ସଲମାନଙ୍କୁ ଖୋଜା ଚାଲିଛି।

## ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ କେନ୍ଦୁଝରର ଜିଲ୍ଲା କଂଗ୍ରେସର ପ୍ରସ୍ତୁତି




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଚଳିତ ଜୁଲାଇ ୧୧ ତାରିଖରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସି ବରମୁଣ୍ଡା ପଡ଼ିଆରେ 'ସମ୍ବିଧାନ ବଞ୍ଚାଅ' ସମାବେଶ କରିବେ। ସେଥିଲାଗି ରାଜ୍ୟ କଂଗ୍ରେସ ସମେତ କେନ୍ଦୁଝର ଜିଲ୍ଲା କଂଗ୍ରେସରେ ପ୍ରବଳ ଉତ୍ସାହ ଦେଖାଯାଇଛି। ଏହି ପ୍ରତିବାଦ ସଭାରେ ରାହୁଲ୍ ଗାନ୍ଧୀ ସମ୍ବିଧାନକୁ କିପରି ମୋଦି ସରକାର ନିଜ କବଜାକୁ ନେବାକୁ ହୀନ ଉଦ୍ୟମ କରୁଛି ସେ କଥା ଲୋକଙ୍କୁ ବୁଝାଇବେ। ଓଡ଼ିଶାରେ ବର୍ତ୍ତମାନର ମୋହନ ମାଝୀ ସରକାର ସବୁଥିରେ ବିଫଳ ହେବାରୁ ଲୋକେ ତ୍ରାହି ତ୍ରାହି ଡାକିଲେଣି ଏପଟେ ବିଜୁ ଜନତା ଦଳ ନିଜର ବିଗତ ଦୁର୍ନୀତି ଲାଗି ଭୟରେ ଆଉ ବିରୋଧୀ ଦଳ ଭୂମିକା ନିଭାଇବାକୁ ଅସମର୍ଥ ହୋଇଛି। ରାଜ୍ୟରେ ନାରୀ ନିର୍ଯ୍ୟାତନା ପ୍ରତିଦିନ ବଢି ଚାଲିଛି ନିଜେ ମୁଖ୍ୟମନ୍ତ୍ରୀ ନାରୀ ହତ୍ୟାକାରୀଙ୍କ ତରଫଦାରି କରୁଛନ୍ତି ବୋଲି ଆରୋପ ପ୍ରମାଣ ଅଛି। ତେଣୁ ରାହୁଲ ଗାନ୍ଧୀଙ୍କ ଏହି ଗସ୍ତ ଓଡ଼ିଶାରେ କଂଗ୍ରେସକୁ ଜୀବନ୍ୟାସ ଦେବା ସହ ଶାସକ ଦଳକୁ ଶକ୍ତ ଆହ୍ୱାନ ସୃଷ୍ଟି କରିବ ବୋଲି କଂଗ୍ରେସ କର୍ମୀ ଓ ନେତାଙ୍କ ବିଶ୍ୱାସ। ଏ ସବୁ ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରୁ ଶହ ଶହ ଲୋକ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମକୁ ଯିବାକୁ ବାହାରିଛନ୍ତି। କେନ୍ଦୁଝର ଜିଲ୍ଲା କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି ସେଥିଲାଗି ଆଜି ରାଜ୍ୟ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଓ ବରିଷ୍ଠ କଂଗ୍ରେସ ନେତା ଆଡ଼ଭୋକେଟ ହିମାଂଶୁ ଶେଖର ଲେଙ୍କା କେନ୍ଦୁଝର କଂଗ୍ରେସ ଭବନ ଆସି ଏକ ପ୍ରେସ ମିଟ୍ କରିଥିଲେ। ସେମାନେ ପ୍ରଥମେ ଗସ୍ତ କାର୍ଯ୍ୟକ୍ରମ ନେଇ କେନ୍ଦୁଝର ଜିଲ୍ଲାରେ ପ୍ରସ୍ତୁତିକୁ ତଦାରଖ କରିଥିଲେ। ଏହି ପ୍ରେସ ମିଟରେ ଜିଲ୍ଲା କଂଗ୍ରେସ ସଂଯୋଜିକା ସୁଶ୍ରୀ ସଂଗୀତା ସିଂହ ଅତିଥିଙ୍କୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇ ଥିଲେ। ସେ ଅତିଥି ପରିଚୟ ପରେ ଏହି ପ୍ରେସ ମିଟର ଆଭିମୁଖ୍ୟ ସହ ଜିଲ୍ଲା କଂଗ୍ରେସର ବ୍ୟାପକ ପ୍ରସ୍ତୁତି ଉପରେ କହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ସାଂସଦ ନଗେନ୍ଦ୍ର ପ୍ରଧାନ ପ୍ରେସ ମିଟରେ ରାଜ୍ୟ ତଥା କେନ୍ଦ୍ର ବିଜେପିର ବିଫଳତା କଥା କହିଥିଲେ। ରାହୁଲ ଗାନ୍ଧୀଙ୍କ ଏହି ସମ୍ବିଧାନ ବଞ୍ଚାଅ ଅଭିଯାନର ସୂକ୍ଷ୍ମ ଉଦ୍ଦେଶ୍ୟ ବୁଝାଇଥିଲେ। କିପରି ସମ୍ବିଧାନର ବଳିଷ୍ଠ ଅଙ୍ଗ ରାଷ୍ଟ୍ରପତି, ବିଚାର ବିଭାଗ, ନିର୍ବାଚନ କମିଶନ ପରି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ବିଜେପି ହାତକୁ ନେବାକୁ ଚକ୍ରାନ୍ତ କରୁଛି। ଗଣମାଧ୍ୟମକୁ କରାୟତ କରୁଛି ବଡ଼ ବଡ଼ ଟିଭି ଚ୍ୟାନେଲ ଏବେ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ଖବରକାଗଜ ଅବସ୍ଥା ମଧ୍ୟ ସେହି ପରି ସାମ୍ବାଦିକ ନିଜ ଇଚ୍ଛାରେ ଖବର ଲେଖି ପାରୁ ନାହାନ୍ତି କି ପ୍ରସାରଣ କରିପାରୁନାହାନ୍ତି। ସାମାଜିକ ଗଣମାଧ୍ୟମ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବାକୁ ମୋଦି ସରକାର ଏବେ ତତ୍ପର ହୋଇ ଉଠିଛି ସେକଥା କହି ସେ ସାବଧାନ କରିଥିଲେ। କେନ୍ଦୁଝର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ଯାଇଥିଲେ ମଧ୍ୟ ଏଠାରେ ଲୋକେ ଅବହେଳିତ ଏକଥା କହି ସେ କ୍ଷୋଭ ପ୍ରକାଶ କରିଥିଲେ। ତେଣୁ କେନ୍ଦୁଝର ଜିଲ୍ଲାରୁ କଂଗ୍ରେସ କର୍ମୀଙ୍କ ସହ ସାଧାରଣ ଲୋକେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମକୁ ଯାଇ ପଛୁଆ ବର୍ଗ, ଆଦିବାସୀ, ଦଳିତ, ସଂଖ୍ୟାଲଘୁଙ୍କ ଲାଗି ଉଠୁଥିବା ସ୍ୱରକୁ ଶୁଣି ଆସି ନିଜ ଅଞ୍ଚଳରେ କହିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧନ୍ୟବାଦ ଦେଇ ଆଗାମୀ ଦିନରେ ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ସିଂହ ଲାଗୁରି, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ପୂର୍ବତନ ପିସିସି ସଂପାଦକ ସଂଗ୍ରାମ ଦାସ, ନିର୍ମଳ ନାୟକ, ପ୍ରତିଭା ମଞ୍ଜରୀ ନାୟକ, ରତ୍ନାକର ଜେନା, ଉତ୍ତମ ସାହୁ, ସନ୍ତୋଷ ସାହୁ, ସୃଜଳ କୁମାର ସେଠୀ, ଆର୍ତ୍ତ ଦାସ, ରଘୁନାଥ ପାତ୍ର, ସୁବ୍ରତ ପ୍ରଧାନ, ପୂର୍ଣ୍ଣ ଦାସ ଆଦି ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ।

## ଡ୍ରେନେଜ୍ ସବ୍ ଡିଭିଜନରେ ବ୍ୟାପକ ଦୁର୍ନୀତି, ତଦନ୍ତ ଦାବି

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ ଚଣା ବ୍ଲକ ଚଣ୍ଡିଖୋଲ ନିକଟସ୍ଥ ନେଉଳପୁର ଠାରେ ଥିବା ଡ୍ରେନେଜ ସବ ଡିଭିଜନ ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଶେଷ କରି ବଡ଼ଚଣା ବ୍ଲକ ଅଞ୍ଚଳର ଅନେକ କାମରେ ଦୁର୍ନୀତି, ହେଇଥିବାର ନଜିର ରହିଛି, ବିଶେଷ କରି କାଣି ନଦୀ ସଫେଇ ନାମରେ ଆସିଥିବା କୋଟି କୋଟି ଟଙ୍କାର ଯୋଜନାକୁ ଆତ୍ମସାତ କରିଥିବାର ଅଭିଯୋଗ ମଧ୍ୟ ରହିଛି। ବଡ଼ଚଣାରେ ମଧ୍ୟ ବିଭିନ୍ନ ସ୍ଥାନରେ କାମ ନକରି ବିଲ ହାତେଇ ଥିବାର ଜଣା ପଡିଛି। ସରକାରଙ୍କ ପକ୍ଷ୍ୟରୁ ମିଳିଥିବା ଆକଳନ ଅନୁଯାୟୀ କାର୍ଯ୍ୟ କରାଯାଇ ନଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି, ଅନେକ ସ୍ଥାନରେ କାମ ନହେଇ ବିଲ୍ ମଧ୍ୟ ପାସ କରାଯାଇଛି। ଏହି କାର୍ଯ୍ୟରେ ଯେଉଁ ବିଭାଗୀୟ ଅଧିକାରୀମାନେ ଦୁର୍ନୀତି ରେ ଲିପ୍ତ ଅଛନ୍ତି ତାଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣ ରାଜ୍ୟ ଜଳସେଚନ ମନ୍ତ୍ରୀ, ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ, ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦୃଢ ଦାବି କରିଛନ୍ତି।

## ହେଣ୍ଡ୍‌ଜୋରରେ ବନ୍ଧ ପକାଇବାକୁ ନେଇ ଅସନ୍ତୋଷ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ମଙ୍ଗଳପୁର ଓ ତଳମୂଷାଙ୍ଗ ନିକଟରେ ଥିବା ଏକ ହେଣ୍ଡଜୋରରେ ନିଲାମଧାରୀ କିଛି ବ୍ୟକ୍ତି ବନ୍ଧ ପକାଇବାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ଏନେଇ ମଙ୍ଗଳବାର କାହ୍ନୁଚରଣ ମଳିକ, ଖଗେଶ୍ୱର ମଳିକ, କରୁଣାକର ମଳିକ, ସନ୍ତୋଷ ଭୋଇ, ଭାସ୍କର ମହାଳିକ, କୁମୁଦ ମଳିକ, ନରେନ୍ଦ୍ର ମହାଳିକ, ରମେଶ ମଳିକ, ଘନଶ୍ୟାମ ମଳିକ, ଅଭିଷେକ ମହାଳିକ ପ୍ରମୁଖ ବହୁ ଚାଷୀ ଅତିରିକ୍ତ ତହସିଲଦାର ନମିତା ଧଳ ଓ ବିଡିଓ ନିରଂଜନ ବାରିକଙ୍କୁ ଭେଟି ବନ୍ଧ ଉଠାଇବା ଦିଗରେ ପଦକ୍ଷେପ ନେବା ସହିତ ବନ୍ଧ ପକାଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ପ୍ରକାଶ ଯେ, ତଳମୂଷାଙ୍ଗ ଓ ମଙ୍ଗଳପୁର ଗ୍ରାମ ନିକଟରେ ଥିବା ହେଣ୍ଡଜୋର ମନ୍ତେଇ ନଦୀ ସଂଲଗ୍ନ ଅଟେ। ଯାହାଫଳରେ ଏହି ହେଣ୍ଡ ଜୋରରେ ସବୁ ସମୟରେ ପାଣି ରହିଥାଏ। ଏହି ହେଣ୍ଡଜୋର ପାଣିକୁ ନେଇ ଚାଷୀମାନେ ଉପକୃତ ହୋଇଥାନ୍ତି। ହେଣ୍ଡଜୋରକୁ ପ୍ରତିବର୍ଷ ସରକାରଙ୍କ ତରଫରୁ ନିଲାମ କରାଯାଇଥାଏ। ହେଣ୍ଡଜୋରକୁ ନିଲାମ ନେଇଥିବା ବ୍ୟକ୍ତି ମାଛ ଧରିବା ପାଇଁ ହେଣ୍ଡଜୋରରେ ବନ୍ଧ ପକାଇ ପାଣି ଅବରୋଧ କରୁଛନ୍ତି। ଯାହାଫଳରେ ଚାଷ ଜମିରୁ ମନ୍ତେଇ ନଦୀକୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଯେଉଁଥିପାଇଁ ଧାନ ତଳି ନଷ୍ଟ ହେବାର ଆଶଂକା ରହିଛି। ଏହା ଦ୍ୱାରା ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ହେଣ୍ଡଜୋରରେ ବନ୍ଧ ପକାଇବାର ନିୟମ ନଥିଲେ ମଧ୍ୟ ନିଲାମଧାରୀ ଜୋରରେ ବନ୍ଧ ପକାଇ ନିୟମକୁ ଉଲଂଘନ କରୁଛନ୍ତି।


## ଅଲେଖ ବ୍ରହ୍ମଚାରୀ ଦୈତାରୀ ବାବାଙ୍କ ପରଲୋକ

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ପରଂବ୍ରହ୍ମହ ଅଲେଖ ନିରଞ୍ଜନ ବ୍ରହ୍ମଚାରି ଦୈତାରୀ ବାବାଙ୍କ ମଙ୍ଗଳବାର ସନ୍ଧ୍ୟା ୬ ଟା ସମୟରେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସ୍ଥିତ ବାଟପଡା ଆଶ୍ରମରେ ସମାଧି ନେବା ସହ ଶେଷ ନିଶ୍ୱାସ ନେଇଛନ୍ତି। ମୃତ୍ୟୁ ବେଳକୁ ନିଜ ଝିଆରୀ ଜ୍ୱାଇଁ ଜୟଦେବ, ଝିଆରୀ ଛବି, ନାତୁଣୀ ପୂଜା, ଭକ୍ତ ଦେବିସିଂ, ଅହଲ୍ୟା, ପାର୍ବତୀ, ସୁପତି, ସୁଶିଳ, ନରହରି, ଯାଦୁରାମ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାଇ ମୃତ୍ୟୁ ଦୈତାରୀ ବାବା ଆବଳ ବ୍ରହ୍ମଚାରି ଅଲେଖ ଦୀକ୍ଷିତ ଥିଲେ। ପଡୋଶୀ କଳାହାଣ୍ଡି, ଛତିଶଗଡ ଏବଂ ଚନ୍ଦାହାଣ୍ଡିରେ ତିନିଶହରୁ ଉର୍ଦ୍ଧ୍ୱ ପରିବାରକୁ ଅଲେଖ ଦୀକ୍ଷିତ ମଧ୍ୟ ଦେଇଥିଲେ। ଜୀବନ କାଳ ମଧ୍ୟରେ ମାସ ତମାମ ଅଲେଖ ଯଜ୍ଞ ମାଧ୍ୟମରେ ଗୁଣିଗାରେଡି ଦୂର କରିବା ସହ ଭକ୍ତ ଶିଷ୍ୟଙ୍କ ମଙ୍ଗଳ ନିମନ୍ତେ ଯଜ୍ଞ କରି ଅଂଚଳରେ ସୁନାମ ଅର୍ଜନ କରିଛନ୍ତି। ଏହାଛଡା ପଡୋଶୀ ଛତିଶଗଡ ଉର୍ମାଲରେ ୨୦୦୭ରେ ଏକ ବିରାଟ ଆଶ୍ରମ ମଧ୍ୟ କରିଛନ୍ତି। ପ୍ରତି ମାଘ ପୂର୍ଣ୍ଣିମାରେ ଧୂମଧାମରେ ମନ୍ଦିରରେ ପୂଜା ପାଳନ ହୋଇଥାଏ। ବହୁ ଭକ୍ତ ଶିଷ୍ୟ ସହ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ହୋଇଥାଏ। ଆସନ୍ତା କାଲି ନିଜ ଆଶ୍ରମ ଉର୍ମାଲ ରେସିଦ୍ଧ ବାବା ତଥା ବକଳ ବାବା ମାନଙ୍କ ଉପସ୍ଥିତରେ ବାବାଙ୍କ ସମାଧି ଦିଆଯିବ ବୋଲି ଭକ୍ତ ଦେବିସିଂ ସୂଚନା ଦେଇଛନ୍ତି। ବାବାଙ୍କ ମୃତ୍ୟୁ ଖବର ଅଞ୍ଚଳରେ ପ୍ରଚାର ହେବ ପରେ ଶୋକର ଛାୟା ଖେଳିଯାଇଛି।

## ରାଜନଗର ବ୍ଲକରେ ପାନୀୟ ଜଳ ସମସ୍ୟା

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ଓସ୍ତିଆ ଓ ଭିତରଗଡ ପଞ୍ଚାୟତରେ ପାନୀୟ ଜଳର ଅଭାବ ଦେଖା ଦେଇଥିବା ବେଳେ କେଉଁଠି ପାନୀୟ ଜଳ ପ୍ରକଳ୍ପରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି। କେଉଁଠି ପ୍ରକଳ୍ପର ଅଧା କାର୍ଯ୍ୟ ହୋଇଥିଲେ ମଧ୍ୟ ଦଳୀୟ କର୍ମୀଙ୍କୁ ସନ୍ତୁଷ୍ଟ କରିବାକୁ ଅନ୍ୟତ୍ର ପ୍ରକଳ୍ପ ଉଠାଇ ନେବାକୁ ବିଧାୟକଙ୍କର ବିଭାଗୀୟ ଅଧିକାରୀଙ୍କ ଉପରେ ଚାପ ହେଉଥିବା ଅଭିଯୋଗ ହେଉଛ। ସୂଚନାଯୋଗ୍ୟ ଓସ୍ତିଆ ପଞ୍ଚାୟତର ଜଗନ୍ନାଥପୁରୁ ଶାସନ, ମଇଁଷି ଗୋଠ, ଭଗବାନପୁରୁ, ମହୁରୀ ଗାଁ ଓ ଗୋପପାଟଣାର ପ୍ରାୟ ପାଞ୍ଚ ହଜାର ଅଧିବାସୀଙ୍କ ପାନୀୟ ଜଳ ସମସ୍ୟା ନେଇ ୨୦୨୪ ନିର୍ବାଚନ ପୂର୍ବରୁ ବିଧାୟକ ଧ୍ରୁବ ସାହୁଙ୍କ ଏହି ସବୁ ପଡୋଶୀ ଗ୍ରାମ ହୋଇଥିଲେ ମଧ୍ୟ ବାଲିକଣା ଗାଁ ମୁଣ୍ଡରେ ପାନୀୟ ଜଳ ସମସ୍ୟା ଦୂର କରିବାକୁ ପଞ୍ଚଦଶ ଅର୍ଥ କମିଶନରଙ୍କ ଆର୍ଥୀକ ଅନୁଦାନରେ ବିଧାୟକଙ୍କ ଶୁଭ ଉଦ୍ଘାଟନରେ ବୋରିଂ ଖୋଲା ହୋଇଥିଲା। ହେଲେ ସେହି ବୋରିଂ ପାଣି ଲୁଣା ପଡ଼ିବାରୁ ପୁନର୍ବାର ଦ୍ୱିତୀୟ ବୋରିଂ ଖୋଲା ଯାଇଥିଲା। କାରଣ ସେହି ୭ଟି ୱାର୍ଡରେ ଅଧିକାଂଶ ନଳକୂପ ଅଚଳ ରହିଛି। ସେହି ଦ୍ୱିତୀୟ ବୋରିଂ ମଟର ବସାଯାଇ ଟେଷ୍ଟିଂ କରି ପାଣି ଛଡା ଗଲା ହେଲେ କିଛିଦିନ ପରେ ଆଉ ପାଣି ଯୋଗାଣ ହେଲା ନାହିଁ। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଟ୍ରାନ୍ସଫରମୋର ପୋଡି ଯାଇଛି ରିପ୍ୟାରିଂ କରିବାକୁ ଅର୍ଥ ନାହିଁ, ତେଣୁ ମେଘା ପାନୀୟ ଜଳ ଯୋଗାଣ ସହ ସଂଯୋଗ କରାଯାଇ ଜଳଯୋଗାଣ ହେବ। ସେହି ଗ୍ରାମର ପଞ୍ଚାୟତ ସମିତି ଅଧକ୍ଷା ହୋଇଥିବା ପ୍ରତିଭା ପାତ୍ରଙ୍କୁ ପଚାରିବାରୁ ସେ ବିଭାଗୀୟ ଯନ୍ତ୍ରୀଙ୍କ ସମାନ କଥା ଦୋହରାଇ ଗ୍ରାମବାସୀଙ୍କୁ ହତ ଉତ୍ସାହିତ କରିଥିଲେ। ହେଲେ ବିଧାୟକଙ୍କ ପଡୋଶି ଗ୍ରାମ ଏବଂ ପଞ୍ଚାୟତ ସମିତିର ଅଧ୍ୟକ୍ଷାଙ୍କ ନିଜ ଗ୍ରାମ ଜଳସମସ୍ୟାକୁ କେ୍ୱ ସମାଧାନ କରିବେ ତାହା ଦେଖିବାକୁ ସମୟ ଅପେକ୍ଷାରେ। ଅପରପକ୍ଷରେ ବିଧାୟକଙ୍କ ନାଁରେ ପାତର ଅନ୍ତର ପାନୀୟ ଜଳ ପ୍ରକଳ୍ପରେ ଅଭିଯୋଗ। ଭିତରଗଡ ପଞ୍ଚାୟତର ବିଷ୍ଣୁପଡା ଗ୍ରାମର ଲୋକମାନେ ବିଭାଗୀୟ ଅଧୀକାରୀ ଓ ବିଧାୟକଙ୍କୁ ଦୀର୍ଘ ଦିନ ହେବ ଅନୁରୋଧ କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାନୀୟ ଜଳର ସୁବିଧା ପାଇଁ ପ୍ରତିନିଧି ମାନେ କୌଣସି ପ୍ରକଳ୍ପ କଲେ ନାହିଁ। ଶେଷରେ ସରକାର ପରିବର୍ତ୍ତନ ପରେ ଏବେ ଟିଓ୍ୱଲ ଖୋଳିବା ପାଇଁ ରାଜକିଶୋର ଚଣ୍ଡଙ୍କ ଘର ଆଗରେ ଠିକାଦାର ଆଦେଶ ପାଇ ବୋରିଂ ଖୋଳି ପ୍ରାୟ ୧୮ଟି ପାଇପ୍ ଭିତରକୁ ମଧ୍ୟ ଯାଇ ସାରିଛି। ହେଲେ ହେଲେ ସୁବିଧାବାଦୀ ଲୋକ ନିଜ ଘର ପାଖରେ ଟିଉଓ୍ୱେଲ୍ ବସାଇବାକୁ ଯିଦ୍ କରି ତିନିଦିନ ହେବ କାମ ବନ୍ଦ କରିଦିଆ ଯାଇଛି। ତେଣୁ ଏହି ପ୍ରକଳ୍ପଟିକ ବନ୍ଦ କରି ଅନ୍ୟତ୍ର ଉଠାଇ ବିଧାୟକ ଧୃବ ସାହୁଙ୍କ ଦଳୀୟ କର୍ମୀଙ୍କ ଘର ପାଖରେ କରିବାକୁ ବିଭାଗୀୟ ଅଧିକାରୀଙ୍କ ଉପରେ ବିଧାୟକ ଚାପ ପକାଉ ଥିବା ଅଭିଯୋଗ ହେଉଛି। ଜଣେ ବିଧାୟକ ଯଦି ତାଙ୍କର ଲୋକମାନଙ୍କର ମୁଖ୍ୟତଃ ପାନୀୟ ଜଳ ସମସ୍ୟା ସମାଧାନ କରିବା ପ୍ରଥମ କର୍ତ୍ତବ୍ୟ ହୋଇଥିବା ବେଳେ ଏଠାରେ ପାନୀୟଜଳ ପାଇଁ ନିଷ୍ଠୁର ହେବା ଗଣତନ୍ତ୍ରରେ ଶୁଭକର ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ତେଣୁ ଏହି ଦୁଇଟି ପଞ୍ଚାୟତର ସମ୍ପୃକ୍ତ ଗ୍ରାମବାସୀଙ୍କ ଜଳ ସମସ୍ୟା ଦୂରକରି ବିଧାୟକଙ୍କ ମହତ୍ୱ ପଣିକିଆ ପରିଚୟ ସୃଷ୍ଟି କରିବାକୁ ବହୁ ପୂର୍ବତନ ଲୋକପ୍ରତିନିଧି ମାନେ ମତରଖିଛନ୍ତି।

## ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ



ଡାବୁଗାଁ, (ଭାସ୍କର ନ୍ୟୁଜ୍): ଓଡ଼ିଶା ଡ୍ରାଇଭର ମହାସଂଘର ଡାକରା କ୍ରମେ ମଙ୍ଗଳବାର ଡାବୁଗାଁ ଶାଖା ଡ୍ରାଇଭର ମହାସଂଘ ତରଫରୁ ୭ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଓରିଂ ଛାଡ ଆନ୍ଦୋଳନ କରିଛନ୍ତି। ଏହା ଦ୍ୱାରା ଯାତାୟାତ ବ୍ୟାହତ ହୋଇଥିବା ବେଳେ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଦୂରଦୂରାନ୍ତକୁ ଯାତ୍ରା କରିବା ପାଇଁ ବସକୁ ଅପେକ୍ଷା କରିଥିବା ଯାତ୍ରୀମାନେ ଚକଅଖ ବନ୍ଦ ଯୋଗୁଁ ନିରାଶ ହେବା ସହ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଡାବୁଗାଁ ମୁଖ୍ୟ ତାରିଣୀ ମନ୍ଦିର ଛକ ରାସ୍ତା ପାର୍ଶ୍ୱରେ ଥିବା ପୁଲିସ ଫାଣ୍ଡି ନିକଟରେ ବ୍ଲକର ଡ୍ରାଇଭରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ରାଜ୍ୟ ସରକାର ଡ୍ରାଇଭରମାନଙ୍କ ଦାବିକୁ ଅଣଦେଖା କରୁଥିବାରୁ ଡ୍ରାଇଭର ମହାସଂଘ ତରଫରୁ ଶାନ୍ତିପୂର୍ଣ୍ଣ ଭାବେ ଷ୍ଟିଓରିଂ ଛାଡ ଆନ୍ଦୋଳନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ପାଳନ, ଗାଡ଼ିର କାଗଜ ପତ୍ର ଯାଞ୍ଚ କ୍ଷମତା ପୋଲିସକୁ ଦିଆ ନ ଯାଉ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଡ୍ରାଇଭରମାନଙ୍କୁ ପ୍ରତ୍ୟେକ ୧ ଶହ କିଲୋମିଟର ମଧ୍ୟରେ ପାର୍କିଂ ବ୍ୟବସ୍ଥା ଓ ବିଶ୍ରାମଗୃହ ପ୍ରଦାନ, ବିଭିନ୍ନ ସମୟରେ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା ସହ ଖଣି ଖାଦାନ ଓ କାରଖାନା ଗୁଡ଼ିକରେ ଶତକଡା ୭୦ ପ୍ରତିଶତ ଓଡିଶା ଡ୍ରାଇଭରଙ୍କୁ ଅଗ୍ରାଧିକାର ଦେବା ନେଇ ଦାବି ରହିଛି। ଏଥି ପୂର୍ବରୁ ବିଜେଡି ସରକାର ଅମଳରେ ଡ୍ରାଇଭର ସଂଘ ତରଫରୁ ୧୦ ଦଫା ଦାବି ରଖା ଯାଇଥିବା ବେଳେ ଦାବି ପୂରଣ ହୋଇଁ ଥିବା ବେଳେ ବର୍ତ୍ତମାନ ନୂଆ ବିଜେପି ସରକାରଙ୍କୁ ଡ୍ରାଇଭର ମହାସଂଘ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଷ୍ଟିଓରିଂ ଛାଡ ଆନ୍ଦୋଳନ କରିଛନ୍ତି। ମଙ୍ଗଳବାର ଏହି ଆନ୍ଦୋଳନରେ ଡାବୁଗାଁ ବ୍ଲକ ଶାଖା ଡ୍ରାଇଭର ମହାସଂଘ ସଭାପତି ସନ୍ତୋଷ ଭତରା, ଉପସଭାପତି ପି ଭୈରବ ରାଓ, ସମ୍ପାଦକ ଅକ୍ଷୟ ପାତ୍ରୀ, କୋଷାଧକ୍ଷ ଡମ୍ବୁରୁ ଜାନି, ପ୍ରଶାନ୍ତ ପଣ୍ଡା, କିଶୋର ଚନ୍ଦ୍ର ପରିଡା, ଉତ୍ତମ ପ୍ରଧାନ, ତିର ଷଡ଼ଙ୍ଗୀ ଓ କମଳ ବିଶୋଇଙ୍କ ସହ ବହୁ ସଂଖ୍ୟାରେ ଡ୍ରାଇଭର ଉପସ୍ଥିତ ଥିଲେ।



# ଆମ କଳାହାଣ୍ଡି







## ଚାଷୀଙ୍କୁ ମରୁଡି ଆଶଙ୍କା ନିରାଶ କରିଛି ଲଘୁଚାପ ବର୍ଷା, ଅନୁକୂଳ ପାଉନି ଚାଷୀ



ଧର୍ମଗଡ଼ (ଭାସ୍କର ନ୍ୟୁଜ)ଚାଷ ପାଇଁ ଜମି ପ୍ରସ୍ତୁତି ହୋଇ ରହିଛି। ସ୍ଥାନେ ସ୍ଥାନେ ଧାନ ବୁଣା କାମ ବି ଶେଷ ହୋଇଛି। ଅନ୍ୟପଟେ ଅନେକ ଜମିରେ ରୁଆ ପାଇଁ ଧାନ ତଳି ଉଠି ରୋଇବା ବତର ବି ହେଲାଣି। ହଲ ଲଙ୍ଗଳ କୁଲି ମଜୁରୀ ସହ ସାର ବି ପ୍ରସ୍ତୁତି ରଖିଛି ଚାଷୀ। ହେଲେ ଏତିକି ବେଳକୁ ଦାଉ ସାଜୁଛି ବର୍ଷା। ବର୍ଷା ଅଭାବ ଯୋଗୁଁ ଅଟକି ରହିଛି ଚାଷ କାମ। ଗତ ୮ଦିନ ହେବ ଲଘୁଚାପଜନିତ ବର୍ଷା ଅଞ୍ଚଳରେ ହୋଇଥିଲେ ବି ଜମିରେ ପାଣି ଅଭାବ। କେବଳ ଝିପିରି ଝିପିରି। ମାଟି ବି ଓଦା ହୋଇ ପାରିନି ବୋଲି କହନ୍ତି ଚାଷୀ। ଆଶା କରାଯାଉଥିଲା ଏହି ଲଘୁଚାପ ବର୍ଷାରେ ଚାଷ କାମ ସବୁ ସରିଯିବ। ହେଲେ କାମକୁ ଆସିଲାନି ବର୍ଷା। ଏବେ ଆଶଙ୍କା ଭିତରେ ଡୁବି ରହିଛି ଚାଷୀ। ଦିନ ଥିଲା ଜୁନ ମାସରେ ଲଗଭଗ ଜମିରେ ବିହନ ଠାରୁ ଆରମ୍ଭ କରି ରୋଇବା କାମ ବି ସାରିଥିଲା ଚାଷୀ। ପ୍ରାୟ ଜୁଲାଇ ମାସ ରୁଆ ବେଉସା କାମ ସହ ଘାସ ବଛା ସାର ପ୍ରୟୋଗ ହେବା ନଜର ରହିଛି। ହେଲେ ଜଳ ବାୟୁ ପରିବର୍ତ୍ତନ ସାଙ୍ଗକୁ ଚାଷ କାମର ବି ପରିବର୍ତ୍ତନ ଘଟିଛି। ପ୍ରାୟ କେତେ ବର୍ଷରୁ ଡେରିରେ ମୌସୁମୀ ପ୍ରବେଶ ସାଙ୍ଗକୁ ଚାଷ କାମ ବି ଡେରିରେ ହୋଉଥିବା ଦେଖା ଦେଇଛି। ତଥାପି ଜୁଲାଇ ଅଗଷ୍ଟ ମାସ ରେ ଚାଷ କାମ ପ୍ରାୟ ଶେଷ ହୋଇ ଥାଏ। ହେଲେ ଚଳିତବର୍ଷ ଅନୁକୂଳ ପାଇଁ ପାରୁନି ଚାଷୀ। କିଛି ନ ହେଉନୁ ଚଳିତ ବର୍ଷ ମରୁଡି ହେବା ଅନୁମାନ କରୁଥିବା ଅନେକ ଚାଷୀ ପ୍ରକାଶ କରନ୍ତି। ଧର୍ମଗଡ଼-ଦଣ୍ଡପାଟ ଅଞ୍ଚଳ ସମେତ କୋକସରା ବ୍ଲକ ଆଦି ସ୍ଥାନର ଚାଷୀ ଚିନ୍ତାରେ ପଡି ରହିଥିବା ଜଣାପଡେ। ମହାଜନ, ସାହୁକାର ସରକାରୀ ବେସରକାରୀ ସଂସ୍ଥା ଠାରୁ ଚାଷୀ ଋଣ କରଜ କରି ବିହନ ଠାରୁ ଆରମ୍ଭ କରି ସାର କୀଟନାଶକ, ହଲ ଲଙ୍ଗଳ ସବୁରେ ବିନିଯୋଗ କରିଛି। ହେଲେ ଅନୁକୂଳ ନ ପାଇ ଚିନ୍ତାରେ ପଡି ରହିଥିବା ଦେଖା ଦେଇଛି।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର

# ୨୯ ଅଭିଯୋଗର ସମାଧାନ କଲେ ଜିଲ୍ଲାପାଳ



ଭବାନୀପାଟଣା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ୭ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୬୪ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୪୯ ଗୋଟି ଓ ସାମୂହିକ ୧୪ ଗୋଟି ରହିଥିବା ବେଳେ ୨୯ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସହିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, (ପ୍ରବେଶନ) ଅନିମେଶ ପ୍ରଧାନ, ଉପ-ଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା,ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା,ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସହ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ମାସ ଆସନ୍ତା ୨୪ ତାରିଖରେ ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଅତିଥି ଅଧ୍ୟାପକଙ୍କ ଆଲୋଚନା ସଭା




ଭବାନୀପାଟଣା, (ଭାସ୍କର ନ୍ୟୁଜ) : ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଭବାନୀପାଟଣା ନିମନ୍ତେ ନବ ନିଯୁକ୍ତ ଅତିଥି ଅଧ୍ୟାପକ ମାନଙ୍କୁ ୭ ତାରିଖ ସୋମବାର ଦିନ ସ୍ୱାଗତ ଜଣାଇବା ନିମନ୍ତେ ଏକ ସମ୍ବର୍ଦ୍ଧନା ବୈଠକ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, କୁଳସଚିବ ଡ. ଗୁଣନିଧି ନାଏକ,ଅଧକ୍ଷ ଡ. ସୁବ୍ରତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ବୈଠକରେ ଚଳିତ ଶିକ୍ଷାବର୍ଷକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସମସ୍ତ ଅତିଥିମାନଙ୍କ ଦ୍ୱାରା ନବ ନିଯୁକ୍ତ ଅଧ୍ୟାପକ ମାନଙ୍କୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ଼.ପଲ୍ଲୀଶ୍ରୀ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଡ଼. ପ୍ରଦୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରମରେ ଡ. ଅବର୍ତ୍ତ ତାଣ୍ଡିଆ ଇ. ଆଡମିସନ୍ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ।

## ବ୍ଲକ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ବନ ମହୋତ୍ସବ ପାଳିତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ) : ବିଭିନ୍ନ ସ୍ଥାନରେ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ 'ମା' ପାଇଁ ଗଛଟିଏ' ଉଦ୍ଦେଶ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗୋଲାମୁଣ୍ଡା ଥାନା, ପ୍ରାଣୀ ଚିକିତ୍ସାଳୟ ଓ ନୋଡାଲ ହାଇସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୋଡାଲ ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନୀଳାମ୍ବର ବିଶିଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଇଓ ରାଜେଶ ନାୟକ, ବନପାଳ ରମେଶ ବାଗ, ବରିଷ୍ଠ ସାମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ରାଜେଶ ବିଶି, ବନ ବିଭାଗ କର୍ମଚାରୀ, ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଛି। ସେହିପରି ଗୋଲାମୁଣ୍ଡା ଥାନା ପରିସରରେ ଆଇଆଇସି ଜ୍ୟୋତି ପ୍ରକାଶ ତାଣ୍ଡି, ଏସ୍ଆଇ ରାଜେଶ କୁମାର ପରିଡା, ସାମାଜସେବୀ ପ୍ରସନ୍ନ କୁମାର ରାଉତ, ବନପାଲ ରମେଶ ବାଗ ଓ ଶ୍ୟାମସୁନ୍ଦର ଅଗ୍ରୱାଲ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ପ୍ରାଣୀ ଚିକିତ୍ସାଳୟ ପରିସରରେ ବ୍ଲକ ଭେଟେରିନାରୀ ଅଫିସର ଡକ୍ଟର ଜିତେନ୍ଦ୍ର ନାରାୟଣ ମହାରଣା, ଭିଏଏସ୍ ଡକ୍ଟର ନେତ୍ର ପ୍ରକାଶ ଭାରତୀ, ମାନସ ରଞ୍ଜନ ତାଣ୍ଡି, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବୃଷଭ ନାୟକ ଓ ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ ସହ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ, ପ୍ରାକୃତିକ ସ୍ୱଚ୍ଛ ପରିବେଶ ଦୁର୍ବିପାକ ନିବାରଣ ଏବଂ ସୁସ୍ଥ ଓ ସ୍ୱଚ୍ଛତା ରକ୍ଷାରେ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ।

## ୧୬୭ ଅଭିଯୋଗରୁ ୩୫ ତୁରନ୍ତ ସମାଧାନ



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ଖମାରହଳଦୀ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୬୭ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୩୫ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ଗାଁ ଗାଁରେ ପହଞ୍ଚାଇବା ଆମର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ସହକାରୀ ଯନ୍ତ୍ରୀ ଚିତ୍ତ ରଂଜନ ଜେନା, ପିଇଓ ବିଶ୍ୱ ରଞ୍ଜନ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବିହାରୀ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଯୋଗାଣ ବିଭାଗରୁ ରୁପେଶ ବେମାଲ, ସରପଞ୍ଚ ରବୀନ୍ଦ୍ର କୁମାର ମୁଣ୍ଡ, ପାନୀୟ ଜଳ ବିଭାଗରୁ ଅତିରିକ୍ତ ଯନ୍ତ୍ରୀ ସୁବାସ ପଣ୍ଡା,ଏପିଓ କ୍ଷେତ୍ର ମୋହନ ମାଝୀ ସମେତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ, ବିଦ୍ୟୁତ କନିଷ୍ଠ ଯନ୍ତ୍ରୀ ପଦ୍ମ ଲୋଚନ ସାହୁ ଓ ଖମାର ହଳଦୀ ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

## ରିଷିଡାରେ ବନ ମହୋତ୍ସବ ପାଳିତ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ମ.ରାମପୁର ବନାଞ୍ଚଳ କର୍ଲାମୁଣ୍ଡା ବ୍ଲକ ମଦନପୁର ସେକ୍ସନ ଜଗନ୍ନାଥ ଡିଗ୍ରୀ କଲେଜ, ସରସ୍ୱତୀ ଶିଶୁମନ୍ଦିର ଓ ମା' ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠ ରେ ୭୬ତମ ବନ ମହୋତ୍ସବ ସହିତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ବନ ସଂରକ୍ଷ୍ୟକ ଅସିତ କୁମାର ଦାସଙ୍କ ତତ୍ୱାବଧାନରେ ବନପାଳ ସମ୍ପଦ କୁମାର ଆମ ଜଙ୍ଗଲ ଯୋଜନା ଦଳପତି ପ୍ରଦିପ କୁମାର ସାହୁ ବନରକ୍ଷୀ ସତ୍ୟଭାମା ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ ମହତ୍ତ୍ୱ, ଏହାର ଉପକାର, ବନ ମହୋତ୍ସବର ଉଦ୍ଦେଶ୍ୟ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକ, ସିଆରସିସି ବିଶିକେଶନ ସୁନା, ମନ୍ଦିର କମିଟି ସଭାପତି କୈଳାସ କୁମୁରା ସଂପାଦକ ସୁଶାନ୍ତ ମଲ୍ଲିକ ମହେନ୍ଦ୍ର ପ୍ରଧାନୀ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ମଣ୍ଟୁ ରଣା,ହୃଦାନନ୍ଦ ମଲ୍ଲିକ, କନ୍ଧପଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅତିଥି ମାନେ ପଣସ, ଅଁଳା, ପିଆଶାଳ, ଅଶୋକ, କରଞ୍ଜ ଭଳି ମନ୍ଦିର ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଚାରା ରୋପଣ କରିଥିଲେ।

## ରେଳ ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟାକୁ ନେଇ ବିଜ୍ଞପ୍ତି ଜାରି

ନର୍ଲା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ନର୍ଲା ସହର ପାଖରେ ଥିବା ଚପଟ୍ ଖଣ୍ଡା ଠାରେ ପ୍ରସ୍ତାବିତ ରେଳ ଇଞ୍ଜିନ୍ ମରାମତି ପ୍ରକଳ୍ପ ପାଇଁ ରେଳ ବିଭାଗ ପକ୍ଷରୁ ଟେଣ୍ଡର୍ ପାଇଁ ବିଜ୍ଞପ୍ତି ଜାରି ହେବା ଖବର ଶୁଣିବା ପରେ ନର୍ଲା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ସୂଚନା ଅନୁସାରେ ଗତ ୪ ତାରିଖରେ ରେଳ ବିଭାଗ ତରଫରୁ ନର୍ଲାରେ ହେବାକୁ ଥିବା ରେଳ ଇଞ୍ଜିନ୍ ମରାମତି ପ୍ରକଳ୍ପର ଟେଣ୍ଡର୍ ପାଇଁ ବିଜ୍ଞପ୍ତି ଜାରି ହେବା ଖବର ସର୍ବପ୍ରଥମେ କଳାହାଣ୍ଡି ସାଂସଦ ମାଳବିକା ଦେଓ ମୋବାଇଲରେ ପୋଷ୍ଟ କରିଥିଲେ। ସେହି ପୋଷ୍ଟକୁ ନର୍ଲା ରେଳ ସୁରକ୍ଷା ସମିତିର ସଭାପତି ପ୍ରଦୀପ୍ କୁମାର୍ ନାଏକ୍ ପୁଣି ଥରେ ପୋଷ୍ଟ କରିବା ପରେ ନର୍ଲା ଅଞ୍ଚଳବାସୀଙ୍କ ଖୁସି କହିଲେ ନ ସରେ। ଖୁସି ନ ହେବେ ବା କେମିତି ଦୀର୍ଘ ତେର (୧୩) ବର୍ଷ ପରେ ଉକ୍ତ ଅଞ୍ଚଳର ସ୍ୱପ୍ନ ସତ ହେବାକୁ ଯାଉଛି। ପ୍ରଥମେ ୟୁପିଏ ସରକାର୍ ସମୟରେ ରେଳ ମନ୍ତ୍ରୀ ମମତା ବାନାର୍ଜୀ ନର୍ଲାରେ ଏକ ରେଳ ୱାଗନ୍ କାରଖାନା ପାଇଁ ଘୋଷଣା କରିଥିଲେ। କିନ୍ତୁ ଗତ ସାଧାରଣ ନିର୍ବାଚନରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନର୍ଲାରେ ଏକ ରେଳ ଇଞ୍ଜିନ୍ ମରାମତି ପ୍ରକଳ୍ପକୁ ଘୋଷଣା କରିବା ସହିତ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ୍ କରିଥିଲେ। ସେହି ପ୍ରକଳ୍ପର କାମ ଆରମ୍ଭ ପାଇଁ ରେଳ ବିଭାଗ୍ ପକ୍ଷରୁ ଟେଣ୍ଡର୍ ପାଇଁ ବିଜ୍ଞପ୍ତି ଜାରି ହେବାରୁ ନର୍ଲାବାସୀ ଟିକେ ଆଶ୍ୱସ୍ତି ଅନୁଭବ କରିଛନ୍ତି ବୋଲି ମତାମତ ପ୍ରକାଶ ପାଇଛି।

## ଗ୍ରାମ ପଞ୍ଚାୟତ ପରିଦର୍ଶନରେ ଜିଲ୍ଲାପାଳ

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମ ପଞ୍ଚାୟତ ପରିଦର୍ଶନ କରିଛନ୍ତି କଳାହାଣ୍ଡି ଜିଲ୍ଲାପାଳ ସଚିନ ପାଓ୍ୱାର। ମଙ୍ଗଳବାର ଦିନ ପଞ୍ଚାୟତ ପରିଦର୍ଶନରେ ଆସି ବିଭିନ୍ନ କାଗଜ ପତ୍ର ତଦାରଖ କରିବା ସମେତ ବିଭିନ୍ନ ଉନ୍ନୟନ ମୂଳକ କାମର ସମୀକ୍ଷା କରିଥିଲେ। ବିଶେଷ ଭାବେ ପଞ୍ଚାୟତ ମାଧ୍ୟମରେ ଜନସାଧାରଣ ପାଉଥିବା ରାସନ ସାମଗ୍ରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମନରେଗା ଓ ବାର୍ଦ୍ଧକ୍ୟ ଭତ୍ତା ଉପରେ ଫକସ ରଖିଥିଲେ।ଏତତ ବ୍ୟତୀତ ପଞ୍ଚାୟତର ଆୟ ତାର ସମ୍ପତି ଉପରେ ତନଖି ଥିଲେ। ମୋଟାମୋଟି ପଞ୍ଚାୟତରେ ଆଶାନୁରୂପ କାର୍ଯ୍ୟ ପରିଚାଳନା ହେଉଥିବା ଜାଣି ଖୁସି ବ୍ୟକ୍ତ କରିଥିଲେ। ଏହି ପରିଦର୍ଶନ ବେଳେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ସମେତ ଯନ୍ତ୍ରୀ, ବହୁ ପଦାଧିକାରୀ ରହିଥିବା ବେଳେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ,ପଞ୍ଚାୟତ କାର୍ଯ୍ୟନିବାହି ଅଧିକାରୀ କ୍ଷେତ୍ର ମୋହନ ବିହାରୀ, ଏଡିଓ -ବିଶ୍ୱ ଦୀପ ପାଣିଗ୍ରାହୀ, ଜିଆର୍ଏସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗୋଲାମୁଣ୍ଡା ବ୍ଲକରେ ନୂତନ ବିଡ଼ିଓ ନିଯୁକ୍ତ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଆଜି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି ତ୍ରିପୁରା ମହାନନ୍ଦ। ଏଥିପୂର୍ବରୁ ସେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଗୋଲାମୁଣ୍ଡା ବ୍ଲକର ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ ପରେ ବ୍ଲକର ଉନ୍ନୟନ କାର୍ଯ୍ୟରେ ଆଗେଇ ଚାଲିବ ବୋଲି ଲୋକେ ଆଶାବାଦୀ ଅଛନ୍ତି।

## କଳାହାଣ୍ଡି ଏସ୍‌ସି ସମାଜର ବୈଠକ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପଙ୍କ ଆହ୍ୱାନ କ୍ରମେ କଳାହାଣ୍ଡି ଜିଲ୍ଲା ଡମ୍ବ ସମାଜର ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୧୩ ଟି ବ୍ଲକ, ଗୋଟିଏ ମୁନିସିପାଲିଟି ତିନୋଟି ଏନ୍ଏସିର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ଆମ୍ବେଦକର ଭବନ ଠାରେ ଏକ ଆଲୋଚନା ଚକ୍ରରେ ଭାଗ ନେଇ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ପ୍ରଥମେ ଉପସ୍ଥିତ ସମସ୍ତ ବୁଦ୍ଧିଜିବୀ ବହୁଜନ ମହାପୁରୁଷ ମାନଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରି ଯୋଗେଶ୍ୱର ସାଗର ତ୍ରିସରଣ ପଞ୍ଚଶିଳ ଗାନ କରିଥିଲେ। ଏହାପରେ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା। ସମାଜର ସାମ୍ବିଧାନିକ ହକ୍ ଅଧିକାର ବଞ୍ଚାଇବାକୁ ହେଲେ ସଙ୍ଗଠିତ ସମାଜ ତିଆରି କରିବାକୁ ପଡିବ ବୋଲି ସମସ୍ତେ ମତପ୍ରକାଶ ପାଇଥିଲା। କଳାହାଣ୍ଡି ଜିଲ୍ଲାର ଗାଁ ଗାଁରେ ବହୁଜନ ବିଚାରକୁ ପହଞ୍ଚିବା ସହ ପଞ୍ଚାୟତ କମିଟି ବ୍ଲକ କମିଟି ଜିଲ୍ଲା କମିଟିକୁ ସୁଦୃଢ କରିବା ଏବଂ କଳାହାଣ୍ଡି ଜିଲ୍ଲାର ସବୁ ଡମ୍ବ ସମାଜ ଏକ ହୋଇ ସାମ୍ବିଧାନିକ ହକ୍ ପାଇଁ ଲଢିବା, ଏବଂ ଆସନ୍ତା ଅଗଷ୍ଟ ୩୦ ପ୍ରତିଷ୍ଠା ଦିବସ ଅବସରରେ ତିରିଶ ହଜାରରୁ ଊର୍ଦ୍ଧ୍ୱ ଜନ ସମାଗମ କରିବା ନିଷ୍ପତ୍ତି ନିଆଯାଇଛି। ସଂଗଠନର ମହାସଚିବ ଶତ୍ରୁଘ୍ନ ନାଏକ, କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ସାମାଜିକ ମୁଖ୍ୟ ଧବଳେଶ୍ୱର ନାଗ, ଆଇନ ବିଭାଗ ମୁଖ୍ୟ ଛବିଲାଲ ନିଆଲ, ଆଇନଜିବି ଦିଗାମ୍ବର ଦୁରିଆ, ନର୍ଲା ସଭାପତି ରଘୁନାଥ ଦୀପ, ଏମ୍ ରାମପୁର ସଭାପତି ବୃନ୍ଦାବନ ନାଗ, କଲମପୁର ବ୍ଲକ ସଭାପତି ବଳରାମ ଦୁର୍ଗା, ଶଙ୍କର କର, ଅଗଷ୍ଟ ନାଏକ ପ୍ରମୁଖ ଯୋଗ ଦେଇଥିଲେ।


## 'ମାଆଙ୍କ ନିମନ୍ତେ ଗଛଟିଏ' ଆହ୍ୱାନରେ ବନ ମହୋତ୍ସବ ପାଳିତ



କେସିଙ୍ଗ, (ଭାସ୍କର ନ୍ୟୁଜ୍) : 'ମାଆଙ୍କ ନିମନ୍ତେ ଗଛଟିଏ' ଆହ୍ୱାନରେ ଆଜି ଜବାହର ଉଚ୍ଚ ବିଦ୍ୟାପୀଠ ବାଲସି ପରିସରରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ମୁଖ୍ୟ ଅତିଥି ରୂପେ କେସିଙ୍ଗା ବନାଞ୍ଚଳ ଅଧିକାରୀ ସ୍ନିଗ୍ଧା ସରିତା ବଳିୟାର ସିଂହ ଓ ମୁଖ୍ୟବକ୍ତା ସମୀର କୁମାର ବେହେରା ପ୍ରଧାନ ଶିକ୍ଷକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେସିଙ୍ଗା,ସମ୍ମାନିତ ଅତିଥି ରୂପେ ଫରେଷ୍ଟର ଯଶୋବନ୍ତ ନାଏକ, ଫରେଷ୍ଟ ଗାର୍ଡ ଧନଞ୍ଜୟ ନିଆଲ୍, ଆମ ଜଙ୍ଗଲ ଯୋଜନା ଅଧିକାରୀ ହେମନ୍ତ କୁମାର ସାହୁ ଏବଂ ପ୍ରଫୁଲ ସାହୁ ସାମ୍ବାଦିକ ଉପସ୍ଥିତ ଥିଲେ। ଚାରାରୋପଣ, ଜୀବନ ରୋପଣ, ମାନବର ଏକ ମୂଲ୍ୟଯୁକ୍ତ ପ୍ରତିପୋଷଣ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଅଭିମତ ପ୍ରକାଶ କରିବା ସହ ଚାରାରୋପଣ ପ୍ରୟାସକୁ ନିଜର ଜୀବନର ପରମ ବ୍ରତ ରୂପେ ବିବେଚନା କରିବା ନିମନ୍ତେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ବନ ମହୋତ୍ସବ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ହିନ୍ଦି ଶିକ୍ଷକ ଶ୍ରୀ ଜୟଚନ୍ଦ୍ର ଭୋଇ ସଂଯୋଜନା କରିଥିଲେ ଓ ବରିଷ୍ଠ ଶିକ୍ଷକ କୈବଲ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରୀମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା ।

## ରାଶିଫଳ

ବୁଧବାର, ୦୯ ଜୁଲାଇ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି। ଏକ ଦୀର୍ଘ ରୋଗରୁ ମୁକ୍ତି ମିଳିପାରେ।




**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।



**ସିଂହ:** ବ୍ୟବସାୟରେ ଲାଭ ହେବ। ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ।



**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଭ୍ରମଣରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯